◆ RNI REGD NO: 42041/83
◆ www.sakalaepaper.com
◆ /sakalanews
◆ /sakalanews
◆ www.thesakala.in

# ସକାଳ
THE SAKALA
PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 43 ◆ISSUE-282 ◆FRIDAY ◆10 APRIL 2026 ◆PAGE-12 ◆₹ 7.00 | PANIKOILI | ◆ବର୍ଷ-୪୩ ◆ସଂଖ୍ୟା-୨୮୨ ◆ଶୁକ୍ରବାର ◆୧୦ ଏପ୍ରିଲ୍ ୨୦୨୬ ◆ପୃଷ୍ଠା-୧୨ ◆ଟ.୭.୦୦




ଲୌରାଙ୍କ ରେକର୍ଡ: ୩ ଓଭର୍‌ରେ ୯ ୱିକେଟ୍

▶ପୃଷ୍ଠା ୧୨ ଦେଖନ୍ତୁ...

# ଟ୍ରମ୍ପଙ୍କ ବୋଲ ମାନୁନି ଇସ୍ରାଏଲ

## ଲେବାନନ୍ ଉପରେ ପ୍ରଚଣ୍ଡ ଆକ୍ରମଣ ଜାରି; ଇରାନର ପାଲଟା ଆକ୍ରମଣ ଧମକ

■ ବେରୁଟ, ୯।୪ (ଏଜେନ୍ସି): ମଧ୍ୟପ୍ରାଚ୍ୟରେ ଅଶାନ୍ତ ବାତାବରଣକୁ ଯୁଦ୍ଧବିରତି କିଛି ମାତ୍ରାରେ ଶାନ୍ତ କରିଥିଲେ ମଧ୍ୟ ଲେବାନନ ଉପରେ ଇସ୍ରାଏଲର ଘନଘନ ଆକ୍ରମଣ ପୁଣି ବିସ୍ଫୋରକ ପରସ୍ଥିତି ସୃଷ୍ଟି କରିବାକୁ ଯାଉଛି । ଆମେରିକାର ତାଗିଦ ସତ୍ତ୍ୱେ ଇସ୍ରାଏଲ ଆଜି ମଧ୍ୟ ଲେବାନନ ଉପରେ ଆକ୍ରମଣ ଜାରି ରଖିଥିବାରୁ ଇରାନ ତୀବ୍ର ପ୍ରତିକ୍ରିୟା ପ୍ରକାଶ କରିଛି । ଗତକାଲି ଠାରୁ

**ହର୍ମୁଜ ପାଇଁ ନୂଆ ସର୍ତ୍ତ ରଖିଲା ତେହେରାନ**

**ଦିନକୁ ଛାଡ଼ିବ ୧୫ଟି ଜାହାଜ**

**ବ୍ୟାରେଲ୍ ପିଛା ଆଦାୟ କରିବ ୧ ଡଲାର୍**

ପୁଣି ଥରେ ହରମୁଜକୁ ବନ୍ଦ ରଖିଥିବା ଇରାନ ଆଜି ଇସ୍ରାଏଲ ଉପରେ ପାଲଟା ଆକ୍ରମଣ କରିବାକୁ ଧମକ ଦେଇଛି । ତେଣୁ ଆସନ୍ତା ୧୧ ତାରିଖରେ ପାକିସ୍ତାନରେ ହେବାକୁ ଯାଉଥିବା ଶାନ୍ତି ଆଲୋଚନାକୁ ନେଇ ପ୍ରଶ୍ନ ଉଠିଲାଣି ।



ଆମେରିକା ଓ ଇରାନ ମଧ୍ୟରେ ଗତକାଲି ଠାରୁ ୧୫ ଦିନିଆ ଯୁଦ୍ଧବିରତି ଆରମ୍ଭ ହୋଇଥିଲେ ମଧ୍ୟ ଇସ୍ରାଏଲ ଏହାକୁ ମାନୁନି । ପ୍ରଥମେ ଇରାନ ଏବଂ ପରେ ଲେବାନନ ଉପରେ ଆକ୍ରମଣ କରିଛି ଇସ୍ରାଏଲ । ରାଜଧାନୀ ବେରୁଟ୍ ଉପରେ ପ୍ରଚଣ୍ଡ ବୋମାମାଡ଼ କରିଛି । ଏଥିରେ ସମର୍ଥିତ ହିଜବୁଲ୍ଲାର ମୁଖ୍ୟ ନଇମ କାସିମ୍‌ଙ୍କ ବ୍ୟକ୍ତିଗତ ସଚିବ ତଥା ପୁତୁରା ଅଲି ୟୁସୁଫ୍ ହର୍ଶିଙ୍କର ମୃତ୍ୟୁ ଘଟିଛି । ଏହି ଘଟଣା ସମଗ୍ର ଅଞ୍ଚଳରେ ଉତ୍ତେଜନାକୁ ଚରମ ସୀମାରେ ପହଞ୍ଚାଇ ଦେଇଛି । ଇସ୍ରାଏଲ ପ୍ରତିରକ୍ଷା ବାହିନୀ (ଆଇଡିଏଫ୍) ପକ୍ଷରୁ ଗୁରବାର ଜାରି କରାଯାଇଥିବା ଏକ ବିବୃତି ଅନୁଯାୟୀ, ବେରୁଟ୍‌ରେ କରାଯାଇଥିବା ସାମରିକ ଅଭିଯାନରେ ଅଲି ୟୁସୁଫ୍ ହର୍ଶିଙ୍କୁ ହତ୍ୟା କରାଯାଇଛି । ଅପରପକ୍ଷରେ ହିଜବୁଲ୍ଲା ପକ୍ଷରୁ ମଧ୍ୟ ପାଲଟା ଆକ୍ରମଣ କରାଯାଇଛି । ଆମେରିକା- ଇରାନ ମଧ୍ୟରେ ହୋଇଥିବା ଯୁଦ୍ଧବିରତି ଚୁକ୍ତିକୁ ଇସ୍ରାଏଲ ଉଲ୍ଲଂଘନ କରୁଥିବା ଅଭିଯୋଗ କରି ହିଜବୁଲ୍ଲା ଇସ୍ରାଏଲର ସୀମାବର୍ତ୍ତୀ ଅଞ୍ଚଳ 'ମାନର' ଉପରକୁ ରକେଟ ବର୍ଷା କରିଛି । ଆମର ପ୍ରତିରକ୍ଷା ଓ ପ୍ରତିଶୋଧ ନେବାର ସମ୍ପୂର୍ଣ୍ଣ ଅଧିକାର ରହିଛି ବୋଲି ସଂଗଠନ ପକ୍ଷରୁ କୁହାଯାଇଛି । ଲେବାନନ ସ୍ଥିତି ବର୍ତ୍ତମାନ ଅତ୍ୟନ୍ତ ଶୋଚନୀୟ । ଗୋଟିଏ ଦିନର ଆକ୍ରମଣରେ ୨୫୪ରୁ ଅଧିକ ଜୀବନ ଚାଲିଯାଇଥିବା ବେଳେ ୧, ୧୬୫ରୁ ଅଧିକ ବ୍ୟକ୍ତି ଆହତ ହୋଇଛନ୍ତି । ▶ପୃଷ୍ଠା-୭

# ଆଜି ରାଜ୍ୟ କ୍ୟାବିନେଟ

■ ଭୁବନେଶ୍ୱର, ୯।୪ (ସମିସ): ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ରାଜ୍ୟ କ୍ୟାବିନେଟର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଆସନ୍ତାକାଲି ଅନୁଷ୍ଠିତ ହେବ । ଲୋକସେବା ଭବନର ସମ୍ମିଳନୀ କକ୍ଷରେ ଦିନ ୧୧ଟା ବେଳେ ଏହି ବୈଠକରେ ପୂର୍ତ୍ତ, ପଞ୍ଚାୟତିରାଜ, ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ, ଉଚ୍ଚଶିକ୍ଷା ତଥା ଅନ୍ୟ ବିଭାଗ ସମ୍ପର୍କିତ ୬ରୁ ୭ଟି ନିଷ୍ପତ୍ତି ଉପରେ ମୋହର ବାଜିବାର ସମ୍ଭାବନା ରହିଥିବା ଜଣାପଡିଛି ।






# କେରଳ, ଆସାମ, ପୁଡୁଚେରୀରେ ରେକର୍ଡ ମତଦାନ

■ ଗୌହାଟି/ତିରୁଅନନ୍ତପୁରମ/ପୁଡୁଚେରୀ, ୯।୪ (ଏଜେନ୍ସି): ଉତ୍ତରପୂର୍ବ ରାଜ୍ୟ ଆସାମ, ଦାକ୍ଷିଣାତ୍ୟ ରାଜ୍ୟ କେରଳ ଓ କେନ୍ଦ୍ରଶାସିତ ଅଞ୍ଚଳ ପୁଡୁଚେରୀରେ ଆଜି ରାଜ୍ୟ ବିଧାନସଭା ନିର୍ବାଚନ ଶାନ୍ତିପୂର୍ଣ୍ଣ ଭାବେ ସମ୍ପନ୍ନ ହୋଇଛି । ମୋଟ୍ ୨୯୬ଟି ଆସନ ପାଇଁ ହୋଇଥିବା ଏହି ନିର୍ବାଚନରେ ଭୋଟରମାନେ ବହୁ ସଂଖ୍ୟାରେ ସାମିଲ ହୋଇ ଗଣତନ୍ତ୍ରର ଏହି ପର୍ବକୁ ସଫଳ କରିଛନ୍ତି । କେରଳର ୧୪୦, ଆସାମର ୧୨୬ ଓ ପୁଡୁଚେରୀର ୩୦ଟି

**ପୁଡୁଚେରୀରେ ରେକର୍ଡ ୮୯%, ଆସାମରେ ୮୫%, କେରଳରେ ୭୮% ଭୋଟିଂ**

ଆସନ ପାଇଁ ଭୋଟରମାନଙ୍କ ମଧ୍ୟରେ ପ୍ରବଳ ଉତ୍ସାହ ପରିଲକ୍ଷିତ ହୋଇଛି । ଭାରତୀୟ ନିର୍ବାଚନ କମିସନ ତଥ୍ୟ ଅନୁଯାୟୀ, ଚଳିତ ନିର୍ବାଚନରେ ମତଦାନ ପ୍ରତିଶତ ବେଶ୍ ଉତ୍ସାହଜନକ ରହିଛି । ପୁଡୁଚେରୀରେ ସର୍ବାଧିକ ୮୯.୦୯ ପ୍ରତିଶତ ମତଦାନ ହୋଇ ନୂଆ ରେକର୍ଡ ସୃଷ୍ଟି ହୋଇଛି । ସେହିପରି ସନ୍ଧ୍ୟା ୬ଟା ସୁଦ୍ଧା ଆସାମରେ ମୋଟ୍ ୮୫.୦୪ ପ୍ରତିଶତ ଭୋଟର ନିଜର ମତଦାନ ସାବ୍ୟସ୍ତ କରିଛନ୍ତି । ଅନ୍ୟପଟେ କେରଳରେ ୭୭.୩୮ ପ୍ରତିଶତ ମତଦାନ ରେକର୍ଡ ▶ପୃଷ୍ଠା-୭



ସକାଳ
THE SAKALA
www.sakalaepaper.com



# ଇସ୍ରାଏଲ ପାଇଁ ଅକଳରେ ଟ୍ରମ୍ପ





ୱାଶିଂଟନ, ୯ ।୪ (ଏଜେନ୍ସି): ଯୁଦ୍ଧବିରତି ଘୋଷଣା ହେବାର କିଛି ଘଣ୍ଟା ମଧ୍ୟରେ ଲେବାନନ୍ ଉପରେ ଇସ୍ରାଏଲର ଭୟଙ୍କର ଆକ୍ରମଣ ଆମେରିକାକୁ ଅଡୁଆରେ ପକାଇଦେଇଛି । ଗତକାଲି ଠାରୁ ଇରାନ ଓ ଆମେରିକା ମଧ୍ୟରେ ଆରମ୍ଭ ହୋଇଥିବା ଯୁଦ୍ଧବିରତି ଅନୁଯାୟୀ ଲେବାନନ ଉପରେ ଆକ୍ରମଣ ବନ୍ଦ ରହିବ । କିନ୍ତୁ ଏହାକୁ ନମାନି ଇସ୍ରାଏଲ ଆକ୍ରମଣ ଚଳାଇଥିବାରୁ ଇରାନ କ୍ଷୁବ୍ଧ ହୋଇଛି ଏବଂ ଯୁଦ୍ଧବିରତିରୁ ଓହରିଯିବା ଲାଗି ଧମକ ଦେଇଛି । ଗତକାଲି ଇସ୍ରାଏଲ ଉପରେ କ୍ଷେପଣାସ୍ତ୍ର ମାଡ଼ କରିଥିବା ଇରାନ ଆଜି ପୁଣି ଆକ୍ରମଣ କରିବାକୁ ଧମକ ଦେଇଛି । ଫଳରେ ଇସଲାମାବାଦରେ ହେବାକୁ ଯାଉଥିବା ଶାନ୍ତି ଆଲୋଚନା ନେଇ ଅନିଶ୍ଚିତତା ସୃଷ୍ଟି ହୋଇଛି । ଏହି ସଙ୍କଟ ପରେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ନିକଟରେ ୩ଟି ବିକଳ୍ପ ରହିଛି । ସେଗୁଡ଼ିକ ହେଲା ଯୁଦ୍ଧକୁ ଫେରିବା, କୁଟନୀତି ଉପରେ ଭରସା କରିବା କିମ୍ବା ଇସ୍ରାଏଲ ପ୍ରଧାନମନ୍ତ୍ରୀ ବେଞ୍ଜାମିନ ନେତନ୍ୟାହୁଙ୍କ ଉପରେ ଚାପ ପକାଇବା । ଯଦି ଏହି କାରଣରୁ ଯୁଦ୍ଧବିରତି ସମ୍ପୂର୍ଣ୍ଣ ବିଫଳ ହୁଏ, ତେବେ ଆମେରିକା ପୁଣିଥରେ ଯୁଦ୍ଧ ମଇଦାନକୁ ଓହ୍ଲାଇପାରେ । କିନ୍ତୁ ଏହା ବିଶ୍ୱ ଅର୍ଥନୀତି ଓ ଶକ୍ତି ସଙ୍କଟକୁ ଅଧିକ ଭୟଙ୍କର କରିଦେବ ।

ଆସନ୍ତା ୧ ତାରିଖରେ ଇସଲାମାବାଦରେ ଆମରିକା ଓ ଇରାନ ମଧ୍ୟରେ ଶାନ୍ତି ଆଲୋଚନା ହେବାକୁ ଯାଉଛି । ଏଥିରେ ଆମେରିକା ପ୍ରତିନିଧି ଦଳର ନେତୃତ୍ୱ ନେବେ ଉପରାଷ୍ଟ୍ରପତି ଜେଡି ଭାନ୍ସ । ଇରାନ କେବଳ ଭାନ୍ସଙ୍କ ସହିତ କଥା ହେବାକୁ ପସନ୍ଦ କରୁଛି । ଶାନ୍ତି ଆଲୋଚନା ପୂର୍ବରୁ ଇସ୍ରାଏଲ ଉପରେ କେବଳ ଭାନ୍ସ ଚାପ ପକାଇପାରିବେ ବୋଲି ଇରାନ ବିଶ୍ୱାସ କରୁଛି । ତେଣୁ ଇସଲାମାବାଦ ଆଲୋଚନାକୁ ଫଳପ୍ରଦ କରିବାକୁ ହେଲେ ଲେବାନନ ଉପରେ ଇସ୍ରାଲ ଆକ୍ରମଣ ବନ୍ଦ ହେବା ଜରୁରୀ । ନଚେତ ବୈଠକକୁ ଇରାନ ଯାଇନପାରେ । ଯୁଦ୍ଧବିରତିରେ ଲେବାନନ ସର୍ତ୍ତ ନୁହେଁ ବୋଲି ରାଷ୍ଟ୍ରପତି ଟ୍ରମ୍ପ କହୁଥିବା ବେଳେ ଆକ୍ରମଣ ନକରିବା ଲାଗି ସେ ଇସ୍ରାଏଲ ଉପରେ ଚାପ ପକାଉଥିବାର ଖବର ମିଳିଛି । ଅନ୍ୟପକ୍ଷରେ ମଧ୍ୟସ୍ଥତା କରୁଥିବା ପାକିସ୍ତାନ କହୁଛି ଯେ ଯୁଦ୍ଧବିରତିରେ ସର୍ତ୍ତରେ ଲେବାନନ ସ୍ଥାନ ପାଇଛି । ଇରାନ ମଧ୍ୟ ସମାନ କଥା କହୁଛି । ତେଣୁ ଇସଲାମାବାଦ କଥାବାର୍ତ୍ତା ଇସ୍ରାଏଲ ଉପରେ ନିର୍ଭର କରୁଛି ବୋଲି କୁହାଯାଉଛି ।

## ନାଟୋରୁ ଓହରିବ ଆମେରିକା!

ଇତିମଧ୍ୟରେ ବିଶ୍ୱର ଶକ୍ତିଶାଳୀ ସାମରିକ ମେଣ୍ଟ ନାଟୋର ଭବିଷ୍ୟତକୁ ନେଇ ଏବେ ସଂଶୟ ସୃଷ୍ଟି ହୋଇଛି । ଇରାନ ସହ ଚାଲିଥିବା ଯୁଦ୍ଧ ମଧ୍ୟରେ ଆମେରିକା ଏହି ମେଣ୍ଟରୁ ଓହରିଯିବା ପାଇଁ ବିଚାର କରୁଥିବା ନେଇ ହ୍ୱାଇଟ୍ ହାଉସ୍ ପକ୍ଷରୁ ସୂଚନା ମିଳିଛି । ଏହି ପରିପ୍ରେକ୍ଷୀରେ ବୁଧବାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଏବଂ ନାଟୋ ମୁଖ୍ୟ ମାର୍କ ରୁଟେଙ୍କ ମଧ୍ୟରେ ଏକ ଅତି ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଯାଇଛି । ହ୍ୱାଇଟ୍ ହାଉସ୍‌ର ପ୍ରେସ୍ ସଚିବ କାରୋଲିନ୍ ଲିଭିଟ୍‌ଙ୍କ ଅନୁଯାୟୀ, ଇରାନ ବିରୋଧରେ ଆମେରିକାର ସାମରିକ ଅଭିଯାନ ସମୟରେ ନାଟୋର ସହଯୋଗୀ ରାଷ୍ଟ୍ରମାନେ ଆମେରିକାକୁ ଆବଶ୍ୟକୀୟ ସହାୟତା ପ୍ରଦାନ କରିନାହାନ୍ତି । ଲିଭିଟ୍ କହିଛନ୍ତି ଯେ, ନାଟୋ ସହଯୋଗୀଙ୍କ ପରୀକ୍ଷାର ସମୟ ଆସିଥିଲା, କିନ୍ତୁ ସେମାନେ ବିଫଳ ହେଲେ । ଗତ ଛଅ ସପ୍ତାହ ଧରି ଆମେରିକୀୟ ଜନତାଙ୍କ ଅର୍ଥରେ ସେମାନଙ୍କ ପ୍ରତିରକ୍ଷା ପାଣ୍ଠି ଚାଲିଥିବା ବେଳେ, ସେମାନେ ଆମେରିକାକୁ ପଛ କରିଦେବା ଅତ୍ୟନ୍ତ ଦୁଃଖଦାୟକ । ଟ୍ରମ୍ପ କହିଛନ୍ତି ଯେ ଆମର ଆବଶ୍ୟକତା ସମୟରେ ନାଟୋ ଆମର ସାଥିରେ ନଥିଲା ଏବଂ ଭବିଷ୍ୟତରେ ସେମାନେ ରହିବେ ନାହିଁ । ଟ୍ରମ୍ପଙ୍କ ସହ ଆଲୋଚନାକୁ ଦୁଇ ବନ୍ଧୁଙ୍କ ମଧ୍ୟରେ ମୁକ୍ତ ଆଲୋଚନା ବୋଲି ନାଟୋ ସେକ୍ରେଟାରୀ ଜେନେରାଲ ମାର୍କ ରୁଟେ କହିଛନ୍ତି । ରୁଟେ ମଧ୍ୟ ଏ ନେଇ ସଫେଇ ଦେଇଛନ୍ତି । ସେ ସ୍ୱୀକାର କରିଛନ୍ତି ଯେ, ଟ୍ରମ୍ପଙ୍କ ନିରାଶା ଯଥାର୍ଥ । କିନ୍ତୁ ସେ ଏହା ମଧ୍ୟ କହିଛନ୍ତି ଯେ, ଅନେକ ୟୁରୋପୀୟ ଦେଶ ଅନ୍ୟ ଉପାୟରେ ଆମେରିକାକୁ ସହାୟତା ପ୍ରଦାନ କରିଛନ୍ତି । ଇରାନର ଉଦ୍ଧତ କ୍ଷମତାକୁ ଶେଷ କରିବା ଦିଗରେ ୟୁରୋପ ଟ୍ରମ୍ପଙ୍କ ସହ ଅଛି ବୋଲି ସେ ଦର୍ଶାଇଛନ୍ତି । ନାଟୋରୁ ଓହରିବାକୁ ହେଲେ ୨୦୦୩ର ଏକ ନିୟମ ଅନୁଯାୟୀ, ଟ୍ରମ୍ପଙ୍କୁ ଆମେରିକା ସିନେଟ୍‌ର ଦୁଇ-ତୃତୀୟାଂଶ ସଦସ୍ୟଙ୍କ ସହମତି କିମ୍ବା କଂଗ୍ରେସର ଏକ ସ୍ୱତନ୍ତ୍ର ଆଇନ ଆବଶ୍ୟକ । ଯଦି ଆମେରିକା ନାଟୋରୁ ଓହରିଯାଏ, ତେବେ ଦ୍ୱିତୀୟ ବିଶ୍ୱଯୁଦ୍ଧ ପରବର୍ତ୍ତୀ ବିଶ୍ୱ ସୁରକ୍ଷା ବ୍ୟବସ୍ଥାକୁ ସମ୍ପୂର୍ଣ୍ଣ ରୂପେ ବଦଳାଇ ଦେବ । ୟୁରୋପୀୟ ଦେଶଗୁଡ଼ିକର ସୁରକ୍ଷା ବିପନ୍ନ ହେବା ସହ ରୁଷ ଓ ଇରାନ ଭଳି ଶକ୍ତିମାନଙ୍କ ପ୍ରଭାବ ବୃଦ୍ଧି ପାଇବ ।



# ପୋପ୍‌ଙ୍କ ଶାନ୍ତି ଭାଷଣକୁ ନେଇ ଟ୍ରମ୍ପ କ୍ଷୁବ୍ଧ

ୱାଶିଂଟନ/ଭାଟିକାନ ସିଟି, ୯ ।୪(ଏଜେନ୍ସି): ବିଶ୍ୱର ସର୍ବାଧିକ ଶକ୍ତିଶାଳୀ ରାଷ୍ଟ୍ର ଆମେରିକା ଓ କ୍ୟାଥୋଲିକ ଚର୍ଚ୍ଚର ସର୍ବୋଚ୍ଚ କେନ୍ଦ୍ର ଭାଟିକାନ୍ ମଧ୍ୟରେ କୂଟନୈତିକ ବିବାଦ ଚରମସୀମାରେ ପହଞ୍ଚିଛି । ପ୍ରଥମ ଆମେରିକୀୟ ପୋପ୍ ଭାବେ ନିର୍ବାଚିତ ହୋଇଥିବା 'ପୋପ ଲିଓ ଏକ୍ସଆଇଭି ଅର୍ଥାତ ୧୪' ନିକଟରେ ଦେଇଥିବା ଯୁଦ୍ଧ ବିରୋଧୀ ଅଭିଭାଷଣକୁ ନେଇ ଟ୍ରମ୍ପ ପ୍ରଶାସନ ଅସନ୍ତୋଷ ପ୍ରକାଶ କରିଛି । ଆମେରିକା ପ୍ରତିରକ୍ଷା ବିଭାଗ ପେଣ୍ଟାଗନ ତରଫରୁ ପୋପଙ୍କ ଦୂତଙ୍କୁ ସମନ ଜାରି କରାଯାଇ ଆମେରିକାର ସ୍ୱାର୍ଥ ରକ୍ଷା ଦିଗରେ କାର୍ଯ୍ୟ କରିବାକୁ ଚେତାବନୀ ଦିଆଯାଇଥିବା ଅଭିଯୋଗ ହୋଇଛି । ଗତ ଜାନୁଆରୀ ୯ରେ ପୋପ୍ ଭାଟିକାନ କୂଟନୈତିକ ସଂଘକୁ ସମ୍ବୋଧିତ କରି ଗୁରୁତ୍ୱପୂର୍ଣ୍ଣ ଭାଷଣ ଦେଇଥିଲେ । ସେଥିରେ ସେ କହିଥିଲେ ଯେ, ବିଶ୍ୱରେ ସମ୍ମତି ଭିତ୍ତିକ କୂଟନୀତି ବଦଳରେ ବଳପୂର୍ବକ କୂଟନୀତି ବୃଦ୍ଧି ପାଉଛି । ପୁଣି ଦ୍ୱିତୀୟ ବିଶ୍ୱଯୁଦ୍ଧର ପରବର୍ତ୍ତୀ ନିୟମ, ଯାହା ଅନ୍ୟ ଦେଶର ସୀମା ଉଲ୍ଲଂଘନକୁ ନିଷେଧ କରେ, ତାହା ଏବେ ବିପଦରେ ରହିଛି । ଟ୍ରମ୍ପ ପ୍ରଶାସନର ବୈଦେଶିକ ନୀତି ଓ ପ୍ରବାସୀ ବିରୋଧୀ ଆଭିମୁଖ୍ୟକୁ ପୋପ୍ ପରୋକ୍ଷରେ ସମାଲୋଚନା କରିଥିବା ପେଣ୍ଟାଗନ ଅନୁଭବ କରିଥିଲା । କିନ୍ତୁ ଆମେରିକା ଅଧିକାରୀମାନେ ରୋକଠୋକ କହିଥିଲେ ଯେ, ଆମେରିକା ପାଖରେ ବିଶ୍ୱରେ ଯାହା ଚାହିଁବ ତାହା କରିବାର ସାମରିକ ଶକ୍ତି ଅଛି । କ୍ୟାଥୋଲିକ ଚର୍ଚ୍ଚ ଆମେରିକାର ପକ୍ଷ ନେବା ଉଚିତ । ଜଣେ ଆମେରିକୀୟ ଅଧିକାରୀ ୧୪ଶ ଶତାବ୍ଦୀରେ ଏକ ଘଟଣାକୁ ମନେ ପକାଇ ଦେଇଥିଲେ, ଯେତେବେଳେ ଫ୍ରାନ୍ସର ରାଜା ପୋପ୍‌ମାନଙ୍କୁ ରୋମ ଛାଡ଼ି ଫ୍ରାନ୍ସର ଆଭିଗନନ୍‌ରେ ରହିବାକୁ ବାଧ୍ୟ କରିଥିଲେ । ଏହାକୁ ଭାଟିକାନ ଅଧିକାରୀମାନେ ଏକ ପରୋକ୍ଷ ସାମରିକ ଧମକ ଭାବେ ଗ୍ରହଣ କରିଛନ୍ତି । ଏହି ଘଟଣା ପରେ ପୋପ୍ ଆମେରିକା ଗସ୍ତ ବାତିଲ କରିଛନ୍ତି ଓ ଆମେରିକାର ୨୫୦ତମ ସ୍ୱାଧୀନତା ଦିବସ ପାଳନରେ ଯୋଗ ଦେବା ପାଇଁ ଉପ-ରାଷ୍ଟ୍ରପତି ଜେଡି ଭାନ୍ସଙ୍କ ଦେଇଥିବା ନିମନ୍ତ୍ରଣକୁ ମଧ୍ୟ ପ୍ରତ୍ୟାଖ୍ୟାନ କରିଛନ୍ତି । ତେବେ ଭାନ୍ସ ଏହି ସମସ୍ତ ଅଭିଯୋଗକୁ ଅସ୍ୱୀକାର କରିଛନ୍ତି । ସେ କହିଛନ୍ତି ଯେ ଏହି ଖବର ସମ୍ପୂର୍ଣ୍ଣ ଭାବେ ନିଶ୍ଚିତ ନୁହେଁ ଏବଂ ସେ ନିଜେ କଥା ହୋଇ ସତ୍ୟାସତ୍ୟ ଜାଣିବାକୁ ଚେଷ୍ଟା କରିବେ ।

### ୧୧ ଦିନରେ ଟଙ୍କା ଦୁଇଗୁଣା କରିବା ନିଶା

# ୧୨ କୋଟି ଟଙ୍କା ହରାଇଲେ ପୁଣେରେ ଜଣେ ଡାକ୍ତର

ପୁଣେ, ୯ ।୪(ଏଜେନ୍ସି): ମହାରାଷ୍ଟ୍ରର ପୁଣେ ସହରରେ ଅତ୍ୟଧିକ ଲୋଭ ଯୋଗୁଁ ବହୁ ଟଙ୍କା ହରାଇବାର ନେଇ ଏକ ଚକିତ କଲା ଭଳି ଘଟଣା ସାମ୍ନାକୁ ଆସିଛି । ସେୟାର ବଜାରରେ ନିବେଶ କରି ଅଳ୍ପ ଦିନରେ କୋଟିପତି ହେବାର ନିଶା ଜଣେ ଚିକିତ୍ସକଙ୍କୁ ମହଙ୍ଗା ପଡ଼ିଛି । ମାତ୍ର ୧୧ ଦିନ ମଧ୍ୟରେ ଜମା ରାଶିକୁ ଦ୍ୱିଗୁଣିତ କରିବାର ପ୍ରଲୋଭନ ଦେଖାଇ ସାଇବର ଠକମାନେ ପୁଣେର ଜଣେ ୭୫ ବର୍ଷୀୟ ଡାକ୍ତରଙ୍କଠାରୁ ୧୨.୩୧ କୋଟି ଟଙ୍କା ଲୁଟି ନେଇଛନ୍ତି । ଏହି ଘଟଣା ସାଇବର ସୁରକ୍ଷା ଏବଂ ଆର୍ଥିକ ସତର୍କତା ଉପରେ ଏକ ବଡ଼ ପ୍ରଶ୍ନବାଚୀ ସୃଷ୍ଟି କରିଛି । ଏହି ଘଟଣାର ସୂତ୍ରପାତ ଚଳିତ ବର୍ଷ ଜାନୁଆରୀ ମାସରେ ହୋଇଥିଲା । ପୀଡିତ ଡାକ୍ତରଙ୍କ ନିକଟକୁ ଏକ ଅଜଣା ନମ୍ବରରୁ ସେୟାର ବଜାରରେ ନିବେଶ କରି ଉଚ୍ଚ ରିଟର୍ଣ୍ଣ ପାଇବା ପାଇଁ ବାର୍ତ୍ତା ଆସିଥିଲା । ସେଥିରେ ଆଗ୍ରହ ପ୍ରକାଶ କରିବା ପରେ ତାଙ୍କୁ 'ଭିଆଇପି ଷ୍ଟକ୍ ୨୪' ନାମକ ହ୍ୱାଟ୍ସଆପ ଗ୍ରୁପ୍‌ରେ ସାମିଲ କରାଯାଇଥିଲା । ଠକମାନେ ଦାବି କରିଥିଲେ ଯେ, ସେମାନଙ୍କ ନିର୍ଦ୍ଦେଶ ଅନୁଯାୟୀ ନିବେଶ କରିବେ, ତେବେ ମାତ୍ର ୧୧ ଦିନ ମଧ୍ୟରେ ତାଙ୍କର ଟଙ୍କା ୫୪ କୋଟିରେ ପରିଣତ ହେବ । ତାଙ୍କୁ ଏକ ନକଲି ଟ୍ରେଡିଂ ଆପ ଡାଉନଲୋଡ଼ କରିବାକୁ କୁହାଯାଇଥିଲା, ଯାହାର ନାମ ଏକ ପ୍ରତିଷ୍ଠିତ ଅନ୍ତର୍ଜାତୀୟ ସଂସ୍ଥା ସହ ସମାନ ଥିଲା । ସେହି ଆପ୍‌ରେ ତାଙ୍କୁ ନକଲି ଲାଭର ଚିତ୍ର ମଧ୍ୟ ଦେଖାଯାଉଥିଲା, ଯାହାକୁ ସେ ସତ୍ୟ ବୋଲି ବିଶ୍ୱାସ କରିଥିଲେ । ମାର୍ଚ୍ଚ ୭ରୁ ୧୮ ତାରିଖ ମଧ୍ୟରେ ଡାକ୍ତର ଜଣକ ମୋଟ୍ ୮ଟି କାରବାର ବା ନେଣଦେଣ ମାଧ୍ୟମରେ ବିଭିନ୍ନ ବ୍ୟାଙ୍କ ଆକାଉଣ୍ଟକୁ ୧୨, ୩୧, ୦୦, ୦୦୦ ଟଙ୍କା ପଠାଇଥିଲେ । ପୁଲିସ ସୂଚନା ଅନୁଯାୟୀ, ଯେତେବେଳେ ସେ ଅଧିକ ଟଙ୍କା ନିବେଶ କରିବାକୁ ମନା କରିଥିଲେ, ଠକମାନେ ତାଙ୍କ ସମ୍ପତ୍ତି ଜବତ କରିବାର ଭୟ ଦେଖାଇ ତାଙ୍କୁ ବାଧ୍ୟ କରିଥିଲେ । ଦୀର୍ଘ ୩ ମାସ ଅପେକ୍ଷା କରିବା ପରେ ମଧ୍ୟ ଯେତେବେଳେ ତାଙ୍କୁ କୌଣସି ଟଙ୍କା ମିଳିଲା ନାହିଁ ଓ ଠକମାନେ ଅଧିକ ଅର୍ଥ ଦାବି କରିଥିଲେ, ସେ ନିଜର ପ୍ରତାରିତ ହୋଇଥିବା ଅନୁଭବ କରିଥିଲେ । ଏହାପରେ ସେ ସାଇବର ପୁଲିସ ଷ୍ଟେସନରେ ଏକ ଏଫ୍‌ଆଇଆର ରୁଜୁ କରିଥିଲେ । ବର୍ତ୍ତମାନ ସାଇବର ପୁଲିସ ଏହି ଟଙ୍କା କେଉଁ ଆକାଉଣ୍ଟକୁ ଯାଇଛି ଓ ଏହି ଷଡ଼ଯନ୍ତ୍ର ପଛରେ କିଏ ଅଛନ୍ତି, ତାର ତଦନ୍ତ ଜାରି ରଖିଛି ।

# ଦୁବାଇରେ ଧରାପଡ଼ିଲା ଗ୍ୟାଙ୍ଗଷ୍ଟର ରାଓ ଇନ୍ଦ୍ରଜିତ୍

ନୂଆଦିଲ୍ଲୀ, ୯।୪(ଏଜେନ୍ସି): ଭାରତୀୟ ଗ୍ୟାଙ୍ଗଷ୍ଟର ରାଓ ଇନ୍ଦ୍ରଜିତ୍ ଯାଦବ ଦୁବାଇରେ ଗିରଫ ହୋଇଥିବା ହରିୟାଣା ପୋଲିସ ସୂତ୍ରରୁ ଜଣାପଡ଼ିଛି । ସୋସିଆଲ ମିଡିଆରେ ପ୍ରାୟ ୧୫ ଲକ୍ଷରୁ ଅଧିକ ଫଲୋଅର୍ସ ଏବଂ ଅତ୍ୟନ୍ତ ବିଳାସପୂର୍ଣ୍ଣ ଜୀବନଶୈଳୀ ପାଇଁ ଚର୍ଚ୍ଚିତ ଯାଦବଙ୍କୁ ଖୁବଶୀଘ୍ର ଭାରତ ପ୍ରତ୍ୟାର୍ପଣ କରାଯିବ ବୋଲି ଆଶା କରାଯାଉଛି । ଦୁବାଇ କର୍ତ୍ତୃପକ୍ଷ ଏହି ଅଭିଯୁକ୍ତଙ୍କ ସମ୍ପର୍କିତ ଆବଶ୍ୟକୀୟ କାଗଜପତ୍ର ମାଗିଥିବା ସୂଚନା ମିଳିଛି । ସୂଚନା ଅନୁଯାୟୀ, ଯାଦବ ବିରୋଧରେ ହରିୟାଣା ଏବଂ ଉତ୍ତର ପ୍ରଦେଶ ପୋଲିସ ପକ୍ଷରୁ ୧୫ରୁ ଅଧିକ ମାମଲା ଏବଂ ଚାର୍ଜସିଟ୍ ଦାଖଲ କରାଯାଇଛି । ତାଙ୍କ ନାମରେ ଚାନ୍ଦା ଆଦାୟ, ବେଆଇନ ଭାବେ ଋଣ ସମାଧାନ କରିବା, ସଶସ୍ତ୍ର ଭୟ ପ୍ରଦର୍ଶନ ଏବଂ ହତ୍ୟା ଭଳି ଗୁରୁତର ଅଭିଯୋଗ ରହିଛି । ୨୦୨୪ରେ ରୋହତକରେ ଜଣେ ବ୍ୟବସାୟୀଙ୍କ ହତ୍ୟା ପରେ ସେ ଭାରତ ଛାଡ଼ି ବିଦେଶକୁ ଫେରାର ହୋଇଯାଇଥିଲେ । ଏନଫୋର୍ସମେଣ୍ଟ ଡିରେକ୍ଟୋରେଟ (ଇଡି) ଗତବର୍ଷ ତାଙ୍କ ବିରୋଧରେ ମନି ଲଣ୍ଡରିଂ ତଦନ୍ତ ଆରମ୍ଭ କରିଥିଲା । ଦିଲ୍ଲୀ ଏବଂ ଗୁରୁଗ୍ରାମରେ ହୋଇଥିବା ଚଢଉ ସମୟରେ ତଦନ୍ତକାରୀ ସଂସ୍ଥା ୫ଟି ବିଳାସପୂର୍ଣ୍ଣ କାର୍, ୧୭ ଲକ୍ଷ ଟଙ୍କା ନଗଦ, ବ୍ୟାଙ୍କ ଲକର ଏବଂ ଅନେକ ଗୁରୁତ୍ୱପୂର୍ଣ୍ଣ ଡିଜିଟାଲ୍ ତଥ୍ୟ ଜବତ କରିଥିଲା । ଯାଦବ କେବଳ ଅପରାଧିକ ଦୁନିଆରେ ନୁହେଁ ବରଂ ମନୋରଞ୍ଜନ ଜଗତରେ ମଧ୍ୟ ସକ୍ରିୟ ରହିଥିଲା । ସେ 'ଜେମ୍ସ ଟ୍ୟୁନ୍ସ' ନାମକ ଏକ ଓଟିଟି ପ୍ଲାଟଫର୍ମ ଏବଂ ସଙ୍ଗୀତ କମ୍ପାନୀ ମାଲିକା ଭାବେ କାର୍ଯ୍ୟ କରୁଥିଲା । ଇନଷ୍ଟାଗ୍ରାମରେ ବଲିଉଡ ସେଲିବ୍ରିଟିଙ୍କ ସହ ତାଙ୍କର ଫଟୋ ଏବଂ ବିଳାସପୂର୍ଣ୍ଣ ଜୀବନଶୈଳୀ ଯୋଗୁଁ



## ୧୫ ଲକ୍ଷ ଫଲୋଅର୍ସ ଓ ବିଳାସପୂର୍ଣ୍ଣ ଜୀବନ

ସେ ଯୁବପିଢ଼ିଙ୍କ ମଧ୍ୟରେ ବେଶ୍ ପରିଚିତ ଥିଲା । ଯାଦବ ନାମରେ ପୂର୍ବରୁ ଗାୟକ ରାହୁଲ ଫଜିଲପୁରିଆଙ୍କ ଘରେ ଗୁଳିକାଣ୍ଡ ଏବଂ ୟୁଟ୍ୟୁବର୍ ଏଲଭିଶ ଯାଦବଙ୍କ ବାସଭବନ ନିକଟରେ ହୋଇଥିବା ଗୁଳିଚାଳନା ଘଟଣାରେ ମଧ୍ୟ ଅଭିଯୋଗ ରହିଥିଲା । ତେବେ ଏହି ଗିରଫଦାରୀକୁ ନେଇ ଯାଦବଙ୍କ ଓକିଲ ଅସ୍ୱୀକାର କରିଛନ୍ତି । ଗିରଫ ହେବା ପୂର୍ବରୁ ଯାଦବ ନିଜକୁ 'ଗ୍ୟାଙ୍ଗଷ୍ଟର ନୁହେଁ ବରଂ ଏକ ଷଡ଼ଯନ୍ତ୍ରର ଶିକାର' ବୋଲି ଦାବି କରିଥିଲେ । ବର୍ତ୍ତମାନ ଭାରତୀୟ ଏଜେନ୍ସିଗୁଡ଼ିକ ତାଙ୍କୁ ଭାରତ ଆଣିବା ପାଇଁ ଆଇନଗତ ପ୍ରକ୍ରିୟା ଜାରି ରଖିଛନ୍ତି ।

# ୮୦ଟି ମାମଲା, ୫ କୋଟି, ୩ ବିଏଚ୍‌କେ ଫ୍ଲାଟ୍

ନୂଆଦିଲ୍ଲୀ, ୯ ।୪(ଏଜେନ୍ସି): ଦୀର୍ଘ ୧୦ ବର୍ଷ ଧରି ଚାଲିଥିବା ଏକ ଅତି ଜଟିଳ ଦାମ୍ପତ୍ୟ କଳହକୁ ସୁପ୍ରିମକୋର୍ଟ ଶେଷରେ ସମାଧାନ କରିଛନ୍ତି । ଏହି ମାମଲାକୁ ମହାଭାରତ ଭଳି ଏକ ଯୁଦ୍ଧ ସହ ତୁଳନା କରି ସୁପ୍ରିମକୋର୍ଟ ନିଜର ସ୍ୱତନ୍ତ୍ର କ୍ଷମତା ଅନୁଚ୍ଛେଦ ୧୪୨ ବ୍ୟବହାର କରି ବିବାହ ବିଚ୍ଛେଦ ମଞ୍ଜୁର କରିଛନ୍ତି । କୋର୍ଟଙ୍କ ନିର୍ଦ୍ଦେଶ ଅନୁଯାୟୀ, ସ୍ୱାମୀଙ୍କୁ ତାଙ୍କ ପତ୍ନୀଙ୍କୁ ଏକକାଳୀନ ୫ କୋଟି ଟଙ୍କାର ଭରଣପୋଷଣ ରାଶି ପ୍ରଦାନ କରିବାକୁ ପଡ଼ିବ । ଉକ୍ତ ଦମ୍ପତି ୨୦୧୦ରେ ବିବାହ କରିଥିଲେ ଏବଂ ସେମାନଙ୍କୁ ଦୁଇଟି ପୁତ୍ର ସନ୍ତାନ ଅଛନ୍ତି । ମାତ୍ର ୨୦୧୬ ବେଳକୁ ସେମାନଙ୍କ ସମ୍ପର୍କରେ ତିକ୍ତତା ଆସିଥିଲା ଏବଂ ସେମାନେ ପରସ୍ପରଠାରୁ ଅଲଗା ହୋଇଯାଇଥିଲେ । ଗତ ୧୦ ବର୍ଷ ମଧ୍ୟରେ ଉଭୟଙ୍କ ମଧ୍ୟରେ ପ୍ରାୟ ୮୦ରୁ ଅଧିକ ଆଇନଗତ ମାମଲା ଚାଲିଥିଲା । ସ୍ୱାମୀ ଜଣେ ଆଇନଜୀବୀ ହୋଇଥିବାରୁ ନିଜ ଜ୍ଞାନର ଅପବ୍ୟବହାର କରି ପତ୍ନୀ, ତାଙ୍କ ପରିବାର ଏବଂ ଏପରିକି ତାଙ୍କ ଓକିଲଙ୍କ ବିରୋଧରେ ମଧ୍ୟ ଅନେକ ମାମଲା ରୁଜୁ କରିଥିଲେ । ଜଷ୍ଟିସ ବିକ୍ରମ ନାଥ ଓ ଜଷ୍ଟିସ ସନ୍ଦୀପ ମେହେଟ୍ଟାଙ୍କ ବେଞ୍ଚ୍ ଏହି ମାମଲାରେ କହିଛନ୍ତି ଯେ, ଅନୁଚ୍ଛେଦ ୧୪୨ର ଅର୍ଥାତ ସମ୍ବିଧାନର ଏହି ସ୍ୱତନ୍ତ୍ର କ୍ଷମତା ପ୍ରୟୋଗ କରି କୋର୍ଟ ସମ୍ପୂର୍ଣ୍ଣ ନ୍ୟାୟ ପ୍ରଦାନ କରିଛନ୍ତି । କୋର୍ଟ କହିଛନ୍ତି ଯେ, ଏହି ବିବାହ ବାସ୍ତବ କ୍ଷେତ୍ରରେ ସମ୍ପୂର୍ଣ୍ଣ ରୂପେ ଶେଷ ହୋଇଯାଇଛି । ସ୍ୱାମୀଙ୍କୁ ଜଣେ ପ୍ରତିଶୋଧପରାୟଣ ବ୍ୟକ୍ତି ଭାବେ ଦର୍ଶାଇ କୋର୍ଟ କହିଛନ୍ତି ଯେ, ସେ ନିଜର ଆର୍ଥିକ ଦାୟିତ୍ୱରୁ ବଞ୍ଚିବା ପାଇଁ ବିଭିନ୍ନ କମ୍ପାନୀର ନିର୍ଦ୍ଦେଶକ ପଦରୁ ଇସ୍ତଫା ଦେଇଥିଲେ । ଏବେ ସ୍ୱାମୀଙ୍କୁ ଏକ ବର୍ଷ ମଧ୍ୟରେ ପତ୍ନୀଙ୍କୁ ୫ କୋଟି ଟଙ୍କା ଦେବାକୁ ପଡ଼ିବ । ସେହିପରି ପତ୍ନୀ ମୁମ୍ବାଇର ଲୋଖଣ୍ଡୱାଲାରେ ଥିବା ୩ ବିଏଚ୍‌କେ ଫ୍ଲାଟକୁ ଟଙ୍କା ପାଇବାର ଦୁଇ ସପ୍ତାହ ମଧ୍ୟରେ ଖାଲି କରିବେ । ସେମାନଙ୍କୁ ଦୁଇ ପୁଅଙ୍କ ଦାୟିତ୍ୱ ମା'ଙ୍କ ପାଖରେ ରହିବ, କିନ୍ତୁ ପିତାଙ୍କୁ ସେମାନଙ୍କୁ ଦେଖିବା ପାଇଁ ଅଧିକାର ଦିଆଯାଇଛି । ଏହି ରାୟ ପରେ ଉଭୟଙ୍କ ମଧ୍ୟରେ ଚାଲିଥିବା ସମସ୍ତ ସିଭିଲ ଓ କ୍ରିମିନାଲ ମାମଲା ବନ୍ଦ ହୋଇଯିବ । ସୁପ୍ରିମକୋର୍ଟ ସ୍ପଷ୍ଟ ଭାବେ କହିଛନ୍ତି ଯେ ଜଣେ ମହିଳା ଉଚ୍ଚଶିକ୍ଷିତ ବା କର୍ମଜୀବୀ ହେବା ଅର୍ଥ ନୁହେଁ ଯେ, ସ୍ୱାମୀ ନିଜର ପୈତୃକ, ନୈତିକ ଏବଂ ଆଇନଗତ ଦାୟିତ୍ୱରୁ ମୁକ୍ତ ହୋଇଯିବେ । ଏହି ରାୟ ଜରିଆରେ କୋର୍ଟ ଏକ ଦଶନ୍ଧିର ମାନସିକ ଯନ୍ତ୍ରଣାକୁ ସବୁଦିନ ପାଇଁ ସମାପ୍ତ କରିଦେଇଛନ୍ତି ।

## ୧୦ ବର୍ଷର ପୁରୁଣା ଛାଡ଼ପତ୍ର ମାମଲାର ସମାଧାନ କଲେ ସୁପ୍ରିମକୋର୍ଟ

### କଳ୍ପକମ୍ ପରମାଣୁ ପ୍ଲାଣ୍ଟରେ ଭାରତର ଚମତ୍କାର

# ଯାହା କରିପାରିଲେନି ଆମେରିକା, ଫ୍ରାନ୍ସ, ତାହା କରି ଦେଖାଇଲା ଭାରତ

ନୂଆଦିଲ୍ଲୀ/କଳ୍ପକମ୍, ୯ ।୪(ଏଜେନ୍ସି): ବିଶ୍ୱର ବଡ଼ବଡ଼ ପାରମାଣବିକ ଶକ୍ତି ସମ୍ପନ୍ନ ରାଷ୍ଟ୍ରଙ୍କୁ ପଛରେ ପକାଇ ଭାରତ ଏକ ଐତିହାସିକ ସଫଳତା ହାସଲ କରିଛି । ତାମିଲନାଡୁର କଳ୍ପକମ୍ ସ୍ଥିତ ୫୦୦ ମେଗାୱାଟ ବିଶିଷ୍ଟ 'ପ୍ରୋଟୋଟାଇପ ଫାଷ୍ଟ ବ୍ରିଡର ରିଆକ୍ଟର' ଗତ ଏପ୍ରିଲ ୬ରେ ତା'ର ପ୍ରଥମ କ୍ରିଟିକାଲିଟି ହାସଲ କରିଛି । ଏହାର ଅର୍ଥ ହେଉଛି, ଏହି ରିଆକ୍ଟର ମଧ୍ୟରେ ନିୟନ୍ତ୍ରିତ ଓ ଆତ୍ମ-ନିର୍ଭରଶୀଳ ପାରମାଣବିକ ଶୃଙ୍ଖଳା ସଫଳତାର ସହ ଆରମ୍ଭ ହୋଇଛି । ଭାରତ ଏବେ ଏହି ସାମର୍ଥ୍ୟ ହାସଲ କରିଛି, ଯାହା ଆମେରିକା, ଫ୍ରାନ୍ସ, ଜାପାନ ଭଳି ଦେଶମାନେ ବିପୁଳ ଅର୍ଥ ବିନିଯୋଗ କରି ମଧ୍ୟ କରିପାରି ନଥିଲେ । ବର୍ତ୍ତମାନ କେବଳ ରୁଷ୍ ପାଖରେ ବାଣିଜ୍ୟିକ ସ୍ତରରେ କାର୍ଯ୍ୟ କରୁଥିବା 'ଫାଷ୍ଟ ବ୍ରିଡର ରିଆକ୍ଟର' ରହିଛି । ଚୀନ୍ ଏ ଦିଗରେ ଏବେ ମାତ୍ର ପ୍ରାଥମିକ ପଦକ୍ଷେପ ନେଇଛି । ଏହି ସଫଳତା ସହ ଭାରତ ବିଶ୍ୱର ଦ୍ୱିତୀୟ ରାଷ୍ଟ୍ର ଭାବେ ବ୍ରିଡର ରିଆକ୍ଟର ପରିଚାଳନା କରିବାକୁ ଯାଉଛି । ଭାରତ ପାଖରେ ୟୁରାନିୟମର ସୀମିତ ଭଣ୍ଡାର ରହିଛି, କିନ୍ତୁ ବିଶ୍ୱର ସର୍ବାଧିକ ଥୋରିୟମ ଭଣ୍ଡାର ଭାରତରେ ଅଛି । ଓଡ଼ିଶା, କେରଳ ଓ ଆନ୍ଧ୍ରପ୍ରଦେଶର ସମୁଦ୍ରକୂଳରେ ଥିବା ବାଲିରେ ପ୍ରଚୁର ପରିମାଣରେ ଥୋରିୟମ ରହିଛି । ଫାଷ୍ଟ ବ୍ରିଡର ରିଆକ୍ଟରର ବିଶେଷତ୍ୱ ହେଉଛି ଏହା ଯେତିକି ଇନ୍ଧନ ବ୍ୟବହାର କରେ, ତା'ଠାରୁ ଅଧିକ ଇନ୍ଧନ ଉତ୍ପାଦନ କରେ । ଏହାଦ୍ୱାରା ଭାରତ ତା'ର 'ତିନି-ସ୍ତରୀୟ ପାରମାଣବିକ ଶକ୍ତି କାର୍ଯ୍ୟକ୍ରମ'ର ଦ୍ୱିତୀୟ ପର୍ଯ୍ୟାୟରେ ପ୍ରବେଶ କରିଛି, ଯାହା ସ୍ୱପ୍ନ ଦେଖିଥିଲେ ଭାରତୀୟ ପାରମାଣବିକ ବିଜ୍ଞାନର ଜନକ ଡକ୍ଟର ହୋମି ଜାହାଙ୍ଗୀର ଭାବା । ପୂର୍ବରୁ ଆମେରିକା, ଫ୍ରାନ୍ସ ଓ ଜାପାନ ଏ ନେଇ ପ୍ରୟାସ କରିଥିଲେ ମଧ୍ୟ ବିଭିନ୍ନ କାରଣରୁ ବିଫଳ ହୋଇଥିଲେ । କଳ୍ପକମ୍‌ର ଏହି ରିଆକ୍ଟର ପ୍ରାୟ ୩୦ ଲକ୍ଷ ଘରକୁ ବିଦ୍ୟୁତ ଶକ୍ତି ଯୋଗାଇବାର କ୍ଷମତା ରଖେ । ଭାରତ ୨୦୪୭ ସୁଦ୍ଧା ୧୦୦ ଗିଗାୱାଟ୍ (ଜିଡବ୍ଲ୍ୟୁ) ପାରମାଣବିକ ଶକ୍ତି ଉତ୍ପାଦନ କରିବା ଲକ୍ଷ୍ୟରେ ରହିଛି । ଏହି ସଫଳତା ଭାରତକୁ ଶକ୍ତି କ୍ଷେତ୍ରରେ ଆତ୍ମନିର୍ଭରଶୀଳ କରିବା ସହ ବିଦେଶୀ ୟୁରାନିୟମ ଆମଦାନୀ ଉପରେ ନିର୍ଭରଶୀଳତା କମାଇବ । ଏହି ଐତିହାସିକ ଉପଲବ୍ଧି ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଓ ଅନ୍ତର୍ଜାତୀୟ ଶକ୍ତି ଏଜେନ୍ସି (ଆଇଇଏ) ପରମାଣୁ ବିଜ୍ଞାନୀ ଓ ଭାରତକୁ ଅଭିନନ୍ଦନ ଜଣାଇଛନ୍ତି । ଭାରତର ପରମାଣୁ ଯାତ୍ରାରେ ଏହା ଏକ ନିର୍ଣ୍ଣାୟକ ପଦକ୍ଷେପ ବୋଲି ମୋଦୀ ବର୍ଣ୍ଣନା କରିଛନ୍ତି ।

# ସମ୍ରାଟ ଚୌଧୁରୀ ହୋଇପାରନ୍ତି ବିହାର ମୁଖ୍ୟମନ୍ତ୍ରୀ



ପାଟନା, ୯ ।୪(ଏଜେନ୍ସି): ବିହାର ରାଜନୀତିରେ ଦୁଇ ଦଶନ୍ଧି ଚାଲିଥିବା 'ନୀତୀଶ ଯୁଗ'ର ଅନ୍ତ ଘଟିବାକୁ ଯାଉଛି । ଜେଡିୟୁ ସୁପ୍ରିମୋ ନୀତୀଶ କୁମାର ମୁଖ୍ୟମନ୍ତ୍ରୀ ପଦରୁ ଇସ୍ତଫା ଦେଇ ଜାତୀୟ ରାଜନୀତିରେ ପ୍ରବେଶ କରିବାକୁ ପ୍ରସ୍ତୁତ ହେଉଛନ୍ତି । ସୂତ୍ର ଅନୁଯାୟୀ, ଆସନ୍ତା ଏପ୍ରିଲ ୧୪ ତାରିଖରେ ସେ ନିଜର ଇସ୍ତଫା ପ୍ରଦାନ କରିପାରନ୍ତି ଏବଂ ବର୍ତ୍ତମାନର ଉପ-ମୁଖ୍ୟମନ୍ତ୍ରୀ ସମ୍ରାଟ ଚୌଧୁରୀ ବିହାରର ନୂତନ ମୁଖ୍ୟମନ୍ତ୍ରୀ ଭାବେ ଦାୟିତ୍ୱ ଗ୍ରହଣ କରିବାର ସମ୍ଭାବନା ରହିଛି । ନୀତୀଶ ଗତ ମାର୍ଚ୍ଚ ୧୭ରେ ରାଜ୍ୟସଭାକୁ ନିର୍ବାଚିତ ହୋଥିଲେ । ଆଜି ସେ ଶପଥ ଗ୍ରହଣ କରିବାକୁ ନୂଆଦିଲ୍ଲୀ ଗସ୍ତ କରିଛନ୍ତି । ତାଙ୍କ ସହ ସଞ୍ଜୟ ଝା ଓ ବିଜୟ କୁମାର ଚୌଧୁରୀ ମଧ୍ୟ ରାଜ୍ୟସଭାରେ ଶପଥ ନେବେ । ନୀତୀଶଙ୍କ ଏହି ନିଷ୍ପତ୍ତି ତାଙ୍କର ସଂସଦର ଉଭୟ ସଦନ ଓ ବିଧାନସଭାର ଉଭୟ ସଦନର ସଦସ୍ୟ ହେବାର ଦୀର୍ଘଦିନର ଇଚ୍ଛାକୁ ପୂରଣ କରିବାକୁ ଯାଉଛି । ଏପ୍ରିଲ ୧୪ରେ ଏନ୍‌ଡିଏ ବିଧାୟକ ଦଳର ବୈଠକ ବସିବାକୁ ଯାଉଛି । ଏହି ବୈଠକରେ ପରବର୍ତ୍ତୀ ମୁଖ୍ୟମନ୍ତ୍ରୀ ଭାବେ ସମ୍ରାଟ ଚୌଧୁରୀଙ୍କ ନାମ ଉପରେ ମୋହର ବାଜିପାରେ । ସମ୍ରାଟ ଏବେ ବିଜେପିର କେନ୍ଦ୍ରୀୟ ନେତୃତ୍ୱଙ୍କ ସହ ଆଲୋଚନା ପାଇଁ ଦିଲ୍ଲୀ ଗସ୍ତରେ ଅଛନ୍ତି । ବିଜେପି ଏହି ପରିବର୍ତ୍ତନ ମାଧ୍ୟମରେ ବିହାରରେ ନିଜର ସ୍ଥିତିକୁ ଆହୁରି ଦୃଢ଼ କରିବା ଲକ୍ଷ୍ୟରେ ରହିଛି । ଏହି ଘଟଣାକୁ ନେଇ ଆରଜେଡି ନେତା ତେଜସ୍ୱୀ ଯାଦବ କଡ଼ା ପ୍ରତିକ୍ରିୟା ଦେଇଛନ୍ତି । ସେ କହିଛନ୍ତି ଯେ ବିଜେପି ଚାପରେ ନୀତୀଶଙ୍କୁ ଜୋର ଜବରଦସ୍ତି ରାଜ୍ୟ ସଭାକୁ ପଠାଯାଉଛି । ବିଜେପି ଧିରେ ଧିରେ ଜେଡିୟୁକୁ ସମାପ୍ତ କରିବା ପାଇଁ ଏହି ଷଡ଼ଯନ୍ତ୍ର ରଚିଛି ବୋଲି ତେଜସ୍ୱୀ ଦାବି କରିଛନ୍ତି ।

# ଓହରିଲେ କଂଗ୍ରେସ ପ୍ରାର୍ଥୀ, ଜିତିବେ ସୁନେତ୍ରା ପାୱାର

ବାରାମତୀ, ୯ ।୪(ଏଜେନ୍ସି): ମହାରାଷ୍ଟ୍ର ରାଜନୀତିର ହୃତପିଣ୍ଡ କୁହାଯାଉଥିବା ବାରାମତୀ ଆସନରେ ଏକ ବିରଳ ରାଜନୈତିକ ସୌଜନ୍ୟ ପ୍ରକାଶ ପାଇଛି । ଦୁର୍ଭାଗ୍ୟଜନକ ଭାବେ ବିମାନ ଦୁର୍ଘଟଣାରେ ପ୍ରାଣ ହରାଇଥିବା ପୂର୍ବତନ ଉପ-ମୁଖ୍ୟମନ୍ତ୍ରୀ ଅଜିତ ପାୱାରଙ୍କୁ ସମ୍ମାନ ଜଣାଇ କଂଗ୍ରେସ ନିଜର ପ୍ରାର୍ଥୀ ପ୍ରତ୍ୟାହାର କରିଛି । ଫଳରେ ଅଜିତଙ୍କ ପତ୍ନୀ ତଥା ବର୍ତ୍ତମାନର ଉପ-ମୁଖ୍ୟମନ୍ତ୍ରୀ ସୁନେତ୍ରା ପାୱାର ଏହି ଉପନିର୍ବାଚନରେ ବିନା ବିରୋଧ ତଥା ପ୍ରତିଦ୍ୱନ୍ଦ୍ୱୀତାରେ ନିର୍ବାଚିତ ହେବା ନିଶ୍ଚିତ ହୋଇଛି । ଗତ ଜାନୁଆରୀ ୨୮ରେ ଏକ ବିମାନ ଦୁର୍ଘଟଣାରେ ଅଜିତ ପାୱାରଙ୍କ ଅକାଳ ବିୟୋଗ ପରେ ବାରାମତୀ ଆସନ ଖାଲି ପଡ଼ିଥିଲା । ଏହି ଶୂନ୍ୟସ୍ଥାନ ପୂରଣ ପାଇଁ ଆସନ୍ତା ଏପ୍ରିଲ ୨୩ରେ ନିର୍ବାଚନ କରାଇବାକୁ ଦିନ ଧାର୍ଯ୍ୟ ହୋଇଥିଲା । କଂଗ୍ରେସ ପ୍ରଥମେ ଆକାଶ ମୋରେଙ୍କୁ ନିଜର ପ୍ରାର୍ଥୀ ଭାବେ ଘୋଷଣା କରିଥିଲେ ହେଁ, ଶେଷ ମୁହୂର୍ତ୍ତରେ ମହାରାଷ୍ଟ୍ର ମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡନାଭିସ ଓ ଶରଦ ପାୱାରଙ୍କ ଅନୁରୋଧ କ୍ରମେ ଦଳ ନିଜ ନିଷ୍ପତ୍ତି ବଦଳାଇଛି । କଂଗ୍ରେର ବରିଷ୍ଠ ନେତା ରମେଶ ଚେନଥାଲା ସ୍ପଷ୍ଟ କରିଛନ୍ତି ଯେ ଅଜିତଙ୍କ ସ୍ମୃତି ପ୍ରତି ଶ୍ରଦ୍ଧାଞ୍ଜଳି ସ୍ୱରୂପ ଦଳ ଏହି ନିର୍ବାଚନରୁ ଓହରିଯାଇଛି । ମୁଖ୍ୟମନ୍ତ୍ରୀ ଫଡ଼ନାଭିସ୍ ବ୍ୟକ୍ତିଗତ ଭାବେ କଂଗ୍ରେସ ରାଜ୍ୟ ସଭାପତି ହର୍ଷବର୍ଦ୍ଧନ ସାପକାଲଙ୍କ ସହ ଆଲୋଚନା କରି ପ୍ରାର୍ଥୀପତ୍ର ପ୍ରତ୍ୟାହାର ପାଇଁ ଅନୁରୋଧ କରିଥିଲେ । ସେହିପରି ଏନ୍‌ସିପି ସୁପ୍ରିମୋ ଶରଦ ପାୱାର ମଧ୍ୟ କଂଗ୍ରେସକୁ ପରାମର୍ଶ ଦେଇ କହିଥିଲେ ଯେ, ଜଣେ ଦକ୍ଷ ନେତାଙ୍କ ବିୟୋଗରେ ନିର୍ବାଚନକୁ ନିର୍ବିରୋଧ କରିବା ଶୋଭନୀୟ । ନିଜେ ସୁନେତ୍ରା ମଧ୍ୟ କଂଗ୍ରେସର ନେତୃତ୍ୱଙ୍କୁ ନିଜ ସ୍ୱାମୀଙ୍କ ସହ ଦଳର ପୁରୁଣା ସମ୍ପର୍କ ବିଷୟରେ ସ୍ମରଣ କରାଇଥିଲେ ।



**ରେଲବାଇର ବିଚିତ୍ର ନୀତି**

# ଆନ୍ଧ୍ର 'ଗେହ୍ଲା'; ଓଡ଼ିଶା 'ସାବତ'

## ବିକେନ୍ଦ୍ରୀକରଣ ନାଁରେ ଓଡ଼ିଶାର ପକ୍ଷ ଛେଦନ!

ବାଲେଶ୍ୱର, ୯।୪ (ଅସୀମ ମହାପାତ୍ର):

ଓଡ଼ିଶା ପ୍ରତି ରେଲବାଇ ଅବହେଳାର ନଜିର ବହୁ ପୁରୁଣା। ରାଜସ୍ୱ ଦେବାରେ ଆଗୁଆ ଓଡ଼ିଶାରେ ରେଲବାଇ ଭିତିଭୂମି ବିକାଶ କଇଁଛଠାରୁ ବି ଧୀର ଗତିରେ ଚାଲିଛି। ରାଜ୍ୟ ଆଧାରରେ ଆନ୍ଧ୍ରପ୍ରଦେଶ ବିଶାଖାପାଟନମ୍‌ରେ ନୂତନ ଦକ୍ଷିଣ ତଟ ରେଲବାଇ ପ୍ରତିଷ୍ଠା ହେଲା; କିନ୍ତୁ ଓଡ଼ିଶାର ପୂର୍ବତଟ ରେଲବାଇର ପକ୍ଷ ଛେଦନ କରାଯାଇ ଇଚ୍ଛାପୁରମ୍-ପଲାସା ସେକ୍ସନକୁ କାଢ଼ି ନିଆଗଲା। ପ୍ରଶାସନିକ ପରିଚାଳନାରେ ପାରଦର୍ଶିତା ଆଣିବାର ଦ୍ୱାହି ଦେଇ ରେଲବାଇ ଏହି ପଦକ୍ଷେପ ନେଇଥିବା ଦାବି ହେଉଛି। ମାତ୍ର ଗେହ୍ଲା ଆନ୍ଧ୍ରର ସବୁ ଦାବିକୁ ଆଦର କରି ପୂରଣ କରୁଥିବା କେନ୍ଦ୍ର ସରକାର ଓ ରେଲବାଇ ଓଡ଼ିଶା ପ୍ରତି ସାବତ ମନୋଭାବ ପୋଷଣ ଓଡ଼ିଶାବାସୀଙ୍କୁ କ୍ଷୁବ୍ଧ କରିଛି। ଯେଉଁ ଆଧାରରେ ଓଡ଼ିଶାରେ ଥିବା ଆନ୍ଧ୍ର ଅଞ୍ଚଳକୁ ଦକ୍ଷିଣତଟ ରେଲବାଇରେ ସାମିଲ ପାଇଁ ଯୋଜନା ହୋଇଛି, ସେହି ଆଧାରରେ କାହିଁକି ପଶ୍ଚିମବଙ୍ଗ, ଝାରଖଣ୍ଡରେ ଥିବା ଓଡ଼ିଶା ଅଞ୍ଚଳକୁ ପୂର୍ବତଟ ରେଲବାଇରେ ସାମିଲ କରାଯିବ ନାହିଁ ବୋଲି ପ୍ରଶ୍ନ ଉଠିଛି।

ପୂର୍ବତଟ ରେଲବାଇ ମାଲ୍ ପରିବହନ କ୍ଷେତ୍ରରେ ଅଗ୍ରଣୀ ସ୍ଥାନ ହାସଲ କରିଥିବା ବେଳେ ରେଲବାଇକୁ ସର୍ବାଧିକ ଆୟ ଦେଉଛି। କୋଲକାତା ଗାଡେନ୍ ରିଚ୍‌ରୁ ପରିଚାଳିତ ଦକ୍ଷିଣପୂର୍ବ ରେଲବାଇ ଅଧିକାଂଶ ସମୟରେ ଓଡ଼ିଶାର ସ୍ୱାର୍ଥକୁ ଉପେକ୍ଷା କରୁଥିବା ଅଭିଯୋଗ ହୋଇଛି। ଦକ୍ଷିଣପୂର୍ବ ରେଲବାଇ ହେଡ୍‌କ୍ୱାର୍ଟର କୋଲକାତା ଗାଡେନ୍ ରିଚ୍ ଅଧୀନରେ ୫ଟି ଡିଭିଜନ ରହିଥିବା ବେଳେ ଇଷ୍ଟକୋଷ୍ଟ ରେଲବାଇ ଭୁବନେଶ୍ୱର ଅଧୀନରେ ରହିଛି ମାତ୍ର ୩ଟି ଡିଭିଜନ। ରେଳ ଡିଭିଜନ ସବୁର ବ୍ୟବସ୍ଥାଗତ ଢାଞ୍ଚାରେ ପରିବର୍ତ୍ତନ ଆଣିବାକୁ ଭୌଗୋଳିକ ସ୍ଥିତି ଓ ପରିଚାଳନାଗତ ଅବସ୍ଥିତିକୁ ଅଣଦେଖା କରାଯାଇପାରିବନି। ଦକ୍ଷିଣପୂର୍ବ ରେଲବାଇ କୋଲକାତାର ଗାର୍ଡେନ ରିଚ୍‌ରୁ ପରିଚାଳିତ ହେଉଥିବା ବେଳେ ପୂର୍ବ ରେଲବାଇର ହେଡ୍‌କ୍ୱାର୍ଟର ମଧ୍ୟ କୋଲକାତାରେ ରହିଛି। ଯାହା ଅଧୀନରେ ପଶ୍ଚିମବଙ୍ଗର ୪ଟି ଡିଭିଜନ ରହିଛି। ତେବେ ପଶ୍ଚିମବଙ୍ଗର କୋଲକାତାରେ ଉଭୟ ପୂର୍ବ ରେଲବାଇ ଓ ଦକ୍ଷିଣ ପୂର୍ବ ରେଲବାଇର ମୁଖ୍ୟ କାର୍ଯ୍ୟାଳୟ ରହୁଥିବାରୁ କ୍ଷମତା କେନ୍ଦ୍ରୀଭୂତ ହୋଇରହୁଛି। ଯାହାକି ରେଲବାଇର ବ୍ୟବସ୍ଥାଗତ ପରିବର୍ତ୍ତନରେ ବଡ଼ ପ୍ରତିବନ୍ଧକ ସାଜୁଛି।

ବାଲେଶ୍ୱରରେ ଏକ ରେଳ ଡ଼ିଭିଜନ ସ୍ଥାପନ ପାଇଁ ବହୁ ଦିନରୁ ଦାବି ହୋଇ ଆସୁଛି। ବାଲେଶ୍ୱର, ମୟୂରଭଞ୍ଜ, ଭଦ୍ରକ ଓ କେନ୍ଦୁଝର ଜିଲ୍ଲା ପାଇଁ ଦୀର୍ଘଦିନରୁ ସ୍ୱତନ୍ତ୍ର ଡିଭିଜନ ସହ ନୂତନ ରେଳ ପ୍ରକଳ୍ପ କାର୍ଯ୍ୟ ସବୁ ମନ୍ଥର ଗତିରେ ଚାଲିଛି। ଏପରିକି ଉତ୍ତର ଓଡ଼ିଶାରେ ରେଳପଥର ଭିତିଭୂମି ବିକାଶ ଯେଉଁଳି ଢ଼ଙ୍ଗରେ ହେବା କଥା, ତାହା ହୋଇପାରୁନାହିଁ। ଦକ୍ଷିଣ ପୂର୍ବ ରେଲବାଇ ଅଧୀନରେ ରହୁଥିବା ଖଡ଼ଗପୁର ଡିଭିଜନ ଅତ୍ୟନ୍ତ ବ୍ୟସ୍ତବହୁଳ। ଖଡ଼ଗପୁର ଡିଭିଜନ ଅଧୀନରେ ଉତ୍ତର ଓଡ଼ିଶାର ବାଲେଶ୍ୱର ସୀମାର ଲକ୍ଷ୍ମଣନାଥଠାରୁ ଭଦ୍ରକ ସୀମା ରାଣୀତାଲ ପର୍ଯ୍ୟନ୍ତ ମୁଖ୍ୟ ଲାଇନ୍ ଉପେକ୍ଷିତ ହେଉଛି। ଦକ୍ଷିଣପୂର୍ବ ରେଲବାଇ ଅଧୀନରେ ଥିବା ଏହି ରେଳପଥରେ ହେବାକୁ ଥିବା ଅନ୍ୟ ଭିତ୍ତିଭୂମି ବିକାଶ କାର୍ଯ୍ୟ ପଛୁଆ ହୋଇ ରହିଛି। ରୁପ୍ସା-ବାରିପଦା-ବାଙ୍ଗିରିପୋଷି ରେଳପଥ ଏହି ରେଲରୁଟ୍ ଖଡ଼ଗପୁର ଡିଭିଜନରୁ ବାହାର କରି ବାଲେଶ୍ୱରକୁ ନୂତନ ରେଳ ଡିଭିଜନ କାର୍ଯ୍ୟକ୍ଷମ କରିବାକୁ ବୁଦ୍ଧିଜୀବୀ ମହଲରେ ଦୀର୍ଘଦିନରୁ ଦାବି ହେଉଛି।

ସେହିପରି ଦକ୍ଷିଣ ପୂର୍ବ ରେଲବାଇ ଅଧୀନ ଚକ୍ରଧରପୁର ଡିଭିଜନରେ ମୟୂରଭଞ୍ଜ ଜିଲ୍ଲାର ଶହଶହ ବର୍ଷ ପୁରୁଣା ଟାଟା-ଗୋରୁମହିଷାଣୀ-ବାଦାମପାହାଡ଼ ରେଳପଥକୁ କେନ୍ଦୁଝର ପର୍ଯ୍ୟନ୍ତ ସମ୍ପ୍ରସାରଣ ପାଇଁ ରାଷ୍ଟ୍ରପତି ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି । ତେବେ ଏହି ନୂତନ ରେଳପଥ ନିର୍ମାଣ କାର୍ଯ୍ୟ ମନ୍ଥର ଗତିରେ ଚାଲିଛି। ତଥାପି ଏହି ସବୁ ରେଳପଥ ଗୋଟିଏ ଛାତ ତଳକୁ ଆସିପାରିଲେ ଏହାର ସଠିକ ପରିଚାଳନା ଓ ଭିତିଭୂମି ବିକାଶ ହୋଇପାରିବ। ଦ୍ୱିତୀୟତଃ ଦୀର୍ଘଦିନରୁ ଦକ୍ଷିଣ ପୂର୍ବ ରେଲବାଇ ଅଧୀନରେ ରହିଥିବା ଏହି ରେଳପଥ ଗୁଡ଼ିକୁ ପୂର୍ବତଟ ରେଲବାଇ ଅଧୀନକୁ ଆସିଲେ କାର୍ଯ୍ୟଭାର ବିକେନ୍ଦ୍ରୀକରଣ ହେବ। ବ୍ୟବସ୍ଥାଗତ ପରିବର୍ତ୍ତନ ହେଲେ ରେଲବାଇର ସୁସଂଗଠିତ ବିକାଶ ହୋଇପାରିବ। ଏହି ରେଳପଥ ଗୁଡିକୁ ଦକ୍ଷିଣପୂର୍ବ ରେଲବାଇ ଅଧୀନରୁ ବାହାର କରି ପୂର୍ବତଟ ରେଲବାଇରେ ମିଶିଲେ ବ୍ୟବସ୍ଥାଗତ ପରିଚାଳନାରେ ପରିବର୍ତ୍ତନ ଆସିବ ବୋଲି ବିଜେଡି ପକ୍ଷରୁ ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି।

ଖୋର୍ଦ୍ଧା ରୋଡ୍ ଡିଜିଜନ ଅଧୀନରେ ଥିବା ଭଦ୍ରକ, କେନ୍ଦୁଝର ଓ ଯାଜପୁର ଜିଲ୍ଲାରୁ ମାଲ୍ ପରିବହନ ଅଧିକ ହେଉଥିବା ବେଳେ ଦକ୍ଷିଣ-ପୂର୍ବ ରେଳପଥ ଅଧୀନ ଝାଡ଼ଖଣ୍ଡର ଚକ୍ରଧରପୁର ଡିଭିଜନରେ ରହିଥିବା ଖଣିଜବହୁଳ ଓଡ଼ିଶାର ୫ଟି ପ୍ରମୁଖ ଖଣିଜ ସଂପଦ ପରିପୂର୍ଣ୍ଣ ତଥା ଶିଳ୍ପ ବହୁଳ ଜିଲ୍ଲା ସୁନ୍ଦରଗଡ଼, ଝାରସୁଗୁଡ଼ା, ସମ୍ବଲପୁର, କେନ୍ଦୁଝର ଓ ମୟୂରଭଞ୍ଜ ଜିଲ୍ଲା ରହିଛି। ଏହି ଡିଭିଜନରେ ଟାଟାନଗର ପ୍ରମୁଖ ଷ୍ଟେସନ ମଧ୍ୟରେ ଆସୁଥିବା ବେଳେ ରାଉରକେଲା, ଝାରସୁଗୁଡ଼ା ଓ ଚକ୍ରଧରପୁର ରେଲବାଇ ଆୟର ମୁଖ୍ୟ ଷ୍ଟେସନ ରହିଛି। ଏହି ରେଳପଥରୁ ଚକ୍ରଧରପୁର ଡିଭିଜନ ମାଲ୍ ପରିବହନ କରି ମାଲେମାଲ୍ ହେଉଥିବା ବେଳେ ଉତର ଓଡ଼ିଶାର ମୟୂରଭଞ୍ଜ ଓ ବାଲେଶ୍ୱର ଜିଲ୍ଲାର ରେଳପଥ ଖଡ଼ଗପୁର ଡିଭିଜନ ଅଧୀନରେ ରହିଯାଉଛି। ବାଲେଶ୍ୱର ଜିଲ୍ଲାରେ ୧୦୭.୬କିମି ଓ ମୟୂରଭଂଜ ଜିଲ୍ଲାର ବାଙ୍ଗିରିପୋଷି-ବାରିପଦା-ରୁପ୍ସା ଲାଇନର ୧୧୨.୧କିମି ନେଇ ମୋଟ୍ ୨୧୯.୭କିମି ରେଳପଥ ରହିଛି। ଯାଜପୁର ଜିଲ୍ଲାରେ ୧୩୧.୬କିମି, କେନ୍ଦୁଝର ଜିଲ୍ଲାରେ ୧୬୪.୮କିମି, ଭଦ୍ରକ ଜିଲ୍ଲାରେ ୩୫.୮କିମି ରେଳପଥ ରହିଛି। ଦକ୍ଷିଣପୂର୍ବ ରେଲବାଇ ଅଧୀନରେ ଥିବା ଚକ୍ରଧରପୁର ଓ ଖଡ଼ଗପୁର ଡିଭିଜନ ମଧ୍ୟରେ ସଠିକ୍ ତାଳମେଳ ରହୁନଥିବାରୁ ସନ୍ତୁଳିତ ଆଂଚଳିକ ବିକାଶ ପ୍ରଭାବିତ ହେଉଛି। ଓଡ଼ିଶାରୁ ରେଲବାଇର ଆୟ ଅଧିକ ଥିବା ବେଳେ ଭତିଭୂମି ବିକାଶ କ୍ଷେତ୍ରରେ ପଛୁଆ ରହିଛି। ଓଡ଼ିଶାର ରେଳକ୍ଷେତ୍ର ବିଭିନ୍ନ ଡିଭିଜନ ମଧ୍ୟରେ ବିକ୍ଷିପ୍ତ ଅବସ୍ଥାରେ ରହିଥିବାରୁ ରେଲବାଇ କ୍ଷେତ୍ରରେ ସାମଗ୍ରିକ ଓ ସନ୍ତୁଳିତ ବିକାଶ ହୋଇପାରୁନାହିଁ ବୋଲି ବୁଦ୍ଧିଜୀବୀ ମହଲରେ ମତ ପ୍ରକାଶ ପାଉଛି।

# ୧୨ରୁ କଲବଲ କରିବ ତାତି ଓ ଗୁଳୁଗୁଳି

ଭୁବନେଶ୍ୱର, ୯।୪(ସମିସ): ଦିନେଦୁଇଦିନ ପରେ କାଳବୈଶାଖୀର ପ୍ରଭାବ ହ୍ରାସ ସାଙ୍ଗକୁ ଓଡ଼ିଶାରେ ତାପମାତ୍ରା ବୃଦ୍ଧି ସହ ଗୁଳୁଗୁଳି କଲବଲ କରିବ। ଆସନ୍ତା ୧୧ ତାରିଖଠାରୁ ତାପମାତ୍ରାରେ ଦୃଷ୍ଟାନ୍ତମୂଳକ ୪-୬ ଡିଗ୍ରୀ ବୃଦ୍ଧି ସହ ଆଗାମୀ ଗୋଟିଏ ସପ୍ତାହ ମଧ୍ୟରେ ରାଜ୍ୟର ଅଧିକାଂଶ ଜିଲ୍ଲାରେ ଦିନ ତାପମାତ୍ରା ୩୮ରୁ ୪୦ ଡିଗ୍ରୀ ସେଲସିୟସ୍ ପର୍ଯ୍ୟନ୍ତ ପହଞ୍ଚିବ। ଏହି ସମୟରେ ଆଭ୍ୟନ୍ତରୀଣ ଓଡ଼ିଶାର ବୌଦ୍ଧ, ଟିଟିଲାଗଡ଼ ଓ ବଲାଙ୍ଗିର ଆଦି ଜିଲ୍ଲାରେ ତାପମାତ୍ରା ୪୦ ଡିଗ୍ରୀ ଅତିକ୍ରମ କରିବା ସହ ଉପକୂଳ ଓଡ଼ିଶାରେ ଗୁଳୁଗୁଳି ଅସହ୍ୟ କରିବ। ଏପରିକି ୧୭ରୁ ୨୩ ତାରିଖ ମଧ୍ୟରେ ତାତି ଅନେକ ସ୍ଥାନରେ ୪୪ ଡିଗ୍ରୀ ପର୍ଯ୍ୟନ୍ତ ପହଞ୍ଚିବା ନେଇ ପାଣିପାଗ କେନ୍ଦ୍ର ପକ୍ଷରୁ ଜାରି ବିସ୍ତାରିତ ପରିସର ଆକଳନରେ ସୂଚନା ଦିଆଯାଇଛି।

ବର୍ତ୍ତମାନର ସ୍ଥିତି ଅନୁଯାୟୀ ରାଜ୍ୟରେ ଲଗାତାର କାଳବୈଶାଖୀ ଜନିତ ସ୍ଥିତି ଯୋଗୁଁ ତାପମାତ୍ରା ତଳ ମୁହାଁ ହୋଇଛି। ଗତ ସପ୍ତାହକ ମଧ୍ୟରେ ରାଜ୍ୟରେ ୧୭୦ ମିମି ବର୍ଷା ହୋଇଥିବା ବେଳେ ଏହା ସ୍ୱାଭାବିକ ବର୍ଷା ୧୯.୩ ମିମି ତୁଳନାରେ ୯୧ ପ୍ରତିଶତରୁ ଅଧିକ ରହିଛି। ହେଲେ ଗୁରୁବାରଠାରୁ ପାଗରେ ପରିବର୍ତ୍ତନ ଆସିଛି। ତେଣୁ ଆଗକୁ ତାପମାତ୍ରା ଦୃଷ୍ଟାନ୍ତମୂଳକ ଭାବେ ବୃଦ୍ଧି ପାଇବା ନେଇ ଆଶଙ୍କା କରାଯାଇଛି। ମାର୍ଚ୍ଚ ମାସ ଶେଷ ଭାଗରେ କେତେକ ଜିଲ୍ଲାରେ ତାପମାତ୍ରା ୪୦ ଡିଗ୍ରୀ ଟପିଥିଲା। ଏପ୍ରିଲ୍ ମାସ ଦ୍ୱିତୀୟ ସପ୍ତାହରୁ ପୁଣି ଏହି ଧାରା ଜାରି ରହିବ ବୋଲି ପୂର୍ବାନୁମାନ କୁହାଯାଇଛି।

ଏପ୍ରିଲ୍-ଜୁନ୍ ମାସ ମଧ୍ୟରେ ଓଡ଼ିଶା ସମେତ ପୂର୍ବ ଓ ଉପକୂଳୀୟ ରାଜ୍ୟଗୁଡ଼ିକରେ ସାଧାରଣତଃ ଅଧିକ ହିଟ୍‌ୱେଭ୍ ଦେଖାଯାଇଥାଏ। ଏହି ସମୟରେ ରାତିର ତାପମାତ୍ରା ମଧ୍ୟ ସ୍ୱାଭାବିକ ତୁଳନାରେ ଅଧିକ ରହିଥାଏ, ଯାହା ଗରମ ପ୍ରଭାବକୁ ଆହୁରି ବଢ଼ାଇବାକୁ ସହାୟକ ହୋଇଥାଏ। ପାଣିପାଗ କେନ୍ଦ୍ରର ସୂଚନା ଅନୁଯାୟୀ ଏପ୍ରିଲ୍ ତୃତୀୟ ସପ୍ତାହ ଅର୍ଥାତ ୧୭ ତାରିଖ ବେଳକୁ ରାଜ୍ୟର ଅଧିକାଂଶ ଜିଲ୍ଲା ବିଶେଷ କରି ଉପକୂଳବର୍ତ୍ତୀ ଓ ଏହାର ସଂଲଗ୍ନ ଜିଲ୍ଲାରେ ରାତିର ତାପମାତ୍ରା ସ୍ୱାଭାବିକ ତୁଳନାରେ ଅଧିକ ରହିବାର ଆଶଙ୍କା କରାଯାଇଛି। ପାଣିପାଗ କେନ୍ଦ୍ରର ଆକଳନକୁ ଦୃଷ୍ଟିରେ ରଖି ଜନସାଧାରଣଙ୍କ ପାଇଁ ସତର୍କ ସୂଚନା ଜାରି କରାଯାଇଛି।

**ପହିଲି ବୈଶାଖରୁ ତାତି ଛୁଇଁବ ୪୪ ଡିଗ୍ରୀ**

**ଇସ୍ତଫାପତ୍ର ଗ୍ରହଣ କଲେ ନବୀନ**

# ସଂସଦୀୟ ଦଳ ନେତା ପଦରୁ ସସ୍ମିତଙ୍କୁ ଅବ୍ୟାହତି

ଭୁବନେଶ୍ୱର, ୯।୪(ସମିସ): ରାଜ୍ୟସଭାରେ ବିଜେଡି ସଂସଦୀୟ ଦଳ ନେତା ପଦରୁ ସସ୍ମିତ ପାତ୍ରଙ୍କ ଇସ୍ତଫାକୁ ଗ୍ରହଣ କରିଛନ୍ତି ଦଳର ସଭାପତି ନବୀନ ପଟ୍ଟନାୟକ। ଏ ସଂକ୍ରାନ୍ତରେ ଗୁରୁବାର ନବୀନଙ୍କ କାର୍ଯ୍ୟାଳୟ ପକ୍ଷରୁ ସୂଚନା ଦିଆଯାଇଛି । ୨୦୨୨ ମସିହା ଜୁଲାଇ ମାସରେ ସସ୍ମିତଙ୍କୁ ରାଜ୍ୟସଭାରେ ବିଜେଡି ସଂସଦୀୟ ଦଳର ନେତା ରୂପେ ନବୀନ ନିଯୁକ୍ତି ଦେଇଥିଲେ। ମାତ୍ର ବ୍ୟକ୍ତିଗତ କାରଣ ଦର୍ଶାଇ ଦିନକ ତଳେ ସସ୍ମିତ ପାତ୍ର ତାଙ୍କ ପଦରୁ ଇସ୍ତଫା ଦେଇଥିଲେ ଓ ତାହାକୁ ନବୀନ ଗ୍ରହଣ କରିଛନ୍ତି। ଖୁବଶୀଘ୍ର ଦଳ ପକ୍ଷରୁ ରାଜ୍ୟସଭାରେ ନୂଆ ନେତା ନିଯୁକ୍ତ କରାଯିବ ବୋଲି ସୂଚନା ମିଳିଛି ।

# ପୋଖରୀରେ ବୁଡ଼ି ୩ଶିଶୁ କନ୍ୟା ମୃତ

ଉମରକୋଟ, ୯।୪(ସମିସ): ନବରଙ୍ଗପୁର ଜିଲ୍ଲା ଉମରକୋଟ ଥାନା ଅଞ୍ଚଳରେ ଆଜି ଏକ ଦୁଃଖଦ ଘଟଣା ଘଟିଛି। ଗାଧୋଇବାକୁ ଯାଇଥିବା ବେଳେ ପାଣିରେ ବୁଡ଼ି ୩ ଶିଶୁଙ୍କ ମୃତ୍ୟୁ ଘଟିଛି। ମୃତକମାନେ ହେଲେ, ଉମରକୋଟ ବ୍ଲକ୍ ଅନ୍ତର୍ଗତ କୁର୍ସି ପଞ୍ଚାୟତ ଉପରପାରାର ରାଜମନ ଗଣ୍ଡଙ୍କ ଦୁଇଝିଅ ସଂଧ୍ୟା ଗଣ୍ଡ (୬) ଓ ସନ୍ଦିତା ଗଣ୍ଡ (୪) ଏବଂ ବାଲସାଇ ଗଣ୍ଡଙ୍କ ଝିଅ ଭୂମିକା ଗଣ୍ଡ(୫)। ସୂଚନାନୁସାରେ, ତିନିଜଣ ଯାକ ଆଜି ଦିନ ପ୍ରାୟ ୧୧ଟା ବେଳେ ଘରଠାରୁ ଅଳ୍ପ ଦୂରରେ ଥିବା ଏକ ପୋଖରୀକୁ ଗାଧୋଇବାକୁ ଯାଇଥିଲେ। କିନ୍ତୁ ଅସାବଧାନତା ଯୋଗୁଁ ସେମାନେ ଗଭୀର ଜଳରାଶିରେ ବୁଡ଼ି ଯାଇଥିଲେ। ଗ୍ରାମବାସୀଙ୍କ ସହାୟତାରେ ପରିବାରଲୋକ ସେମାନଙ୍କୁ ଉଦ୍ଧାର କରିବା ବେଳକୁ ସମସ୍ତଙ୍କର ମୃତ୍ୟୁ ହୋଇସାରିଥିଲା। ଏନେଇ ଉମରକୋଟ ଥାନାରେ ଅଭିଯୋଗ ହେବା ପରେ ପୁଲିସ ଶବଗୁଡ଼ିକୁ ବ୍ୟବଚ୍ଛେଦ କରାଇ ପରିବାରଲୋକଙ୍କୁ ହସ୍ତାନ୍ତର କରିବା ସହ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ଅପରପକ୍ଷେ ଏହି ଘଟଣାକୁ ନେଇ ଗାଁରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି।

# ମାମୁ ସ୍ନେହ କଲେ ବୋଲି ତଣ୍ଟି ଚିପିଦେଲା ମାଇଁ

ଜଗନ୍ନାଥପ୍ରସାଦ, ୯।୪ (ସମିସ): ଛବିଳ ମଧୁ ବର୍ଣ୍ଣବୋଧରେ ଥିବା ଏକ ପଦ୍ୟର ଅଂଶ 'ମାମୁ ମୋତେ ମାଇଲେ, ମାଇଁ ମୋତେ ଧଇଲେ, ଦୁଧଭାତ ଖୋଇଲେ' ଏବେ ବି ଅନେକଙ୍କ ସ୍ମୃତିରେ ତାଜା ଅଛି। ଭଣଜା, ଭାଣିଜୀଙ୍କ ପାଇଁ ମାଇଁଙ୍କ ସ୍ନେହ ଯେ କେତେ ନିବିଡ଼ ତାହା ଏହି ପଦ୍ୟାଂଶରେ ବର୍ଣ୍ଣିତ ହୋଇଛି। କିନ୍ତୁ, ଗଞ୍ଜାମ ଜିଲ୍ଲା ଜଗନ୍ନାଥପ୍ରସାଦ ଥାନା ଅଞ୍ଚଳରେ ଠିକ୍ ଏହାର ଓଲଟା ଓ ଅପ୍ରତ୍ୟାଶିତ ଘଟଣା ଘଟିଛି। ମାମୁ ସ୍ନେହ କରିବାରୁ ଈର୍ଷାରେ ଭାଣିଜୀର ତଣ୍ଟି ଚିପି ମାରିଦେଲା ମାଇଁ। ଛାମୁଣ୍ଡା ଗ୍ରାମ ଲକ୍ଷ୍ମଣପଲ୍ଲୀରେ ବୁଧବାର ଏଭଳି ଏକ ଲୋମହର୍ଷଣକାରୀ ଘଟଣା ଘଟିଛି। ମୃତ ଭାଣିଜୀ ହେଲା, ସେହି ଗାଁର ଗଣେଶ ମହାରଣାଙ୍କ ଭାଣିଜୀ ଅର୍ଚ୍ଚନା ମହାରଣା (୯)। ଅର୍ଚ୍ଚନାକୁ ତା' ମାଇଁ ବିଦ୍ୟାଭାରତୀ ତଣ୍ଟି ଚିପି ହତ୍ୟା କରିଛି। ପୁଲିସ ଅର୍ଚ୍ଚନାର ଶବକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇବା ସହ ଅଭିଯୁକ୍ତ ବିଦ୍ୟାଭାରତୀକୁ ଗିରଫ କରି କୋର୍ଟଚାଲାଣ କରିଛି। ଆଜି ଜଗନ୍ନାଥପ୍ରସାଦ ଥାନାରେ ଅନୁଷ୍ଠିତ ଏକ ସାମ୍ବାଦିକ ସମ୍ମିଳନୀରେ ଅତିରିକ୍ତ ଏସ୍‌ପି ରଞ୍ଜନ କୁମାର ଦେ ଏ ସଂପର୍କରେ ବିସ୍ତୃତ ସୂଚନା ଦେଇଛନ୍ତି।

ଅର୍ଚ୍ଚନା ପିଲା ବେଳୁ ମାମୁଘରେ ରହୁଥିଲା। ମାମୁ ଗଣେଶଙ୍କ ସନ୍ତାନ ନ ଥିବାରୁ ସେ ଅର୍ଚ୍ଚନାକୁ ଅତ୍ୟଧିକ ସ୍ନେହ କରୁଥିଲେ। ଏହା ବିଦ୍ୟାଭାରତୀଙ୍କ ଆଖିରେ ଏହା ଯାଉନଥିଲା। ଏହି କାରଣରୁ ଦମ୍ପତିଙ୍କ ମଧ୍ୟରେ ପ୍ରାୟ ସମୟ ଅଶାନ୍ତି ଲାଗି ରହୁଥିଲା। ତେବେ ଏକଥା ଜାଣିବା ପରେ ଅର୍ଚ୍ଚନାଙ୍କ ମା' ଗାୟତ୍ରୀ ଝିଅକୁ ଭୁବନେଶ୍ୱର ନେଇଯାଇଥିଲେ। ଆସନ୍ତା ୧୧ ତାରିଖରେ ଛାମୁଣ୍ଡା ଗ୍ରାମରେ ଅଷ୍ଟଦଣ୍ଡ ଯାତ୍ରା ହେବାକୁ ଥିବାରୁ ଗଣେଶଙ୍କ ନିମନ୍ତ୍ରଣରେ ଗାୟତ୍ରୀ ନିଜ ଦୁଇ ଝିଅ ଅର୍ଚ୍ଚନା ଓ ଅଞ୍ଜନାକୁ ସାଥୀରେ ନେଇ ଗତ ୭ ତାରିଖରେ ଲକ୍ଷଣପଲ୍ଲୀରେ ପହଞ୍ଚିଥିଲେ।

ବୁଧବାର ସକାଳୁ ଅଞ୍ଜନା ଓ ଅର୍ଚ୍ଚନାକୁ ମାଇଁ ପାଖରେ ଛାଡ଼ି ଭାଇ-ଭଉଣୀ ରାସନ୍ ଚାଉଳ ଆଣିବାକୁ ବୁଗୁଡ଼ା ବ୍ଲକ କାନକୁଟୁର ଗ୍ରାମକୁ ଯାଇଥିଲେ। ଦୁଇ ଭାଣିଜୀଙ୍କୁ ଖାଇବାକୁ ଦେଇ ମାଇଁ ଶୋଇପଡ଼ିଥିଲେ। ଦୁଇ ଭଉଣୀ ସାହିର ଜଣେ ସମ୍ପର୍କୀୟଙ୍କ ଘରକୁ ଟିଭି ଦେଖିବାକୁ ଯାଇଥିଲେ। ଦିନ ପ୍ରାୟ ୧ଟା ବେଳେ ଅର୍ଚ୍ଚନାକୁ ଭୋକ ହେବାରୁ ସେ ଘରକୁ ଫେରି ମାଇଁଙ୍କୁ ଖାଇବାକୁ ମାଗିଥିଲା। କିନ୍ତୁ ନିଦରେ ଶୋଇଥିବା ବିଦ୍ୟାଭାରତୀ ଏଥିରେ ବିରକ୍ତ ହୋଇ ଅର୍ଚ୍ଚନାକୁ ନିସ୍ଠୁକ ମାଡ଼ ମାରିଥିଲା। ଅର୍ଚ୍ଚନା ଅଝଟ ହେବାରୁ ରାଗରେ ବିଦ୍ୟାଭାରତୀ ପାଖରେ ଥିବା ଏକ ସାୟାରେ ତା' ତଣ୍ଟି ଚିପି ହତ୍ୟା କରିଥିଲା। ପରେ, ଶବକୁ ନେଇ ପଡ଼ିଶାଘରର ଏକ ଅବ୍ୟବହୃତ ପାଇଖାନା ଘରେ ରଖି ଏକ ଅଖା ଘୋଡ଼ାଇ ଦେଇଥିଲା।

କିଛି ସମୟ ପରେ ବଡ଼ଭଉଣୀ ଅଞ୍ଜନା ଘରକୁ ଆସି ଅର୍ଚ୍ଚନାକୁ ଖୋଜିବାରୁ ବିଦ୍ୟାଭାରତୀ ତାକୁ ବାଆଁରେଇ ଦେଇଥିଲେ। କିନ୍ତୁ ଅଞ୍ଜନା ସାହିସାରା ଖୋଜାଖୋଜି କରି ଅର୍ଚ୍ଚନାକୁ ପାଇନଥିଲା। ରାତି ପ୍ରାୟ ୭ଟା ବେଳେ ଗଣେଶ ଓ ଗାୟତ୍ରୀ ଗ୍ରାମରେ ପହଞ୍ଚିବା ପରେ ଅର୍ଚ୍ଚନା ଦିନ ୧୧ଟାରୁ ନିଖୋଜ ଥିବା ବିଦ୍ୟାଭାରତୀ କହିଥିଲେ। ଗଣେଶ ଏ ସଂପର୍କରେ ଜଗନ୍ନାଥପ୍ରସାଦ ଥାନାରେ ଲିଖିତ ଅଭିଯୋଗ କରିଥିଲେ।

ଥାନା ଅଧିକାରୀ ପ୍ରମୋଦ କୁମାର ଲେଙ୍କା, ବେଲଗୁଣ୍ଠା ଥାନାଧିକାରୀ ରେବତୀ ଶବର, ବୁଗୁଡ଼ା ଥାନାଧିକାରୀ ସୀତାଂଶୁ ଶେଖର ମାନ୍ଧାତା, ଉପଖଣ୍ଡ ଅଧିକାରୀ ଡ. ଦୀପକ କୁମାର ମିଶ୍ର, ଅତିରିକ୍ତ ଅରକ୍ଷୀ ଅଧୀକ୍ଷକ ରଞ୍ଜନ କୁମାର ଦେ, ଗଞ୍ଜାମ ଅରକ୍ଷୀ ଅଧୀକ୍ଷକ ଶୁଭେନ୍ଦୁ କୁମାର ପାତ୍ର ପ୍ରମୁଖ ଗ୍ରାମରେ ପହଞ୍ଚି ଖୋଜାଖୋଜି କରିଥିଲେ। ତେବେ ବିଦ୍ୟାଭାରତୀ କଥାରେ ସନ୍ଦେହ ହେବାରୁ ପୁଲିସ ତାକୁ ଥାନାକୁ ଉଠାଇନେଇ ପଚରାଉଚରା କରିଥିଲା। ପୁଲିସର ନାଲି ଆଖି ଦେଖି ବିଦ୍ୟାଭାରତୀ ନିଜ କୁକର୍ମ ସ୍ୱୀକାର କରିଥିଲା। ସେ ହିଁ ଅର୍ଚ୍ଚନାକୁ ହତ୍ୟା କରି ଶବ ଲୁଚାଇଛି ବୋଲି ସ୍ୱୀକାର କରିଥିଲା। ବୁଧବାର ରାତିରେ ଏଏସ୍‌ଆଇ ପ୍ରିୟରଞ୍ଜନ ମିଶ୍ର, ଏଏସ୍‌ଆଇ ଟି.ପ୍ରମିଳା ପ୍ରମୁଖ ସଦଳବଳେ ପହଞ୍ଚି ଉକ୍ତ ପରିତ୍ୟକ୍ତ ପାଇଖାନାରୁ ଅର୍ଚ୍ଚନାର ମୃତଦେହ ଉଦ୍ଧାର କରିଥିଲେ। ଗାୟତ୍ରୀଙ୍କ ଅଭିଯୋଗ ଆଧାରରେ ପୁଲିସ ନଂ.୧୨୪/୨୬ରେ ଏକ ମାମଲା ରୁଜୁ କରି ହତ୍ୟାକାରୀ ମାଇଁକୁ କୋର୍ଟଚାଲାଣ କରିଥିବା ତଦନ୍ତକାରୀ ତାରସିଂ ଥାନା ଅଧିକାରୀ ଶୁଭଲକ୍ଷ୍ମୀ ପୂଜାରୀ କହିଛନ୍ତି।

**ଚାଷୀଙ୍କ ଅଣ୍ଟା ଭାଙ୍ଗିଦେଲାଣି କାଳବୈଶାଖୀ ବର୍ଷା**

# ମଣ୍ଡିରେ ପଡ଼ିପଡ଼ି ଗଜା ହେଲା ଧାନ

ବାସୁଦେବପୁର, ୯।୪(ସମିସ): ସରକାରଙ୍କ ଅପାରଗତା ଯୋଗୁଁ ରାଜ୍ୟର ଅନେକ ମଣ୍ଡିରେ ୪ ମାସ ହେଲା ଧାନ ବିକ୍ରି ନ ହୋଇ ପଡ଼ିରହିଛି। ମିଲରଙ୍କ ମନମାନି ଯୋଗୁଁ ଏହି ଧାନଗୁଡ଼ିକ ମଣ୍ଡିରେ ଗଦାହୋଇ ରହିଛି। ଚାଷୀମାନେ ନିଜ ନିଜ ଧାନକୁ ପାଲ ପକାଇ ଦିନରେ ଗୋରୁଗାଇ, ଛେଳି-ମେଣ୍ଢାଙ୍କ କବଳରୁ ରକ୍ଷା କରିବା ପାଇଁ ଜଗି ବସୁଥିବା ବେଳେ ରାତିରେ ଚୋରଙ୍କୁ ଜଗୁଥିଲେ। ଏବେ ଗତ ୪ଦିନ ହେଲା କାଳବୈଶାଖୀର ଅଦିନିଆ ବର୍ଷା ଲାଗି ରହିଛି। ଫଳରେ ମଣ୍ଡିରେ ଗଦା ହୋଇଥିବା ଧାନ ବର୍ଷା ପାଣିରେ ଭିଜିଭିଜି ଗଜା ହୋଇଗଲାଣି। ଗତ ୪ଦିନ ଧରି ଲାଗି ରହିଛି କାଳବୈଶାଖୀର କାଳ ଲହରୀ। ସକାଳ ଓ ସନ୍ଧ୍ୟା ବେଳେ ଆକାଶରେ କଳାହାଣ୍ଡିଆ ମେଘ ଘୋଟି ଆସିବା ସହ ପ୍ରବଳ ଗାଲୁଛି। ଚୈତ୍ର ମାସରେ ଆଷାଢ଼ ଓ ଶ୍ରାବଣ ମାସର ଭ୍ରମ ସୃଷ୍ଟି କରିଛି। ଖାଲି ସେତିକି ନୁହେଁ, ବର୍ଷା ସହ କୁଆପଥର ମାଡ଼ ଫସଲ ଉଜାଡ଼ି ଦେଉଛି। ଫଳରେ ମଣ୍ଡିରେ ଗଦା ହୋଇ ରହିଥିବା ଧାନବସ୍ତା ବର୍ଷାରେ ଭିଜିଭିଜି ଗଜା ହେବାକୁ ଲାଗିଲାଣି। ମିଲର୍ ଧାନ ନେବ କି ନାହିଁ, ଅନ୍ନଦାତାଙ୍କ ମୁଣ୍ଡରେ ବର୍ତ୍ତମାନ ଚଡ଼କ ପଡ଼ିଲାଣି। ବାସୁଦେବପୁର



ବ୍ଲକ୍‌ର ପଦ୍ମପୁର ସମବାୟ ସମିତିରେ ୮୬୯ ଜଣ ଚାଷୀଙ୍କ ନାମ ପଞ୍ଜୀକରଣ ହୋଇଥିଲା। ସେଥିମଧ୍ୟରୁ ୮୬୨ଜଣ ଧାନ ମଣ୍ଡିରେ ଦେଇଛନ୍ତି। ଏବେ ମଣ୍ଡିରେ ୬୨ଜଣ ଚାଷୀଙ୍କର ୨୩୦୦କ୍ୱିଣ୍ଟାଲ ଧାନ ପଡ଼ି ରହିଛି। ପଦ୍ମପୁର ସୋସାଇଟିରେ ସିମ୍ବଲ ଆଗ୍ରୋ ମିଲ୍ ଧାନ ଲିଫ୍ଟିଙ୍ଗ୍ କରି ନ ଥିବାରୁ ଧାନ ଭିଜି ଗଜା ହେଲାଣି ବୋଲି ସମ୍ପାଦକ କହିଛନ୍ତି।

# ହତ୍ୟାକାରୀ ପୁଅକୁ ଆଜୀବନ

ଉଦଳା/କପ୍ତିପଦା, ୯।୪(ସମିସ): ୨୦୨୧ ମସିହାରେ ସଂଘଟିତ ଏକ ପିତୃହତ୍ୟା ମାମଲାର ଶୁଣାଣି କରି ଉଦଳା ଅତିରିକ୍ତ ଜିଲ୍ଲା ଦୌରାଜଜ୍ ପ୍ରଦୀପ କୁମାର ବେହେରା ଗୁରୁବାର ଅଭିଯୁକ୍ତ ପୁଅକୁ ଦୋଷୀ ସାବ୍ୟସ୍ତ କରିଛନ୍ତି। ଆଜୀବନ ସଶ୍ରମ କାରାଦଣ୍ଡ ସହ ୫୦ ହଜାର ଟଙ୍କା ଜରିମାନାରେ ଦଣ୍ଡିତ କରିଛନ୍ତି। ଜରିମାନା ଅନାଦେୟ ହେଲେ ଅଧିକ ୧ବର୍ଷ ଜେଲ୍ ଦଣ୍ଡ ଭୋଗିବାକୁ ରାୟରେ ଉଲ୍ଲେଖ ରହିଛି। ଦୋଷୀ ସାବ୍ୟସ୍ତ ଯୁବକଜଣଙ୍କ ହେଲେ, କପ୍ତିପଦା ଥାନା ଚକ୍ରଧରପୁର ମାହାଲି ସାହିର ଭୁଣ୍ଡା ମାହାଲି (୪୦)। ସ୍ତ୍ରୀ ପାର୍ବତୀ ମାହାଲି ସହ ମିଶି ଭୁଣ୍ଡା ନିଜ ବାପା ନରେନ୍ଦ୍ର ମାହାଲି(୫୬) ହତ୍ୟା କରିଥିଲା।

ସୂଚନା ମୁତାବକ, ୨୦୨୧ ଅଗଷ୍ଟ ୧୮ରେ ଏହି ହତ୍ୟାକାଣ୍ଡ ଘଟିଥିଲା। ଘରୋଇ କଳହକୁ କେନ୍ଦ୍ର କରି ଭୁଣ୍ଡା ନିଜ ବାପା ନରେନ୍ଦ୍ର ଓ ଭାଇ ଭରତକୁ ହାଣି ଗୁରୁତର କରିଥିଲା। ଏଥିରେ ଭୁଣ୍ଡାକୁ ସ୍ତ୍ରୀ ପାର୍ବତୀ ସହଯୋଗ କରିଥିଲା। ଦୁହିଁଙ୍କୁ ପ୍ରଥମେ ଉଦଳା ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। କିନ୍ତୁ ଅବସ୍ଥା ସଂକଟାପନ୍ନ ହେବାରୁ ବାରିପଦା ସ୍ଥାନାନ୍ତର କରାଯାଇଥିଲା। ୪ ଦିନ ପରେ ଅର୍ଥାତ୍ ଅଗଷ୍ଟ ୨୨ ତାରିଖରେ ନରେନ୍ଦ୍ରଙ୍କ ମୃତ୍ୟୁ ହୋଇଯାଇଥିଲା। ଏ ସଂପର୍କରେ ଭରତ କପ୍ତିପଦା ଥାନାରେ ଅଭିଯୋଗ କରିବା ପରେ ପୁଲିସ ଭୁଣ୍ଡା ଓ ତା' ସ୍ତ୍ରୀ ପାର୍ବତୀକୁ ଗିରଫ କରିଥିଲା। ଆବଶ୍ୟକ ପ୍ରମାଣ ଅଭାବରୁ ପାର୍ବତୀ ଖଲାସ ହୋଇଥିବା ବେଳେ ଭୁଣ୍ଡାକୁ କୋର୍ଟ ଦୋଷୀ ସାବ୍ୟସ୍ତ କରିଛନ୍ତି। ସରକାରଙ୍କ ପକ୍ଷରୁ ଅତିରିକ୍ତ ପିପି ଲିଲେଶ କୁମାର ଜେନା ମାମଲା ପରିଚାଳନା କରୁଥିଲେ।




**କେନ୍ଦ୍ର କ୍ୟାବିନେଟରେ ଜୟପୁର ମେଟ୍ରୋ ପାଇଁ ୧୩୦୦୦ କୋଟିର ଅନୁମୋଦନ**

# ଓଡ଼ିଶାରେ ମେଟ୍ରୋ ପ୍ରକଳ୍ପ ବନ୍ଦକୁ ନେଇ ପ୍ରଶ୍ନ ଉଠାଇଲା ବିଜେଡି

- ରାଜସ୍ଥାନକୁ ମେଟ୍ରୋ ପାଇଁ କେନ୍ଦ୍ର ସରକାର ଦେବେ ସାଢ଼େ ୬ ହଜାର କୋଟି
- କେନ୍ଦ୍ର ସରକାରଙ୍କ ସହ ଆଲୋଚନା କରି ପ୍ରକଳ୍ପ ପୁନର୍ଜୀବିତ କରିବାକୁ ଦାବି

ଭୁବନେଶ୍ୱର, ୯।୪(ସମିସ): ମେଟ୍ରୋ ରେଳ ନୀତି ୨୦୧୭ ଅଧୀନରେ ଗତ ବୁଧବାର କେନ୍ଦ୍ର କ୍ୟାବିନେଟ ଜୟପୁର ମେଟ୍ରୋ ଦ୍ୱିତୀୟ ପର୍ଯ୍ୟାୟକୁ ଅନୁମୋଦନ ଦେଇଛି। ଏ ବାବଦରେ ବ୍ୟୟ ହେବାକୁଥିବା ୧୩ ହଜାର କୋଟି ଟଙ୍କା ମଧ୍ୟରୁ କେନ୍ଦ୍ର ସରକାର ୫୦ ପ୍ରତିଶତ ଅର୍ଥାତ୍ ୬୫୦୦ କୋଟି ବହନ କରିବ ବୋଲି କୁହାଯାଉଛି । ମାତ୍ର ଓଡ଼ିଶା ସରକାର ରାଜ୍ୟରେ ମେଟ୍ରୋ ପ୍ରକଳ୍ପକୁ ବନ୍ଦ କରିବାକୁ ନେଇ ପ୍ରଶ୍ନ ଉଠାଇଛି ବିଜେଡି। ଜୟପୁର ମେଟ୍ରୋ ମଡେଲ ପରି ରାଜ୍ୟ ସରକାର ଭୁବନେଶ୍ୱର ମେଟ୍ରୋ ରେଳ ପ୍ରକଳ୍ପ କାର୍ଯ୍ୟକାରୀ କରନ୍ତୁ ବୋଲି ଦାବି କରିଛନ୍ତି ବିଜେଡି ସାଂସଦ ଡ. ସସ୍ମିତ ପାତ୍ର।

ମୁଖ୍ୟମନ୍ତ୍ରୀଙ୍କୁ ଲେଖିଥିବା ଚିଠିରେ ଡ. ପାତ୍ର ଉଲ୍ଲେଖ କରି କହିଛନ୍ତି ଯେ ଓଡ଼ିଶା ମେଟ୍ରୋ (ଭୁବନେଶ୍ୱର-କଟକ-ଖୋର୍ଦ୍ଧା-ପୁରୀ କରିଡର୍)ର ଅନୁମୋଦିତ ଖର୍ଚ୍ଚ ୨୦୨୪ ମସିହାରେ ୬,୨୫୫ କୋଟି ଟଙ୍କା ଥିଲା, ଯାହା ଜୟପୁର ମେଟ୍ରୋଠାରୁ ଅଧା କମ୍। ଜୟପୁର ମଡେଲ୍ ଅନୁସରଣ କଲେ ଓଡ଼ିଶା ମେଟ୍ରୋ ପାଇଁ କେନ୍ଦ୍ର ଓ ରାଜ୍ୟ ପ୍ରତ୍ୟେକ ପ୍ରାୟ ୩,୧୦୦ କୋଟି ଟଙ୍କା ଦେବାକୁ ପଡ଼ିବ ଏବଂ ବଳକା ଅର୍ଥ ଭିଜିଏଫ (ଭାୟାବିଲିଟି ଗ୍ୟାପ୍ ଫଣ୍ଡିଂ) ଦ୍ୱାରା ସଂଗ୍ରହ କରାଯାଇପାରିବ। ଯଦି ୧୩,୦୦୦ କୋଟି ଟଙ୍କାରୁ ଅଧିକ ଖର୍ଚ୍ଚର ଜୟପୁର ମେଟ୍ରୋ ଫେଜ୍-୨ କେନ୍ଦ୍ର ସରକାରଙ୍କ ସହଯୋଗରେ ସମ୍ଭବ ହୋଇପାରୁଛି, ତେବେ ଅଧା ଖର୍ଚ୍ଚର ଓଡ଼ିଶା ମେଟ୍ରୋ ନିଶ୍ଚୟ ସମ୍ଭବ ହେବ। ପୁରୀ-ଖୋର୍ଦ୍ଧା-ଭୁବନେଶ୍ୱର-କଟକ କରିଡର୍ ମେଟ୍ରୋ ଓଡ଼ିଶାବାସୀଙ୍କୁ ସୁରକ୍ଷିତ ଓ ଦ୍ରୁତ ଯାତାୟାତ ପ୍ରଦାନ କରିବ। ଛାତ୍ର-ଯୁବକମାନଙ୍କୁ ଶିକ୍ଷା ଓ ଚାକିରି ପାଇଁ ଉନ୍ନତ ସୁବିଧା ମିଳିବା ସହ ବୟସ୍କମାନଙ୍କୁ ଆରାମଦାୟକ ପରିବହନ ସୁବିଧା ମିଳିବ। ସେହିପରି ଏହି ପ୍ରକଳ୍ପ କାର୍ଯ୍ୟକାରୀ ହେଲେ ପର୍ଯ୍ୟଟନ ଓ ଛୋଟ ବ୍ୟବସାୟ ବୃଦ୍ଧି ପାଇବ। ଏହା ଯାତାୟାତ ଭିଡ଼ କମାଇ ନୂତନ ଅର୍ଥନୈତିକ ସୁଯୋଗ ସୃଷ୍ଟି କରିବ। ତେଣୁ ସେ ମୁଖ୍ୟମନ୍ତ୍ରୀଙ୍କୁ ଏ ସଂକ୍ରାନ୍ତରେ ପୁନର୍ବିଚାର କରି ଓଡ଼ିଶା ମେଟ୍ରୋ ପ୍ରକଳ୍ପକୁ ଜୟପୁର ମଡେଲ୍ ଅନୁସାରେ କେନ୍ଦ୍ର ସରକାରଙ୍କ ସହ ଆଲୋଚନା କରି ପୁନର୍ଜୀବିତ କରିବାକୁ ସେ ଅନୁରୋଧ କରିଛନ୍ତି । ଅନୁରୂପ ଭାବରେ ଏକ ଭିଡ଼ିଓରେ ଡ଼. ପାତ୍ର କହିଛନ୍ତି ଯେ ଜୟପୁର ମେଟ୍ରୋ ମଡେଲରେ ଯଦି କେନ୍ଦ୍ର ସରକାର ଅଧା ଖର୍ଚ୍ଚ ବହନ କରିପାରିବେ, ତାହେଲେ ଡବଲ ଇଞ୍ଜିନ ସରକାରରେ ଓଡ଼ିଶାରେ ମାତ୍ର ୩ ହଜାର କୋଟି ବହନ କରିବାରେ ଅସୁବିଧା କେଉଁଠି ? କେନ୍ଦ୍ରରେ ସରକାର ଗଠନ କରିବା ପାଇଁ ଓଡ଼ିଶା ୨୧ରୁ ୨୦ ଲୋକସଭା ସାଂସଦ ଦେଇଛି । ଯଦି ରାଜସ୍ଥାନ ସରକାରଙ୍କୁ କେନ୍ଦ୍ର ସରକାର ସାଢ଼େ ୬ ହଜାର କୋଟି ଟଙ୍କା ଦେବା ପାଇଁ ପ୍ରସ୍ତୁତ ଅଛନ୍ତି, ଓଡ଼ିଶା ପାଇଁ କାହିଁକି ନୁହେଁ ବୋଲି ସେ ପ୍ରଶ୍ନ କରିଛନ୍ତି ।

## ପୂର୍ବତଟ ରେଳପଥ ଜୋନରୁ ପଲାସା-ଇଛାପୁରମ ରେଳ ବିଭାଗ ସେକ୍ସନକୁ ଦକ୍ଷିଣ ଉପକୂଳ ସେକ୍ସନକୁ ସ୍ଥାନାନ୍ତର ନିଷ୍ପତ୍ତି

# ବାଲେଶ୍ୱରରେ ବିଜେଡି ପକ୍ଷରୁ ତୀବ୍ର ବିରୋଧ

ବାଲେଶ୍ୱର, ୯ ।୪(ସମିସ)




ପଲାସା-ଇଛାପୁରମ ରେଳ ବିଭାଗ ସେକ୍ସନକୁ ପୂର୍ବତଟ ରେଳପଥ ଜୋନରୁ ଦକ୍ଷିଣ ଉପକୂଳ ରେଳପଥ ଜୋନକୁ ସ୍ଥାନାନ୍ତରଣ କରିବା ପାଇଁ ଭାରତ ସରକାର ଯେଉଁ ନିଷ୍ପତ୍ତି କରିଛନ୍ତି ଏହାକୁ ବିଜେଡି ପକ୍ଷରୁ ତୀବ୍ର ବିରୋଧ କରାଯିବା ସହ ଏହା ରାଜ୍ୟବାସୀଙ୍କ ସ୍ୱାର୍ଥ ବିରୋଧୀ ବୋଲି ସ୍ଥାନୀୟ ଷ୍ଟେସନ କ୍ଲବ ପରିସରରେ ଅନୁଷ୍ଠିତ ଏକ ସାମ୍ବାଦିକ ସମ୍ମିଳନୀରେ କୁହାଯାଇଛି। ବିଜେଡି ଜିଲ୍ଲାସଭାପତି ତଥା ପୂର୍ବତନ ମନ୍ତ୍ରୀ ଜ୍ୟୋତିପ୍ରକାଶ ପାଣିଗ୍ରାହୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସାମ୍ବାଦିକ ସମ୍ମିଳନୀରେ କୁହାଯାଇଛି ଯେ, ଭାରତ ସରକାର ରେଳପଥ ଜୋନକୁ ସ୍ଥାନାନ୍ତର କରିବା ପାଇଁ ଯେଉଁ ନିଷ୍ପତି ନେଇଛି ତାହା ଆଦୌ ଉଚିତ ନୁହେଁ। ଯାହାଦ୍ୱାରା ଓଡ଼ିଶାର ସ୍ୱାର୍ଥ ଉପରେ ବାଧା ସୃଷ୍ଟି ହେଉଛି। ଯେଉଁଠି କେନ୍ଦ୍ର ରେଳ ବିଭାଗ ଓଡ଼ିଶାରୁ ବର୍ଷକୁ କୋଟି କୋଟି ଟଙ୍କା ରେଭିନ୍ୟୁ ନେଉଛି ହେଲେ ଓଡ଼ିଶାକୁ ଟିକେ ବି ଗୁରୁତ୍ୱ ପ୍ରଦାନ କରୁନାହିଁ। ଅନ୍ୟପଟେ ଆନ୍ଧ୍ରକୁ ଖୁସି କରିବା ପାଇଁ କେନ୍ଦ୍ର ସରକାର ପୂର୍ବତଟ ରେଳପଥ ଜୋନ ରେ ଥିବା ପଲାସା ଇଛାପୁରମକୁ ଦକ୍ଷିଣ ଉପକୂଳ ରେଳପଥ ଜୋନକୁ ସ୍ଥାନାନ୍ତରିତ କରୁଛନ୍ତି ଯାହାକି ନିନ୍ଦନୀୟ। ବିଶେଷ କରି ସାଉଥ ଇଷ୍ଟର୍ଣ୍ଣ ରେଲୱେ ଅଧିନରେ ୬୬୮୦କିମି ରହିଥିବା ବେଳେ ୨୧ହଜାର ୩୩୩କୋଟି ଟଙ୍କା ରେଭିନ୍ୟୁ ନେଉଛି। ସେହିପରି ଇଷ୍ଟକୋଷ୍ଟ ରେଲୱେରେ ୫୨ଶହ କିଲୋମିଟର ରେଳଟ୍ରାକ ରହିଥିବା ବେଳେ ସେଥିରୁ ସେ ୨୬ହଜାର କୋଟି ଟଙ୍କା ରେଭିନ୍ୟୁ କଲେକସନ କରୁଛି। ଓଡ଼ିଶାର ଦୁଇଟି ରେଳପଥରୁ ବର୍ଷକୁ ରେଳ ବିଭାଗ ୩୨ହଜାର ୩୬୭ କୋଟି ଟଙ୍କା ନେଉଛି। ଆଶା ଥିଲା ବିଜେଡି ଓ ବିଜେପି ପକ୍ଷରୁ ଓଡ଼ିଶାରୁ ଅଶ୍ୱନୀ ବୈଷ୍ଣବଙ୍କୁ ରାଜ୍ୟସଭା ସାଂସଦ ଭାବେ ପଠାଇଥିଲେ ଏବଂ ଓଡ଼ିଶାର ବୃହତର ଉନ୍ନତି ହେବାର ଆଶା ରଖିଥିଲେ। ହେଲେ ଓଡ଼ିଶାକୁ ସେଇଭଳି କିଛି ଆଖି ଦୃଶିଆ ଉନ୍ନତି ମିଳିପାରିଲା ନାହିଁ। ହେଲେ ଜୋନ ମଧ୍ୟ ସ୍ଥାନାନ୍ତର କରାଯାଉଛି। ଏଣୁ ବିଜେଡି ଏହି ସ୍ଥାନାନ୍ତରକୁ ଦୃଢ଼ ବିରୋଧ କରିବା ସହ ଲକ୍ଷ୍ମଣନାଥ-ବାଲେଶ୍ୱର-ରାଣୀତାଲ ସେକ୍ସନ (ଓଡ଼ିଶାର ଅଂଶ)କୁ ଦକ୍ଷୀଣପୂର୍ବ ରେଳବାଇ ଖଡଗପୁର ଡିଭିଜନ ପରିବର୍ତ୍ତେ ପୂର୍ବତଟ ରେଳବାଇ ଭୁବନେଶ୍ୱର ଅଧିନକୁ ଆଣିବା ପାଇଁ ଦାବି କରାଯାଇଛି। ଯାହାକି ଏହି ଦାବି ବହୁ ପୂର୍ବରୁ ମଧ୍ୟ କରାଯାଉଥିଲା। ବିଶେଷ କରି ଲକ୍ଷ୍ମଣନାଥରୁ ବାଲେଶ୍ୱର ପର୍ଯ୍ୟନ୍ତ ରେଳ ସେକ୍ସନ ସମ୍ପୂର୍ଣ୍ଣ ଭାବେ ଓଡ଼ିଶା ରାଜ୍ୟ ମଧ୍ୟରେ ଅବସ୍ଥିତ କିନ୍ତୁ ତାହା ଏବେ ଦକ୍ଷିଣପୂର୍ବ ରେଳବାଇ ଖଡଗପୁର ଡିଭିଜନର ପ୍ରଶାସନିକ ନିୟନ୍ତ୍ରଣରେ ରହିଛି। ବାଲେଶ୍ୱର ବାସୀଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି ଏହାକୁ ଇଷ୍ଟକୋଷ୍ଟ ରେଲୱେରେ ମିଶାଯାଉ ବୋଲି ଦାବି କରାଯାଇଛି। ଏହାଛଡା ରେଳ ବିଭାଗର ପୂର୍ବତଟ ରେଳପଥ(ଓଡ଼ିଶାର) ଖୋର୍ଦ୍ଧା ରୋଡ ଡିଭିଜନରୁ ଦକ୍ଷିଣତଟ ରେଳପଥ (ଆନ୍ଧ୍ର ପ୍ରଦେଶ) ର ବିଶାଖାପାଟଣା ଡିଭିଜନକୁ ପଲାସା-ଇଛାପୁରମ ସେକ୍ସନକୁ ସ୍ଥାନାନ୍ତର କରାଯିବାକୁ ନିଷ୍ପତି ହୋଇଛି। ଏହି ଆଧାରରେ ଉତ୍ତମ ପ୍ରଶାସନ ସ୍ୱାର୍ଥ ପାଇଁ ବାଲେଶ୍ୱର ମଧ୍ୟରେ ଥିବା ଓଡ଼ିଶାର ରେଳ ଅଞ୍ଚଳକୁ ମଧ୍ୟ ଭୁବନେଶ୍ୱର ମୁଖ୍ୟାଳୟ ସହିତ ପୂର୍ବତଟ ରେଳପଥ ଅଧିନକୁ ଅଣାଯିବା ଉଚିତ ବୋଲି କୁହାଯାଇଛି। ଏହାଦ୍ୱାରା ଓଡ଼ିଶା ରାଜ୍ୟ ମଧ୍ୟରେ ରେଳ ଚଳାଚଳର ଉତମ ସମନ୍ୱୟ ଏବଂ ପ୍ରଭାବଶାଳୀ ପରିଚାଳନା ହେବା ସହ ଯାତ୍ରୀ ସୁବିଧା ସମସ୍ୟା ସାଙ୍ଗକୁ ଭିତ୍ତିଭୂମି ବିକାଶ, ସୁରକ୍ଷା କାର୍ଯ୍ୟ ଏବଂ ଅନ୍ୟାନ୍ୟ ସ୍ଥାନୀୟ ଆବଶ୍ୟକତାର ସମାଧାନ ହୋଇପାରିବ। ଏହାଛଡା ଓଡ଼ିଶାରେ ସେବା ଯୋଗାଇ ଦେଉଥିବା ପୂର୍ବତଟ ରେଳପଥର ଅନ୍ୟ ବିଭାଗ ଗୁଡିକ ସହିତ ସମାନ ନୀତି କାର୍ଯ୍ୟକାରିତା ଏବଂ ସମନ୍ୱୟ ସୁଗମ ହୋଇପାରିବ। ଏହାବ୍ୟତିତ ବାଲେଶ୍ୱର ଏବଂ ସଂଲଗ୍ନ ଅଞ୍ଚଳ ଗୁଡିକରେ ବିକାଶ ଉପରେ ଧ୍ୟାନ ଦିଆଯାଇ ପାରିବ ବୋଲି ବିଜେଡି ପକ୍ଷରୁ କୁହାଯାଇଛି। ଏହି ଅବସରରେ ଏକ ଦାବିପତ୍ର ଜିଲ୍ଲା ପ୍ରଶାସନ ଦ୍ୱାରା ରେଳମନ୍ତ୍ରୀ ଅଶ୍ୱନୀ ବୈଷ୍ଣବଙ୍କୁ ପ୍ରଦାନ କରାଯାଇଛି। ଏହି ସାମ୍ବାଦିକ ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ଭୋଗରାଇ ବିଧାୟକ ଗୌତମବୁଦ୍ଧ ଦାସ, ସୋର ବିଧାୟକ ମାଧବ ଧଡା, ଜିଲ୍ଲାପରିଷଦ ଅଧ୍ୟକ୍ଷ ନାରାୟଣଚନ୍ଦ୍ର ପ୍ରଧାନ, ସାଂସଦ ପ୍ରାର୍ଥିନୀ ଡ ଲେଖାଶ୍ରୀ ସାମନ୍ତ ସିଂହାର, ପୂର୍ବତନ ସଦର ବିଧାୟକ ସ୍ୱରୂପ କୁମାର ଦାସ, ଜୀବନ ପ୍ରଦୀପ କୁମାର ଦାଶ, ସୁକାନ୍ତ ନାୟକ, ସୁଧାଂଶୁ ଶେଖର ପରିଡ଼ା, ବିଜେଡି କାର୍ଯ୍ୟକର୍ତ୍ତା ବରାଦା ପଟ୍ଟନାୟକ, ରଞ୍ଜନ କୁମାର ବାଗ ପ୍ରମୁଖ ଉପସ୍ଥିତ ଥିଲେ।

## ରେମୁଣା ଖୁସାଲିଗଞ୍ଜ ରାସ୍ତା ଜଳାର୍ଣ୍ଣବ

ରେମୁଣା, ୯।୪ (ସମିସ): ରେମୁଣା ବଜାର ତଥା ଆଖପାଖ ବଜାରର ଡ୍ରେନେଜ ବ୍ୟବସ୍ଥା ନଥିବାରୁ ବହୁ ଲୋକଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଫକୀର ମୋହନ ୟୁନିଭରସିଟି ଓ ମେଡିକାଲ କଲେଜ ହେବା ଠାରୁ ବିଭିନ୍ନ ଜିଲ୍ଲାରୁ ଲୋକେ ଆସି ଏଠାରେ ଜାଗା କିଣି ବସବାସ କରୁଛନ୍ତି। କିନ୍ତୁ ଭଲ ରାସ୍ତା ଓ ଡ୍ରେନେଜର ବ୍ୟବସ୍ଥା ନଥିବାରୁ ଅଳ୍ପ ବର୍ଷା ହେଲେ ବର୍ଷା ପାଣି ନିଷ୍କାସନ ହୋଇ ନ ପାରି ରାସ୍ତା ଉପରେ ଦୂଷିତ ପାଣି ଜମୁଛି। ରେମୁଣା ତାରିଣୀ ଛକରୁ ଖୁସାଲିଗଞ୍ଜକୁ ଲମ୍ବିଥିବା ରାସ୍ତା ଶୋଚନୀୟ ହୋଇପଡ଼ିଛି ଏବଂ ସାଧାରଣଲୋକ ଯିବା ଆସିବା ପାଇଁ ହନ୍ତସନ୍ତ ହେଉଛନ୍ତି। ଆଜି ସକାଳେ ଗ୍ରାମବାସୀ ବାଉଁଶ ବାନ୍ଧି ରାସ୍ତା ଅବରୋଧ କରିଥିଲେ ଏବଂ ବୁଝା ସୁଝା ପରେ ରାସ୍ତା ଖୋଲିଥିଲେ।



● ଗ୍ୟାସ୍ କଳାବଜାର

## ଜବତ ହେଲାଣି ୧୯୮ ଗ୍ୟାସ୍ ଟାଙ୍କି

ବାଲେଶ୍ୱର, ୯ ।୪(ସମିସ): ଗ୍ୟାସ୍ ସିଲିଣ୍ଡର କଳାବଜାର ନେଇ ବିଭିନ୍ନ ସ୍ଥାନରୁ ଅଭିଯୋଗ ହେବା ପରେ ଜିଲ୍ଲା ଯୋଗାଣ ବିଭାଗ ପକ୍ଷରୁ ଜିଲ୍ଲାର ବିଭିନ୍ନ ସ୍ଥାନରେ ଚଢ଼ଉ କରି ବର୍ତ୍ତମାନ ସୁଦ୍ଧା ୧୯୮ଟି ଟାଙ୍କି ଜବତ କରିଥିବା ବେଳେ ୨୬ଜଣଙ୍କ ନାମରେ ମାମଲା ମଧ୍ୟ ରୁଜୁ କରାଯାଇଛି। ଜିଲ୍ଲା ଯୋଗାଣ ବିଭାଗ ପକ୍ଷରୁ ମିଳିଥିବା ସୂଚନା ଅନୁସାରେ, ଗତ ମାସ ୧୨ତାରିଖ ଠାରୁ ଚଳିତ ମାସ ୮ ତାରିଖ ପର୍ଯ୍ୟନ୍ତ ଜିଲ୍ଲାର ବିଭିନ୍ନ ସ୍ଥାନରେ ଚଢ଼ାଉ କରାଯାଇଥିଲା। ଏହି ଚଢ଼ାଉ ବେଳେ ବାହାନଗା ବ୍ଲକରୁ ୧୦ଟି ଟାଙ୍କି ଜବତ କରାଯାଇଥିବା ବେଳେ ବାଲେଶ୍ୱର ପୌରପରିଷଦରୁ ୨ଟି, ବାଲିଆପାଳରୁ ୧୧ଟି, ଭୋଗରାଇରୁ ୩୭ଟି, ଖଇରାରୁ ୯ଟି, ନୀଳଗିରିରୁ ୨୪ଟି, ରେମୁଣାରୁ ୬ଟି, ବାଲେଶ୍ୱର ସଦର ବ୍ଲକରୁ ୨୦ଟି, ସୋରରୁ ସର୍ବାଧିକ ୪୮ଟି, ସିମୁଳିଆରୁ ୨୬ଟି ଏବଂ ଔପଦାରୁ ୫ଟି ଟାଙ୍କି ବଜତ କରାଯାଇଛି। ଏହାକୁ ମିଶାଇ ମୋଟ ୧୯୮ଟି ଟାଙ୍କି ଜବତ ହୋଇଛି।

## ୪ ନାବାଳକ ସହ ୧୩ ଦାଦନ ଶ୍ରମିକ ଉଦ୍ଧାର

ବାଲେଶ୍ୱର, ୯ ।୪(ସମିସ): ଜଣେ ଦଲାଲଙ୍କ ମାଧ୍ୟମରେ ବାଲେଶ୍ୱରରୁ ଦାଦନ ଶ୍ରମିକ ଏକ ବସ ଯୋଗେ ଆନ୍ଧ୍ରର ବିଜୟୱାଡା ଅଭିମୁଖେ ଯାଉଥିବା ବେଳେ ଗ୍ରାମବାସୀ ମାଡିବସିଛନ୍ତି। ଗ୍ରାମବାସୀ ବସ୍‌କୁ ଅଟକାଇ ସେଥିରେ କିଛି ଶ୍ରମିକ ଥିବା ଦେଖିବାକୁ ପାଇ ସଦର ଥାନାକୁ ଖବର ଦେଇଥିଲେ। ଘଟଣା ସ୍ଥଳରେ ସଦର ପୁଲିସ ପହଁଚି ବସଟିକୁ ଜବତ କରିବା ସହ ସେଠାରୁ ୧୩ଜଣ ଶ୍ରମିକଙ୍କୁ ଉଦ୍ଧାର କରିବା ଦଲାଲକୁ ଅଟକ ରଖିଛି। ଘଟଣା ସ୍ଥଳରେ ଜିଲ୍ଲା ଶ୍ରମ ଅଧିକାରୀଙ୍କ ନିର୍ଦ୍ଦେଶରେ ସହକାରୀ ଶ୍ରମ ଅଧିକାରୀ ତୁଷାର କୁମାର ଜେନା ଏବଂ ବାସୁଦେବ ପଣ୍ଡା ସଦର ଥାନାରେ ପହଁଚି ତଦନ୍ତ କରୁଛନ୍ତି। ଏବଂ ଉଦ୍ଧାର ଶିଶୁ ଶ୍ରମିକଙ୍କୁ ସିଡବ୍ଲ୍ୟୁସିକୁ ହସ୍ତାନ୍ତର କରାଯିବ ବୋଲି ସହକାରୀ ଶ୍ରମ ଅଧିକାରୀ ଶ୍ରୀ ଜେନା ସୂଚନା ଦେଇଛନ୍ତି। ଆଜି ସକାଳେ ସଦର ଥାନା ଅର୍ନ୍ତଗତ କଶବା ଫାଣ୍ଡି ଅର୍ନ୍ତଗତ ରାସାଳପୁର ଅଞ୍ଚଳରୁ ଏକ ବସ ଆନ୍ଧ୍ରର ବିଜୟୱାଡାରେ ଏକ ଘରୋଇ ଟେଂଟ କାମ କରାଇବା ପାଇଁ କଳମଗଡ଼ିଆ ଅଞ୍ଚଳର ପ୍ରମୋଦ ଗିରି ନାମକ ଜଣେ ଦଲାଲ କିଛି ଶ୍ରମିକଙ୍କୁ ନେଇ ବାହାରିଥିଲା। ହେଲେ ଗ୍ରାମବାସୀ କୌଣସି ପ୍ରକାର ଏହି ଖବର ପାଣି ତୁରନ୍ତ ବସଟିକୁ ଅଟକାଇ ଥିଲେ। ଏଥିରେ ୧୩ଜଣ ଶ୍ରମିକ ରହିଥିବା ବେଳେ ସେଥିମଧ୍ୟରୁ ୪ଜଣ ନାବାଳକ ମଧ୍ୟ ରହିଥିବା ଦେଖିବାକୁ ପାଇଥିଲେ। ଏନେଇ ଗ୍ରାମବାସୀ ତୁରନ୍ତ ସଦର ଥାନାକୁ ଖବର ଦେଇଥିଲେ। ଖବର ପାଇ ସଦର ପୁଲିସ ତୁରନ୍ତ ଘଟଣା ସ୍ଥଳରେ ପହଁଚି ଶ୍ରମିକମାନଙ୍କୁ ଉଦ୍ଧାର କରିବା ସହ ଦଲାଲ ପ୍ରମୋଦକୁ ଅଟକ ରଖିଥିଲା। ଏହାସହ ଜିଲ୍ଲା ଶ୍ରମ ବିଭାଗକୁ ମଧ୍ୟ ଖବର ଦିଆଯାଇଥିଲା। ଦୁଇଜଣ ସହକାରୀ ଶ୍ରମ ଅଧିକାରୀ ଥାନାରେ ପହଁଚି ତଦନ୍ତ କରିଛନ୍ତି। ତେବେ ପ୍ରମୋଦ ଆନ୍ଧ୍ରର ବିଜୟୱାଡାରେ ଶ୍ରମିକଙ୍କୁ ୧୦ରୁ୧୧ହଜାର ଟଙ୍କା ଦରମାରେ କାମ କରେଇବାକୁ କହି ନେଇଥିଲା। ଆଜି ସେ ପାଖାପାଖି ୩୦ଜଣ ଶ୍ରମିକଙ୍କୁ ନେଇଥାଆନ୍ତା। ହେଲେ ପ୍ରଥମ ପର୍ଯ୍ୟାୟରେ ଗ୍ରାମବାସୀ ସେମାନଙ୍କୁ କାବୁ କରିବାରୁ ଆଉ ଅନ୍ୟମାନେ ବସରେ ଚଢ଼ିନଥିଲେ। ଉଦ୍ଧାର ହୋଇଥିବା ଶ୍ରମିକଙ୍କୁ ପ୍ରାଥମିକ ତଦନ୍ତ ପରେ ସେଥିରେ ଥିବା ୪ଜଣ ନାବାଳକଙ୍କୁ ସିଡବ୍ଲ୍ୟୁସିକୁ ପୁଲିସ ସହାୟତାରେ ହସ୍ତାନ୍ତର କରାଯିବ ବୋଲି ସହକାରୀ ଶ୍ରମଅଧିକାରୀ ଶ୍ରୀ ଜେନା କହିଛନ୍ତି ଏବଂ ଦଲାଲଙ୍କ ନାମରେ ମାମଲା ରୁଜୁ ହେବ ବୋଲି ମଧ୍ୟ କହିଛନ୍ତି।

**ଦଲାଲ ଅଟକ, ବସ୍ ଜବତ**

## ରେଳପଥ ଜୋନ ସ୍ଥାନାନ୍ତର ନିଷ୍ପତ୍ତିକୁ ବିରୋଧ



ବାଲେଶ୍ୱର, ୯ ।୪(ସମିସ): ସିପିଆଇଏମ ଜିଲ୍ଲା କାର୍ଯ୍ୟାଳୟରେ ବରିଷ୍ଠ ବାମପନ୍ଥୀ ନେତା ନିର୍ମଳ ନାୟକଙ୍କ ଅଧ୍ୟକ୍ଷତାରେ ବିଜେଡି, କଂଗ୍ରେସ, ସିପିଆଇ ଏବଂ ଫରୱାର୍ଡ଼ ବ୍ଲକର ଜିଲ୍ଲା ନେତୃତ୍ୱମାନଙ୍କର ଆଜି ଏକ ମିଳିତ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ବିଶେଷ କରି ପଲାସା-ଇଛାପୁରମ ରେଳ ବିଭାଗ ସେକ୍ସନକୁ ପୂର୍ବତଟ ରେଳପଥ ଜୋନରୁ ଦକ୍ଷିଣ ଉପକୂଳ ରେଳପଥ ଜୋନକୁ ସ୍ଥାନାନ୍ତର କରିବା ପାଇଁ ଭାରତ ସରକାର ଯେଉଁ ନିଷ୍ପତ୍ତି କରିଛନ୍ତି ଏହାକୁ ତୀବ୍ର ବିରୋଧ କରାଯିବା ସହ ଏହା ରାଜ୍ୟବାସୀଙ୍କ ସ୍ୱାର୍ଥ ବିରୋଧୀ ବୋଲି ଏହି ବୈଠକରେ କୁହାଯାଇଛି। ଏହା ସହିତ ଦକ୍ଷିଣ ପୂର୍ବ ରେଳପଥ ଏବଂ ଦକ୍ଷିଣ ପୂର୍ବ କେନ୍ଦ୍ରୀୟ ରେଳପଥ ସହ ସୁନ୍ଦରଗଡ଼, ବାଲେଶ୍ୱର, ମୟୂରଭଞ୍ଜ, କେନ୍ଦୁଝର ଓ ଝାରସୁଗୁଡା ଜିଲ୍ଲାର ରେଳ ସେକ୍ସନ ଗୁଡିକୁ ତୁରନ୍ତ ପୂର୍ବତଟ ରେଳ ଜୋନରେ ଅନ୍ତର୍ଭୁକ୍ତ କରିବା ପାଇଁ ବୈଠକରେ ମଧ୍ୟ ଦାବି କରାଯାଇଛି। ଏହା ସହ ମୟୂରଭଞ୍ଜ, ବାଲେଶ୍ୱର, ଭଦ୍ରକ, ଯାଜପୁର ଏବଂ କେନ୍ଦୁଝର ରେଳ ସେକ୍ସନକୁ ନେଇ ଏକ ରେଳ ଡିଭିଜନ ପ୍ରତିଷ୍ଠା କରିବାକୁ ମଧ୍ୟ ଏହି ବୈଠକରେ ଦାବି କରାଯାଇଛି। ଏହା ବ୍ୟତିତ କରୋନା ପୂର୍ବରୁ ଯେଉଁ ପେସେଞ୍ଜର ଟ୍ରେନ ଗୁଡିକ ଚାଲୁଥିଲା ସେଗୁଡିକ କରୋନା ସମୟ ଠାରୁ ଏକ୍ସପ୍ରେସ ଟ୍ରେନ ଭାବେ ଚାଲିବା ଏବଂ ସମସ୍ତ ଷ୍ଟେସନରେ ରହିବା ନିତ୍ୟରେଳ ଯାତ୍ରୀମାନଙ୍କ ଉପରେ ଏକ ଅର୍ଥନୈତିକ ବୋଝ କେନ୍ଦ୍ର ସରକାର ଲଦି ଦେଇଛନ୍ତି। ଏଣୁ ଏହି ବାଘାଯତୀନ (ଭଦ୍ରଖ ହାୱଡା), ଯାଜପୁର ଖଡ଼ଗପୁର, ଖଡ଼ଗପୁର ଖୋର୍ଦ୍ଧା ରୋଡ ଏକ୍ସପ୍ରେସ ଟ୍ରେନ ଗୁଡିକୁ ପୁନଃ ପେସେଞ୍ଜର ଟ୍ରେନର ମାନ୍ୟତା ଦେଇ ଜନସାଧାରଣଙ୍କୁ ଅର୍ଥନୈତିକ ବୋଝରୁ ମୁକ୍ତ କରିବାକୁ ମଧ୍ୟ ଦାବି କରାଯାଇଛି। ସେହିଭଳି ଅନେକ ରେଳ ପଥର ସମ୍ପ୍ରସାରଣ ପାଇଁ ଦୀର୍ଘଦିନର ଦାବି ପ୍ରତି କେନ୍ଦ୍ର ସରକାର କର୍ଣ୍ଣପାତ କରୁନାହାନ୍ତି। ଏଣୁ ଜଳେଶ୍ୱର ଦିଘା ରେଳପଥ ତୁରନ୍ତ ଆରମ୍ଭ କରିବା ସହିତ ବୁଢ଼ାମରାରୁ ଚକୁଳିଆ, ନୀଳଗିରି ବେତନଟୀ, ବାଲେଶ୍ୱର କେନ୍ଦୁଝର ଭାୟା ନୀଳଗିରି, ଉଦଳା ଏବଂ କରଞ୍ଜିଆ ରେଳ ଲାଇନ ସମ୍ପ୍ରସାରଣ କରିବାକୁ ଏଠାରେ ଦାବି ମଧ୍ୟ କରାଯାଇଛି। ସେହିଭଳି ନୀଳଗିରି ବାଲେଶ୍ୱର ମେମୋକୁ ପୁରୀ ପର୍ଯ୍ୟନ୍ତ ଚଳାଇବାକୁ ଆଜିର ବୈଠକରେ ଦାବି କରିବା ସହିତ ଡବଲ ଇଂଜିନ ସରକାର ରାଜ୍ୟ ଓ ଜିଲ୍ଲା ପ୍ରତି କରୁଥିବା ବୈମାତୃକ ମନୋଭାବର ତୀବ୍ର ନିନ୍ଦା କରାଯାଇଥିଲା। ଏହି ବୈଠକରେ ଅନ୍ୟମାନଙ୍କ ମଧ୍ୟରେ କଂଗ୍ରେସ ଦଳର ନେତା ତୁଷାରକାନ୍ତି ତପସ୍ୱୀ, ସିପିଆଇ ଜିଲ୍ଲା ସମ୍ପାଦକ ଭାଗବତ ପ୍ରତିହାରୀ, ସିପିଆଇଏମ ଜିଲ୍ଲା ସମ୍ପାଦକ ଶିଶିର ହୁଇ, ସୀତାଂଶୁ ସେନାପତି, ପ୍ରେମ ରଞ୍ଜନ ପାତ୍ର, ଦୀପ୍ତିମାନ ଆଚାର୍ଯ୍ୟ, ଫରୱାର୍ଡ଼ ବ୍ଲକ ଜିଲ୍ଲା ନେତା ଲକ୍ଷ୍ମୀଧର ଗିରି ପ୍ରମୁଖଙ୍କ ସହ ଅନ୍ୟମାନେ ଉପସ୍ଥିତ ଥିଲେ। ଏହାଛଡା ଚଳିତ ମାସ ଶେଷକୁ ବାଲେଶ୍ୱର ଠାରେ ଏହି ପ୍ରସଙ୍ଗକୁ ନେଇ ଏକ ଗଣ କନଭେସନ ସଂଗଠିତ କରାଯିବ ବୋଲି ବୈଠକରେ ଘୋଷଣା କରାଯାଇଛି।

## ୧୫୦ ଗ୍ରାମ୍ ବ୍ରାଉନସୁଗର ଜବତ, ଦୁଇ ଗିରଫ

ବାଲେଶ୍ୱର, ୯ ।୪(ସମିସ): ଭ୍ରାମ୍ୟମାଣ ଅବକାରୀ ବିଭାଗ ପକ୍ଷରୁ ଆଜି ସକାଳେ ସଦର ଥାନା ନିକଟସ୍ଥ କୁରୁଡା ଫ୍ଲାଏ ଓଭରବ୍ରିଜ ଏବଂ ଶେରଗଡ଼ ଟୋଲ ଗେଟ ଠାରେ ଚଢ଼ାଉ କରାଯାଇ ୧୫୦ ଗ୍ରାମର ବ୍ରାଉନସୁଗାର ଜବତ କରାଯିବା ସହ ଦୁଇଜଣ ବେପାରୀକୁ ଗିରଫ କରାଯାଇଛି। ଗିରଫ ହୋଇଥିବା ବେପାରୀମାନେ ହେଲେ ଖନ୍ତାପଡ଼ା ଥାନା ଅର୍ନ୍ତଗତ ସେରଗଡ଼ ଅଞ୍ଚଳର ଶଶଧର ରାଉତ(୫୨) ଏବଂ ଖନ୍ତାପଡ଼ା ଅଞ୍ଚଳର ଶିବୁ ମଲ୍ଲିକ (୨୫)। ଜବତ ହୋଇଥିବା ବ୍ରାଉନସୁଗରର ମୂଲ୍ୟ ୧୫ଲକ୍ଷ ଟଙ୍କା ହେବ ବୋଲି ଅବକାରୀ ବିଭାଗ ପକ୍ଷରୁ କୁହାଯାଇଛି। ଅବକାରୀ ବିଭାଗର ଦୁଇଟି ଟିମରୁ ଗୋଟିଏ ଟିମ ଶେରଗଡ଼ ଟୁଲ ଗେଟ ନିକଟରେ ଚଢ଼ଉ କରିଥିବା ବେଳେ ଅନ୍ୟ ଏକ ଟିମଟି କୁରୁଡା ଫ୍ଲାଏ ଓଭର ବ୍ରିଜ ନିକଟରେ ଚଢ଼ଉ କରିଥିଲା। ଚଢ଼ଉ ବେଳେ ସେରଗଡ଼ ଟୁଲ ଗେଟ ନିକଟରୁ ଶଶଧରକୁ ଅବକାରୀ ବିଭାଗ ଧରି ଥିଲା। ତା ଠାରୁ ୮୦ଗ୍ରାମର ବ୍ରାଉନସୁଗାର ଜବତ କରିଥିଲା। ଯାହାର ମୂଲ୍ୟ ୮ଲକ୍ଷ ଟଙ୍କା ହେବ। ସେହିପରି କୁରୁଡା ଠାରେ ଶିବୁକୁ ଅବକାରୀ ବିଭାଗ କାବୁ କରିଥିଲା। ତା ଠାରୁ ୭୦ଗ୍ରାମର ବ୍ରାଉନସୁଗାର ଜବତ କରିବା ସହ ବାଇକ ଜବତ କରାଯାଇଛି। ତା ଠାରୁ ଜବତ ହୋଇଥିବା ବ୍ରାଉନସୁଗରର ମୂଲ୍ୟ ୭ଲକ୍ଷ ଟଙ୍କା ହେବ ବୋଲି କୁହାଯାଇଛି। ଏନେଇ ଦୁଇଟି ମାମଲା ରୁଜୁ କରାଯାଇ ସେମାନଙ୍କୁ କୋର୍ଟ ଚାଲାଣ କରାଯାଇଛି। ଏହି ଚଢ଼ଉରେ ଡିଏସଇ ସ୍ୱପ୍ନାରାଣୀ ସାହୁ, ମୋବାଇଲ ଅବକାରୀ ଅଧିକାରୀ ହରିହର ସିଂ, ସବ ଇନ୍ସପେକ୍ଟର ଭବେଶ ଦାସ, ଏଏସଆଇ ଲମ୍ବୋଦର ମହାନ୍ତ, ଅନିକ ସାଠୁଆ ସାମିଲ ଥିଲେ।

## ଜିଲ୍ଲାସ୍ତରୀୟ କଳା ସଂସ୍କୃତି ପ୍ରତିଯୋଗିତା

ନୀଳଗିରି, ୯।୪ (ସମିସ): ବାଲେଶ୍ୱର ଜିଲ୍ଲା ନୀଳଗିରି ବ୍ଲକ ଅନ୍ତର୍ଗତ ବାଲି ଚୁଆ ପ୍ରାଥମିକ ବିଦ୍ୟାଳୟ ପରିସରରେ କଳାକ୍ଷେତ୍ର ଓଡ଼ିଶା ପକ୍ଷରୁ ଜିଲ୍ଲା ସ୍ତରୀୟ କଳା, ସଂସ୍କୃତି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିବା ଜଣାଯାଇଛି। ରାଜ୍ୟର ପାରମ୍ପରିକ କଳା, ସଂସ୍କୃତିର ପ୍ରଚାର, ପ୍ରସାର ଓ ବିକାଶ ନିମନ୍ତେ କାର୍ଯ୍ୟ କରୁଥିବା ରାଜ୍ୟର ଅଗ୍ରଣୀ ଅନୁଷ୍ଠାନ କଳାକ୍ଷେତ୍ର ପକ୍ଷରୁ ୩୦ଟି ଜିଲ୍ଲାରେ ମହିଳା ଓ ଶିଶୁ ମାନଙ୍କୁ ନେଇ ବିଭିନ୍ନ ପ୍ରତିଯୋଗିତା ହୋଇଥିବା ବେଳେ ଗୁରୁବାର ସକାଳରୁ ସନ୍ଧ୍ୟା ପର୍ଯ୍ୟନ୍ତ ଜିଲ୍ଲାସ୍ତରୀୟ କାର୍ଯ୍ୟକ୍ରମ ବାଲି ଚୁଆ ପ୍ରାଥମିକ ବିଦ୍ୟାଳୟ ପରିସରରେ କରାଯାଇଥିଲା। କଳାକ୍ଷେତ୍ର ଅନୁଷ୍ଠାନର ବାଲେଶ୍ୱର ଜିଲ୍ଲା ସଂଯୋଜକ ବିକ୍ରମ ବାରିକଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ୫ଟି ବ୍ଲକରୁ ଯୋଗଦେଇଥିବା ମହିଳା ଓ ବାଳିକାମାନେ ଝୋଟି, ଓଡ଼ିଆ ବୋହୁ, ହୁଳହୁଳି, ପୁଚି ଓ ପିଠା ପ୍ରତିଯୋଗିତାରେ ଭାଗନେଇଥିବା ବେଳେ ବାଳକମାନେ କବାଡି ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ। ପୂର୍ବତନ ପ୍ରଧାନ ଶିକ୍ଷକ ସନିଆ ସିଂ ବାଙ୍କୀ ସାହି ପ୍ରାଥମିକ ବିଦ୍ୟାଳୟ ମୁଖ୍ୟଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମକୁ ଶୁଭାରମ୍ଭ କରିଥିଲେ। ସୁଜାତା ସିଂ, ନବୀନ ସିଂ, ବର୍ଷାରାଣୀ ସିଂ, ସୁବ୍ରତ ନାୟକ, ଆଶିଷ ପାଣିଗ୍ରାହୀ, ଶୁଭଲକ୍ଷ୍ମୀ ପରିଡ଼ା, ଅଭିଜିତ ବେହେରା, ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାରେ ବିଚାରକ ଭାବେ କାର୍ଯ୍ୟ କରିଥିଲେ ଓ ଜିଲ୍ଲା କଳାକ୍ଷେତ୍ର ସହ ସଂଯୋଜଗ ଲକ୍ଷ୍ମୀଧର ସିଂ କୃତି ପ୍ରତିଯୋଗୀମାନଙ୍କୁ ନେଇ ଆସନ୍ତା ୧୨ ତାରିଖରେ ଭୁବନେଶ୍ୱରଠାରେ ଅନୁଷ୍ଠିତ ରାଜ୍ୟ ସ୍ତରୀୟ ପ୍ରତିଯୋଗିତାରେ ଭାଗନେ ବୋଲି ଅନୁଷ୍ଠାନ ପକ୍ଷରୁ ପ୍ରକାଶ ପାଇଥିବା ବେଳେ ବାଲି ଚୁଆ ଗ୍ରାମବାସୀଏହି କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

# ପାନୀୟ ଜଳ ପାଇଁ ଡହକବିକଳ ତୋଟାପଡ଼ା ଗ୍ରାମବାସୀ

ଜଳେଶ୍ୱର, ୯।୪ (ସମିସ): ଗ୍ରୀଷ୍ମ ପ୍ରବାହ ବଢ଼ିବାରେ ଲାଗିଛି। ଜଳକ୍ଲଷ୍ଟ ଆରମ୍ଭ ହୋଇଗଲାଣି। ବୁନ୍ଦାଏ ପାନୀୟ ଜଳ ପାଇଁ ଡହଳ ବିକଳ ହେଉଛନ୍ତି ଗ୍ରାମବାସୀ। ତୁରନ୍ତ ପାନୀୟ ଜଳ ଯୋଗାଇ ଦେବାର ଦାବୀ କରି ଗ୍ରାମର ସ୍ୱୟଂ ସହାୟିକା ଗୋଷ୍ଠୀର ସଭ୍ୟାବୃନ୍ଦ ଓ ଗ୍ରାମବାସୀଙ୍କ ତରଫରୁ ଜଳେଶ୍ୱର ଗୋଷ୍ଠୀ ଉନ୍ନୟନ ଅଧିକାରୀ ଓ ପାନୀୟ ଜଳ ଯୋଗାଣ ବିଭାଗର ଏସଡିଓଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି। ସମସ୍ୟାଟି ଘଟିଛି ଜଳେଶ୍ୱର ବ୍ଲକ ଖୁଦିଆମାଝୀସାହି ଗ୍ରାମ ପଞ୍ଚାୟତର ତୋଟାପଡ଼ା ରାଜସ୍ୱ ଗ୍ରାମରେ। ଉକ୍ତ ଗ୍ରାମରେ ୧୮୦ରୁ ଉର୍ଦ୍ଧ୍ୱ ପରିବାରରେ ହଜାରେରୁ ଉର୍ଦ୍ଧ୍ୱ ଲୋକ ବସବାସ କରୁଛନ୍ତି। ଉକ୍ତ ଗ୍ରାମରେ ପାନୀୟ ଜଳର ଭୀଷଣ ଅଭାବ ଯୋଗୁଁ ତା'ର ସୁବ୍ୟବସ୍ଥା ପାଇଁ ସରକାରଙ୍କ ତରଫରୁ ୫୦ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କାର ଏକ ପାନୀୟ ଜଳ ଯୋଗାଣ ବସୁଧା ପ୍ରକଳ୍ପ ୨୦୨୧-୨୨ ମସିହାରେ ଗୃହୀତ ହୋଇଥିଲା। ଉକ୍ତ ପ୍ରକଳ୍ପଟିର ନିର୍ମାଣ କାର୍ଯ୍ୟ ୨୦୨୨-୨୩ ମସିହାରେ ସମ୍ପୂର୍ଣ୍ଣ ହୋଇଥିଲା। ଗତବର୍ଷ ଉକ୍ତ ପ୍ରକଳ୍ପକୁ ବିଦ୍ୟୁତିକରଣ ମଧ୍ୟ ହୋଇସାରିଛି। ସୁଇଚ ଟିପିଲେ ପାଣି ବାହାରିବ ମାତ୍ର ଆଜିଯାଏ ଉକ୍ତ ପ୍ରକଳ୍ପରୁ ଗ୍ରାମ ବାସୀଙ୍କୁ ଟୋପାଏ ପାଣି ମିଳିପାରିଲା ନାହିଁ। ପାନୀୟ ଜଳ ଅଭାବରେ ଦୂଷିତ ଜଳ ପିଇ ବିଭିନ୍ନ ପେଟ ରୋଗ ଓ ଅନ୍ୟାନ୍ୟ ରୋଗରେ ଆକ୍ରାନ୍ତ ହୋଇ ବହୁ ଲୋକ ମୃତ୍ୟୁବରଣ କଲେଣି ବୋଲି ଗ୍ରାମବାସୀ କହୁଥିବା ବେଳେ ଆଜିଯାଏ ପ୍ରକଳ୍ପ ଚାଲୁ ହୋଇପାରୁନାହିଁ। ଏ ବିଷୟରେ ସରପଞ୍ଚଙ୍କ କହିବାନୁଯାୟୀ ଗ୍ରାମର କିଛି ଲୋକ ଉକ୍ତ ପ୍ରକଳ୍ପକୁ ଚାଲୁ କରିବାକୁ ଦେଉନାହାନ୍ତି। ନିର୍ମାଣ ହୋଇଥିବା ପ୍ରକଳ୍ପଟିର ଜାଗାକୁ କିଛି ବ୍ୟକ୍ତି ବିଶେଷ ନିଜସ୍ୱ ଜାଗା ବୋଲି ଦାବି କରୁଥିବା ବେଳେ ସରକାରଙ୍କ ପକ୍ଷରୁ କୌଣସି ସମାଧାନ କରାଯାଉ ନ ଥିବାରୁ ପ୍ରକଳ୍ପ ଚାଲୁ ହୋଇପାରୁନାହିଁ। ସେହିପରି ଠିକାଦାରଙ୍କ କହିବାନୁଯାୟୀ ପ୍ରକଳ୍ପ ଆରମ୍ଭ ସମୟରେ ବା ପାଣି ଟାଙ୍କି ନିର୍ମାଣ କାର୍ଯ୍ୟ ଆରମ୍ଭ ବା ଶେଷ ପର୍ଯ୍ୟନ୍ତ ଗ୍ରାମବାସୀ କେହି ବିରୋଧ କରୁ ନଥିବା ବେଳେ କାର୍ଯ୍ୟ ସମ୍ପୂର୍ଣ୍ଣ ପରେ ପ୍ରକଳ୍ପ ଚାଲୁ କରିବାକୁ ବିରୋଧ କରି ଆଜିଯାଏ ଗ୍ରାମବାସୀଙ୍କୁ ପାନୀୟ ଜଳ ଯୋଗାଇବାରେ ବାଧା ସାଜିଛନ୍ତି। ତେଣୁ ଏହାର ତୁରନ୍ତ ସମାଧାନ ପାଇଁ ଗ୍ରାମର ସ୍ୱୟଂ ସହାୟିକା ଗୋଷ୍ଠୀର ସଭ୍ୟାବୃନ୍ଦ ଓ ଗ୍ରାମବାସୀଙ୍କ ତରଫରୁ ଆଜି ଦାବିପତ୍ର ପ୍ରଦାନ କରାଯାଇଛି। ଉକ୍ତ ସମସ୍ୟାର ସମାଧାନ ନ ହେଲେ ଗ୍ରାମବାସୀ ଓ ମହିଳା ସଦସ୍ୟା ମାନେ ଆନ୍ଦୋଳନକୁ ଓହ୍ଲାଇବେ ବୋଲି ଚେତାବନୀ ଦେଇଛନ୍ତି। ଏହି ଦାବିପତ୍ର ପ୍ରଦାନ ସମୟରେ ଗ୍ରାମ ସ୍ୱୟଂ ସହାୟିକା ଗୋଷ୍ଠୀର ସଭ୍ୟା ସୁଭଲକ୍ଷ୍ମୀ ସାହୁ, ସୁଜାତା ପାଲ, ମଞ୍ଜୁବାଳା ସାହୁ, ଝରଣା ବେହେରା, ମାନସୀ ସାହୁ, କନିକା ରାଣୀ ସାହୁ, ଅଞ୍ଜନା କଟୁଆଳ, ମାମନୀ ମିଶ୍ର, ସରସ୍ୱତୀ ଦଣ୍ଡପାଟ, କଳ୍ପନା ପ୍ରମାଣିକ, ଝିନୁରାଣୀ ପାଲ, ପ୍ରତିମା ବେହେରା, ଝିଲି ଯାଦବ, କଲ୍ୟାଣୀ ଘୋଷ, ମୌନାବତୀ ପାଲ, ମୀନତୀ ବେହେରା, ସନ୍ଧ୍ୟାରାଣୀ ପ୍ରଜାପତି, ପ୍ରତିମା ବେହେରାଙ୍କ ସହିତ ବହୁ ମହିଳା ସଦସ୍ୟା ଓ ଗ୍ରାମବାସୀ ଉପସ୍ଥିତ ଥିଲେ।






# ବାଲେଶ୍ୱରରେ ଅଖିଳ ଜନ ସାହିତ୍ୟ ଉତ୍ସବ




ବାଲେଶ୍ୱର, ୯।୪(ସମିସ): ସ୍ଥାନୀୟ ଷ୍ଟେସନ କ୍ଲବ୍ ଠାରେ 'ଅଖିଳ ସାମାଜିକ ସାଂସ୍କୃତିକ ଟ୍ରଷ୍ଟ' ଏବଂ 'ମୂଳନିବାସୀ ସାହିତ୍ୟ ଆଖଡା'ର ମିଳିତ ସହଯୋଗରେ ପ୍ରଥମଥର ପାଇଁ ବାଲେଶ୍ୱରରେ ଅଖିଳ ଜନ ସାହିତ୍ୟ ଉତ୍ସବ ସମ୍ପ୍ରତି ଅନୁଷ୍ଠିତ ହୋଇଯାଇଛି। ଏହି ଉତ୍ସବକୁ ଉଦଘାଟନ କରିଥିଲେ ଶିମିଳିପାଳ ଭିଟାମାଟି ଆନ୍ଦୋଳନର ନେତା ତେଲେଂଗା ହାସ। ମହାନ ଜନବାଦୀ ସାହିତ୍ୟିକ ଭଗବତୀ ପାଣିଗ୍ରାହୀଙ୍କ ତିରୋଧାନ ଓ ମହାଶ୍ୱେତା ଦେବୀଙ୍କ ଜନ୍ମ ଶତବାର୍ଷିକୀ ଅବସରରେ ଅଧ୍ୟାପକ ଗୋପବନ୍ଧୁ ସେମାନଙ୍କ ସହ ଅଖିଳ ନାୟକଙ୍କ ରଚନାରେ ପ୍ରତିରୋଧର ସଂସ୍କୃତି ଉପରେ ଆଲୋକପାତ କରିଥିଲେ। କବି ତଥା ବିଗତ ବାଲିଆପାଳ ଆନ୍ଦୋଳନର ନେତ୍ରୀ ଭବାନୀ ଭୂୟାଁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସଭାରେ ଜନବାଦୀ କଥାକାର ଓ କବି ସମୀର ରଞ୍ଜନଙ୍କୁ ଚଳିତ ବର୍ଷର 'ଅଖିଳ ସ୍ମୃତି ସମ୍ମାନ' ପ୍ରଦାନ କରାଯାଇଥିଲା। ଉତ୍ତମ ଜେନା ଅନୁଦିତ କବି ହେମନ୍ତ ଦଳପତିଙ୍କ କବିତା ସଂକଳନ 'ତୀରରେ ଲେଖିଲୁ ନାଁ ତୁମର'ର ଇଂରାଜୀ ସଂକଳନ ଏହି ଉତ୍ସବରେ ଲୋକାର୍ପିତ ହୋଇଥିଲା। ଦ୍ୱିତୀୟ ଅଧିବେଶନରେ କଥାକାର ଓ ମାନବାଧିକାର କର୍ମୀ ଦେବ ରଞ୍ଜନଙ୍କ ସଞ୍ଚାଳନାରେ ସାମ୍ପ୍ରତିକ ଫାସିବାଦ ଓ ଲେଖକୀୟ କର୍ତ୍ତବ୍ୟକୁ ନେଇ ଆୟୋଜିତ ହୋଇଥିଲା ଏକ ଆଲୋଚନାଚକ୍ର। ଏଥିରେ ବିପ୍ଳବୀ ଲେଖକ ସଂଘ, ଆନ୍ଧ୍ରପ୍ରଦେଶର ସଭାପତି ରେବେରା, ବେଲାର୍ମତି, ପ୍ରଶାନ୍ତ ହାଲଦାର ଓ ସରୋଜ ପ୍ରମୁଖ ସାହିତ୍ୟିକ ତଥା ସାମାଜିକ କର୍ମୀ ଆଲୋଚକ ଭାବେ ଯୋଗ ଦେଇ ପରିବେଶକୁ ବିଚାରୋତ୍ତେଜକ କରି ତୋଳିଥିଲେ। ଅପରାହ୍ନରେ ଓଡ଼ିଶାର ବିଭିନ୍ନ ପ୍ରାନ୍ତରୁ ଆସିଥିବା ଶତାଧିକ କବିଙ୍କ କବିତାପାଠରେ ମୁଖରିତ ହୋଇଥିଲା ଅଖିଳ ଜନ ସାହିତ୍ୟ ଉତ୍ସବ। ସମାରୋହରେ କବି ଶ୍ରୀଦେବ, ମନୁଆ ଦାଶ, ବିରଜା ବଳ, ଭାରତ ମାଝୀ, କେଦାର ମିଶ୍ର, ଶୁଭଶ୍ରୀ ଶୁଭସ୍ମିତା ମିଶ୍ର, ଗଙ୍ଗାଧର ବିଶ୍ୱାଳ, ସିତାଂଶୁ ଲେଙ୍କା, ସୁବ୍ରତ ଜେନା, କୃଷ୍ଣ କୁମାର ମହାନ୍ତି, ଉତ୍ପଳ ମହାନ୍ତି, ପ୍ରଶାନ୍ତ ଦାସ, ସାବିତ୍ରୀ କବି, ସଞ୍ଜୟ ପଣ୍ଡା, ନିବାରଣ ଜେନା, ମମତା ସାହୁ, ପ୍ରଜ୍ଞାପ୍ରଭା କହଁର, ଅଶ୍ୱିନୀ କୁମାର, ପ୍ରଶାନ୍ତ ହାଲଦାର, ଶୁଭମ୍ ସାହୁ, ମନ୍ମଥ ଦାସ, ଗୋପବନ୍ଧୁ ମହାନନ୍ଦ, ମୁକେଶ ସୁନା, ପ୍ରଦୀପ୍ତ ମହାନ୍ତି ପ୍ରମୁଖ ବହୁ ପ୍ରବୀଣ ତରୁଣ କବି ଲେଖକଙ୍କ ସମେତ ବହୁ ମାର୍କ୍ସବାଦୀ ଆମ୍ବେଦକରବାଦୀ କର୍ମୀ ଯୋଗ ଦେଇଥିଲେ। ଟ୍ରଷ୍ଟର ସମ୍ପାଦକ ତଥା କବି ଲେନିନ କୁମାର ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିବା ସହ କାର୍ଯ୍ୟକ୍ରମର ସମାପନ କରିଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ହେମନ୍ତ ଦଳପତି, ଡମ୍ବରୁ ନାୟକ ପ୍ରମୁଖ ସହଯୋଗ କରିଥିଲେ।



### କାଳ ହେଉଛି ଦୂଷିତ ପାନୀୟ ଜଳ

# ବାଉଁଶଡୋଳରେ ଝାଡ଼ାବାନ୍ତି: ଜଣେ ମୃତ, ୧୩ ଆକ୍ରାନ୍ତ





କବାଟବନ୍ଧ,୯।୪(ସମିସ):

ଧର୍ମଶାଳା ବ୍ଲକ୍ ଜେନାପୁର ଥାନା ଅଞ୍ଜିରା ପଞ୍ଚାୟତ ବାଉଁଶଡୋଳ ଗାଁରେ ଝାଡ଼ାବାନ୍ତି ବ୍ୟାପିଛି। ଏଥିରେ ଜଣଙ୍କର ମୃତ୍ୟୁ ଘଟିଛି। ଗ୍ରାମର ଅନେକ ଲୋକ ଆକ୍ରାନ୍ତ ହୋଇଥିବାବେଳେ ୧୩ଜଣ ଡାକ୍ତରଖାନାରେ ଭର୍ତ୍ତି ହୋଇଛନ୍ତି। ପ୍ରାୟ ୧୦ ମାସ ପରେ ଯାଜପୁର ଜିଲ୍ଲାର ଧର୍ମଶାଳା ବ୍ଲକ୍‌କୁ ଡାଇରିଆ ଫେରିଥିବା ଜଣାପଡ଼ିଛି। ଗତ ବର୍ଷ ଜୁନରେ ଡାଇରିଆରେ ବହୁ ଲୋକ ଆକ୍ରାନ୍ତ ହୋଇଥିଲେ। ପୁନର୍ବାର ସେହି ଅଞ୍ଚଳରେ ଝାଡ଼ାବାନ୍ତି ବ୍ୟାପିବାକୁ ନେଇ ଲୋକମାନେ ଭୟଭୀତ ହୋଇଛନ୍ତି। ଜିଲ୍ଲା ପ୍ରଶାସନ ତଥା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଗାଁରେ ସ୍ଥିତି ଅନୁଧ୍ୟାନ କରାଯିବା ସହିତ ଆକ୍ରାନ୍ତଙ୍କ ଚିକିତ୍ସା ଜାରି ରହିଛି। ତେବେ ପ୍ରାଥମିକ ପର୍ଯ୍ୟାୟରେ ଏହା ଡାଇରିଆ ବୋଲି ଜଣାପଡ଼ିଛି।

ବୁଧବାର ଗ୍ରାମର କିଛି ଲୋକ ଛାଡ଼ାବାନ୍ତିରେ ଆକ୍ରାନ୍ତ ହୋଇଥିଲେ। ପରେ ଆକ୍ରାନ୍ତଙ୍କ ସଂଖ୍ୟା ବୃଦ୍ଧି ପାଇଥିଲା। ସେମାନଙ୍କ ମଧ୍ୟରୁ ଜଣେ ଯୁବକ ମୃତ୍ୟୁ ବରଣ କରିଥିବା ଜଣାପଡ଼ିଛି। ମୃତ ବ୍ୟକ୍ତିଙ୍କ ନାମ ବାଦଲ (୩୪) ମଲିକ। ବାଦଲ ବୁଧବାର ଝାଡ଼ାବାନ୍ତିରେ ଆକ୍ରାନ୍ତ ହେବା ପରେ ତାଙ୍କୁ ଚିକିତ୍ସା ପାଇଁ ଧର୍ମଶାଳା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ନିଆ ଯାଇଥିଲା। ସେଠାରେ ଚିକିତ୍ସା ପରେ ଘରକୁ ଫେରିଥିଲେ। ମାତ୍ର ସେ ପୁନର୍ବାର ଝାଡ଼ାବାନ୍ତିରେ ଗୁରୁତର ହେବାରୁ ତାଙ୍କୁ ଧର୍ମଶାଳା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ନିଆଯାଇଥିଲା। ସେଠାରେ ତାଙ୍କର ମୃତ୍ୟୁ ହୋଇଯାଇଥିଲା। ଏହି ଆକ୍ରାନ୍ତଙ୍କ ମଧ୍ୟରେ ଗୋଟିଏ ପରିବାର ୨ ଜଣ ଏବଂ ଅନ୍ୟ ଏକ ପରିବାରର ୩ ଜଣଙ୍କୁ ମିଶାଇ ମୋଟ ୧୩ ଜଣ ଚିକିତ୍ସିତ ହେଉଛନ୍ତି। ଆକ୍ରାନ୍ତଙ୍କ ମଧ୍ୟରେ ୧୦ଜଣ ମହିଳା ଏବଂ ୩ ପୁରୁଷ ରହିଛନ୍ତି। ଜଣେ ଗୁରୁତର ହେବାରୁ ତାଙ୍କୁ କଟକ ସ୍ଥାନାନ୍ତର କରାଯାଇଛି। ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଡାକ୍ତର ବିଶ୍ୱଜିତ ନାୟକ, ଡାକ୍ତର ସଞ୍ଜୟ ଓଝା, ସୁପରଭାଇଜର ଅନୀଲ କୁମାର ରଥ, ସିଏଚ୍‌ଓ ସୌଭାଗିନୀ ରଥ, ସ୍ୱାସ୍ଥ୍ୟ କର୍ମୀ ସନ୍ଦୀପ ଶାନ୍ତନୁ ଦାସ, ମହିଳା ସ୍ୱାସ୍ଥ୍ୟ କର୍ମୀ ବିଶାଖା ଓଝା ଏବଂ ଆଶା କର୍ମୀ ମଞ୍ଜୁ ଜେନାଙ୍କ ସମେତ ଏକ ଟିମ୍ ଉକ୍ତ ଗ୍ରାମରେ ପହଞ୍ଚି ବାସ୍ତବ ସ୍ଥିତି ଅନୁଧ୍ୟାନ କରିଛନ୍ତି। ଏହି ଝାଡ଼ାବାନ୍ତି କିଭଳି ଅନ୍ୟମାନଙ୍କୁ ନ ବ୍ୟାପିବ, ସେଥିପାଇଁ ପଦକ୍ଷେପ ଗ୍ରହଣ କରାଯାଇଛି। ଗ୍ରାମରେ ରହୁଥିବା ମୋଟ ୮୭ ପରିବାରର ଘରକୁ ଘର ବୁଲି ଲୋକମାନଙ୍କୁ ସଚେତନ କରାଯାଇଛି। ଏଥିସହିତ ଓଆରଏସ୍, ହାଲୋଜିନ୍ ବଟିକା ଏବଂ ଔଷଧ ବଣ୍ଟନ କରାଯାଉଛି। ଝାଡ଼ାବାନ୍ତି ବ୍ୟାପିବାର କାରଣ ଖୋଜିବା ପାଇଁ ଗାଁରେ ବ୍ଲକ୍ ପ୍ରଶାସନ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିଛି। ପଞ୍ଚାୟତିରାଜ ଏବଂ ପାନୀୟ ଜଳ ବିଭାଗ ପକ୍ଷରୁ ଗ୍ରାମରେ ରହିଥିବା ବିଭିନ୍ନ ଜଳ ଉତ୍ସର ନମୁନା ସଂଗ୍ରହ କରାଯାଇଛି। ଗ୍ରାମରେ ରହିଥିବା ସମସ୍ତ ନଳକୂପ, ଖୋଲା କୂଅ, ଏବଂ ଟାଙ୍କି ପାଣିର ଜଳନମୁନା ତଥା ସମସ୍ତ ବେସରକାରୀ ଏବଂ ସରକାରୀ ଜଳ ଉତ୍ସରୁ ପାନୀୟ ଜଳ ବିଭାଗ ପକ୍ଷରୁ ନମୁନା ସଂଗ୍ରହ କରାଯାଇଛି। ଜଳ ନମୁନା ପରୀକ୍ଷା ପରେ ଏହି ସଂକ୍ରମଣର କାରଣ ସ୍ପଷ୍ଟ ହେବ ବୋଲି ସୂଚନା ମିଳିଛି। ଜିଲ୍ଲା ସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ବିଜୟ କୁମାର ମିଶ୍ର ଅପରାହ୍ଣରେ ଉକ୍ତ ଗ୍ରାମରେ ପହଞ୍ଚି ବାସ୍ତବ ସ୍ଥିତି ପରଖିବା ସହିତ ସେଠାରେ ଉପସ୍ଥିତ ସ୍ୱାସ୍ଥ୍ୟ କର୍ମୀଙ୍କୁ ରାତି ସମୟରେ ଯଦି କେହି ଆକ୍ରାନ୍ତ ହୁଅନ୍ତି ତେବେ ତୁରନ୍ତ ମେଡିକାଲରେ ପହଞ୍ଚାଇ ଚିକିତ୍ସା ପାଇଁ ନିର୍ଦ୍ଦେଶ ଦେଇଛନ୍ତି।

## ଲଛମନ ବାଲାଜୀଉ ଡିଗ୍ରୀ ମହାବିଦ୍ୟାଳୟରେ ରକ୍ତଦାନ ଶିବିର

ପ୍ରୀତିପୁର, ୯।୪(ସମିସ): ରକ୍ତଦାନ ଏକ ମହତ ଦାନ। କାହାର ବୁନ୍ଦାଏ ରକ୍ତ ଆଉ ଜଣକର ଜୀବନ ରକ୍ଷା କରିପାରେ ବୋଲି ଲଛମନ ବାଲାଜୀଉ ଡିଗ୍ରୀ ମହାବିଦ୍ୟାଳୟରେ ଅନୁଷ୍ଠିତ ମେଗା ରକ୍ତଦାନ ଶିବିରର ଉଦ୍‌ଘାଟନୀ ସଭାରେ ଯୋଗଦେଇ ଅତିଥିମାନେ ମତବ୍ୟକ୍ତ କରିଥିଲେ। ବିଞ୍ଝାରପୁର ଥାନା ତଥା ବରୀ ବ୍ଲକ୍ ଅଙ୍ଗାଲୋ ଗ୍ରାମରେ ଅବସ୍ଥିତ ଲଛମନ ବାଲାଜୀଉ ସ୍ନାତକ ମହାବିଦ୍ୟାଳୟରେ ଓଡ଼ିଆ ପକ୍ଷ ପାଳିତ ହୋଇଛି। ଏହି ଅବସରରେ ଏକ ରକ୍ତ ଦାନ ଶିବିର ଆୟୋଜିତ ହୋଇଥିଲା। ଏହି କାର୍ଯ୍ୟକ୍ରମକୁ ଅଧ୍ୟକ୍ଷ ଜୟଦେବ ଥାଟୋଇ ଉଦ୍‌ଘାଟନ କରିଥିଲେ। ସେ ସର୍ବପ୍ରଥମେ ରକ୍ତଦାନ କରିଥିଲେ। ଏହି ଅବସରରେ ଅନୁଷ୍ଠିତ ଉଦ୍‌ଘାଟନୀ ସଭାରେ କଲେଜର ଅଧ୍ୟକ୍ଷ ଜୟଦେବ ଥାଟୋଇ ସଭାପତିତ୍ୱ କରିଥିବାବେଳେ ମୁଖ୍ୟ ଅତିଥି ଭାବେ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡାକ୍ତର ବିଜୟ କୁମାର ମିଶ୍ର, ବରେଣ୍ୟ ଅତିଥି ଶିକ୍ଷାବିତ ତଥା ସୁସାହିତ୍ୟିକ ପ୍ରବୋଧ କୁମାର ସାମଲ, ସମ୍ମାନିତ ଅତିଥି ଅଧ୍ୟାପକ ସୁଦୀପ୍ତ କୁମାର ବିଶ୍ୱାଳ, ନୋଡାଲ ଅଫିସର ଏନ୍‌ଏସ୍‌ଏସ, ସମ୍ମାନିତ ଅତିଥି ଡାକ୍ତର ପ୍ରଶାନ୍ତ କୁମାର ବିଶ୍ୱାଳ, ମୁଖ୍ୟବକ୍ତା ପ୍ରାଧ୍ୟାପକ ଦିଲ୍ଲୀପ କୁମାର ରାଉତ, ସମ୍ମାନିତ ବକ୍ତା ଭରତ ଚନ୍ଦ୍ର ବେହେରା, ବରେଣ୍ୟ ଅତିଥି ରମାକାନ୍ତ ବେହେରା, ସୁଶାନ୍ତ କୁମାର ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ମହାବିଦ୍ୟାଳୟର ସମସ୍ତ ଅଧ୍ୟାପକ ଓ ଅଧ୍ୟାପିକାଙ୍କ ସମେତ ଅନ୍ୟ ସମସ୍ତ କର୍ମଚାରୀ ଉତ୍ସବରେ ସହାୟତା କରିଥିଲେ। ଏହି ଅବସରରେ ଅତିଥିମାନେ ଓଡ଼ିଆ ପକ୍ଷର ଗୁରୁତ୍ୱ ବିଷୟରେ କଥାହୋଇ ରକ୍ତଦାନକୁ ଏକ ମହାନ ସେବା ବୋଲି ବର୍ଣ୍ଣନା କରିଥିଲେ। ସେମାନେ କହିଥିଲେ ଯେ, ଏହିପରି ସାମାଜିକ କାର୍ଯ୍ୟକ୍ରମ ମାଧ୍ୟମରେ ଓଡ଼ିଆ ସଂସ୍କୃତି ସହ ସେବାଭାବ ମଧ୍ୟ ବଢ଼ିବ। ଏହି ଶିବିରରେ ଅନେକ ଯୁବକ ଓ ଯୁବତୀ ଉତ୍ସାହର ସହ ଯୋଗଦେଇ ସ୍ୱଇଚ୍ଛାରେ ରକ୍ତଦାନ କରିଥିଲେ। ମୋଟ ୪୦ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଥିବା ବେଳେ, ଡାକ୍ତର ଓ ସ୍ୱାସ୍ଥ୍ୟକର୍ମୀ ଶିବିରକୁ ସଫଳ କରିବାରେ ସହଯୋଗ କରିଥିଲେ।

## ବିଦାୟକାଳୀନ ସମ୍ବର୍ଦ୍ଧନା ସଭା

ସିଂହପୁର, ୯।୪(ସମିସ): ବିଞ୍ଝାରପୁର ବ୍ଲକ୍ ଖରସ୍ରୋତା ମହାବିଦ୍ୟାଳୟର ବାଣିଜ୍ୟ ବିଭାଗ ଦ୍ୱାରା +୩ ଶେଷ ବର୍ଷର ଛାତ୍ରଛାତ୍ରୀଙ୍କ ଉଦ୍ଦ୍ୟେଶରେ ବିଦାୟକାଳୀନ ସଭାର ଆୟୋଜନ କରାଯାଇଥିଲା। ବିଭାଗ ମୁଖ୍ୟ ଅଧ୍ୟାପକ କୈଳାସ ଚନ୍ଦ୍ର ମିଶ୍ର ସଭାପତିତ୍ୱ କରିଥିଲେ। ଭାରପ୍ରାପ୍ତ ଅଧ୍ୟକ୍ଷ ପୂର୍ଣ୍ଣଚନ୍ଦ୍ର ସାମଲ ମୁଖ୍ୟ ଅତିଥି ରୂପେ ଯୋଗଦାନ କରି ପିଲାମାନଙ୍କ ଉଦ୍ଦ୍ୟେଶରେ ଉପାଦେଶାତ୍ମକ ବକ୍ତବ୍ୟ ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅଧ୍ୟାପକ ବିଜୟ କୁମାର ପତି, ମୀନକେତନ ତ୍ରିପାଠୀ, ଅମ୍ବିକା ପ୍ରସାଦ ଜେନା, ବୈଭବ ନାୟକ, ଶରତ ରାଉଳ ଛାତ୍ରଛାତ୍ରୀଙ୍କୁ ମାର୍ଗଦର୍ଶନ କରିଥିଲେ। ଅଧ୍ୟାପକ ସନ୍ତୋଷ ମହାପାତ୍ର, ପ୍ରଦୀପ ରାଉଳ, ରଜତ ସାହୁ, ନୀଳମଣି ମଲିକ, ବିବେକ ମେହେର, ଯୋଗେନ୍ଦ୍ର ସୂତାର, ଅଧ୍ୟାପିକା ଜ୍ୟୋତିପ୍ରଭା ମହାନ୍ତି, ରୁବି ଏକ୍କା, ଝରଣା ଦେହୁରୀ, ସୁମନ ସାହୁ, କର୍ମଚାରୀ ପ୍ରେମାନନ୍ଦ ଜେନା ଯୋଗଦାନ କରିଥିଲେ। ଶେଷବର୍ଷର ୮୪ଜଣ ଛାତ୍ରଛାତ୍ରୀଙ୍କୁ ପ୍ରଥମ ଓ ଦ୍ୱିତୀୟ ବର୍ଷର ଛାତ୍ରଛାତ୍ରୀ ସଂଗୀତ ନୃତ୍ୟ ଉପହାର ସହ ବହୁ ମୂଲ୍ୟବାନ ଉପହାର ପ୍ରଦାନ କରିଥିଲେ। ବିଭାଗର ଅଧ୍ୟାପକ ପାଣ୍ଡବ ସେଠୀ ଓ ଚିତ୍ତରଞ୍ଜନ ସାହୁ ସଭାକାର୍ଯ୍ୟରେ ସହଯୋଗ କରିଥିଲେ। ଅଧ୍ୟାପକ ଜଳଧର ସାହୁ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

## ହିନ୍ଦୀ ଶିକ୍ଷକଙ୍କ ବିଦାୟକାଳୀନ ସମ୍ବର୍ଦ୍ଧନା ସଭା



ବାଲିଚନ୍ଦ୍ରପୁର, ୯।୪(ସମିସ): ପଲାଇ ହାଇସ୍କୁଲର ପ୍ରାକ୍ତନ ପ୍ରଧାନଶିକ୍ଷକ ତଥା କଳ୍ପନା ଦେବୀ ବିଦ୍ୟା ନିକେତନ ଗଜେନ୍ଦ୍ରପୁର ହିନ୍ଦୀ ଶିକ୍ଷକଙ୍କ ଉଦ୍ଦେଶ୍ୟରେ ଏକ ବିଦାୟକାଳୀନ ସମ୍ବର୍ଦ୍ଧନା ସଭାର ଆୟୋଜନ କରାଯାଇଥିଲା। ଉକ୍ତ ସଭାରେ ରାଜ୍ୟପାଳ ପୁରସ୍କାରପ୍ରାପ୍ତ ପ୍ରଧାନଶିକ୍ଷକ ଡ.ଭାଗ୍ୟଧର ସାହୁ, ହରିପୁର ସରକାରୀ ଉଚ୍ଚ ବିଦ୍ୟାଳୟର ଅବସରପ୍ରାପ୍ତ ପ୍ରଧାନଶିକ୍ଷକ କର୍ଣ୍ଣଧର ଘଡ଼ାଇ, ଶିକ୍ଷକ ନେତା ଦୟାନିଧି ସାମଲ, ଅଜିତ କୁମାର ମହାନ୍ତି, କଳ୍ପନା ଦେବୀ, ବିଦ୍ୟା ନିକେତନର ପ୍ରାକ୍ତନ ପ୍ରଧାନଶିକ୍ଷକ ପ୍ରସନ୍ନ କୁମାର ପରିଡ଼ା ତଥା ବହୁ ମାନ୍ୟଗଣ୍ୟ ବ୍ୟକ୍ତି, ପୁରାତନ ଛାତ୍ର, ଅଧ୍ୟୟନରତ ଛାତ୍ରଛାତ୍ରୀ ଯୋଗଦାନ କରିଥିଲେ। ବିରାଟ ପଟୁଆରରେ ଶ୍ରୀ ଜେନାଙ୍କୁ ତାଙ୍କ ବାସଭବନ ଗୋଲକୁଣ୍ଡ ପଞ୍ଚାୟତ ହରିପୁର ଗ୍ରାମରେ ବାଜା, ବାଣ ରୋଷଣି କରି ବିଦାୟ ଦେଇଥିଲେ। ଏହି ପଟୁଆରରେ ୩୦୦ଶହରୁ ଉର୍ଦ୍ଧ୍ୱ ଛାତ୍ରଛାତ୍ରୀ ଯୋଗଦାନ କରିଥିଲେ।

## ଟ୍ରକ୍ ଦୁର୍ଘଟଣାରେ ଡ୍ରାଇଭର ଗୁରୁତର

ଧର୍ମଶାଳା, ୯।୪(ସମିସ): ଧର୍ମଶାଳା ଥାନା ୧୬ନମ୍ବର ଜାତୀୟ ରାଜପଥ ଜାରକା ଛକ ନିକଟରେ ରାସ୍ତାରେ ବ୍ରେକ୍ ଡାଉନ ହୋଇରହିଥିବା ଏକ ଟ୍ରକ୍ ପଛକୁ ଏକ ଟ୍ରେଲର୍ ଧକ୍କା ଦେବା ଫଳରେ ଟ୍ରେଲର୍ ଡ୍ରାଇଭର ଗୁରୁତର ଆହତ ହୋଇଥିବା ଜଣାପଡ଼ିଛି। ସୂଚନା ମୁତାବକ ଚଣ୍ଡିଖୋଲ ପଟକୁ ଯାଉଥିବା ଏକ ଟ୍ରକ ଜାତୀୟ ରାଜପଥରେ ବ୍ରେକ୍‌ଡାଉନ ହୋଇ ରହିଥିଲା। ପଛପଟୁ ଆସୁଥିବା ଏକ ଟ୍ରେଲର ତାହାର ଟ୍ରକ ପଛପଟକୁ ଧକ୍କା ଦେଇଥିଲା। ଫଳରେ ଟ୍ରଲର ଡ୍ରାଇଭର ଗାଡ଼ି ଭିତରେ ଅଟକି ରହିଯାଇଥିଲା। ଖବର ପାଇ ଚଣ୍ଡିଖୋଲ ଦମକଳ ବିଭାଗ କର୍ମଚାରୀମାନେ ସେଠାରେ ପହଞ୍ଚି ଡ୍ରାଇଭରକୁ ସୁରକ୍ଷିତ ଉଦ୍ଧାର କରି ପ୍ରଥମେ ଧର୍ମଶାଳା ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ଅବସ୍ଥା ଗୁରୁତର ହେବାରୁ ତାଙ୍କୁ କଟକ ସ୍ଥାନାନ୍ତର କରାଯାଇଥିବା ଜଣାପଡ଼ିଛି। ଏହି ଦୁର୍ଘଟଣା ଯୋଗୁଁ ୧୬ ନମ୍ବର ଜାତୀୟ ରାଜପଥରେ କିଛି ସମୟ ପାଇଁ ଗାଡ଼ି ଚଳାଚଳ ବାଧାପ୍ରାପ୍ତ ହୋଇଥିଲା। ଫଳରେ ଅନେକ ଗାଡି ବାଇପାସ ରାସ୍ତାରେ ଯାଉଥିବା ଦେଖିବାକୁ ମିଳିଥିଲା। ତେବେ ଦୁର୍ଘଟଣା ସମ୍ପର୍କରେ ଥାନାରେ କୌଣସି ଅଭିଯୋଗ ହୋଇନଥିବା ବେଳେ ଧର୍ମଶାଳା ପୁଲିସ ଦୁର୍ଘଟଣାଗ୍ରସ୍ତ ଗାଡ଼ି ଦୁଇଟିକୁ ଜବତ କରି ଥାନାରେ ରଖିଥିବା ନେଇ ଥାନା ଅଧିକାରିଣୀ ଚିନ୍ମୟୀ ସାହୁ ସୂଚନା ଦେଇଛନ୍ତି।

## ଆସ ବହିଟିଏ କିଣିବା କାର୍ଯ୍ୟକ୍ରମ

ଧର୍ମଶାଳା, ୯।୪(ସମିସ): ଧର୍ମଶାଳା ବ୍ଲକ ଜାରକାସ୍ଥିତ ଧର୍ମଶାଳା ମହାବିଦ୍ୟାଳୟ ପରିସରରେ ଧର୍ମଶାଳା କଲେଜ ଓଡ଼ିଆ ବିଭାଗ ପକ୍ଷରୁ ଆସ ବହିଟିଏ କିଣିବା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟ ଅଧ୍ୟକ୍ଷ ସ୍ୱରୂପାନନ୍ଦ ପଣ୍ଡାଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଗୋକର୍ଣ୍ଣିକା ସାହିତ୍ୟ ସମାଜର ସଭାପତି ଡକ୍ଟର ରମାକାନ୍ତ ଜେନା ଯୋଗଦେଇ ଛାତ୍ରଛାତ୍ରୀ ଓଡ଼ିଆ ପୁସ୍ତକ ପଢିଲେ ଓଡ଼ିଆ ଜାତୀୟତା ବୋଧରେ ଅଭିମଣ୍ଡିତ ହେବା ସହିତ ଓଡ଼ିଆ ପତ୍ର ପତ୍ରିକା ଆଧୁନିକ ସାହିତ୍ୟ ସୃଷ୍ଟିରେ ପ୍ରମୁଖ ଭୂମିକା ଗ୍ରହଣ କରିବେ ବୋଲି ମତବ୍ୟକ୍ତ କରିଥିଲେ। ସମ୍ମାନିତ ଅତିଥି ଭାବେ ଅବସରପ୍ରାପ୍ତ ପ୍ରାଧ୍ୟାପକ ଡକ୍ଟର ଦେବ ପ୍ରସାଦ ସାମଲ ଯୋଗଦେଇ ଗୋକର୍ଣ୍ଣିକା ପତ୍ରିକା ଜାରକାରୁ ଦୀର୍ଘ ୫୦ବର୍ଷ ହେବ ପ୍ରକାଶ ପାଇବା ସହିତ ଓଡ଼ିଆ ସାହିତ୍ୟ ପ୍ରସାର କ୍ଷେତ୍ରରେ ଏକ ପ୍ରମୁଖ ଭୂମିକା ଗ୍ରହଣ କରିଛି ବୋଲି ମତପ୍ରକାଶ କରିଥିଲେ। ଓଡ଼ିଆ ବିଭାଗ ମୁଖ୍ୟ ଅଭିନ୍ନ ଚନ୍ଦ୍ର ଦାଶ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ପ୍ରାଧ୍ୟାପକ ସନ୍ତୋଷ କୁମାର ଦାଶ, ଅରବିନ୍ଦ ମହାନ୍ତି, ଅଧ୍ୟାପକ ଡକ୍ଟର ଆଶିଷ ଦାଶ, ଚତୁର୍ଭୁଜ ବେହେରା, ଅଧ୍ୟାପିକା ସସ୍ମିତା ରାଉଳ, ନୀଳିମା ସାମଲ ପ୍ରମୁଖ ଉପସ୍ଥିତ ଥିଲେ। ଅଧ୍ୟାପକ ଦୀପକ ଶତପଥୀ ଧନ୍ୟବାଦ ଅର୍ପଣ କରିଥିଲେ।



## ଜରି ପିଏଚ୍‌ସିରେ ଅବ୍ୟବସ୍ଥା; ବୁଦ୍ଧିଜୀବୀ ମଞ୍ଚର ଧାରଣା




ବିଞ୍ଝାରପୁର/ସିଂହପୁର, ୯।୪(ସମିସ): ବିଞ୍ଝାରପୁର ବ୍ଲକ୍‌ରେ ସ୍ୱାସ୍ଥ୍ୟସେବା ଦିନକୁ ଦିନ ବିପର୍ଯ୍ୟସ୍ତ ହୋଇପଡ଼ିଥିବା ଅଭିଯୋଗ ହୋଇଛି। ବ୍ଲକ୍‌ର ବିଭିନ୍ନ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ଅନେକ ଗୁରୁତ୍ୱପୂର୍ଣ୍ଣ ପଦବୀ ଖାଲି ପଡ଼ିଥିବା ବେଳେ କେବଳ ଆୟୁଷ ଡାକ୍ତରଙ୍କ ଉପରେ ରୋଗୀ ସେବା ନିର୍ଭର କରୁଛି। କେଉଁଠି ଏମ୍‌ବିବିଏସ୍ ଡାକ୍ତରଟିଏ ନାହାନ୍ତି ତ କେଉଁଠି ଫାର୍ମାସିଷ୍ଟ ଅଭାବ ଦେଖାଦେଇଛି। ଏହାର ପରିଣାମରେ ରୋଗୀମାନେ ସମୟମତେ ଚିକିତ୍ସା ନ ପାଇ ବିପଦରେ ପଡ଼ୁଛନ୍ତି। ଏଥିସହ ଅନେକ ମୃତ୍ୟୁମୁଖରେ ପଡ଼ୁଥିବା ଅଭିଯୋଗ ହେଉଛି। ବିଶେଷକରି ଜରି ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଉପରେ ପ୍ରାୟ ୭ଟି ପଞ୍ଚାୟତର ଲୋକ ନିର୍ଭର କରୁଥିବା ସତ୍ତ୍ୱେ ଏଠାରେ ଦୀର୍ଘଦିନ ଧରି ଏମ୍‌ବିବିଏସ୍ ଡାକ୍ତର ନ ଥିବା ସହ ସ୍ଥାୟୀ ଫାର୍ମାସିଷ୍ଟ ମଧ୍ୟ ନାହାନ୍ତି। ଏହି ଅବସ୍ଥାକୁ ନେଇ ଆଞ୍ଚଳିକ ବୁଦ୍ଧିଜୀବୀ ମଞ୍ଚର ସଭାପତି ବିଷ୍ଣୁ ଚରଣ ଭୂୟାଁ ଓ ସମ୍ପାଦକ ବ୍ରହ୍ମାନନ୍ଦ ମଲ୍ଲିକଙ୍କ ତତ୍ତ୍ୱାବଧାନରେ ଜରି, ବାଙ୍ଗରା, ଛନ୍ଦାମୁଣ୍ଡ ଆଦି ଅଞ୍ଚଳର ଲୋକମାନେ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ଦିବାରାତ୍ର ଗଣଧାରଣାରେ ବସିଛନ୍ତି। ସ୍ଥାନୀୟ ଲୋକମାନଙ୍କ କହିବା ଅନୁସାରେ, ଗତ ୭ ଦିନ ପୂର୍ବରୁ ସେମାନେ ଜିଲ୍ଲାପାଳଙ୍କ ନିକଟରେ ଲିଖିତ ଅଭିଯୋଗ କରିଥିଲେ। କିନ୍ତୁ କୌଣସି ପ୍ରତିକ୍ରିୟା ମିଳି ନ ଥିବାରୁ ବାଧ୍ୟହୋଇ ସେମାନେ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ଗଣଧାରଣା ଆରମ୍ଭ କରିଛନ୍ତି। ସେମାନଙ୍କ ଦାବି ହେଉଛି, ଯେ ପର୍ଯ୍ୟନ୍ତ ମୌଳିକ ସମସ୍ୟା ସମାଧାନ ହେବନି, ସେପର୍ଯ୍ୟନ୍ତ ଆନ୍ଦୋଳନ ଜାରି ରହିବ। ଏ ସମ୍ପର୍କରେ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଅଧିକାରୀଙ୍କ ପ୍ରତିକ୍ରିୟା ନେବାରୁ ସେ କହିଛନ୍ତି ଯେ, ସମସ୍ୟା ସମାଧାନ ପାଇଁ ଉଚ୍ଚ କର୍ତ୍ତୃପକ୍ଷଙ୍କୁ ଅବଗତ କରାଯାଇଛି।

## ଶ୍ରୀରାଧାକୃଷ୍ଣ ସାହିତ୍ୟ ସଂସଦ ପକ୍ଷରୁ ବର୍ଣ୍ଣବୋଧ ପୁସ୍ତକ ବଣ୍ଟନ

ଜେନାପୁର, ୯।୪(ସମିସ): ଧର୍ମଶାଳାର ଶ୍ରୀରାଧାକୃଷ୍ଣ ସାହିତ୍ୟ ସଂସଦ ଓ ମାତା ଇ-ପତ୍ରିକା ପଟ୍ଟାମୁଣ୍ଡାଇ, କେନ୍ଦ୍ରାପଡ଼ା ପକ୍ଷରୁ ଯାଜପୁର, ଧର୍ମଶାଳା ବ୍ଲକ୍ ଅନ୍ତର୍ଗତ ପାଟପୁର ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ପାଟପୁର ଓ ବଳଦେବଜିଉ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ବଡ଼ ବାରି ସାହିରେ ଅନୁଷ୍ଠାନ ପକ୍ଷରୁ ଓଡ଼ିଆ ଭାଷା ସାହିତ୍ୟର ପ୍ରଚାର ପ୍ରସାର, ସୁରକ୍ଷା ଓ ବିକାଶ ପାଇଁ ଶହେରୁ ଉର୍ଦ୍ଧ୍ୱ ପିଲାଙ୍କୁ ବର୍ଣ୍ଣବୋଧ ବହି ବଣ୍ଟନ କରାଯାଇଛି। ଅନୁଷ୍ଠାନର ସଭାପତି ଆଦିକନ୍ଦ ରାଉତ, ଉପ ସଭାପତି ଅରୁଣ କୁମାର ଦାସ, ପ୍ରତିଷ୍ଠାତା ଓ ସମ୍ପାଦକ ଡ. ଆଶୁତୋଷ ଦେବୀପ୍ରସାଦ ରାଉତଙ୍କ ପରାମର୍ଶକ୍ରମେ ଏହି କାର୍ଯ୍ୟକ୍ରମର ଦାୟିତ୍ୱ ସମ୍ପାଦିକା ଜୟନ୍ତୀ ବେହେରାଙ୍କୁ ପ୍ରଦାନ କରାଯାଇଥିଲା। ଶ୍ରୀମତୀ ବେହେରା ଦୁଇଟି ବିଦ୍ୟାଳୟର ପ୍ରଧାନଶିକ୍ଷକ ଓ ସହକାରୀ ଶିକ୍ଷକ/ଶିକ୍ଷୟିତ୍ରୀଙ୍କୁ ନେଇ ଏହି ଅଭିନବ କାର୍ଯ୍ୟକ୍ରମ ସମ୍ପାଦନ କରିଛନ୍ତି। ଅନୁଷ୍ଠାନ ପକ୍ଷରୁ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରାଯିବା ସହ ଏଭଳି କାର୍ଯ୍ୟକ୍ରମ ଆଗକୁ ବିଭିନ୍ନ ବିଦ୍ୟାଳୟରେ କରିବା ପାଇଁ ନିଷ୍ପତ୍ତି ହୋଇଛି।



## ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ପରିଦର୍ଶନ କଲେ ଜିଲ୍ଲାପାଳ



ଯାଜପୁର, ୯।୪(ସମିସ): ଯାଜପୁର ଜିଲ୍ଲାପାଳ ଅମ୍ବର କୁମାର କର ଗୁରୁବାର ସକାଳେ ଅଚାନକ ଯାଜପୁର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ପରିଦର୍ଶନ କରିଛନ୍ତି। ଏହି ଗସ୍ତ ସମୟରେ ସେ ଚିକିତ୍ସାଳୟର ବିଭିନ୍ନ ୱାର୍ଡ ବୁଲି ଦେଖିବା ସହ ସ୍ୱାସ୍ଥ୍ୟସେବାର ବାସ୍ତବ ସ୍ଥିତି ସମୀକ୍ଷା କରିଥିଲେ।

### ସ୍ୱାସ୍ଥ୍ୟ ସେବା ଓ ଭିତ୍ତିଭୂମିର କଲେ ସମୀକ୍ଷା

ଜିଲ୍ଲାପାଳ ପ୍ରଥମେ ରୋଗୀ ଏବଂ ସେମାନଙ୍କ ସମ୍ପର୍କୀୟଙ୍କ ସହ ସିଧାସଳଖ ଆଲୋଚନା କରିଥିଲେ। ସେମାନେ ପାଉଥିବା ଚିକିତ୍ସାର ଗୁଣବତ୍ତା ଓ ଡାକ୍ତରୀ ସେବା ଉପରେ ସେମାନଙ୍କ ମତାମତ ପଚାରି ବୁଝିଥିଲେ। ଏହାପରେ ସେ କାଜୁଆଲିଟିକୁ ଯାଇ ସେଠାରେ ଚିକିତ୍ସିତ ହେଉଥିବା ଦୁଇଟି ଦୁର୍ଘଟଣା ପୀଡ଼ିତ ରୋଗୀଙ୍କ ସହ କଥା ହୋଇଥିଲେ। ପରୀକ୍ଷାଗାର ପରିଦର୍ଶନ ସମୟରେ ସେଠାରେ ଆବଶ୍ୟକୀୟ ଉପକରଣ, ଯନ୍ତ୍ରପାତି ଓ ରିଏଜେଣ୍ଟର ଉପଲବ୍ଧତା ବିଷୟରେ ଅନୁଧ୍ୟାନ କରିଥିଲେ। ପ୍ରତିଦିନ କେତେ ସଂଖ୍ୟାରେ ଏବଂ କେଉଁ ପ୍ରକାର ପରୀକ୍ଷା କରାଯାଉଛି, ସେ ସମ୍ପର୍କରେ ବିସ୍ତୃତ ସମୀକ୍ଷା କରିଥିଲେ। ଏହାପରେ ସେ "ନିରାମୟ' ଔଷଧ ବିତରଣ କେନ୍ଦ୍ର ପରିଦର୍ଶନ କରି ଉପସ୍ଥିତ ରୋଗୀଙ୍କ ସହ କଥା ହୋଇଥିଲେ। ପରେ ମାଗଣା ଔଷଧ ଠିକ୍ ଭାବରେ ମିଳୁଛି କି ନାହିଁ, ସେ ବିଷୟରେ ତଦାରଖ କରିଥିଲେ।

ଚିକିତ୍ସାଳୟର ଦ୍ୱିତୀୟ ମହଲାରେ ନୂତନ ଭାବେ ନିର୍ମିତ ହୋଇଥିବା ପେ-କ୍ୟାବିନଗୁଡ଼ିକୁ ମଧ୍ୟ ଜିଲ୍ଲାପାଳ ବୁଲି ଦେଖିଥିଲେ। ସେଠାରେ ଲାଗିଥିବା ପେସେଣ୍ଟ କଲିଂ ସିଷ୍ଟମ ଏବଂ ଅନ୍ୟାନ୍ୟ ଆନୁଷଙ୍ଗିକ ସୁବିଧାର କାର୍ଯ୍ୟକାରିତା ନିରୀକ୍ଷଣ କରିଥିଲେ। ଖୁବ୍‌ଶୀଘ୍ର ଏହି କ୍ୟାବିନ୍‌ଗୁଡ଼ିକୁ ରୋଗୀଙ୍କ ସେବା ପାଇଁ କାର୍ଯ୍ୟକ୍ଷମ କରିବାକୁ ଜିଲ୍ଲା ମୁଖ୍ୟ ଜନସ୍ୱାସ୍ଥ୍ୟ ଓ ଚିକିତ୍ସା ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ।

ଏହାସହ ଡାକ୍ତରଖାନାରେ ସୁରକ୍ଷାକୁ ଦୃଷ୍ଟିରେ ରଖି ଅଗ୍ନି ନିର୍ବାପକ ବ୍ୟବସ୍ଥା ସୁଦୃଢ଼ କରିବାକୁ ଜିଲ୍ଲାପାଳ କଡ଼ା ନିର୍ଦ୍ଦେଶ ଦେଇଥିଲେ। ଅଗ୍ନିକାଣ୍ଡ ଭଳି ଦୁର୍ଘଟଣାକୁ ଏଡ଼ାଇବା ପାଇଁ ଆଗୁଆ ସତର୍କ ପଦକ୍ଷେପ ନେବାକୁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏହାପରେ ଜିଲ୍ଲାପାଳ ମହାରାଜା ଯଯାତି କେଶରୀ ମେଡିକାଲ କଲେଜ ଅଧ୍ୟକ୍ଷଙ୍କ ସହ ମେଡିକାଲ କଲେଜରେ ଡାକ୍ତରୀ ସେବା ସମ୍ପର୍କରେ ଆଲୋଚନା କରିଥିଲେ। ବିଶେଷ କରି ମାତୃ ଏବଂ ଶିଶୁ ସ୍ୱାସ୍ଥ୍ୟ ସେବା ପ୍ରଦାନରେ ଯେଭଳି କୌଣସି ବ୍ୟାଘାତ ନ ହୁଏ, ସେଥିପାଇଁ ପରାମର୍ଶ ଦେଇଥିଲେ। ଏହାସହ ରୋଗୀ ଏବଂ ରୋଗୀଙ୍କ ସମ୍ପର୍କୀୟଙ୍କ ସହ ଉତ୍ତମ ବ୍ୟବହାର ପ୍ରଦର୍ଶନ କରିବା ପାଇଁ ଜିଲ୍ଲାପାଳ ସମସ୍ତଙ୍କୁ ପରାମର୍ଶ ଦେଇଥିଲେ।

## ଘର ପାଖରୁ ବାଇକ୍ ଚୋରି ଅଭିଯୋଗ

ପାଣିକୋଇଲି, ୯।୪(ସମିସ): ପାଣିକୋଇଲି ଅଞ୍ଚଳରେ ଚୋରି ଏକ ନିତିଦିନିଆ ଘଟଣାରେ ପରିଣତ ହେଲାଣି। ଏଠାରେ ଜିଲ୍ଲା ପୁଲିସ ମୁଖ୍ୟାଳୟ ଥାଇ ମଧ୍ୟ ଚୋରମାନେ ପୁଲିସକୁ ଖାତିର କରୁନାହାନ୍ତି। ରାଜପଥ ଠାରୁ ଆରମ୍ଭ କରି ହାଟ ବଜାର ଓ ଗ୍ରାମାଞ୍ଚଳ ସବୁଠି ଚୋରି ବୃଦ୍ଧି ପାଇବାରେ ଲାଗିଛି। ପାଣିକୋଇଲି ଥାନା ଅଳତିରି କାଙ୍କଲାପାଟଣା ଗ୍ରାମରେ ଘରେ ଥିବା ବାଇକ୍‌କୁ କେହି ଦୁର୍ବୃତ୍ତ ଚୋରି କରି ନେଇଯାଇଥିବା ପାଣିକୋଇଲି ଥାନାରେ ଅଭିଯୋଗ ହୋଇଛି। ପ୍ରକାଶ ଯେ ଅଭିଯୋଗ ମୁତାବକ କାଙ୍କଲାପାଟଣା ଗ୍ରାମର ରଘୁନାଥ ବେହେରା ତାଙ୍କ ବାଇକ୍ ଘର ନିକଟରେ ସବୁଦିନ ପରି ରଖି ରାତିରେ ଶୋଇଥିଲେ। ସକାଳୁ ଦେଖିବା ବେଳକୁ ତାଙ୍କ ବାଇକ୍ (ଓଡି ୦୪କ୍ୟୁ ୩୯୩୩)ଟି କେହି ଦୁର୍ବୃତ୍ତ ଚୋରି କରିନେଇଛି। ଏ ନେଇ ଥାନାରେ ଅଭିଯୋଗ ପରେ ପୁଲିସ ତଦନ୍ତ ଆରମ୍ଭ କରିଛି।

# ଷ୍ଟାଫ୍ କ୍ୱାର୍ଟର୍ସ କାର୍ଯ୍ୟ ନିମ୍ନମାନର; ଘର ପାଖକୁ ନାହିଁ ସଂଯୋଗୀ ରାସ୍ତା



ମଙ୍ଗଳପୁର, ୯।୪(ସମିସ):

ଜନସାଧାରଣ ଆଶା ରଖିଥିଲେ ରାଜ୍ୟରେ ସରକାର ବଦଳିଲେ ପୂର୍ବ ସରକାର ସମୟ ଅନୁପାତରେ ସରକାରୀ ଦପ୍ତର ବା ସରକାରୀ କାର୍ଯ୍ୟରେ ଅଧିକ ସ୍ୱଚ୍ଛତା ଆସିବ। ମାତ୍ର ଏବେ ତାହା ବିପରୀତ ହୋଇଛି। ସରକାର ବଦଳିବା ପରେ ଦୁର୍ନୀତି କମିବା ପରିବର୍ତ୍ତେ ପ୍ରତ୍ୟେକ କ୍ଷେତ୍ରରେ ଦୁର୍ନୀତି ବଢ଼ିବାରେ ଲାଗିଛି। ଏମିତି ଏକ ଘଟଣା ଦେଖିବା ପାଇଁ ମିଳିଛି ଦଶରଥପୁର ବ୍ଲକ୍ ଥାଲକୁଡ଼ି ପଞ୍ଚାୟତ ଧନୀପୁରଠାରେ। ଏଠାରେ ଗ୍ରାମ୍ୟ ଉନ୍ନୟନ ବିଭାଗଅଧୀନରେ ନିର୍ମାଣାଧୀନ ସବ୍‌ରେଜିଷ୍ଟର ଷ୍ଟାଫ୍ କ୍ୱାର୍ଟର୍ସ ନିମ୍ନମାନର ହୋଇଥିବା ଅଭିଯୋଗ ହେଉଛି। ଏହାର ନିର୍ମାଣ ପୂର୍ବରୁ ଫଳକ ଲଗାଯିବା ନିୟମ ଥିବାବେଳେ ସେଥିରେ ବ୍ୟତିକ୍ରମ ଦେଖିବାକୁ ମିଳିଛି। ଫଳରେ କାର୍ଯ୍ୟ ସମ୍ପର୍କରେ ଜନସାଧାରଣ ଜାଣିପାରୁନାହାନ୍ତି। କିଏ ଠିକାଦାର ଅଛନ୍ତି, କେତେ ଅର୍ଥ ମଞ୍ଜୁର ହୋଇଛି, କିଭଳି କାମ ହେବ ସେ ସମ୍ପର୍କରେ କୌଣସି ସୂଚନା ନାହିଁ। ସ୍ଥାନୀୟ ଲୋକେ ଏହାର ଦୃଢ଼ ବିରୋଧ କରିବା ସହ ସୂଚନା ଫଳକ ନ ଲଗାଇଲେ ନିର୍ମାଣ କାର୍ଯ୍ୟ କରିପାରିବ ନାହିଁ ବୋଲି କହିଥିଲେ। ବିରୋଧକୁ ଦେଖି ବିଭାଗୀୟ କନିଷ୍ଠଯନ୍ତ୍ରୀ ସୂଚନା ଫଳକ ଲଗାଇବା ପରେ ଠିକାଦାର କାର୍ଯ୍ୟ କରିବେ ବୋଲି ସ୍ଥାନୀୟ ଜନସାଧାରଣଙ୍କୁ ପ୍ରତିଶ୍ରୁତି ଦେଇଥିଲେ। ଏହାପରେ ଅଳ୍ପ କିଛିଦିନ ଉକ୍ତ ଘର ନିର୍ମାଣ କାର୍ଯ୍ୟ ବନ୍ଦ ରହିଥିଲା। ମାତ୍ର ପୁନର୍ବାର ଠିକାଦାର ଘର ନିର୍ମାଣ କାର୍ଯ୍ୟ ଆରମ୍ଭ କରିବା ସହ ଘରର ଛାତ ପଡ଼ିଗଲାଣି। ଏଥିସହ ଘର ଚତୁଃପାର୍ଶ୍ୱରେ ପ୍ରାଚୀର ନିର୍ମାଣ କାର୍ଯ୍ୟ ଶେଷ ହେବାକୁ ବସିଲାଣି। ତେବେ ଠିକାଦାର ଜଣକ କନିଷ୍ଠଯନ୍ତ୍ରୀ ଓ ସ୍ଥାନୀୟ ଲୋକଙ୍କ କଥାକୁ ବେଖାତିର କରିବା ସହ ଆଜି ପର୍ଯ୍ୟନ୍ତ ସୂଚନା ଫଳକ ନ ଲଗାଇ କାର୍ଯ୍ୟ କରିଚାଲିଥିବାବେଳେ ସ୍ଥାନୀୟ ଲୋକମାନେ କାର୍ଯ୍ୟ ସମ୍ପର୍କରେ କୌଣସି ତଥ୍ୟ ଜାଣି ପାରୁନାହାନ୍ତି ବୋଲି ବୁଦ୍ଧିଜୀବୀ ମହଲରେ ଅଭିଯୋଗ ହୋଇଛି। ସେହିପରି ନିର୍ମାଣାଧୀନ ଘର ଓ ପ୍ରାଚୀର କାର୍ଯ୍ୟରେ ମାଟିମିଶା ବାଲି ବ୍ୟବହାର କରାଯାଉଥିବା ବେଳେ ନିମ୍ନମାନର ଚିପ୍ସ ବ୍ୟବହାର କରାଯାଉଛି। ସେହିପରି ସିମେଣ୍ଟ ସହ ନିୟମ ଅନୁଯାୟୀ ଅନ୍ୟାନ୍ୟ ସାମଗ୍ରୀ ମିଶ୍ରଣ ହେଉନାହିଁ ବୋଲି ଅଭିଯୋଗ ହୋଇଛି। କାମ କେବେ ଆରମ୍ଭ ହୋଇ କେବେ ଶେଷ ହେବ ସେଥିନେଇ କୌଣସି ତଥ୍ୟ ଠିକାଦାର ଲୋକମାନଙ୍କୁ ନ ଜଣାଇବାରୁ ସ୍ଥାନୀୟ ଅଞ୍ଚଳରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ସେହିପରି ଷ୍ଟାଫ କ୍ୱାର୍ଟର୍ସ ନିର୍ମାଣ କାର୍ଯ୍ୟ ଶେଷ ହେବାକୁ ବସିଥିବା ବେଳେ ସେଠାକୁ ଯିବା ପାଇଁ ସଂଯୋଗୀ ରାସ୍ତା ନଥିବା ଜଣାପଡ଼ିଛି। ଯେଉଁ ସ୍ଥାନରେ ଏହି ଘର ନିର୍ମାଣ କରାଯାଇଛି ଘରର ସମ୍ମୁଖରେ ପାଣି ନାଳ ରହିଥିବାବେଳେ ଘର ନିର୍ମାଣ ଶେଷ ହେଲେ ମଧ୍ୟ ଘରକୁ ଯିବା ପାଇଁ ରାସ୍ତାଟିଏ ନାହିଁ। ବିଭାଗୀୟ ଅଧିକାରୀମାନେ ଘର ନିର୍ମାଣ ଚାଲିଥିବା ସମୟରେ ଆଦୌ ତଦାରଖ କରିବା ପାଇଁ ଆସୁନଥିବା ମଧ୍ୟ ଅଭିଯୋଗ ହୋଇଛି। ଘରକୁ ଯିବା ପାଇଁ ରାସ୍ତା ନାହିଁ ବୋଲି ଠିକାଦାରଙ୍କୁ ପଚାରିବାରୁ ଆମର ଘର ନିର୍ମାଣ କରିବା ଦାୟିତ୍ୱ ଓ ଘର ନିର୍ମାଣ କରି ରଙ୍ଗ ମାରି ସାରିବା ପରେ ଆମେ ଘର ହସ୍ତାନ୍ତର କରିଦେବୁ ବୋଲି କହିଥିଲେ। ଏଠାରେ ସୂଚନା ଥାଉକି ବିଭାଗୀୟ ଅଧିକାରୀ ଘର ନିର୍ମାଣ କରିବା ପାଇଁ ଅର୍ଥ ମଞ୍ଜୁର କରିଥିବା ବେଳେ ଘରକୁ ଯିବା ପାଇଁ ରାସ୍ତା ନାହିଁ। ତା'ହେଲେ ଏତେ ଟଙ୍କା ଖର୍ଚ୍ଚ କରି ଉକ୍ତ ସ୍ଥାନରେ ଘର ନିର୍ମାଣ କରିବାର କାରଣ କ'ଣ ବୋଲି ଏବେ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏଥିପ୍ରତି ବିଭାଗୀୟ ଅଧିକାରୀ ଦୃଷ୍ଟି ଦେଉନଥିବାରୁ ଅସନ୍ତୋଷ ପ୍ରକାଶ ପାଇଛି। ଏ ନେଇ ଏକ ଉଚ୍ଚସ୍ତରୀୟ ତଦନ୍ତ କରିବା ସହ ଏଥିରେ ସମ୍ପୃକ୍ତ ଠିକାଦାର ଓ ବିଭାଗୀୟ ଅଧିକାରୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବାକୁ ଯାଜପୁର ଜିଲ୍ଲାପାଳଙ୍କ ନିକଟରେ ଅଞ୍ଚଳବାସୀଙ୍କ ପକ୍ଷରୁ ଦାବି ହୋଇଛି।

ସକାଳ
THE SAKALA

# ଯୁଦ୍ଧବିରତିର ଖଳନାୟକ

ଫେବୃଆରୀ ୨୮ ତାରିଖରେ ଇରାନ ଉପରେ ଆମେରିକା ଓ ଇସ୍ରାଏଲର ଅଚାନକ ମିଳିତ ଆକ୍ରମଣରୁ ଆରମ୍ଭ ହୋଇଥିବା ମଧ୍ୟପ୍ରାଚ୍ୟ ମହାଯୁଦ୍ଧରେ ଏପ୍ରିଲ ୮ ତାରିଖରୁ ଅସ୍ଥାୟୀ ବିରାମ ଲାଗିଛି । ଏହା ଶାନ୍ତି ଓ ସ୍ଥିରତା ଦୃଷ୍ଟିରୁ ଶୁଭ ସଙ୍କେତ ବୋଲି କୁହାଯାଇପାରେ । କିନ୍ତୁ ଏହା କେତେଦିନ ତିଷ୍ଠିବ, ତାହା ପାକିସ୍ତାନ ରାଜଧାନୀ ଇସଲାମାବାଦରେ ହେବାକୁ ଯାଉଥିବା ଇରାନ-ଆମେରିକା ଦ୍ୱିପାକ୍ଷିକ କଥାବାର୍ତ୍ତାରୁ ଜଣାପଡ଼ିବ । ଏହି କଥାବାର୍ତ୍ତା ବେଳେ ଉଭୟ ଆମେରିକା ଏବଂ ଇରାନ ନିଜ ନିଜ ସର୍ତ୍ତ ଅନୁଯାୟୀ ଯୁଦ୍ଧ ବନ୍ଦ କରିବାକୁ ନିଜ ନିଜ ପକ୍ଷ ରଖିବେ । କାରଣ ରଣକ୍ଷେତ୍ରରେ ଉଭୟ ପକ୍ଷ ନିଜର ପୂର୍ଣ୍ଣ ସାମର୍ଥ୍ୟ ଅନୁଯାୟୀ ଲଢ଼େଇ କରିଛନ୍ତି । ଏଥିରେ ବର୍ତ୍ତମାନ ସୁଦ୍ଧା କାହାରି ବିଜୟ କି ପରାଜୟ ହୋଇନାହିଁ । କିଛି ଦିନ ମଧ୍ୟରେ ଯୁଦ୍ଧ ଶେଷ ହୋଇଯିବ ବୋଲି ପରାକ୍ରମୀ ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଆକଳନ କରିଥିଲେ । କିନ୍ତୁ ଇରାନ ପକ୍ଷରୁ ଯେଉଁଭଳି ପାଲଟା ଆକ୍ରମଣ ହେଲା, ତାହା କେବଳ ଆମେରିକା ନୁହେଁ, ସମଗ୍ର ବିଶ୍ୱକୁ ଆଚମ୍ବିତ କରିଛି । ଇରାନ ପକ୍ଷରୁ ଇସ୍ରାଏଲର ରାଜଧାନୀ ସମେତ ବିଭିନ୍ନ ସହର ଉପରେ ବିଧ୍ୱଂସୀ ଆକ୍ରମଣ ହେଲା । ଏହାସହ ପଡ଼ୋଶୀ ଉପସାଗରୀୟ ଦେଶମାନଙ୍କରେ ଥିବା ଆମେରିକାର ସାମରିକ ପ୍ରତିଷ୍ଠାନ ଉପରେ ମଧ୍ୟ ଇରାନ ଆକ୍ରମଣ କରି ଆମେରିକାର ଅହଂକାରକୁ ଚୂରମାର କରିଦେଲା । ଇରାନ ଉପରେ ଆମେରିକା-ଇସ୍ରାଏଲ ଯେତେ ଆକ୍ରମଣ କରୁଥିଲେ, ଇରାନ ସେହି ହିସାବରେ ସେମାନଙ୍କୁ ଜବାବ ଦେଉଥିଲା । ପରିସ୍ଥିତି ଏପରି ହେଲା ଯେ ତୈଳ ପରିବହନ ଏବଂ ବିଶ୍ୱ ବାଣିଜ୍ୟର ପ୍ରାଣକେନ୍ଦ୍ର ବୋଲି କୁହାଯାଉଥିବା ହର୍ମୁଜ ପ୍ରଣାଳୀକୁ ଇରାନ ବନ୍ଦ କରିଦେଇଥିଲା । ଫଳରେ ବିଶ୍ୱବ୍ୟାପୀ ଅର୍ଥନୈତିକ ସଙ୍କଟ ସୃଷ୍ଟି ହୋଇଥିଲା । ସମଗ୍ର ଘଟଣା ଆମେରିକାକୁ ଅଡୁଆରେ ପକାଇ ଦେଇଥିଲା । ଆମେରିକା ଏହା ପୂର୍ବରୁ କେବେହେଲେ ଏଭଳି ଅପମାନଜନକ ସ୍ଥିତିର ସମ୍ମୁଖୀନ ହୋଇନଥିଲା । ଅଡୁଆରୁ ମୁକୁଳିବା ଲାଗି ଟ୍ରମ୍ପ ଆମେରିକାର ସହଯୋଗୀ ୟୁରୋପୀୟ ରାଷ୍ଟ୍ରଙ୍କୁ ସହାୟତା ଲୋଡ଼ିଲେ । କିନ୍ତୁ, ସେମାନେ ରୋକଠୋକ୍ ମନା କରିଦେବାରୁ ଅସହାୟ ହୋଇପଡ଼ିଥିଲେ ଟ୍ରମ୍ପ । ଶେଷରେ ପାକିସ୍ତାନ ଓ ଚୀନ ସହାୟତାରେ ଯୁଦ୍ଧବିରତି ଘୋଷଣା କରିଛନ୍ତି ଟ୍ରମ୍ପ । କିନ୍ତୁ ତାଙ୍କର ଏହି ଉଦ୍ୟମରେ ପ୍ରତିବନ୍ଧକ ସାଜିଛି ଇସ୍ରାଏଲ । ଇସ୍ରାଏଲକୁ ବାଦ୍ ଦେଇ ଟ୍ରମ୍ପ ଏକପାଖିଆ ଭାବେ ଯୁଦ୍ଧବିରତି ଘୋଷଣା କରିବା, ଇସ୍ରାଏଲ ପ୍ରଧାନମନ୍ତ୍ରୀ ନେତ୍ୟାନ୍ୟାହୁ ଏହାକୁ ହଜମ କରିପାରୁନାହାନ୍ତି । ଯୁଦ୍ଧବିରତି ଘୋଷଣାର ମାତ୍ର କେଇ ଘଣ୍ଟା ଭିତରେ ଇସ୍ରାଏଲ ଲେବାନନ୍‌ର 'ହିଜବୁଲ୍ଲା' ସଂଗଠନ ଉପରେ ପ୍ରଚଣ୍ଡ ଆକ୍ରମଣ କରିଛି । ମାତ୍ର ୧୦ ମିନିଟ୍ ଭିତରେ ୧୦୦ ଠିକଣା ଉପରେ ଆକ୍ରମଣ କରି ୨୫୦ରୁ ଊର୍ଦ୍ଧ୍ୱ ଲୋକଙ୍କୁ ହତ୍ୟା କରିଛି । ଏପରିକି, ହିଜବୁଲ୍ଲା ମୁଖ୍ୟଙ୍କ ଅତ୍ୟନ୍ତ ଘନିଷ୍ଠଙ୍କୁ ହତ୍ୟା କରିଛି ବୋଲି ଦାବି କରିଛି । ଯୁଦ୍ଧବିରତିରେ ମଧ୍ୟସ୍ଥତାର ଭୂମିକା ନେଇଥିବା ପାକିସ୍ତାନର କହିବା ଅନୁଯାୟୀ, ଲେବାନନ୍‌ରେ ଥିବା ଇରାନ୍‌ର ସହଯୋଗୀ ହିଜବୁଲ୍ଲାକୁ ଆକ୍ରମଣ ନ କରିବା ଯୁଦ୍ଧବିରତିର ଅଂଶ ଥିବା ବେଳେ ଇସ୍ରାଏଲ୍ ଏହାକୁ ପ୍ରତ୍ୟାଖ୍ୟାନ କରିଦେଇଛି । ଜବାବୀ କାର୍ଯ୍ୟାନୁଷ୍ଠାନ ସ୍ୱରୂପ, ଇରାନ୍ ହର୍ମୁଜ୍ ପ୍ରଣାଳୀକୁ ପୁଣିଥରେ ବନ୍ଦ କରିଦେଇଛି । ସମୁଦ୍ର ଭିତରେ ବି ବିସ୍ଫୋରକ (ମାଇନ୍ସ) ଖଞ୍ଜିବାକୁ ଯୋଜନା କରୁଛି । ଏପରି ବିଷମ ସ୍ଥିତିରେ ଲେବାନନ୍ ଉପରେ ଇସ୍ରାଏଲ୍‌ର ଆକ୍ରମଣକୁ ଆମେରିକା ନ ଅଟକାଇଲେ ଯୁଦ୍ଧବିରତି କେବଳ ଏକ ପ୍ରହସନ ପାଲଟିବ ବୋଲି ଆକଳନ କରାଯାଉଛି ।

ଯେଉଁ ଲକ୍ଷ୍ୟ ନେଇ ଇସ୍ରାଏଲ୍ ଯୁଦ୍ଧ କରିଥିଲା ଏବଂ ଏଥିରେ ଆମେରିକାକୁ ସାମିଲ କରିବାରେ ସକ୍ଷମ ହୋଇଥିଲା, ସେଥିରୁ ଗୋଟିଏ ବି ପୂରା ନ ହେବା ନେତ୍ୟାନ୍ୟାହୁ ପ୍ରଶାସନ ପାଇଁ ଏକ ବଡ଼ ସମସ୍ୟା ସୃଷ୍ଟି କରିଛି । ଗତ ମାର୍ଚ୍ଚ ମାସରେ ନେତ୍ୟାନ୍ୟାହୁ ସରକାର ଇରାନ୍ ସହ ଯୁଦ୍ଧକୁ ଅବଶ୍ୟମ୍ଭାବୀ ଓ ଯଥାର୍ଥ ଦର୍ଶାଇବା ପାଇଁ ନିଜ ଦେଶରେ ଏକ ଅଭିଯାନ ଚଳାଇଥିଲେ । ଏଥିରେ ୩ଟି ବିନ୍ଦୁ ଉପରେ ପ୍ରାଧାନ୍ୟ ଦିଆଯାଇଥିଲା ଏବଂ ଇସ୍ରାଏଲର ଏକ ବଡ଼ ସମୂହ ଏହାର ସମର୍ଥନରେ ମଧ୍ୟ ଥିଲେ । ସେଗୁଡ଼ିକ ହେଲା, ଇରାନ୍‌କୁ ପରମାଣୁ ଶକ୍ତି ହେବାରୁ ବଞ୍ଚିତ କରିବା, ଅଧିକ ବାଲାଷ୍ଟିକ୍ କ୍ଷେପଣାସ୍ତ୍ର ବିକଶିତ କରିବାରୁ ନିବୃତ୍ତ ରଖିବା ଏବଂ ପାଖାପାଖି ୫ ଦଶନ୍ଧି ଧରି ଚାଲି ଆସୁଥିବା ଖାମେନେଇ ଶାସନରୁ ଇରାନ୍‌କୁ ମୁକ୍ତି ଦେବା ପାଇଁ ଇରାନ୍‌ବାସୀଙ୍କୁ ସୁଯୋଗ ଦେବା । କିନ୍ତୁ, ଏହି ୩ଟି ମଧ୍ୟରୁ ଗୋଟିଏ ବି ଲକ୍ଷ୍ୟ ହାସଲ କରିବାରେ ଇସ୍ରାଏଲ୍ ସକ୍ଷମ ହୋଇପାରିନାହିଁ । ଯଦିଓ ଇରାନ୍ ଖଣ୍ଡନ କରୁଛି, କିନ୍ତୁ ଇରାନ୍ ପାଖରେ ଏବେ ବି ସମୃଦ୍ଧ ୟୁରାନିୟମ୍ ଗଚ୍ଛିତ ରହିଛି । ଭୀଷଣ ଯୁଦ୍ଧ ସତ୍ତ୍ୱେ ଇରାନ୍ ପାଖରେ ଏବେ ବି ଅତ୍ୟାଧୁନିକ କ୍ଷେପଣାସ୍ତ୍ରର ଏକ ବଡ଼ ଭଣ୍ଡାର ଅକ୍ଷୁଣ୍ଣ ରହିଛି । ସେହିପରି, ଇସ୍ରାଏଲ୍‌ର ବିରୋଧୀ ଦଳ ନେତା ୟାଇର୍ ଲାପିଡ୍‌ଙ୍କ କହିବା ମୁତାବକ, ଇରାନ୍ ଏବେ ୮୬ ବର୍ଷୀୟ ଖାମନେଇଙ୍କ ବଦଳରେ ୫୬ ବର୍ଷୀୟ ଖାମନେଇଙ୍କ ଦ୍ୱାରା ଶାସିତ ହେଉଛି । ତେଣୁ କୌଣସି ଗୋଟିଏ ଲକ୍ଷ୍ୟ ହାସଲ ହୋଇନଥିବା ସେ କହିଛନ୍ତି । ପୁଣି ଆଗାମୀ ଦିନରେ ପାକିସ୍ତାନରେ ପ୍ରସ୍ତାବିତ ଶାନ୍ତି ଆଲୋଚନାରେ ନେତ୍ୟାନ୍ୟାହୁଙ୍କ କୌଣସି ଭୂମିକା ରହିବ ନାହିଁ । ଯୁଦ୍ଧ ଯୋଗୁଁ ଇସ୍ରାଏଲ୍‌ରେ ଶତାଧିକ ମୃତାହତ ହେବା ଏବଂ ହଜାରହଜାର ଲୋକ ବାସଚ୍ୟୁତ ହେବା ଘଟଣାକୁ ନେଇ ନେତ୍ୟାନ୍ୟାହୁଙ୍କ ବିରୋଧରେ ଅନ୍ତଃବିଦ୍ରୋହ ମଧ୍ୟ ଆହୁରି ପ୍ରଖର ଓ ତୀବ୍ର ହେବାର ସମ୍ଭାବନାକୁ ଏଡ଼ାଇ ଦିଆଯାଇନପାରେ । ତେଣୁ ନିଜର ଅସ୍ତିତ୍ୱ ବଜାୟ ରଖିବା ଲାଗି ସେ ଯୁଦ୍ଧବିରତିକୁ ଖାତିର ନକରି ଲେବାନନ ଉପରେ ଆକ୍ରମଣ ଜାରି ରଖିବାକୁ ଧମକ ଦେଇଛନ୍ତି । ଏହା ମଧ୍ୟପ୍ରାଚ୍ୟକୁ ଅଶାନ୍ତ ରଖିବ, ଏଥିରେ କୌଣସି ଦ୍ୱିମତ ନାହିଁ । ଏହି ଅଞ୍ଚଳରେ ସ୍ଥାୟୀ ଶାନ୍ତି ପ୍ରତିଷ୍ଠା କରିବାକୁ ହେଲେ ଇସ୍ରାଏଲକୁ ନିବୃତ୍ତ ରଖିବା ଲାଗି ଟ୍ରମ୍ପ ପଦକ୍ଷେପ ନେବା ଏକାନ୍ତ ଆବଶ୍ୟକ ହୋଇପଡ଼ିଛି ।

## ସମ୍ପାଦକୀୟ



ବିଶ୍ୱକୁ ଭାରତର ସବୁଠାରୁ ବଡ଼ ଆଶୀର୍ବାଦ ହେଲା, ଏହାର ଗ୍ରାମାଞ୍ଚଳ ଓ ଆଦିବାସୀ ଅଧ୍ୟୁଷିତ ଅଞ୍ଚଳରେ ଉପଲବ୍ଧ ଅଭିଜ୍ଞତା ଓ ଜ୍ଞାନର ସମୃଦ୍ଧ ଭଣ୍ଡାର ।

- ଏମ୍ ଏସ୍ ସ୍ୱାମୀନାଥନ୍

# ଭଙ୍ଗୁର ପ୍ରାଥମିକ ଶିକ୍ଷା ଉପରେ ନଭଶ୍ଚୁମ୍ବୀ ଉଚ୍ଚଶିକ୍ଷା

ଡ. ଅନ୍ତର୍ଜିତା ନାୟକ

ଭାରତୀୟ ଶିକ୍ଷା ପରିଦୃଶ୍ୟରେ ଆଜି ଏକ ବୈପରୀତ୍ୟପୂର୍ଣ୍ଣ ଢାଞ୍ଚା ଦେଖା ଦେଉଛି, ଯେଉଁଠି ପ୍ରାଥମିକ ଶିକ୍ଷାର ଭଙ୍ଗୁର ମୂଳଦୁଆ ଉପରେ ଉଚ୍ଚଶିକ୍ଷାର ଏକ ଚିତ୍ତାକର୍ଷକ ସୌଧ ଗଢ଼ାଚାଲିଛି । ଆଜି ଗୋଟିଏ ପାଖରେ ଆମେ ଯେତେବେଳେ ବିଶ୍ୱବିଦ୍ୟାଳୟ, ବୈଷୟିକ ଅନୁଷ୍ଠାନ ଏବଂ ବୈଶ୍ୱିକ ମାନ୍ୟତାର ସମ୍ପ୍ରସାରଣକୁ ପାଳନ କରୁଛେ, ଅନ୍ୟ ପାଖରେ ଏକ ଅସ୍ଥିର ବାସ୍ତବତା ଲୁଚି ରହୁଛି, ଯାହା ପ୍ରାଥମିକ ଶିକ୍ଷାର ଗୁଣବତ୍ତା ଏବଂ ଉପଲବ୍ଧତାର ଦୁର୍ବଳତା, ଅସମାନତା ଓ ଅବହେଳିତ ଛବିକୁ ବଖାଣୁଛି । ଏହି ଅସନ୍ତୁଳନ କେବଳ ଶିକ୍ଷଣ ବ୍ୟବସ୍ଥାର ବିକାଶ ପଥକୁ ବିକୃତ କରୁନାହିଁ; ବରଂ ସାମାଜିକ ଅସମାନତା, ଦକ୍ଷତା ଅବକ୍ଷୟ ଏବଂ ବୌଦ୍ଧିକ ଦୁର୍ବଳତା ମଧ୍ୟ ସୃଷ୍ଟି କରିଛି । ଏହି ସଙ୍କଟର କେନ୍ଦ୍ରବିନ୍ଦୁରେ ଏକ ଢାଞ୍ଚାଗତ ବିରୋଧାଭାସ ରହିଛି, ଯେଉଁଠାରେ ଶିକ୍ଷାନୀତି, ଆର୍ଥିକ ଆବଣ୍ଟନ ଏବଂ ସାମାଜିକ ପ୍ରତିଷ୍ଠା, ପ୍ରବଳମାତ୍ରାରେ ଉଚ୍ଚଶିକ୍ଷା ସପକ୍ଷବାଦୀ । କିନ୍ତୁ, ପ୍ରାଥମିକ ଶିକ୍ଷା, ଯାହା ଜ୍ଞାନାତ୍ମକ, ଭାବପ୍ରବଣ ଏବଂ ନୈତିକ ବିକାଶର ଜୀବନବ୍ୟାପୀ ଗତିପଥ ନିର୍ଦ୍ଧାରଣ କରେ;, ତାହା ଅବହେଳିତ, ଅଣଦେଖା ଓ ସମ୍ବଳହୀନ ।

ଶିକ୍ଷା ପାଇଁ ଏକୀକୃତ ଜିଲ୍ଲା ସୂଚନା ପ୍ରଣାଳୀ (U-DISE)୨୦୨୩-୨୪ ଅନୁଯାୟୀ, ଭାରତରେ ୧୪.୯ ଲକ୍ଷରୁ ଅଧିକ ବିଦ୍ୟାଳୟ ଅଛି, ଯେଉଁଥିରେ ୨୬ କୋଟିରୁ ଅଧିକ ଛାତ୍ରଛାତ୍ରୀ ପ୍ରାଥମିକ ଏବଂ ଉଚ୍ଚପ୍ରାଥମିକ ସ୍ତରରେ ନାମ ଲେଖାଇଛନ୍ତି । ତଥାପି, ବାର୍ଷିକ ଶିକ୍ଷା ସ୍ଥିତି ବିବରଣୀ-୨୦୨୩ ଅନୁଯାୟୀ, ପଞ୍ଚମ ଶ୍ରେଣୀର ୫୦%ରୁ ଅଧିକ ଛାତ୍ରଛାତ୍ରୀ ଦ୍ୱିତୀୟ ଶ୍ରେଣୀର ପାଠ୍ୟପୁସ୍ତକ ପଢ଼ିବାରେ ଅକ୍ଷମ ଏବଂ ୬୦%ରୁ ଅଧିକ ମୌଳିକ ଗାଣିତିକ ପ୍ରଦର୍ଶନ କରିବାରେ ଅକ୍ଷମ । ଅପରପକ୍ଷରେ ସେହି ତୁଳନାରେ, ଆମେ ଗର୍ବରେ ପ୍ରଦର୍ଶନ କରୁଛେ, ଉଚ୍ଚଶିକ୍ଷାରେ ୧,୧୧୩ ରୁ ଅଧିକ ବିଶ୍ୱବିଦ୍ୟାଳୟ, ୪୩ ନିୟୁତ ଛାତ୍ରଛାତ୍ରୀ, ଅଗଣିତ ବୈଶ୍ୱିକ ମାନ୍ୟତା, ଯାହାପାଇଁ ରହିଛି ଉଚ୍ଚାଭିଳାଷୀ ନୀତି ଓ ପାଣ୍ଠି । ଏଠି ପ୍ରଶ୍ନ ଉଠେ — ଅସମାନ ଦୁଇଟି ଗୋଡ଼ରେ ଭଲ ଭାବେ କିଏ ଦୌଡ଼ିପାରିବ କି? ପ୍ରାରମ୍ଭିକ ବିଦ୍ୟାଳୟ ସ୍ତରରେ ଯଦି ପର୍ଯ୍ୟାପ୍ତ ମୌଳିକ ପଠନ, ଲେଖନ ଓ ସଂଖ୍ୟାଗତ ସାକ୍ଷରତା ବିକାଶ ପାଉନାହିଁ; ତେବେ ତାହାର ସିଧାସଳଖ ପ୍ରଭାବ ଉଚ୍ଚଶିକ୍ଷାରେ ଦେଖାଯାଏ । ଏପରି ପ୍ରଣାଳୀରୁ ଜନ୍ମ ନେଇଥିବା ଛାତ୍ରଛାତ୍ରୀମାନେ ଯଦିଓ ଔପଚାରିକ ଭାବେ ଉଚ୍ଚଶିକ୍ଷାରେ ପହଞ୍ଚିଯା'ନ୍ତି, ସେମାନେ ପରବର୍ତ୍ତୀ ସମୟରେ ବୋଧଗମ୍ୟତା ଓ ବିଶ୍ଲେଷଣାତ୍ମକ ସାମର୍ଥ୍ୟରେ ଗଭୀର ସଂଘର୍ଷ କରନ୍ତି । ଏହା ଉନ୍ନତ ଶିକ୍ଷଣର ମୂଳସାରକୁ କ୍ଷୀଣ କରିଦିଏ ଏବଂ ଜ୍ଞାନକୁ କେବଳ ଡିଗ୍ରୀର ସୀମାରେ ବାନ୍ଧିଦିଏ, ଯେଉଁଥିରେ ଶିକ୍ଷାର ପ୍ରତ୍ୟେକଟି ସୋପାନରେ 'ଦାସେ ଆଇଲେ ମୂଳରୁ ଗା' କରିବାକୁ ପଡୁଛି । ଏହି ଦୁର୍ବଳ ଭିତ୍ତି, ପରବର୍ତ୍ତୀ ସମୟରେ ନିମ୍ନ ଉତ୍ପାଦକତା, ସୀମିତ ନିଯୁକ୍ତି ସୁଯୋଗ ଓ ନେତୃତ୍ୱ ନେବାର କ୍ଷମତା ହ୍ରାସ ରୂପେ ପ୍ରତିଫଳିତ ହେଉଛି ।

ଏହି ଅସଙ୍ଗତିର କାରଣଗୁଡ଼ିକ ବହୁସ୍ତରୀୟ, ବ୍ୟବସ୍ଥିତ ଏବଂ ଗଭୀରଭାବେ ନୀତିଗତ ଧାରଣାରେ ପ୍ରତିଷ୍ଠିତ । ଯଦି ହିସାବ କରାଯାଏ ତେବେ, ବିଶ୍ୱବିଦ୍ୟାଳୟ ସ୍ତରରେ ପ୍ରତି ଛାତ୍ରଛାତ୍ରୀ ଉପରେ ହେଉଥିବା ଖର୍ଚ୍ଚ, ପ୍ରାଥମିକ ଶିକ୍ଷାର ପ୍ରତି ଛାତ୍ରଛାତ୍ରୀ ଉପରେ ହେଉଥିବା ଖର୍ଚ୍ଚଠାରୁ ପାଞ୍ଚରୁ ସାତ ଗୁଣ ପର୍ଯ୍ୟନ୍ତ ଅଧିକ । ପ୍ରାଥମିକ ଶିକ୍ଷାଦାନକୁ ସାଧାରଣତଃ କମ୍ ମୂଲ୍ୟ ଦିଆଯାଏ, ଶିକ୍ଷକମାନଙ୍କୁ ତୁଳନାତ୍ମକ ଭାବେ କମ୍ ଦରମା ଏବଂ କମ୍ ସମ୍ମାନ ମଧ୍ୟ ମିଳେ । ଭାରତୀୟ ଶିକ୍ଷା ବ୍ୟବସ୍ଥା ଦୀର୍ଘଦିନ ଧରି ସେହି ଶ୍ରମଶକ୍ତିକୁ ଅବମାନିତ କରିଆସୁଛି, ଯାହା ଉପରେ ତାହାର ସମଗ୍ର ବୌଦ୍ଧିକ ଭବନ ସ୍ଥାପିତ । ସରକାରୀ ବିଶ୍ୱବିଦ୍ୟାଳୟରେ ଜଣେ ସହକାରୀ ପ୍ରଫେସର ଯେଉଁଠି ହାରାହାରି ୭୦,୦୦୦ ଟଙ୍କାରୁ ୧,୦୦,୦୦୦ ଟଙ୍କା ପର୍ଯ୍ୟନ୍ତ ମାସିକ ଦରମା ପାଉଛନ୍ତି, ସେଇଠି ଜଣେ ସରକାରୀ ପ୍ରାଥମିକ ବିଦ୍ୟାଳୟ ଶିକ୍ଷକଙ୍କ ଆୟ ପ୍ରାୟ ୩୫,୦୦୦ ଟଙ୍କାରୁ ୪୫,୦୦୦ ଟଙ୍କା ମଧ୍ୟରେ ସୀମିତ; ଏବଂ ଚୁକ୍ତିଭିତ୍ତିକ ଶିକ୍ଷକମାନେ ପ୍ରାୟତଃ ୧୫,୦୦୦ ଟଙ୍କାରୁ କମ୍ ଦରମାରେ କାର୍ଯ୍ୟ କରୁଛନ୍ତି । ଏହା ସ୍ପଷ୍ଟ କରେ ଯେ, ଶିକ୍ଷାର ମୂଳଦୁଆ ନିର୍ମାଣ କରୁଥିବା ଲୋକମାନଙ୍କୁ, ସେହି ମୂଳଦୁଆ ଉପରେ ଅଟ୍ଟାଳିକା ନିର୍ମାଣ କରୁଥିବା ଲୋକମାନଙ୍କ ତୁଳନାରେ କମ୍ ମୂଲ୍ୟ ଦିଆଯାଏ । ଏହି ପ୍ରଣାଳୀଗତ ଅବହେଳାର ସ୍ୱାଭାବିକ ପରିଣାମ ହେଉଛି—ବୃତ୍ତିଗତ ନିଷ୍କ୍ରିୟତା ଏବଂ ଶିକ୍ଷାଦାନକୁ ଏକ ନିମ୍ନ ପ୍ରେରଣାପ୍ରଦ ପେଶାରେ ପରିଣତ କରିଦେବା । ଏପରି ସ୍ଥିତିରେ ଗୁଣମାନ ସମ୍ପନ୍ନ ଶିକ୍ଷା ଆଶା କରିବା, ଭଙ୍ଗୁର ଭିତ୍ତି ଉପରେ ଦୃଢ଼ ଭବନ ତିଆରି କରିବା ସଙ୍ଗେ ସମାନ । ଫଳସ୍ୱରୂପ, ସର୍ବୋତ୍ତମ ମାନବସମ୍ପଦ ଓ ପ୍ରତିଭା, ଶିକ୍ଷାର ଭିତ୍ତିସ୍ତରକୁ ଛାଡ଼ି, ଶିଖର ଦିଗକୁ ପ୍ରବାହିତ ହେଉଛନ୍ତି । ଏହି ଅସମତୁଳନର ପରିଣାମ ସମଗ୍ର ବ୍ୟବସ୍ଥାରେ ପ୍ରସାରିତ, ଯେପରି ଦୁର୍ବଳ ଶିକ୍ଷଣ ଭିତ୍ତି, ନିମ୍ନ ଶୈକ୍ଷଣିକ ପ୍ରଦର୍ଶନ, ଉଚ୍ଚ ଡ୍ରପ୍‌ଆଉଟ୍ ହାର, କୌଶଳହୀନ ସ୍ନାତକ, ଶିକ୍ଷିତ ବେରୋଜଗାର ଏବଂ ଶେଷରେ ଏକ ଗଭୀର ସାମାଜିକ-ଅର୍ଥନୈତିକ ବିଭାଜନ । ଏହି ପ୍ରକ୍ରିୟାରେ ଶିକ୍ଷା, ସମତାର ମାଧ୍ୟମ ହେବା ପରିବର୍ତ୍ତେ, ଅସମତାର ପୁନରୁତ୍ପାଦକ ହୋଇ ଉଠେ । ବିଶ୍ୱବ୍ୟାଙ୍କର-୨୦୨୩ ରିପୋର୍ଟ ଏହି ଅସମତାକୁ ନେଇ ଗଭୀର ଚେତାବନୀ ଦେଇ ପ୍ରକାଶ କରିଛି, ଯଦି ମୌଳିକ ଶିକ୍ଷାର ଦୁର୍ବଳତାକୁ ତୁରନ୍ତ ଏବଂ ସଂଗଠିତ ଭାବେ ସମାଧାନ ନ କରାଯାଏ, ତେବେ ଭାରତର ଆଶାଜନକ ଜନସାଂଖ୍ୟିକୀୟ ଲାଭାଂଶ ଧୀରେଧୀରେ ଏକ ଜନସାଂଖ୍ୟିକୀୟ ବୋଝରେ ପରିଣତ ହେବାର ଗଭୀର ଆଶଙ୍କା ରହିଛି ।

ଭାରତର ଉଚ୍ଚଶିକ୍ଷାର ପରିଦୃଶ୍ୟ ବିଶାଳ ଏବଂ ଉଚ୍ଚାଭିଳାଷୀ । ପ୍ରାୟ ୪.୩ କୋଟି ଛାତ୍ରଛାତ୍ରୀଙ୍କୁ ଆବର୍ତ୍ତିତ କରି, ଏହା ଚୀନ୍ ଓ ଆମେରିକା ପରେ ବିଶ୍ୱର ତୃତୀୟ ସର୍ବବୃହତ ଉଚ୍ଚଶିକ୍ଷା ବ୍ୟବସ୍ଥା ଭାବେ ପରିଚିତ । ଆଇ.ଆଇ.ଟି, ଏନ.ଆଇ.ଟି, ଆଇ.ଆଇ.ଏମ୍ ଓ ଏ.ଆଇ.ଆଇ.ଏମ୍.ଏସ୍ ପରି ସଂସ୍ଥାଗୁଡ଼ିକ ଭାରତର ବୌଦ୍ଧିକ ଉତ୍କର୍ଷର ବୈଶ୍ୱିକ ପ୍ରତୀକ ଓ ଶିକ୍ଷାଗତ ବ୍ରାଣ୍ଡ । କିନ୍ତୁ ଚିନ୍ତା ଏହା ଯେ, ସ୍ନାତକମାନଙ୍କ ଏକ ବଡ଼ ଅଂଶ ନିଯୁକ୍ତିଯୋଗ୍ୟ ମୌଳିକ ଦକ୍ଷତାର ଅଭାବରେ ପୀଡ଼ିତ । ଭାରତର ଉଚ୍ଚଶିକ୍ଷା ପ୍ରାୟତଃ ଏକ ମରାମତି କର୍ମଶାଳା ଭାବେ କାର୍ଯ୍ୟ କରୁଛି, ଯେଉଁଠି ପ୍ରାଥମିକ ଶିକ୍ଷା ଯାହା ନିର୍ମାଣ କରିପାରି ନ ଥିଲା, ତାହାକୁ ସଂଶୋଧନ କରିବାର ଚେଷ୍ଟା କରୁଛି । ଏହି ପ୍ରକ୍ରିୟାରେ ଉଚ୍ଚଶିକ୍ଷା କ୍ଷେତ୍ରଗୁଡ଼ିକ, ଗବେଷଣା ଓ ନବସୃଜନରେ ନିବେଶ କରିବା ପରିବର୍ତ୍ତେ ପ୍ରତିକାରମୂଳକ ଓ ପୁନଃଶିକ୍ଷା କାର୍ଯ୍ୟକ୍ରମରେ ସମ୍ବଳ ବ୍ୟୟ କରିବାକୁ ବାଧ୍ୟ ହେଉଛନ୍ତି । ଏହି ଅଭାବର ଭାର ନିଯୁକ୍ତିଦାତାମାନେ ପୁନଃପ୍ରଶିକ୍ଷଣ ମାଧ୍ୟମରେ ମଧ୍ୟ ବହନ କରନ୍ତି ।

ଏହି ପରିପ୍ରେକ୍ଷୀରେ, ପ୍ରାଥମିକ ଓ ଉଚ୍ଚଶିକ୍ଷା ମଧ୍ୟରେ ଥିବା ସହାବସ୍ଥାନମୂଳକ ସମ୍ପର୍କକୁ ଅଣଦେଖା କରିହେବ ନାହିଁ । ଶିକ୍ଷାର ପ୍ରତ୍ୟେକ କ୍ଷେତ୍ରର ମୂଳରେ ରହିଛି ପ୍ରାରମ୍ଭିକ ବିଦ୍ୟାଳୟ ଜୀବନର ପୋଷିତ ଜିଜ୍ଞାସା, ଅନୁସନ୍ଧାନ ଓ ବୋଧଗମ୍ୟତାର ମୌଳିକ ଅଭ୍ୟାସ । ଜ୍ଞାନାତ୍ମକ ବିଜ୍ଞାନ ଏହି ଧାରାବାହିକତାକୁ ଶକ୍ତ ଭାବେ ସମର୍ଥନ କରେ, ଯେଉଁଠି ମାନବ ମସ୍ତିଷ୍କର ପ୍ରାୟ ୯୦% ବିକାଶ ୧୦ ବର୍ଷ ବୟସ ପୂର୍ବରୁ ସଂପନ୍ନ ହୋଇଥାଏ, ଯେଉଁ ପର୍ଯ୍ୟାୟରେ ପ୍ରାଥମିକ ଶିକ୍ଷା ସବୁଠାରୁ ଗଭୀର ଓ ଦୀର୍ଘସ୍ଥାୟୀ ପ୍ରଭାବ ପକାଇଥାଏ । ଏହି ସତ୍ୟକୁ ଗୁରୁତ୍ୱ ଦେଇ ଜାତୀୟ ଶିକ୍ଷା ନୀତି-୨୦୨୦, ଭବିଷ୍ୟତର ସମସ୍ତ ଶିକ୍ଷାଗତ ସଫଳତା ପାଇଁ ମୌଳିକ ସାକ୍ଷରତା ଓ ସଂଖ୍ୟାଜ୍ଞାନକୁ ଏକ ଅନିବାର୍ଯ୍ୟ ପୂର୍ବସର୍ତ୍ତ ଭାବେ ରେଖାଙ୍କିତ କରିଛି । ନିପୁଣ ଭାରତ ମିଶନ ମାଧ୍ୟମରେ ସରକାର ତୃତୀୟ ଶ୍ରେଣୀ ପର୍ଯ୍ୟନ୍ତ ସାର୍ବଜନୀନ ସାକ୍ଷରତା ଓ ସଂଖ୍ୟାଗତ ଦକ୍ଷତା ହାସଲ କରିବାକୁ ଲକ୍ଷ୍ୟ ନିର୍ଦ୍ଧାରଣ କରିଛନ୍ତି । ଯଦି ଏହି ପଦକ୍ଷେପଗୁଡ଼ିକୁ ସଂଗଠିତ, ସମାନମୂଳକ ଓ ପ୍ରଭାବୀ ଢଙ୍ଗରେ କାର୍ଯ୍ୟକାରୀ କରାଯାଏ, ତେବେ ଏହା ଭାରତର ଉଚ୍ଚଶିକ୍ଷାର ଗୁଣବତ୍ତାରେ ଏକ ବୈପ୍ଳବିକ ପରିବର୍ତ୍ତନ ଆଣିପାରିବ ।

ପ୍ରାଥମିକ ଶିକ୍ଷା ମୂଳ ଗଢ଼େ; ଉଚ୍ଚଶିକ୍ଷା ସେହି ମୂଳରୁ ଶାଖା ବିସ୍ତାର କରେ । ଜଣଙ୍କର ସ୍ୱାସ୍ଥ୍ୟ ଅନ୍ୟଟିର ଜୀବନ୍ତତା ନିର୍ଦ୍ଧାରଣ କରେ । ଯେଉଁ ରାଷ୍ଟ୍ରଗୁଡ଼ିକ ବୌଦ୍ଧିକ ସମୃଦ୍ଧିକୁ ନିଜ ଲକ୍ଷ୍ୟ ଭାବେ ଧାରଣ କରନ୍ତି, ସେମାନେ ସବୁଠାରୁ ପ୍ରଥମେ ନିଜ କନିଷ୍ଠ ଶିକ୍ଷାର୍ଥୀମାନଙ୍କ ପୋଷଣରୁ ଯାତ୍ରା ଆରମ୍ଭ କରନ୍ତି, କାରଣ ଶିଖର ପର୍ଯ୍ୟନ୍ତ ଯାତ୍ରା ସଦା ମାଟିରୁ ଆରମ୍ଭ ହୁଏ । ଭାରତର ଶିକ୍ଷା କାହାଣୀ, ଏହା କେତେ ସଂଖ୍ୟକ ବିଶ୍ୱବିଦ୍ୟାଳୟ ଗଢୁଛି, ତାହା ଦ୍ୱାରା ନୁହେଁ; ବରଂ ଦୂରସ୍ଥ ଗ୍ରାମାଞ୍ଚଳ ଶ୍ରେଣୀଗୃହରେ ପଢୁଥିବା ପିଲାମାନଙ୍କ ସାମର୍ଥ୍ୟ, ଆତ୍ମବିଶ୍ୱାସ ଓ କଳ୍ପନାଶକ୍ତି ଦ୍ୱାରା ଲେଖାଯିବା ଉଚିତ । ଉଚ୍ଚଶିକ୍ଷା, ଇଞ୍ଜିନିୟର, ବୈଜ୍ଞାନିକ ଓ ନୀତିନିର୍ଦ୍ଧାରକ ସୃଷ୍ଟି କରିପାରେ; କିନ୍ତୁ ପ୍ରାଥମିକ ଶିକ୍ଷା ଚିନ୍ତନଶୀଳ ମନ, ସୃଜନଶୀଳ ପାଠକ ଓ ସ୍ୱପ୍ନଦ୍ରଷ୍ଟା ସୃଷ୍ଟି କରେ । ଯଦି ଉଚ୍ଚଶିକ୍ଷାକୁ ଜାତୀୟ ପରିବର୍ତ୍ତନର ଏକ ସଜୀବ ଶକ୍ତିରେ ପରିଣତ କରିବାକୁ ହୁଏ, ତେବେ ପ୍ରଥମେ ପ୍ରାଥମିକ ଶିକ୍ଷାକୁ ଶିକ୍ଷା, ଜିଜ୍ଞାସା ଓ ସମାନତାର ଏକ ସଜୀବ ପରିବେଶରେ ପରିଣତ କରିବା ଆବଶ୍ୟକ, ଯେଉଁଠାରେ ଜ୍ଞାନର ଭବିଷ୍ୟତ ନୀରବତାରେ ନିଜ ପ୍ରଥମ ନିଶ୍ୱାସ ନେଇଥାଏ । ମନୁଷ୍ୟକୁ ସ୍ତରୀକୃତ କରିବା ପରିବର୍ତ୍ତେ, ରବୀନ୍ଦ୍ରନାଥ ଟାଗୋରଙ୍କ ମତରେ ଶିକ୍ଷା ହେଉଛି ସେହି ଶକ୍ତି "ଯାହା ମୁକ୍ତ କରେ" ଓ ବୌଦ୍ଧିକ ଭାବରେ ସଜୀବ, ବିଶ୍ୱସ୍ତରରେ ପ୍ରତିସ୍ପର୍ଦ୍ଧୀ ଭାରତର ସ୍ୱପ୍ନ, ଶିକ୍ଷାକୁ ଭିନ୍ନ-ଭିନ୍ନ ପର୍ଯ୍ୟାୟର ଖଣ୍ଡିତ ବ୍ୟବସ୍ଥା ଭାବରେ ଦେଖିବାରେ ନୁହେଁ; ବରଂ ଏହାକୁ ଏକ ଅଖଣ୍ଡ, ନିରନ୍ତର ଓ ଜୀବନ୍ତ ପ୍ରକ୍ରିୟା ଭାବେ ବୁଝିବାରେ ନିର୍ଭର କରେ, ଯେଉଁଠାରେ ମୂଳର ସ୍ୱାସ୍ଥ୍ୟ ନଭଶ୍ଚୁମ୍ବୀ ଶାଖାମାନଙ୍କର ସମ୍ଭାବନାକୁ ନିର୍ଦ୍ଧାରଣ କରେ ।

ମୋ: ୬୩୭୦୯୦୫୯୪୭

# ଦୁଇଟି ଅଣୁ ଗଳ୍ପ

ପ୍ରଣବ କଳ୍ପ ପଟ୍ଟନାୟକ

## ବିବର୍ତ୍ତନ-୧ ( ଇକୋ ସିଷ୍ଟମ୍ )

ଆଜିକାଲି ଖରାଦିନ ଗୋଟେ ଅଭିଶାପ ଭଳି ମନେ ହୁଏ । ବିଶେଷ କରି ଖରା ଦିନ ଶେଷ ଜୁନ୍ ମାସ ବେଳକୁ ଅବସ୍ଥା ଖରାପ ହେଇ ଯାଏ । ଜୁନ୍ ମାସର ପ୍ରବଳ ଗରମ ଓ ଗୁଳୁଗୁଳିକୁ ମୁଁ ଆଙ୍ଗୁଠି ଟିପରେ ଉଡ଼େଇ ଦେଲି । ମାନେ, ମୋର ସେଇ ଆଙ୍ଗୁଠି ଟିପଟା ଏସି ରିମୋଟ ଉପରେ ଥିଲା । ୨୨ ଡିଗ୍ରୀରେ ଏସି ଚଲେଇଲି । ଜେଜେମା'ଙ୍କୁ ଡାକିଆଣି ସେ ଘରେ ଥଣ୍ଡାରେ ବସେଇଲି । ଜେଜେମା'ଙ୍କୁ ଗୋଟେ ଗପ କହିବାକୁ ଅନୁରୋଧ କଲି । କିଛି ଗୋଟେ ମନେ ପକେଇବା ଭଙ୍ଗିରେ ଜେଜେମା ଟିକେ ଉପରକୁ ଦେଖିଲେ ଓ ତା ପରେ ମୋ ମୁହଁକୁ ଅନେଇ କଥା ଆରମ୍ଭ କଲେ । ଜଙ୍ଗଲରେ ବିରାଟ ପୋଖରୀଟେ ଥିଲା । କାଚ କେନ୍ଦୁ ପାଣି । ପାଣିରେ ମାଛ, କୁମ୍ଭୀର, କଇଁଛ, ପାଣିକୁଆ ଓ ବେଙ୍ଗ ଇତ୍ୟାଦିଙ୍କ ବସବାସ ଥିଲା । ଆଖ ପାଖରେ ବଡ଼ ବଡ଼ ଗଛ । ଗଛ ସାରା ହରରଙ୍ଗି ଚଢ଼େଇ, ସାପ, ମାଙ୍କଡ଼ ସହ ମାଙ୍କଡ଼ସା ବି ରହୁଥିଲେ । ପୋଖରୀର ଅତଳ ତଳେ କି ଗୋଟେ ଦେବତା ରହୁଥିଲେ ଯେ ସେ ସମସ୍ତଙ୍କୁ ଅଭୟ ଦେଇଥିଲେ । ତେଣୁ ବାଘ ଓ ହରିଣ ଏକା ସାଥିରେ ପୋଖରୀରୁ ପାଣି ପିଉଥିଲେ । ଦିନେ ରାଜକୁମାର ଶିକାରକୁ ଆସି ବାଟ ହୁଡ଼ିଗଲା । ଶୋଷରେ ଉହଳବିକଳ ହୋଇ ଖୋଜି ଖୋଜି ପୋଖରୀ ପାଖରେ ପହଞ୍ଚିଲା.... ।

ଆମ ସମୟରେ( ଆମେ ଯେବେ ପିଲା ଥିଲୁ) ଏ ଭଳି ଗପର ଗୋଟେ ବିଶେଷ ଚାହିଦା ଥିଲା । ବଡ଼ହେଲା ପରେ ଜୀବ ବିଜ୍ଞାନ ପଢ଼ି ଜାଣିଲି ଯେ ଜେଜେମା' କହୁଥିବା ପୋଖରୀକୁ ଆମେ ଗୋଟେ ଇକୋସିଷ୍ଟମ୍ କହୁ, ଯେଉଁଠି ବିଭିନ୍ନ ବର୍ଗର ପ୍ରାଣୀ ଏକାଠି ବସବାସ କରନ୍ତି ।

ଜେଜେମା'ଙ୍କ ଗପ ସରିଲା ବେଳକୁ ଏସି ରୁମ୍ ରେ ଭିଡ଼ ବଢ଼ି ସାରିଥିଲା । ରୁମ୍ ର ଗୋଟେ କୋଣରେ ମା' ଓ ଖୁଡ଼ି ମିଶି କାକରା ଗଢୁଥିଲେ । ବାବା ଆରାମ ଚେୟାରେ ବସି ମୋବାଇଲ ଫୋନ୍‌ରେ କ'ଣ ଗୋଟେ ଅଫିସ୍ କାମ କରୁଥିଲେ । ବାବାଙ୍କୁ ଆମେ ସବୁ ଭାଇ ଭଉଣୀ ପ୍ରବଳ ଭୟ କରୁ । କେଉଁ ଗୋଟେ ଦେବତା (ଜେଜେମା') ର ଅଭୟ ପ୍ରାପ୍ତ ହେଲା ଭଳି ସେଇ ରୁମ୍ ରେ ବାବାଙ୍କ ସାମ୍ନାରେ ଆମ ଘରର ଛୋଟ ଭାଇଭଉଣୀ ସବୁ ହୋ ହା ହେଇ ଲୁଡୁ ଖେଳୁଥିଲେ । ମୁଁ ଚାରିଆଡ଼େ ମୁହଁ ବୁଲେଇ ଦେଖିଲି, ଜେଜେମା'ଙ୍କ ଗପର ପୋଖରୀ ଓ ଆମ ଏସି ରୁମ୍ ର ପରିସ୍ଥିତି ମୋତେ ସମତୁଲ୍ୟ ମନେ ହେଲେ ।

## ବିବର୍ତ୍ତନ-୨ ( ଆଦର୍ଶ ସମାଜ )

ଜେଜେମା'ଙ୍କୁ ଆଉ ଗୋଟେ କାହାଣୀ ଶୁଣେଇବାକୁ ଅନୁରୋଧ କଲି । ସେପଟେ ପିଲାମାନଙ୍କର ଲୁଡୁ ଖେଳ ସରି ସାପ-ସିଡ଼ି ଖେଳ ଆରମ୍ଭ ହେଇ ସାରିଥିଲା । ଜେଜେମା' ଆରମ୍ଭ କଲେ ରାମାୟଣର କଥା । ମୋ ପ୍ରିୟ କାହାଣୀମାନଙ୍କ ମଧ୍ୟରୁ ଗୋଟେ । ରାମରାଜ୍ୟର ବର୍ଣ୍ଣନା କରିବାରେ ମୋ ଜେଜେମା' ଅଦ୍ୱିତୀୟ । ଜେଜେମା' ଆରମ୍ଭ କଲେ: ରାମରାଜ୍ୟରେ ପ୍ରଜାମାନଙ୍କର ଶାନ୍ତିପୂର୍ଣ୍ଣ ସହାବସ୍ଥାନ ଥିଲା । ସେଠି ଜାତି, ଧର୍ମ, ଛୁଆଁଅଛୁଆଁ, ଧନୀ ଓ ଗରିବ ସମସ୍ତେ ସମାନ । ପୃଥିବୀରେ ସ୍ୱର୍ଗର ଭ୍ରମ ସୃଷ୍ଟି କରୁଥିଲା ରାମରାଜ୍ୟ । ରାମ ପିତୃ ସତ୍ୟ ପାଳନ ନିମନ୍ତେ ବନ ଗମନ କଲେ...... । ଜେଜେମା'ଙ୍କ ଗପ ସରିଲା ।

ମୁଁ କହିଲି, ଜେଜେମା' ମୁଁ ବି ଗୋଟେ ଗପ କହିବି, ଶୁଣିବ ? ସେ ଅଳ୍ପ ହସି କହିଲେ, ହଉ କହରେ ନାତିଆ । ମୁଁ ଆରମ୍ଭ କଲି,

ରାମରାଜ୍ୟ ଭଳି ଗୋଟେ ଜାଗା ଅଛି ଜେଜେମା' । ସେଠି ନା ବର୍ଷା ଅଛି ନା ଅଛି ଶୀତ । ସେଠି ଚିର ବସନ୍ତ । ସେଠି ସମସ୍ତେ ମିଳିମିଶି ରୁହନ୍ତି । ସେଠି ଜାତି, ଧର୍ମ, ଛୁଆଁଅଛୁଆଁ, ଧନୀ ଓ ଗରିବ ସମସ୍ତେ ସମାନ । ସେଠି ସମସ୍ତେ ଭଲ ଓ ସବୁ ଚେହେରାରେ ହସ ହିଁ ଥାଏ । ଜେଜେମା' ଆଶ୍ଚର୍ଯ୍ୟ ହୋଇ କହିଲେ, ତା'ହେଲେ ତ କଳିଯୁଗ ସରି ସରି ଆସିଲାଣିରେ ନାତିଆ । ମୋତେ ଟିକେ ସେ ରାଇଜ ଆଡ଼େ ବୁଲେଇ ନେ ରେ ନାତିଆ । ମୁଁ ହଁ କହିଲି ଓ ଜେଜେମା'ଙ୍କ ନାଁ ରେ ଗୋଟେ ସୋସିଆଲ ମିଡିଆ ଏକାଉଣ୍ଟ ଖୋଲି ଦେଲି ।

କଳ୍ପ କୁଟୀର, ଗୁଣୁପୁର, ରାୟଗଡ଼ା
ମୋ-୭୨୦୫୧୭୭୭୩୨

# ଗଛ, ଗଛ, ଗଛ, ଆଉ ସବୁ ପଛ

ସତ୍ୟନାରାୟଣ ଦେହୁରୀ

**ପ୍ରକୃତି- ପରିବେଶ**

ବର୍ତ୍ତମାନ ସମୟର ଇଏ ସବୁଠାରୁ ବଡ଼ ଆହ୍ୱାନ । ଆମେ ସବୁ କାମକୁ ପଛରେ ପକାଇ ଆଗ ଗଛ ଲଗାଇବା ଉପରେ ପ୍ରାଧାନ୍ୟ ଦେବା ଗଛ ଲଗାଇବା, ତା'ର ଯତ୍ନ ନେବା ଓ ତା'ର ସୁରକ୍ଷା କରିବା । କାରଣ ପରିବେଶ ପ୍ରଦୂଷଣଜନିତ ଯେଉଁସବୁ ଅସୁବିଧାର ସମ୍ମୁଖୀନ ହେଉଛେ, ସେଥିରୁ ମୁକୁଳିବାକୁ ହେଲେ ବହୁ ପରିମାଣରେ ଗଛ ଲଗାଇବା ଆବଶ୍ୟକ । ବିନା ବିଚାରରେ ଆମେ ଗଛଲତାଗୁଡିକୁ କାଟିଚାଲିଛେ । ଜଙ୍ଗଲରେ ନିଆଁ ଲଗାଇ ଗଛଲତାଗୁଡିକୁ ପୋଡ଼ି ମାରି ଦେଉଛେ । ଜନସଂଖ୍ୟା ବୃଦ୍ଧି, ଯାନବାହନ ବୃଦ୍ଧି, କଳକାରଖାନା ବୃଦ୍ଧି ଇତ୍ୟାଦି କାରଣରୁ ପରିବେଶ ଉପରେ ଯେଉଁ ଚାପ ପଡୁଛି, ତାକୁ ଲାଘବ କରିବା ପାଇଁ ଗଛ ବ୍ୟତିତ ଅନ୍ୟ ବିକଳ୍ପ ନାହିଁ । ଗଛ ହିଁ ପରିବେଶର ଦୂଷିତ ଉପାଦାନକୁ ନେଇ ପରିବେଶକୁ ପ୍ରଦୂଷଣ ମୁକ୍ତ କରିଥାଏ । ଏହି ଧାରଣା ସବୁ ଲୋକଙ୍କ ମନରେ ବଦ୍ଧମୂଳ ହେବା ଆବଶ୍ୟକ ।

ଗଛର ଉପକାରିତା ବିଷୟରେ ଯଦି ଆଲୋଚନା କରିବା, ତେବେ ମଣିଷ ବଞ୍ଚି ରହିବା ପାଇଁ ଆବଶ୍ୟକ ହେଉଥିବା ମୌଳିକ ଉପାଦାନଗୁଡ଼ିକ ଏହି ବୃକ୍ଷରାଜୀ ହିଁ ପ୍ରଦାନ କରନ୍ତି । ମଣିଷର ଖାଦ୍ୟ, ବସ୍ତ୍ର, ବାସଗୃହ ସହିତ ଜଳ ଓ ବାୟୁ ସବୁ ପ୍ରାଣୀଜଗତର ବଂଚିବା ପାଇଁ ଆବଶ୍ୟକ । ଏହିସବୁ ଆବଶ୍ୟକତାକୁ ଗଛଲତାମାନେ ଯୋଗାଇଥା'ନ୍ତି । ଶ୍ୱାସକ୍ରିୟା ପାଇଁ ଆବଶ୍ୟକ ଅମ୍ଳଜାନ ଗଛଠାରୁ ମିଳିଥାଏ । ଯେଉଁ ସ୍ଥାନମାନଙ୍କରେ ଗଛ ନାହିଁ, ସେଠାରେ ବିଶୁଦ୍ଧ ଅମ୍ଳଜାନ ପାଇବା କଷ୍ଟକର । ପରିବେଶକୁ ଭାରାକ୍ରାନ୍ତ କରୁଥିବା ଅଙ୍ଗାରକାମ୍ଳକୁ ଗ୍ରହଣ କରିନେଇ ପରିବେଶକୁ ପ୍ରଦୂଷଣମୁକ୍ତ କରିବାରେ ଗଛର ଭୂମିକା ଖୁବ୍ ଗୁରୁତ୍ୱପୂର୍ଣ୍ଣ । ଜଳ ମଧ୍ୟ ଏହି ଗଛମାନଙ୍କ ଦ୍ୱାରା ସୃଷ୍ଟି ହୋଇଥାଏ । ଗଛଲତା ବର୍ଷା ହେବାରେ ମୁଖ୍ୟଭୂମିକା ନିଭାଇଥାଆନ୍ତି । ଗଛଲତା ନ ଥିବା ଅଂଚଳରେ ବର୍ଷାର ପରିମାଣ କମ୍ ହୋଇଥାଏ । ବାୟୁମଣ୍ଡଳକୁ ଥଣ୍ଡା କରିବାରେ ଗଛଲତା ମାନଙ୍କର ଆବଶ୍ୟକତା ରହିଥାଏ । ଏହାବ୍ୟତିତ ଘର ତିଆରି, ଗୃହ ଉପକରଣ ତିଆରି ତଥା ଜାଳେଣୀ ପାଇଁ ମଧ୍ୟ ଆମେ ଗଛଲତା ଉପରେ ନିର୍ଭରଶୀଳ । ବିଭିନ୍ନ ଜଙ୍ଗଲଜାତ ଦ୍ରବ୍ୟ, ଯଥା – ମହୁ, ଲାଖ, ଝୁଣା, ମହୁଲ ଇତ୍ୟାଦି ପାଇଁ ସବୁବେଳେ ଆମେ ଜଙ୍ଗଲ ଉପରେ ନିର୍ଭର କରିଥାଉ । ଅନେକ ଲୋକ ଏହି ଜଙ୍ଗଲଜାତ ଦ୍ରବ୍ୟକୁ ନେଇ ସେମାନଙ୍କର ଜୀବିକା ନିର୍ବାହ କରନ୍ତି । ମୁଖ୍ୟତଃ ପାହାଡ଼ ଜଙ୍ଗଲରେ ରହୁଥିବା ଆଦିବାସୀ ସଂପ୍ରଦାୟର ଲୋକମାନେ ଏଗୁଡିକ ଉପରେ ବେଶୀ ନିର୍ଭରଶୀଳ ।

ଏତେସବୁ ଉପକାରୀତା ଥିବା ସତ୍ତ୍ୱେ ଗଛଲତା ଉପରେ ମଣିଷର ଅତ୍ୟାଚାର ବଢ଼ିବଢ଼ି ଚାଲିଛି । ବର୍ତ୍ତମାନ ସମୟର ସବୁଠାରୁ ବଡ଼ ସମସ୍ୟା ହେଲା ଜଙ୍ଗଲ ନିଆଁ । ବିଭିନ୍ନ କାରଣରୁ ଜଙ୍ଗଲରେ ନିଆଁ ଲାଗିଥାଏ । ମହୁଲ ସଂଗ୍ରହ ପାଇଁ ମହୁଲ ମୂଳକୁ ନିଆଁ ଲଗାଇ ସଫା କରାଯାଏ । ସେହି ନିଆଁ ଜଙ୍ଗଲକୁ ବ୍ୟାପିଯାଏ । ପୋଡୁ ଚାଷ ପାଇଁ ମଧ୍ୟ ଜଙ୍ଗଲର ବିଭିନ୍ନ ଜାଗାକୁ ନିଆଁ ଲଗାଇ ସଫା କରିଦିଅନ୍ତି । ଏହାଫଳରେ ଅନେକ ଛୋଟବଡ଼ ଗଛ ଜଳିପୋଡି ନଷ୍ଟ ହୋଇଯାଏ । କାଠ ମାଫିଆମାନେ ମୂଲ୍ୟବାନ କାଠ ସଂଗ୍ରହ ପାଇଁ ଜଙ୍ଗଲରେ ନିଆଁ ଲଗାଇ ସଫା କରିଦିଅନ୍ତି । ଏଗୁଡିକ ବ୍ୟତିତ ଆଜିକାଲି ବହୁପରିମାଣରେ ଗଞ୍ଜେଇ ଚାଷ ଜଙ୍ଗଲ ମଧ୍ୟରେ କରାଯାଉଛି । ବନୀକରଣ ପାଇଁ ଜଙ୍ଗଲରେ ଯେଉଁ ଗଛ ଲଗାଯାଇଥାଏ, ତାହା ସଫଳ ହୋଇ ନ ଥାଏ । ସେହି ବିଫଳତାକୁ ଲୁଚାଇବା ପାଇଁ, ପ୍ରମାଣ ନଷ୍ଟ ପାଇଁ ଜଙ୍ଗଲରେ ନିଆଁ ଲଗାଇ ଦିଆଯାଉଛି । ଏହିପରି ବିଭିନ୍ନ କାରଣରୁ ଗଛଲତା ଗୁଡିକୁ ନଷ୍ଟ କରିଦେବା ଫଳରେ ,ସେମାନଙ୍କ ଠାରୁ ପାଉଥିବା ବିଭିନ୍ନ ଉପକାର ପାଇବାରେ ସମସ୍ୟା ଦେଖାଦେଉଛି ।

ବୃକ୍ଷରୋପଣ ପାଇଁ ସରକାର ପ୍ରତିବର୍ଷ ଅନେକ ଟଙ୍କା ଖର୍ଚ୍ଚ କରୁଛନ୍ତି । ସାମାଜିକ ବନପ୍ରକଳ୍ପ, ଗ୍ରାମ୍ୟ ଜଙ୍ଗଲ, ବନୀକରଣ ଇତ୍ୟାଦି ମାଧ୍ୟମରେ ଜଙ୍ଗଲ ସୃଷ୍ଟି କରାଯାଉଛି । ଗାଆଁ କିମ୍ବା ସହର ନିକଟରେ ଥିବା ଅଦରକାରୀ ସ୍ଥାନମାନଙ୍କରେ ଗଛ ଲଗାଇ ଜଙ୍ଗଲ ସୃଷ୍ଟି କରାଯାଉଛି । ବିଭିନ୍ନ ଅନୁଷ୍ଠାନରେ ଥିବା ଖାଲି ସ୍ଥାନରେ ଗଛ ଲଗାଯାଉଛି । କଳକାରଖାନା ଥିବା ଅଂଚଳରେ ବହୁପରିମାଣରେ ଗଛ ଲଗାଯାଉଛି । ଜଙ୍ଗଲ ପଦା ହୋଇଯାଇଥିବା ସ୍ଥାନମାନଙ୍କରେ ଗଛ ଲଗାଇ ବନୀକରଣ କରାଯାଉଛି । ଅଧିକରୁ ଅଧିକ ଗଛ ଲଗାଇ ପରିବେଶକୁ ପ୍ରଦୂଷଣ ମୁକ୍ତ କରିବା ପାଇଁ ସରକାର ପଦକ୍ଷେପ ନେଉଛନ୍ତି । ମାଗଣାରେ ଚାରାବଣ୍ଟନ କରାଯାଉଛି । ପ୍ରତିବର୍ଷ ବନ ମହୋତ୍ସବ ପାଳନ କରି ବୃକ୍ଷରୋପଣକୁ ପ୍ରାଧାନ୍ୟ ଦିଆଯାଉଛି । ସବୁ ପଦକ୍ଷେପ ନିଆଯାଉଥିବାବେଳେ ଆଶାନୁରୂପ ସଫଳତା ମିଳିପାରୁ ନାହିଁ । ଦିନକୁ ଦିନ ଜନସଂଖ୍ୟ ଯେଉଁ ହାରରେ ବଢୁଛି, ଯାନବାହନ ସଂଖ୍ୟା ବଢୁଛି, କଳକାରଖାନା ସଂଖ୍ୟ ମଧ୍ୟ ବଢ଼ିବଢ଼ି ଚାଲିଛି ,ସେହି ଅନୁପାତରେ ଗଛଲତା ବଢ଼ିପାରୁ ନାହିଁ । ଏହାର କାରଣ ଖୋଜିବା ଆବଶ୍ୟକ ।

ଗଛଟିଏ ଲଗାଇବା ଯେତିକି ଆବଶ୍ୟକ, ତା'ଠାରୁ ବେଶୀ ଆବଶ୍ୟକ ଗଛଟିଏ ବଞ୍ଚାଇବା । ସବୁବର୍ଷ ଯେତିକି ଗଛ ଲଗାଯାଉଛି, ଯଦି ସେଥିରୁ ୧୦ ଭାଗ ବଞ୍ଚିରହନ୍ତା, ତାହାହେଲେ ଅନେକ ସଫଳତା ମିଳିପାରନ୍ତା । ସବୁଠାରୁ ଦୁଃଖର କଥା ହେଉଛି, ଏବର୍ଷ ଯେଉଁଠାରେ ୧୦୦ ଗଛ ଲାଗିଛି, ଆର ବର୍ଷକୁ ପୁଣି ସେହି ସ୍ଥାନରେ ୧୦୦ ଗଛ ଲାଗୁଛି । ତେବେ କିଛି ବି ସଫଳତା ଆମେ ପାଇପାରୁ ନାହିଁ । ଖାଲି ସରକାରୀ ଅର୍ଥର ବିନିଯୋଗ ହେଉଛି । ନିଜ ଘରେ ଗଛଟିଏ ଲଗାଇଲେ ଯେପରି ତା'ର ଯତ୍ନ ନେଉଛୁ, ସରକାର ମଧ୍ୟ ଯେତେ ଗଛ ଲଗାଉଛନ୍ତି, ସେଗୁଡିକର ଉପଯୁକ୍ତ ଯତ୍ନ ନେଲେ, ବନୀକରଣ ସଫଳ ହେବା ସହିତ, ପରିବେଶ ପ୍ରଦୂଷଣକୁ ବହୁ ପରିମାଣରେ ରୋକାଯାଇ ପାରନ୍ତା । ଆମେ ସମସ୍ତେ ଖାଲି ଗଛପାଇଁ କୁମ୍ଭୀର କାନ୍ଦଣା କାନ୍ଦୁଛେ । ପାଟିରେ ଖାଲି ମିଠା ମିଠା କଥା କହୁଛେ । ଗଛକୁ ନେଇ ଅନେକ କାହଣୀ ତିଆରି କରି ପାରୁଛେ; କିନ୍ତୁ ବାସ୍ତବ ଚିତ୍ର ଅଲଗା । ସମସ୍ତେ ଏକ ମନ ଏକ ପ୍ରାଣ ହୋଇ ପରିବେଶ କଥା ଚିନ୍ତା କରିବା କଥା । ପରିବେଶକୁ ନେଇ ବୈଜ୍ଞାନିକମାନେ ଆକଳନ କଲେଣି, ଯେ ଆଗାମୀ କିଛି ବର୍ଷ ମଧ୍ୟରେ ପୃଥିବୀର ତାପମାତ୍ରା ୫୦ ଡିଗ୍ରୀ ପାର୍ ହୋଇ ଶୀର୍ଷକୁ ଛୁଇଁବ । ତାପମାତ୍ର ବୃଦ୍ଧି ଯୋଗୁଁ ଗ୍ଲେସିଅର ତରଳି ସମୂଦ୍ରର ଜଳପତ୍ତନ ବୃଦ୍ଧିହେବ । ସମୂଦ୍ରକୂଳରେ ବସବାସ କରୁଥିବା ଲୋକମାନେ ବାସହରା ହେବେ । ଅନେକ ସମୁଦ୍ରକୂଳିଆ ସହର ଜଳମଗ୍ନ ହେବ । ଜଳ ସଂକଟ ଦେଖାଦେବ । ଭୂ-ଗର୍ଭର ଜଳସ୍ତର ନିମ୍ନଗାମୀ ହେବ । ଜନଜୀବନ ଅସ୍ତବ୍ୟସ୍ତ ହେବ ।

ସବୁ କାମକୁ ପଛରେ ପକାଇ, ଗଛ ଲଗାଇବା ଓ ତା'ର ଉପଯୁକ୍ତ ଯତ୍ନ ନେବାକୁ ପ୍ରାଧାନ୍ୟ ଦେବା ସମସ୍ତଙ୍କର ଏକମାତ୍ର ଲକ୍ଷ୍ୟହେବା ଆବଶ୍ୟକ । ବୃକ୍ଷରୋପଣରେ ନିଷ୍ଠାବାନ ହେବା ଜରୁରୀ । ଖାଲି ଗଛ ଲଗାଇ କାମ ସାରି ନ ଦେଇ ଗଛ ବଞ୍ଚାଇବା ଉଚିତ । ସହରମାନଙ୍କରେ ସ୍ଥାନାଭାବ ହେଲେ ମଧ୍ୟ ଛାତ ଉପରେ ଆଜିକାଲି ବିଭିନ୍ନ ଗଛ ଲଗାଯାଇ ପାରୁଛି । ଅନେକ ଲୋକ ଛାତ ଉପରେ ପନିପରିବା, ଫଳମୂଳ ଚାଷ କରୁଛନ୍ତି । ଏହାସହିତ କିଛି ପରିବେଶ ଉପକାରୀ ଗଛ ଲଗାଇବାକୁ ଆଗ୍ରହୀ ହେବା ଦରକାର । ବହୁ ପରିମାଣରେ ଗଛ ଲଗାଇଲେ ସରକାରଙ୍କ ତରଫରୁ ମଧ୍ୟ ପୁରସ୍କାର ବ୍ୟବସ୍ଥା କରାଯାଇଛି । ପ୍ରତିବର୍ଷ ସରକାରଙ୍କ ତରଫରୁ ରାଜ୍ୟର ସବୁ ଜିଲ୍ଲାରେ 'ପ୍ରକୃତି ମିତ୍ର', 'ପ୍ରକୃତି ବନ୍ଧୁ' ଇତ୍ୟାଦି ପୁରସ୍କାର ଦିଆଯାଉଛି । ଏହାଫଳରେ ଲୋକଙ୍କ ମଧ୍ୟରେ ବୃକ୍ଷରୋପଣ ପାଇଁ ଉତ୍ସାହ ବଢ଼େ । ଏହି ପୁରସ୍କାର ବିଭିନ୍ନ ଅନୁଷ୍ଠାନକୁ ମଧ୍ୟ ଦିଆଯାଇଥାଏ । ଏହା ସରକାରଙ୍କ ଏକ ଭଲ ପଦକ୍ଷେପ ।

ରାଧାନଗର, ବୌଦ୍ଧ,
ମୋ- ୯୯୩୮ ୭୫୮୩୫୩



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ । ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ ।

## ଓଏସ୍ଏସ୍‌ଟିଇଟି ଫଳ ପ୍ରକାଶିତ

କଟକ, ୯ ।୪ (ସମିସ): ମାଧ୍ୟମିକ ଶିକ୍ଷା ପରିଷଦ (ବୋର୍ଡ) ଦ୍ୱାରା ପରିଚାଳିତ 'ଓଡ଼ିଶା ମାଧ୍ୟମିକ ସ୍କୁଲ ଶିକ୍ଷକ ଯୋଗ୍ୟତା ପରୀକ୍ଷା' (ଓଏସ୍ଏସ୍‌ଟିଇଟି)-୨୦୨୫ର ଫଳ ଆଜି ପ୍ରକାଶ ପାଇଛି। ଚଳିତବର୍ଷ ପରୀକ୍ଷା ଫଳ ଉତ୍ସାହଜନକ ରହିଛି। ମୋଟ ପାସ୍ ହାର ୭୨.୩୮% ରହିଥିବା ବୋର୍ଡ ତରଫରୁ ସୂଚନା ଦିଆଯାଇଛି। ପେପର୍-୧ ଏବଂ ପେପର୍-୨ ପାଇଁ ମୋଟ ୫୬,୪୫୬ ଜଣ ପରୀକ୍ଷାର୍ଥୀ ପଞ୍ଜୀକରଣ

■ ୭୨.୩୮ ପ୍ରତିଶତ ପରୀକ୍ଷାର୍ଥୀ କୃତକାର୍ଯ୍ୟ
■ ଓଟିଇଟି ଆବେଦନ ମେ ୯ ପର୍ଯ୍ୟନ୍ତ ବୃଦ୍ଧି

କରିଥିଲେ। ଗତ ଜାନୁଆରୀ ୨୧ରେ ଏହି ପରୀକ୍ଷା ଅନୁଷ୍ଠିତ ହୋଇଥିଲା। ପରୀକ୍ଷାର୍ଥୀମାନଙ୍କ ଫଳ ଆଜି ବୋର୍ଡର ୱେବସାଇଟ୍‌ରେ ଉପଲବ୍ଧ କରାଯାଇଛି। କୃତକାର୍ଯ୍ୟ ହୋଇଥିବା ପରୀକ୍ଷାର୍ଥୀମାନେ ବୋର୍ଡ ୱେବସାଇଟ୍‌ରୁ ସେମାନଙ୍କର ଡିଜିଟାଇଜ ପ୍ରମାଣପତ୍ରକୁ ନିର୍ଦ୍ଧାରିତ ଫି' ପଇଠ କରି ଡାଉନଲୋଡ୍ କରିପାରିବେ। ସେହିଭଳି ଯେଉଁମାନେ ପରୀକ୍ଷାରେ ଅକୃତକାର୍ଯ୍ୟ ହୋଇଛନ୍ତି, ସେମାନେ ସେମାନଙ୍କ ଓଏମ୍ଆର୍ ଉତ୍ତରଖାତାକୁ ଆସନ୍ତା ୧୭ ତାରିଖ ପର୍ଯ୍ୟନ୍ତ ଡାଉନଲୋଡ୍ କରିପାରିବେ ବୋଲି ବୋର୍ଡ ପକ୍ଷରୁ କୁହାଯାଇଛି। ଅନ୍ୟପଟେ ଓଟିଇଟି-୨୦୨୬ ପରୀକ୍ଷା ପାଇଁ ଅନଲାଇନ୍ ଆବେଦନ ଶେଷ ତାରିଖକୁ ଆସନ୍ତା ମେ' ୯ ତାରିଖ ପର୍ଯ୍ୟନ୍ତ ବୃଦ୍ଧି କରାଯାଇଛି। ଏହି ପରୀକ୍ଷା ତାରିଖ ଖୁବଶୀଘ୍ର ଘୋଷଣା କରାଯିବ ବୋଲି ବୋର୍ଡ ସଭାପତି ଶ୍ରୀକାନ୍ତ ତରାଇ ସୂଚନା ଦେଇଛନ୍ତି।

■ ମଣ୍ଡି ବଦଳରେ ଚାଷୀଙ୍କୁ ମିଲରେ ଧାନ ଦେବା ପାଇଁ ବାଧ କରାଯିବା ପ୍ରସଙ୍ଗ

## ସତ୍ୟପାଠ ଦାଖଲ ପାଇଁ ସରକାରଙ୍କୁ ହାଇକୋର୍ଟଙ୍କ ନିର୍ଦ୍ଦେଶ

କଟକ,୯ ।୪ (ସମିସ): ଖରିଫ ଧାନ ବିକ୍ରି ପାଇଁ ଏଥର ଖୋଲିଥିବା ମଣ୍ଡିରେ ଚାଷୀଙ୍କଠାରୁ ଧାନ ସଂଗ୍ରହ କରା ନଯାଇ ମିଲ୍‌କୁ ଧାନ ନେଇ ଦେବା ପାଇଁ ବାଧ କରାଯିବା ଅଭିଯୋଗକୁ ନେଇ ଦାୟର ଜନସ୍ୱାର୍ଥ ମାମଲାକୁ ହାଇକୋର୍ଟ ଗୁରୁତ୍ୱର ସହ ଗ୍ରହଣ କରି ଶୁଣାଣି କରିଛନ୍ତି। ଏନେଇ ଉଦ୍‌ବେଗ ପ୍ରକାଶ କରିବା ସହ ସପ୍ତାହେ ଭିତରେ ଏହି ପ୍ରସଙ୍ଗରେ ସତ୍ୟପାଠ ଦାଖଲ ପାଇଁ ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ହାଇକୋର୍ଟ। ଏଥିସହ ମାମଲାରେ ଓଡ଼ିଶା ରାଜ୍ୟ ଯୋଗାଣ ନିଗମକୁ ହାଇକୋର୍ଟ ନୋଟିସ୍ ଜାରି କରିଛନ୍ତି। ମୁଖ୍ୟ ବିଚାରପତି ଜଷ୍ଟିସ୍ ହରୀଶ ଟଣ୍ଡନ ଓ ଜଷ୍ଟିସ୍ ଏମ.ଏସ.ରମଣଙ୍କୁ ନେଇ ଗଠିତ ଖଣ୍ଡପୀଠ ଭାରତୀୟ ବିକାଶ ପରିଷଦ ସଭାପତି ସୁରେନ୍ଦ୍ର ପାଣିଗ୍ରାହୀଙ୍କ ତରଫରୁ ଦାୟର ଜନସ୍ୱାର୍ଥ ମାମଲାର ଶୁଣାଣି କରି ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି। ଏଥିସହ ମାମଲାର ପରବର୍ତ୍ତୀ ଶୁଣାଣି ସମୟରେ ଆବେଦନକାରୀଙ୍କୁ ବ୍ୟକ୍ତିଗତ ଭାବେ ଉପସ୍ଥିତ ରହିବାକୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ମଣ୍ଡି ବଦଳରେ ମିଲ୍‌ରେ ଧାନ ଦେବାକୁ କୁହାଯାଇଥିବା ବେଳେ ପରିବହନ ବାବଦ ଖର୍ଚ୍ଚ ବି ଚାଷୀଙ୍କୁ ବହନ କରିବାକୁ ପଡୁଥିବା ନେଇ ଆବେଦନକାରୀ ଅଭିଯୋଗ କରିଛନ୍ତି। ଗଞ୍ଜାମ, ଗଜପତି, ରାୟଗଡ଼ା ସମେତ କେତେକ ଜିଲ୍ଲାରେ ଏଭଳି ଅନିୟମିତତା ହୋଇଥିବା ଆବେଦନକାରୀ ଦର୍ଶାଇଛନ୍ତି। ପରିବହନ ଓ ବସ୍ତା ବାବଦ କରିଥିବା ଖର୍ଚ୍ଚ ଚାଷୀ କେମିତି ଫେରିପାଇବେ, ସେଥିପାଇଁ ପଦକ୍ଷେପ ନିଆଯାଉ ବୋଲି ଆବେଦନକାରୀ ପ୍ରାର୍ଥନା କରିଛନ୍ତି। ଏପ୍ରିଲ ୨୯କୁ ମାମଲାର ପରବର୍ତ୍ତୀ ଶୁଣାଣି ପାଇଁ ଧାର୍ଯ୍ୟ କରାଯାଇଛି। ଆବେଦନକାରୀଙ୍କ ତରଫରୁ ଆଇନଜୀବୀ ଗୋପାଳ ପ୍ରସାଦ ଜେନା ମାମଲା ପରିଚାଳନା କରୁଛନ୍ତି।

## ସିଜିମାଳିରେ ପୁଲିସର ଦମନଲୀଳାକୁ କଂଗ୍ରେସର ଦୃଢ଼ ନିନ୍ଦା

ଭୁବନେଶ୍ୱର, ୯।୪(ସମିସ): ସିଜିମାଳି ଆନ୍ଦୋଳନ ପରିପ୍ରେକ୍ଷୀରେ ହିଂସାକାଣ୍ଡକୁ ନେଇ ରାଜ୍ୟ ସରକାରଙ୍କ ଉପରେ ବର୍ଷିଛି କଂଗ୍ରେସ। ପିସିସି ପକ୍ଷରୁ ଏକ ପ୍ରେସ୍ ବିବୃତ୍ତିରେ ରାଜ୍ୟ ଗଣମାଧ୍ୟମ ବିଭାଗର ଅଧ୍ୟକ୍ଷ ଅରବିନ୍ଦ ଦାସ କହିଛନ୍ତି, ଏହି ଆନ୍ଦୋଳନରେ ପୁଲିସର ଦମନଲୀଳାକୁ ଦଳ ନିନ୍ଦା କରୁଛୁ। ହିଂସା ଦ୍ୱାରା କୌଣସି ଆନ୍ଦୋଳନ ସଫଳ ହୁଏ ନାହିଁ। ବିସ୍ଥାପିତଙ୍କ ପାଇଁ ନ୍ୟାୟ ଆଣିବାକୁ ହେଲେ ଧୈର୍ଯ୍ୟର ସହ ଶାନ୍ତିପୂର୍ଣ୍ଣ ଲଢ଼ଇ କରି ଜିତିବାକୁ ହେବ। ଏହି ପ୍ରକଳ୍ପରେ ପ୍ରଭାବିତ ହେଉଥିବା ଲୋକଙ୍କ ସ୍ୱାର୍ଥ ହିଁ କଂଗ୍ରେସର ସବୁଠୁ ବଡ଼ ଲକ୍ଷ୍ୟ। ତେବେ ଏହାକୁ ହିଂସାତ୍ମକ ଉପାୟରେ

**ସପ୍ତଗିରିଙ୍କ ଅଧ୍ୟକ୍ଷତାରେ ତଥ୍ୟ ଅନୁସନ୍ଧାନକାରୀ ଟିମ୍ ଗଠନ**

ହାସଲ କରିହେବ ନାହିଁ। ଆଗକୁ ସମ୍ପୂର୍ଣ୍ଣ ଶାନ୍ତିପୂର୍ଣ୍ଣ ଭାବେ ଆନ୍ଦୋଳନ ହେବ। ପୁଲିସ ଦମନଲୀଳା କରିବାକୁ ସୁଯୋଗ ପାଇବ ନାହିଁ। ଦୀର୍ଘ ହେଉ ପଛେ, ୫ବର୍ଷର ଶାନ୍ତିପୂର୍ଣ୍ଣ ଲଢ଼େଇ ଦ୍ୱାରା କିପରି ନ୍ୟାଯ୍ୟ ଦାବି ହାସଲ କରାଯାଇପାରେ, ନିୟମଗିରି ତା'ର ଏକ ଉଦାହରଣ ବୋଲି ଦଳ ପକ୍ଷରୁ କୁହାଯାଇଛି। ଅବୈଧ ଖଣିଜ ଉତ୍ତୋଳନରେ ଖୋଦ ସରକାର ସଂପୃକ୍ତ ରହୁଥିବାରୁ ରାଜ୍ୟରେ କୌଣସି ପ୍ରକଳ୍ପରେ ପେସା ଆଇନ କାର୍ଯ୍ୟକାରୀ ହେଉନାହିଁ। ପ୍ରତିଥର ପ୍ରକଳ୍ପ ଦ୍ୱାରା ପ୍ରଭାବିତ ଲୋକେ ହିଁ କ୍ଷତିଗ୍ରସ୍ତ ହୋଇଥିବା ଦେଖାଯାଉଛି ଏବଂ ପ୍ରତିଥର କଂଗ୍ରେସ ଦଳ ହିଁ ପ୍ରଭାବିତମାନଙ୍କ ସ୍ୱାର୍ଥ ପାଇଁ ଲଢ଼େଇ କରି ସଫଳ ହୋଇଛି। କେବଳ ନିୟମଗିରି ନୁହେଁ, ଛେଣ୍ଡିପଦାରେ ମଧ୍ୟ ଖଣି ଦ୍ୱାରା ବାସ୍ତୁହରା ହେଉଥିବା ଲୋକଙ୍କ ଆନ୍ଦୋଳନକୁ କଂଗ୍ରେସ ବଳ ଦେଇଛି। ନିକଟରେ ଜଗତସିଂହପୁର ଜିଲ୍ଲାର ଏରସମା-ବାଲିକୁଦା ଅଞ୍ଚଳରେ ଆଦିବାସୀ ପାନଚାଷୀମାନଙ୍କୁ ଜେଏସଡବ୍ଲୁ କରୁଥିବା ଅନ୍ୟାୟ ବିରୋଧରେ କଂଗ୍ରେସ ଦଳ ଲଢ଼େଇ କରିଛି।

## 'ଅସୁର ହାଡ଼'କୁ ରାଜ୍ୟ ଜିଓ-ହେରିଟେଜ୍ ସାଇଟ୍ ଘୋଷଣା ଦାବି



ବାରିପଦା, ୯ ।୪ (ସମିସ): ବାରିପଦା ନିକଟସ୍ଥ ବୁଢ଼ାବଳଙ୍ଗ ନଦୀ କୂଳରେ ଥିବା ଐତିହାସିକ ଅସୁର ହାଡ଼ ସ୍ଥାନରେ ଏକ ସାମୁଦ୍ରିକ ଜୀବାଶ୍ମ (ଅନୁପମ ଫସିଲ୍) ପାର୍କ ସ୍ଥାପନ କରିବାକୁ ଇନ୍‌ଟାକ୍ ମୟୂରଭଞ୍ଜ ଚାପ୍ଟର୍ ଏକ ଗୁରୁତ୍ୱପୂର୍ଣ୍ଣ ପ୍ରସ୍ତାବ ଦେଇଛି। ଇନ୍‌ଟାକ୍ ମୟୂରଭଞ୍ଜ ଚାପ୍ଟର୍ କନ୍‌ଭେନର୍ ମହାରାଣୀ ରାଶ୍ମି ରାଜ୍ୟଲକ୍ଷ୍ମୀ ଭଞ୍ଜଦେଓ ଏହି ପ୍ରସ୍ତାବକୁ ଆଗେଇ ନେଇଛନ୍ତି। ସମ୍ପ୍ରତି ମହାରାଣୀ ରାଶ୍ମି ରାଜ୍ୟଲକ୍ଷ୍ମୀ ଭଞ୍ଜଦେଓ ଇନଟାକ୍‌ର ରାଜ୍ୟ ସହକାରୀ ଆବାହକଙ୍କ ସହ ଅସୁର ହାଡ଼ ସ୍ଥାନ ପରିଦର୍ଶନ କରିଥିଲେ।

ସାତପଉଟିଆ, ଉସୁରୁଡିହି, ଇଟାମୁଣ୍ଡିଆ ଓ ମୁକୁରମାଟିଆ ଗ୍ରାମ ମଧ୍ୟରେ ବ୍ୟାପିଥିବା ଏହି ଅଞ୍ଚଳକୁ ସ୍ଥାନୀୟ ଲୋକେ 'ଅସୁର ହାଡ଼' ନାମରେ ଜାଣନ୍ତି। ଏଠାରେ ପ୍ରାୟ ୧୨ରୁ ୧୫ ନିୟୁତ ବର୍ଷ ପୂର୍ବର ସାମୁଦ୍ରିକ ପରିବେଶର ଜୀବାଶ୍ମ ସଂରକ୍ଷିତ ଅଛି। ବିଭିନ୍ନ ପ୍ରକାର ମାଛ, କୁମ୍ଭୀର, କଇଁଛଙ୍କ ଜୀବାଶ୍ମଙ୍କ ସମେତ ବିଶାଳକାୟ ସାର୍କ ମାଛ ଦାନ୍ତ, ବ୍ୟାଟୋଇଡ୍ (ରେ' ମାଛ), ମୋଲସ୍କା (ଶାମୁକା ପ୍ରଜାତିର) ସମେତ ସମୁଦ୍ରରେ ବସବାସ କରୁଥିବା ଅତ୍ୟନ୍ତ ସୂକ୍ଷ୍ମ ଜୀବଜନ୍ତୁଙ୍କ ଜୀବାଶ୍ମ ମିଳିଛି। ଏହା ପୂର୍ବ ଭାରତର ପ୍ରାଚୀନ ସାମୁଦ୍ରିକ ପରିବେଶ ଓ ଜଳବାୟୁ ପରିବର୍ତ୍ତନର ଏକ ଅମୂଲ୍ୟ ପ୍ରମାଣ।

ଇନ୍‌ଟାକ୍ ମୟୂରଭଞ୍ଜ ଚାପ୍ଟର୍ ପକ୍ଷରୁ ମହାରାଣୀ ରାଶ୍ମି ରାଜ୍ୟଲକ୍ଷ୍ମୀ ଭଞ୍ଜଦେଓ ସରକାରଙ୍କୁ ଚିଠି ଲେଖି ଏହି ସ୍ଥାନକୁ 'ଷ୍ଟେଟ୍ ଜିଓ-ହେରିଟେଜ୍ ସାଇଟ୍' ଘୋଷଣା କରିବାକୁ ଦାବି କରିଛନ୍ତି। ଏହାସହ ଏକ ଆଧୁନିକ ଜୀବାଶ୍ମ ପାର୍କ, ବ୍ୟାଖ୍ୟାନ କେନ୍ଦ୍ର ଓ ଏକ ସୁସଜ୍ଜିତ ମ୍ୟୁଜିୟମ୍ ନିର୍ମାଣ କରିବାକୁ ମଧ୍ୟ ପ୍ରସ୍ତାବ ଦିଆଯାଇଛି। ସମଗ୍ର ଅଞ୍ଚଳକୁ ଫେନ୍ସିଂ କରି ବାଲି ଖନନ ସମ୍ପୂର୍ଣ୍ଣ ବନ୍ଦ କରିବାକୁ ଦାବି କରାଯାଇଛି। ଏହି ପ୍ରସ୍ତାବ କେବଳ ବୈଜ୍ଞାନିକ ଗବେଷଣା ପାଇଁ ନୁହେଁ, ଓଡ଼ିଶାକୁ ଏକ ବିଶ୍ୱସ୍ତରୀୟ ଜିଓ-ଟୁରିଜମ୍ ଗନ୍ତବ୍ୟସ୍ଥଳ କରିବା ପାଇଁ ମଧ୍ୟ ଏକ

**ଜୀବାଶ୍ମ ପାର୍କ, ବ୍ୟାଖ୍ୟାନ କେନ୍ଦ୍ର ଓ ମ୍ୟୁଜିୟମ୍ ନିର୍ମାଣ ପାଇଁ ଇନ୍‌ଟାକ୍‌ର ପ୍ରସ୍ତାବ**

ଦୂରଦର୍ଶୀ ପଦକ୍ଷେପ ବୋଲି କୁହାଯାଉଛି। ଏହା ହେଲେ ସ୍ଥାନୀୟ ଲୋକଙ୍କୁ ରୋଜଗାର ମିଳିବା ସହ ଛାତ୍ରଛାତ୍ରୀ ପ୍ରାଗ୍-ଐତିହାସିକ ଜୀବନ ବିଷୟରେ ଜାଣିପାରିବେ। ଇନ୍‌ଟାକ୍ ମୟୂରଭଞ୍ଜ ଚାପ୍ଟର୍ ଏହି ପ୍ରସ୍ତାବକୁ ସରକାରୀସ୍ତରରେ ଶୀଘ୍ର କାର୍ଯ୍ୟକାରୀ କରିବାକୁ ଆହ୍ୱାନ କରିଛି। ଏହା ଓଡ଼ିଶାର ପ୍ରାକୃତିକ ଐତିହ୍ୟକୁ ସୁରକ୍ଷିତ ରଖିବା ସହ ବାରିପଦାକୁ ଏକ ନୂତନ ପର୍ଯ୍ୟଟନ କେନ୍ଦ୍ର କରିପାରିବ ବୋଲି ଆଶା କରାଯାଉଛି।

## ରିଲାଏନ୍ସ ଇଣ୍ଡଷ୍ଟ୍ରିଜ୍ ଓ ମୁକେଶ ଅମ୍ବାନୀଙ୍କ ବିରୋଧରେ ମାମଲା ଖାରଜ କଲେ ହାଇକୋର୍ଟ

କଟକ, ୯ ।୪ (ସମିସ): ରିଲାଏନ୍ସ ଇଣ୍ଡଷ୍ଟ୍ରିଜ୍ ଏବଂ ଏହାର ଅଧ୍ୟକ୍ଷ ମୁକେଶ ଅମ୍ବାନୀଙ୍କ ବିରୋଧରେ ଦାୟର ହୋଇଥିବା ଏକ ଆପରାଧିକ ମାମଲାକୁ ଓଡ଼ିଶା ହାଇକୋର୍ଟ ଖାରଜ କରିଦେଇଛନ୍ତି। ପ୍ରାୟ ୨୩ ବର୍ଷ ତଳେ ଏକ ତ୍ରୁଟିପୂର୍ଣ୍ଣ ମୋବାଇଲ ହ୍ୟାଣ୍ଡସେଟ୍ ବିକ୍ରି ବିବାଦକୁ ନେଇ ବାରମ୍ବାର ବିଭିନ୍ନ ଅଦାଲତଙ୍କ ଦ୍ୱାରସ୍ଥ ହୋଇଥିବା ଓ ଏ ସମ୍ପର୍କିତ ତଥ୍ୟ ଲୁଚାଇଥିବା ଅଭିଯୋଗକାରୀଙ୍କ ଉପରେ ହାଇକୋର୍ଟ ଅସନ୍ତୋଷ ପ୍ରକାଶ କରିଛନ୍ତି। ଏଥିସହ ତଣ୍ଡ ଆକାରରେ ୧ ହଜାର ଟଙ୍କା ଆସନ୍ତା ୪ ସପ୍ତାହ ମଧ୍ୟରେ ଓଡ଼ିଶା ରାଜ୍ୟ ଆଇନ ସେବା ପ୍ରାଧିକରଣର 'ଜୁଭେନାଇଲ୍ ଜଷ୍ଟିସ୍ ଫଣ୍ଡ'ରେ ଜମା କରିବାକୁ ପ୍ରତିପକ୍ଷ ଅଭିଯୋଗକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ହାଇକୋର୍ଟ। ରିଲାଏନ୍ସ ଇଣ୍ଡଷ୍ଟ୍ରିଜ ଓ ମୁକେଶ ଧିରୁଭାଇ ଅମ୍ବାନୀଙ୍କ ତରଫରୁ ରୁଜୁ ଆବେଦନର ଶୁଣାଣି କରି ଡ. ଜଷ୍ଟିସ ସଂଜୀବ କୁମାର ପାଣିଗ୍ରାହୀ ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି। ରାଉରକେଲା ଏସଡିଜେଏମ କୋର୍ଟରେ ବିଚାରାଧୀନ ଥିବା ମାମଲା ଓ ମୁକେଶ ଅମ୍ବାନୀଙ୍କ ବିରୋଧରେ ଜାରି ହୋଇଥିବା ସମନକୁ ହାଇକୋର୍ଟ ରଦ୍ଦ କରିଦେଇଛନ୍ତି। ରାଉରକେଲାର ଜଣେ ସ୍ଥାନୀୟ ଡିଲରଙ୍କଠାରୁ କିଣାଯାଇଥିବା ୫୦୧ ଟଙ୍କାର ମୋବାଇଲ୍ ପାଇଁ କମ୍ପାନୀର ଅଧ୍ୟକ୍ଷଙ୍କୁ ସମନ କରିବା ସମ୍ପୂର୍ଣ୍ଣ ଅଯୌକ୍ତିକ। ଫୌଜଦାରୀ ଆଇନରେ ପରୋକ୍ଷ ଉତ୍ତରଦାୟିତ୍ୱର ପ୍ରାବଧାନ ନାହିଁ। କମ୍ପାନୀର କୌଣସି ସାଧାରଣ କାରବାର ପାଇଁ

**୧ହଜାର ଟଙ୍କା ତଣ୍ଡ ରାଶି ପଇଠ କରିବେ ଅଭିଯୋଗକାରୀ**

ଅଧ୍ୟକ୍ଷଙ୍କୁ ବ୍ୟକ୍ତିଗତ ଭାବେ ଦାୟୀ କରାଯାଇପାରିବ ନାହିଁ ବୋଲି ହାଇକୋର୍ଟ କହିଛନ୍ତି।

କୋର୍ଟ ଉଦାହରଣ ଦେଇ କହିଛନ୍ତି ଯେ ଯଦି ଏହି ଯୁକ୍ତିକୁ ଗ୍ରହଣ କରାଯାଏ, ତେବେ ଟ୍ରେନ୍ ବିଳମ୍ବ ହେଲେ ଯାତ୍ରୀମାନେ ରେଳମନ୍ତ୍ରୀଙ୍କୁ ସମନ କରିବାକୁ କୋର୍ଟକୁ ଯିବେ କିମ୍ବା ଚିଠି ହଜିଗଲେ ପୋଷ୍ଟମାଷ୍ଟର୍ ଜେନେରାଲଙ୍କ ବିରୋଧରେ ମାମଲା କରିବେ। ଅଭିଯୋଗକାରୀ ଜଣେ ଆଇନଜୀବୀ ହୋଇଥିଲେ ମଧ୍ୟ କୋର୍ଟଙ୍କ ସମୟ ନଷ୍ଟ କରିଥିବାରୁ ତାଙ୍କୁ ୧୦୦୦ଟଙ୍କା ଜରିମାନା କରାଯାଇଛି। ଏହି ଅର୍ଥକୁ ଏହି ରାୟ ଜରିଆରେ କୋର୍ଟ ଚେତାବନୀ ଦେଇଛନ୍ତି ଯେ କୌଣସି ବ୍ୟକ୍ତି ବାରମ୍ବାର ମିଥ୍ୟା ବା ଭିତ୍ତିହୀନ ଅଭିଯୋଗ ଆଣି ନ୍ୟାୟିକ ବ୍ୟବସ୍ଥାର ଅପବ୍ୟବହାର କଲେ ଭବିଷ୍ୟତରେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

ମାମଲାରୁ ପ୍ରକାଶ ଯେ ଗତ ୨୦୦୩ ମସିହାରେ ପ୍ରତିପକ୍ଷ ପ୍ରଫୁଲ୍ଲ କୁମାର ମିଶ୍ର ରିଲାଏନ୍ସର 'କର୍ ଲୋ ଦୁନିଆ ମୁଠି ମେ' ସ୍କିମ୍‌ରେ ୫୦୧ ଟଙ୍କା ଦେଇ ଏକ ମୋବାଇଲ୍ ହ୍ୟାଣ୍ଡସେଟ୍ ନେଇଥିଲେ। ସେ ଅଭିଯୋଗ କରିଥିଲେ ଯେ ସେହି ହ୍ୟାଣ୍ଡସେଟ୍‌ଟି ଖରାପ ଥିଲା ଏବଂ ସେବା ସନ୍ତୋଷଜନକ ନଥିଲା। ଏହାକୁ ନେଇ ସେ ପୂର୍ବରୁ ତିନିଥର ଅପରାଧିକ ମାମଲା ଦାୟର କରିଥିଲେ ମଧ୍ୟ ହାଇକୋର୍ଟ ଏବଂ ସୁପ୍ରିମକୋର୍ଟରେ ସେଗୁଡ଼ିକ ଖାରଜ ହୋଇସାରିଥିଲା। ଆବେଦନକାରୀଙ୍କ ଚତୁର୍ଥ ପର୍ଯ୍ୟାୟର ଫୌଜଦାରୀ ମାମଲା ବେଳେ ସେ ପୂର୍ବରୁ କୋର୍ଟ ଦ୍ୱାରା ଖାରଜ ହୋଇଥିବା ନିର୍ଦ୍ଦେଶନାମାକୁ ଲୁଚାଇଥିଲେ। ତେବେ ଗତ ଜାନୁଆରିରେ ଏହି ମାମଲାରେ ନିମ୍ନ ଅଦାଲତଙ୍କ ତରଫରୁ ଆବେଦନକାରୀ ରିଲାଏନ୍ସ ଇଣ୍ଡଷ୍ଟ୍ରିଜ୍ ଓ ଏହାର ଅଧ୍ୟକ୍ଷଙ୍କ ବିରୋଧରେ ସମନ ଜାରି ନିର୍ଦ୍ଦେଶକୁ ଚାଲେଞ୍ଜ କରି ହାଇକୋର୍ଟରେ ମାମଲା ରୁଜୁ ହୋଇଥିଲା।

## ବିଜେଡିର ୧୦ଜଣିଆ ଟିମ୍‌ର ସିଜିମାଳ ଗସ୍ତ

ରାୟଗଡ଼ା,୮।୪(ସମିସ): ଚଳିତ ମାସ ଗତ ୩ ତାରିଖରୁ ରାୟଗଡ଼ା ଜିଲ୍ଲା କାଶୀପୁର ବ୍ଲକ ସିଜିମାଳି ଅଞ୍ଚଳରେ ରାସ୍ତା ନିର୍ମାଣକୁ ଅଞ୍ଚଳବାସୀଙ୍କ ତୀବ୍ର ବିରୋଧ ଏବଂ ଅଭିଯୁକ୍ତକୁ ଧରିବା ପାଇଁ ଯାଇ ଗ୍ରାମବାସୀଙ୍କ ସହ ପୁଲିସର ଖଣ୍ଡଯୁଦ୍ଧ ଯୋଗୁଁ ଅଶାନ୍ତ ହୋଇପଡିଥିବା କଣ୍ଟାମାଳ,ଶାଗବାରୀ ଅଞ୍ଚଳକୁ ଆଜି ଗସ୍ତ କରିଛି ବିଜେଡିର ସତ୍ୟ ଅନୁସନ୍ଧାନୀକାରୀ ଦଳ। ଆଜି ସକାଳେ ରାୟଗଡ ଜିଲ୍ଲା ସଭାପତି ଜଗନ୍ନାଥ ସାରକା ଓ ପୂର୍ବତନ ସାଂସଦ ଝିନ୍ନ ହିକକାଙ୍କ

■ କଣ୍ଟାମାଳ ଗ୍ରାମବାସୀଙ୍କ ସହ ଆଲୋଚନା
■ ଡବଲ ଇଞ୍ଜିନ ସରକାର ଉପରେ ବର୍ଷିଲେ ଗ୍ରାମବାସୀ

ନେତୃତ୍ୱରେ ଆଠଗଡ ବିଧାୟକ ରଣେନ୍ଦ୍ର ପ୍ରତାପ ସ୍ୱାଇଁ, ବରିଷ୍ଠ ବିଜେଡି ନେତା ରବି ନାରାୟଣ ନନ୍ଦ,ସାଂସଦ ପ୍ରାର୍ଥୀନୀ ଶ୍ରୀମତି କୌଶଲ୍ୟା ହିକକା, ରାୟଗଡା ଜିଲ୍ଲା ବିଜେଡି ମହିଳା ସଭାନେତ୍ରୀ ଶ୍ରୀମତି ଅନୁସୂୟା ମାଝି,ଜିଲ୍ଲା ପରିଷଦ ଅଧ୍ୟକ୍ଷା ସୁଶ୍ରୀ ସରସ୍ୱତୀ ମାଝି,ଜିଲ୍ଲା ବିଜେଡି କାର୍ଯ୍ୟକାରୀ ସଭାପତି ପି.ଗୌରୀ ଶଙ୍କର ରାଓ,ଗୁଣପୁର ପୂର୍ବତନ ବିଧାୟକ ରଘୁନାଥ ଗମାଙ୍ଗ, ଧବଳେଶ୍ୱର ନାଇଡୁ, ବିଷ୍ଣୁପ୍ରସାଦ ପଣ୍ଡାଙ୍କ ସମେତ ଏକ ୧୦ଜଣିଆ ଟିମ୍ କଣ୍ଟାମାଳ ଓ ଶାଗବାରୀ ଗ୍ରାମକୁ ଯାଇ ଖଣି ପ୍ରଭାବିତ ଗ୍ରାମବାସୀଙ୍କ ସହ ଆଲୋଚନା କରିଛନ୍ତି। ବିଧାୟକ ଶ୍ରୀ ସ୍ୱାଇଁ ନିରୀହ ଲୋକଙ୍କ ଉପରେ ପୋଲିସର ଏଭଳି ଅମାନବୀୟ ବର୍ବରତାକୁ ଦୃଢ ନିନ୍ଦା କରିବା ସହ ଲୋକଙ୍କ ମତାମତ ନେଇ ରାଜ୍ୟ ସରକାର ପୁର୍ନବାର ଉକ୍ତ ଅଂଚଳରେ ଗ୍ରାମସଭା କରିବାକୁ ଆହ୍ୱାନ କରିଛନ୍ତି। ଗ୍ରାମବାସୀଙ୍କ ସହ ଆଲୋଚନା କରିବା ପରେ ଉକ୍ତ ଟିମ୍ ବେନିୟମ ଭାବେ ଖଣି ଖନନ ଓ ରାସ୍ତା ନିର୍ମାଣ କରାଯାଉଥିବା ପ୍ରସଙ୍ଗକୁ ନିନ୍ଦା କରିଛନ୍ତି। ଏହି ଟିମ୍ ଆଜି ଉକ୍ତ ଦୁଇଟି ପ୍ରଭାବିତ ଅଂଚଳ ଗସ୍ତ କରିବା ସହ ଏକ ସବିଶେଷ ବିସ୍ତୃତ ରିପୋର୍ଟ ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକଙ୍କୁ ପ୍ରଦାନ କରିବେ ବୋଲି କହିଛନ୍ତି। ଏ ନେଇ ଜିଲ୍ଲା ସଭାପତି ଶ୍ରୀ ସାରକା କହିଛନ୍ତି ଯେ,ରାୟଗ? ଜିଲ୍ଲା କାଶୀପୁର ବ୍ଲକ ସୁଙ୍ଗେର ଗ୍ରାମପଞ୍ଚା ଅଞ୍ଚଳରେ ଦେଖା ଦେଇଥିବା ଆଇନଶୃଙ୍ଖଳା ପରିସ୍ଥିତି ସଂକ୍ରାନ୍ତରେ ଅନୁଧ୍ୟାନ କରିବା ପାଇଁ ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶ କ୍ରମେ ବିଜେଡିର ଏକ ଟିମ୍ ଗୁରୁବାର ଦିନ କାଶୀପୁର ବ୍ଲକ୍‌ର କଣ୍ଟାମାଳ ଗ୍ରାମକୁ ଯାଇ ଖଣି ପ୍ରଭାବିତ ମାନଙ୍କୁ ସାକ୍ଷାତ କରି ବିଶେଷ ଆଲୋଚନା କରିବା ସହ ଅଞ୍ଚଳବାସୀଙ୍କ ସହ ବିଜେଡି ରହିଥିବା ଏବଂ ଜଳ,ଜମି,ଜଙ୍ଗଲ ଓ ଆଦିବାସୀଙ୍କ ହକ ପାଇଁ ସରକାର ବିରୁଦ୍ଧରେ ବିଜେଡି ଲଢିବ, ଆଦିବାସୀ ଓ ଗରିବଙ୍କ ସ୍ୱର ହେବ ଏହି ପ୍ରତିଶୃତି ଦିଆଯାଇଥିଲା। କଣ୍ଟାମାଳ ଓ ଆଖପାଖ ଗ୍ରାମବାସୀଙ୍କୁ ରାୟଗଡା ଜିଲ୍ଲା ବିଜେଡି ସଭାପତି ଜଗନ୍ନାଥ ସାରକା ଧନ୍ୟବାଦ ଜଣାଥିଲେ ସେହିପରି ରାଜ୍ୟ ସରକାରଙ୍କ ଇଙ୍ଗିତରେ ପୁଲିସର ବର୍ବରତାକୁ ବିଜେଡି ଟିମ୍ ନିନ୍ଦା କରିଛି ବୋଲି ମଧ୍ୟ ଶ୍ରୀ ସାରକା କହିଛନ୍ତି। ଅପରପକ୍ଷେ ଆଲୋଚନା ବେଳେ ପୋଲିସ ହିଂସା ଆଚରଣ କରି ଗାଁରେ ପ୍ରବେଶ କରି ଲୁହାବୁହା ବାଷ୍ପ ପ୍ରୟୋଗ କରି ତାଣ୍ଡବ ରଚିଥିଲା। ଯେଉଁଥିରେ ଗୋଟିଏ ଗାଇର ମୃତ୍ୟୁ ହୋଇଥିବା ବେଳେ ଅନେକ ଗ୍ରାମବାସୀ ପୁଲିସର ଲାଠି ମାଡ ଆକ୍ରମଣର ଆହାତ ହୋଇଥିଲେ ବୋଲି ଗ୍ରାମବାସୀମାନେ ଟିମକୁ ଜଣାଇଥିଲେ। ସେହିପରି ସ୍ଥାନୀୟ ସାଂସଦ ନିର୍ବାଚନରେ ନିର୍ବାଚିତ ହେବା ଦିନ ଠାରୁ କେବଳ ଗୋଟିଏ ଥର ଅଞ୍ଚଳକୁ ଗସ୍ତ କରିଥିବା ବେଳେ ବିଧାୟକ କିନ୍ତୁ ଦିନଟିଏ ମଧ୍ୟ ପାଦ ପକାଇ ନାହାନ୍ତି ଏବଂ ଅଞ୍ଚଳବାସୀଙ୍କ ସମସ୍ୟାର ସମାଧାନ ଦିଗରେ କେବେ ବି ସ୍ୱର ଉତୋଳନ କରୁନାହାନ୍ତି ବୋଲି ଅଭିଯୋଗ କରିଥିଲେ। ଡବଲ ଇଞ୍ଜିନ ସରକାରରେ ଗ୍ରାମବାସୀ ଅତ୍ୟଧିକ ପ୍ରପୀଡିତ ହେଉଛନ୍ତି ଏବଂ ରାଜ୍ୟ ସରକାରଙ୍କ ନିର୍ଦ୍ଦେଶରେ ପ୍ରଶାସନ ଗ୍ରାମବାସୀଙ୍କ ପ୍ରତି କଠୋର କାର୍ଯ୍ୟାନୁଷ୍ଠାନ ସରକାରଙ୍କ ଆଦିବାସୀ ସଂପ୍ରଦାୟ ପ୍ରତି ଥିବା ମିଥ୍ୟା ବିକାଶନୀତିକୁ ପଦାରେ ପକାଇଛି ବୋଲି ଆଲୋଚନା ବେଳେ ଗ୍ରାମବାସୀମାନେ କହିଥିବା ଶୁଣିବାକୁ ମିଳିଥିଲା। ଆଜି ବିଜେଡି ଟିମ୍ ଗସ୍ତ ବେଳେ ସ୍ଥାନୀୟ ବିଜେଡି ସମର୍ଥିତ ପଞ୍ଚାୟତ ନିର୍ବାଚିତ ପ୍ରତିନିଧି, ବିଜେଡି କର୍ମୀ ଓ ଅନ୍ୟମାନେ ଉପସ୍ଥିତ ରହିଥିଲେ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ଟ୍ରମ୍ପଙ୍କ ବୋଲ ମାନୁନି...

ଏବେ ଏହି ଯୁଦ୍ଧବିରତିକୁ ନେଇ ମତଭେଦ ଦେଖାଦେଇଛି। ଇସ୍ରାଏଲ ପ୍ରଧାନମନ୍ତ୍ରୀ ବେଞ୍ଜାମିନ ନେତନ୍ୟାହୁ ସ୍ପଷ୍ଟ କରିଛନ୍ତି ଯେ, ଲେବାନନ ଏହି ଯୁଦ୍ଧ ବିରତିର ଅଂଶବିଶେଷ ନୁହେଁ। ଆମେରିକା ଉପ-ରାଷ୍ଟ୍ରପତି ଜେଡି ଭାନ୍ସ ମଧ୍ୟ ଏହାକୁ ସମର୍ଥନ କରି କହିଛନ୍ତି ଯେ, ଏଭଳି କୌଣସି ପ୍ରତିଶ୍ରୁତି ଦିଆଯାଇନାହିଁ। ମଧ୍ୟସ୍ଥତା କରୁଥିବା ପାକିସ୍ତାନ ପ୍ରଧାନମନ୍ତ୍ରୀ ଶେହବାଜ ସରିଫ୍ କହିଛନ୍ତି ଯେ ଚୁକ୍ତି ଅନୁଯାୟୀ ଲୋବନନ୍‌ରେ ଶାନ୍ତି ବଜାୟ ରହିବା ଉଚିତ୍। ଇରାନର ବୈଦେଶିକ ମନ୍ତ୍ରୀ ଆବ୍ବାସ ଆରଗଚି ଚେତାବନୀ ଦେଇଛନ୍ତି ଯେ ୱାସିଂଟନକୁ ଶାନ୍ତି କିମ୍ବା ଇସ୍ରାଏଲର ଅସମାପ୍ତ ଯୁଦ୍ଧ ମଧ୍ୟରୁ ଗୋଟିଏକୁ ବାଛିବାକୁ ପଡ଼ିବ। ଏବେ ଏହି ସାମ୍ପ୍ରତିକ ପରିସ୍ଥିତି ଏକ ବଡ଼ ଧରଣର ଆଞ୍ଚଳିକ ମହାସମରକୁ ସଙ୍କେତ ଦେଉଛି।

ଇସ୍ରାଏଲର ଲେବାନନ ଆକ୍ରମଣ ନେଇ ବିରକ୍ତି ପ୍ରକାଶ କରିଛି ଇରାନ। ଏହାର ସେନା ପକ୍ଷରୁ କୁହାଯାଇଛି ଯେ ଇସ୍ରାଏଲକୁ କଡ଼ା ଜବାବ ଦେବାଲାଗି ସେନା ପ୍ରସ୍ତୁତ ହୋଇରହିଛି। ଯୁଦ୍ଧବିରତି ବୁଝାମଣା ଅନୁଯାୟୀ ଇସ୍ରାଏଲ ଆକ୍ରମଣ ବନ୍ଦ ନକଲେ ଇରାନ ତା ଉପରେ କ୍ଷେପଣାସ୍ତ୍ର ବର୍ଷା କରିବାକୁ ପଛାଇବ ନାହିଁ। କିନ୍ତୁ ଇସ୍ରାଏଲ କିଛି ମାନିବାକୁ ପ୍ରସ୍ତୁତ ନୁହେଁ। ଇସ୍ରାଏଲର ଏଭଳି ଆଚରଣ ନେଇ ସମାଲୋଚନା କରିଛନ୍ତି ଜାତିସଂଘ ମହାସଚିବ ଏବଂ ଫ୍ରାନ୍ସ ରାଷ୍ଟ୍ରପତି।

ଇତିମଧ୍ୟରେ ଇରାନ ପକ୍ଷରୁ କୁହାଯାଇଛି ଯେ ହର୍ମୁଜରେ ଦିନକୁ ମାତ୍ର ୧୫ଟି ତୈଳ ଜାହାଜକୁ ଯିବାଲାଗି ସୁଯୋଗ ଦିଆଯିବ। ତେବେ ଏଥିପାଇଁ ସେମାନଙ୍କୁ ଇରାନୀ ସେନାର ଅନୁମତି ନେବାକୁ ପଡ଼ିବ। ଆବଶ୍ୟକ ସର୍ତ୍ତ ପୂରଣ କରିବା ପରେ ଇରାନୀ ନୌସେନା ସେମାନଙ୍କୁ ସୁରକ୍ଷିତ ଭାବେ ହର୍ମୁଜ ପାର କରାଇବ। ବିନା ଅନୁମତିରେ କୌଣସି ଜାହାଜ ଯିବାକୁ ଉଦ୍ୟମ କଲେ ଏହାକୁ ଆକ୍ରମଣ କରି ଧ୍ୱଂସ କରାଯିବ। ବାରେଲ ପିଛା ଏକ ଡଲାର ଆଦାୟ କରିବ ଇରାନ ବୋଲି ଜଣାପଡ଼ିଛି। ଗତକାଲି କୁହାଯାଇଥିଲା ଯେ ଜାହାଜ ପିଛା ୨୦ ଲକ୍ଷ ଡଲାର ଆଦାୟ କରାଯିବ।

### କେରଳ, ଆସାମ...

କରାଯାଇଛି। ଏହାସହିତ ନିର୍ବାଚନ ମଇଦାନରେ ଅନେକ ହେଭିୱେଟ୍ ନେତାଙ୍କ ଭାଗ୍ୟ ଇଲେକଟ୍ରୋନିକ ଭୋଟିଂ ମେସିନ (ଇଭିଏମ୍)ରେ ବନ୍ଦ ରହିଛି। ପୁଡୁଚେରୀରେ ମୁଖ୍ୟମନ୍ତ୍ରୀ ଏନ୍ ରଙ୍ଗାସ୍ୱାମୀ ମୋଟରସାଇକଲରେ ବସି ପୋଲିଂ ବୁଥ୍‌କୁ ଆସି ଭୋଟ୍ ଦେଇ ଚର୍ଚ୍ଚାରେ ରହିଥିଲେ। ସେହିପରି ଆସାମ ମୁଖ୍ୟମନ୍ତ୍ରୀ ହିମନ୍ତ ବିଶ୍ୱ ଶର୍ମା ମତଦାନ ପୂର୍ବରୁ ଗୌହାଟୀର ମନ୍ଦିରରେ ପୂଜାର୍ଚ୍ଚନା କରିଥିଲେ। କେରଳ ମୁଖ୍ୟମନ୍ତ୍ରୀ ନିନାରାୟି ବିଜୟନ ସକାଳୁ ମତଦାନ କରିଥିବା ବେଳେ ବରିଷ୍ଠ କଂଗ୍ରେସ ନେତା ଏକେ ଆଣ୍ଟୋନି ତିରୁଅନନ୍ତପୁରମରେ ଭୋଟ ଦେଇଥିଲେ। କେତୋଟି କାଁଭାଁ ଘଟଣାକୁ ବାଦ୍ ଦେଲେ ମୋଟ୍ ଉପରେ ମତଦାନ ପ୍ରକ୍ରିୟା ଶାନ୍ତିପୂର୍ଣ୍ଣ ଥିଲା। କେରଳରେ ବିଜୟନ ତୃତୀୟ, ଆସାମରେ ହିମନ୍ତ ଦ୍ୱିତୀୟଥର ପାଇଁ କ୍ଷମତାକୁ ଫେରିବା ଲକ୍ଷ୍ୟରେ ରହିଛନ୍ତି। ସେହିପରି ପଡୁଚେରୀରେ ବିଜେପି ମେଣ୍ଟ ପୁଣି କ୍ଷମତା ହାସଲ କରିବା ଲକ୍ଷ୍ୟରେ ରହିଛି। ଆସନ୍ତା ୪ ତାରିଖରେ ଫଳାଫଳ ଘୋଷଣା ହେବ।


**AFFIDAVIT**

By virtue of an affidavit sworn before the Executive Magistrate Rasgabinda pur on Dated 7th April 2026, I, Mrs Laxmi Murmu, Address At-Mahulia, Po-Patagadia, Ps-Rasgabinda pur, Dist-Mayurbhanj, State-Odisha, Pin-757016, Odisha, have changed my name from "Kapura Murmu" to "Laxmi Murmu". Henceforth, I shall be known as **"Laxmi Murmu"** for all purposes.

**Sd/- Laxmi Murmu**

**AFFIDAVIT**

I, Aparajita Samantroy, D/o- Aruna Samantroy, W/o- Late Sankar Kumar Pani, Resident At- Goilundi Shanti Nagar, Po- Medical College, Ps- Brahmapur Sadar, Dist- Ganjam, PIN-760004, Odisha, declare by this affidavit No.104/AA on dated 09.04.2026. that now onwards I shall be known as **APARAJITA PANI, D/o. ARUN KUMAR SAMANTARAY** for all future purposes.

**AFFIDAVIT**

ଶିଖା ଶ୍ୱୋରୁପ ନାୟକ ବୟସ (୪୫) ସ୍ୱା/ ଗଦାଧର ନାୟକ, ଗ୍ରାମ- ଆର.ଆର. ୦୬୦୦, ସ୍ୱାମୀପାଟଣା, ଜିଲ୍ଲା- ଭଦ୍ରକ, ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଘୋଷଣା କରୁଅଛିକି ମୋର ନାମ ସାର୍ଟିଫିକେଟ ରେ ଯମୁନା ବାଳା ନାୟକଉଲ୍ଲେଖ ଅଛି ମୋର ନାମ ଶିଖା ଶ୍ୱୋରୁପ ନାୟକ ପରିବର୍ତ୍ତେ ଯମୁନା ବାଳା ନାୟକ ବୋଲି ଉଲ୍ଲେଖ ଅଛି, ଏକଜିକ୍ୟୁଟିଭ ମାଜିଷ୍ଟ୍ରେଟ ଆଫିଡେଭିଟ ନଂ- ୧୨୮୯, ତା-୬/୩/୨୦୨୬, ବଳରେ ମୁଁ ଏବେ ମୋର ସମସ୍ତ ଦରକାରୀ କାଗଜପତ୍ର ଶିଖା ଶ୍ୱୋରୁପ ନାୟକ ନାମରେ ପରିଚିତ କଲି, ଯାହା ଆବଶ୍ୟକ ସ୍ଥଳେ କାର୍ଯ୍ୟରେ ଆସିବ। (ଶିଖା ଶ୍ୱୋରୁପ ନାୟକ ଏବଂ ଯମୁନା ବାଳା ନାୟକ ଜଣେ ଅଟନ୍ତି)

ସ୍ୱା/-ଶିଖା ଶ୍ୱୋରୁପ ନାୟକ

**AFFIDAVIT**

By virtue of an affidavit sworn before The Executive Magistrate, Dist- Kalahandi on dtd- 09/04/2026. I, **Aswin Singh,** aged about 36 years, S/o Kailash Singh, resident of At- Patiguda, Po- Ranibahal, Ps- Jayapatna, Dist- Kalahandi, Odisha declare that I have changed my minor son's name from **Sidhanth Sing** (old name) to **Sidharth Singh** (new name). Henceforth, he shall be known as **Sidharth Singh** (new name) for all purposes.

**Aswin Singh**

**AFFIDAVIT**

I, **Mousumi Ghosh**, W/o.- Maniklal Ghosh. Permanent ResidentofAt-MathaSahi,Near Shiva Temple, PO-Tulasipur, Dist-Cuttack-753008, Odisha, India declare by this affidavit No.2477, Dt.07.04.2026. That now onwards I shall be known as **Mousumi Dutta** for all future purposes.

**AFFIDAVIT**

I Priyanka, D/o- Nabakishore Mahanta, Resident at- Baruna, Po- Kalinga , Ps-Baria , Pin- 758044 declare that affidavit No- CFN. 46 on dated 08.04.2026 that now onwards I shall be known as **Priyanka Mahanta** for all future purposes.

**AFFIDAVIT**

I, Smt. Susmita Singh, W/o.: Jayanta Kumar Mohapatra, of Vill: Belgodia, W. No. 1, P.S.: Bhanjpur, Dist.: Mayurbhanj, Odisha. My actual name is Susmita Singh as per my aadhaar card and Other Educational Certificate, But in my daughter's school at OAV Ranibhol, MBJ, Admission register my name is recorded as Susmita Mohapatra instead of Susmita Singh, This is the same and one person belongs to myself and it is Required in my daughter's admission in class vi.

**Sd/- Susmita Singh**

**AFFIDAVIT**

By virtue of an affidavit no.636 before the Executive Magistrate, Umerkote, dtd.23.03.2026, I, Rakesh Kumar Agrawal, S/o Mahendra Prasad Agrawal, At- Kusumguda, Umerkote, Nabarangpur-764073, odisha declare that my father's correct name is Mahendra Prasad Agrawal, but wrongly written as Mohendra Prasad Agrawall in my Passport & HSC Certificate. That **Mahendra Prasad Agrawal & Mohendra Prasad Agrawall** refer to one and the same person, i.e., my father.

**Sd/- Rakesh Kumar Agrawal**

**AFFIDAVIT**

ମଦନ ମୋହନ ପୃଷ୍ଟି ବୟସ(୩୪), ପି: ଭରତ ଚନ୍ଦ୍ର ପୃଷ୍ଟି, ଗ୍ରାମ- ଉଟେଇପୁର, ପୋ- ଦେହୁଡି ଆନନ୍ଦପୁର, ଥାନା- ଧାମନଗର, ଜିଲ୍ଲା- ଭଦ୍ରକ, ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଘୋଷଣା କରୁଅଛିକି ମୋର ନାମ ଘରବାଡ଼ି ପଟାରେ ମଦନ ପୃଷ୍ଟି ଉଲ୍ଲେଖ ଅଛି ମୋର ନାମ ମଦନ ମୋହନ ପୃଷ୍ଟି ପରିବର୍ତ୍ତେ ମଦନ ପୃଷ୍ଟି ବୋଲି ଉଲ୍ଲେଖ ଅଛି, ଏକଜିକ୍ୟୁଟିଭ ମାଜିଷ୍ଟ୍ରେଟ ଆଫିଡେଭିଟ ନଂ- ୧୨୮୨, ତା-୬/୩/୨୦୨୬, ବଳରେ ମୁଁ ଏବେ ମୋର ସମସ୍ତ ଦରକାରୀ କାଗଜପତ୍ର ମଦନ ମୋହନ ପୃଷ୍ଟି ପରିଚିତ କଲି, ଯାହା ଆବଶ୍ୟକ ସ୍ଥଳେ କାର୍ଯ୍ୟରେ ଆସିବ। (ମଦନ ମୋହନ ପୃଷ୍ଟି ଏବଂ ମଦନ ପୃଷ୍ଟି ଜଣେ ଅଟନ୍ତି)

ସ୍ୱା/-ମଦନ ମୋହନ ପୃଷ୍ଟି

**AFFIDAVIT**

By virtue of an affidavit No.732 sworn before the Executive Magistrate, Balikuda on dtd- 08/04/2026, I **Sanatana Rout,** S/o- Jhari Rout, permanent resident of At- Olash, Po- Borikina, Ps- Balikuda, Dist- Jagatsinghpur, Pin- 754110, Odisha, declare that I have changed my name from **Bablu Roy** (old name) to **Sanatana Rout** (new name), Henceforth, I shall be known as **Sanatana Rout** for all future purposes

**Sanatana Rout**

**AFFIDAVIT**

I, **Santilata Swain,** W/o- Late Banga Bihari Swain, resident of C/3, Sector- 14, Rourkela-9, Dist- Sundargarh, Odisha, Pin- 769009, declare that my correct name is Santilata Swain which is mentioned in my Aadhaar & PAN Card but in other some documents my name has been reflected as **Santilata Jena** & **Santilata Badajena.** So I declare that **Santilata Swain** & **Santilata Jena** & **Santilata Badajena** is one and same person, that now onwards I shall be known as **SANTILATA SWAIN** for all future purposes.

**AFFIDAVIT**

By virtue of an affidavit sworn before The Executive Magistrate, Dist- Kalahandi on dtd- 09/04/2026. I, **Aswin Singh,** aged about 36 years, S/o Kailash Singh, resident of At- Patiguda, Po- Ranibahal, Ps- Jayapatna, Dist- Kalahandi, Odisha declare that I have changed my minor daughter's name from **Siddheswari Singh** (old name) to **Sidheswari Singh** (new name). Henceforth, she shall be known as **Sidheswari Singh** (new name) for all purposes.

**Aswin Singh**

**OFFICE OF THE ROURKELA MUNICIPAL CORPORATION: ROURKELA**
**INVITATION FOR BID**

No.: 4515, Date: 06.04.2026 — 13001/118/2627

**Bid Identification No.: MC/RMC/23/2026**

The Municipal Commissioner, Rourkela Municipal Corporation on behalf of Rourkela Municipal Corporation invites bids for works on percentage rate basis in single cover on online Mode. Bid Identification No. MC/RMC/23/2026 for 05 nos. Electrical work with value of **Rs. 8.55 lakh to 19.10 lakh.**

1) Bid documents will be available in website **www.tendersorissa.gov.in** from **07.04.2026.**
2) Bids must be submitted on **"online" on or before 22.04.2026 by 17.00 hours.**
3) Bids shall be opened at **11.00 hours on 23.04.2026** in the office of the undersigned in the presence of the bidders or their authorized agents.
4) Other details will be available in the website tendersorissa.gov.in.

Sd/-Municipal Commissioner
Rourkela Municipal Corporation

OIPR-13001/13131/1/26-27/0008

**ଓଡ଼ିଶା ଆଦର୍ଶ ବିଦ୍ୟାଳୟ, ବିବିନା, ସଇଁତଳା, ବଲାଙ୍ଗିର**

27001/11/2627

ଜ୍ଞାପକ ସଂଖ୍ୟା - ୦୦୧ — ତାରିଖ: ୦୯/୦୪/୨୦୨୬

**ଓଡ଼ିଶା ଆଦର୍ଶ ବିଦ୍ୟାଳୟ, ବିବିନା, ସଇଁତଳାର ଛାତ୍ରାବାସ ନିମନ୍ତେ ଚୁକ୍ତିଭିତ୍ତିକ ନିଯୁକ୍ତି ବିଜ୍ଞପ୍ତି**

ଓଡ଼ିଶା ସରକାରଙ୍କ ଅଧିନରେ ପରିଚାଳିତ ବଲାଙ୍ଗିର ଜିଲ୍ଲାର ସଇଁତଳା ବ୍ଲକ୍ ଅନ୍ତର୍ଗତ ଓଡ଼ିଶା ଆଦର୍ଶ ବିଦ୍ୟାଳୟ, ବିବିନା ଛାତ୍ରାବାସ (Non-KGV) ନିମନ୍ତେ Warden, Head cook, Assisitant cook, Chowkidar-cum-Sweeper ଚୁକ୍ତିଭିତ୍ତିକ ନିଯୋଜନ ନିମନ୍ତେ ଯୋଗ୍ୟ ପ୍ରାର୍ଥୀଙ୍କ ଠାରୁ ନିର୍ଦ୍ଧାରିତ ଫର୍ମରେ ଦରଖାସ୍ତ ଆହ୍ୱାନ କରାଯାଉଅଛି। ଛାତ୍ରାବସ ପାଇଁ ଆବେଦନ କରୁଥିବା ପ୍ରାର୍ଥୀମାନେ ପୁରୁଷ ହେବା ଆବଶ୍ୟକ। ସମସ୍ତ ପଦବୀ ସଂପୂର୍ଣ୍ଣ ଭାବରେ ଅସ୍ଥାୟୀ ଓ ଚୁକ୍ତିଭିତ୍ତିକ ଅଟେ। ଆବେଦନ ଫର୍ମରେ ଆବଶ୍ୟକ ପ୍ରମାଣପତ୍ର ସଂଲଗ୍ନ କରି ତା.11.04.2026 ରୁ 25.04.2026 ରିଖ ସୁଦ୍ଧା ଓଡିଶା ଆଦାର୍ଶ ବିଦ୍ୟାଳୟ, ବିବିନା, ସଇଁତଳା ଠିକଣାରେ ରେଜିଷ୍ଟ୍ରି / ସ୍ପିଡ ପୋଷ୍ଟ କରି ଏବଂ ବିଦ୍ୟାଳୟରେ କେବଳ କାର୍ଯ୍ୟଦିବସରେ ସମସ୍ତ ସକାଳ ଘ.06.30 ମି ରୁ ଘ.10.30ମି ମଧ୍ୟରେ ଆବେଦନ କରିବା ଆବଶ୍ୟକ। ବିଜ୍ଞାପନର ସଂପୂର୍ଣ୍ଣ ବିବରଣୀ ଏବଂ ଆବେଦନ ଫର୍ମ https://balangir.odisha.gov.in ଏବଂ https://oav.edu.in/OAVBIB ରେ ଉପଲବ୍ଧ ଅଟେ।

ସା/- ଅଧ୍ୟକ୍ଷ
ଓଡ଼ିଶା ଆଦର୍ଶ ବିଦ୍ୟାଳୟ, ବିବିନା, ସଇଁତଳା, ବଲାଙ୍ଗିର

OIPR-27001/27218/1/26-27/0001

# ନିଶାସକ୍ତ ଯୁବକଙ୍କୁ କାବୁ କରି ପୁଲିସ ଜିମାଦେଲେ ଗ୍ରାମବାସୀ

**ବିଞ୍ଝାରପୁର, ୯।୪(ସମିସ)**

ବିଞ୍ଝାରପୁର ଥାନା ଅଞ୍ଚଳରେ ଦିନକୁ ଦିନ ବ୍ରାଉନ୍‌ସୁଗାର୍, ଗଞ୍ଜେଇ ଓ ମଦର ଚୋରା କାରବାର ବୃଦ୍ଧି ପାଉଥିବା ନେଇ ବିଭିନ୍ନ ମହଲରୁ ଅଭିଯୋଗ ଆସୁଥିଲା। ପୁଲିସର ନିଷ୍କ୍ରିୟତା ଫଳରେ ଏହି ଧଳା ଜହରର ଚୋରା କାରବାର ବଢ଼ିଚାଲିବା ସହ ଯୁବଗୋଷ୍ଠୀ ଏହାର ଶିକାର ହେଉଥିବା ଦେଖାଯାଉଛି। ଏହି ପରିସ୍ଥିତିରେ ମଇଁଦା ଅଞ୍ଚଳର ସଚେତନ ଯୁବମାନେ ପ୍ରାୟ ୭୦ ଜଣିଆ ଏକ ଟିମ୍ ଗଠନ କରି ଚୋରା ଡ୍ରଗ୍ସ କାରବାର ଓ ନିଶାସେବନକାରୀଙ୍କ ଉପରେ ନଜର ରଖୁଥିଲେ। ଗୁରୁବାର ଅପରାହ୍ଣରେ ବିଞ୍ଝାରପୁର ଥାନା ଘଣ୍ଟିଆଳି ଗ୍ରାମ ପଞ୍ଚାୟତର ବଣିଆପାଳ ଗ୍ରାମର ଏକ ପଡ଼ିଆରୁ ଦୁଇ ଜଣ ବ୍ରାଉନ ସୁଗାର ସେବନକାରୀ ଯୁବକଙ୍କୁ ସେମାନେ କାବୁ କରିଥିଲେ। ଯୁବମାନେ ସେମାନଙ୍କ ନିକଟରୁ ୪ଟି ବ୍ରାଉନସୁଗର ପୁଡ଼ିଆ ଓ ଏକ ବାଇକ୍ ଜବତ କରି ପିସିଆର୍ ପୁଲିସ କର୍ମଚାରୀଙ୍କ ଜିମା ଦେଇଥିଲେ। ଧରାପଡ଼ିଥିବା ଯୁବକ ଦ୍ୱୟ ହେଲେ ଯାଜପୁର ଜାହାନପୁର ଅଞ୍ଚଳର ଶିବଚରଣ ସେଠୀ (୨୦) ଓ ବିଞ୍ଝାରପୁର ଅରେଇ ଗ୍ରାମର ଜଗନ୍ନାଥ ସାହୁ (୨୨)। ପୋଲିସ ସେମାନଙ୍କୁ ଥାନାକୁ ଆଣି ସ୍ୱାସ୍ଥ୍ୟ ପରୀକ୍ଷା ପରେ ଅଟକ ରଖିଛି ଓ ଚୋରା ବ୍ରାଉନସୁଗର କାରବାର ସମ୍ପର୍କରେ ପଚରାଉଚରା କରୁଛି। ଅନ୍ୟପଟେ, ଯେଉଁ କାମ ପୁଲିସ କରିବା କଥା, ସେହି କାମକୁ ସ୍ଥାନୀୟ ଯୁବଗୋଷ୍ଠୀ କରିଥିବାରୁ ସାଧାରଣରେ ସେମାନଙ୍କୁ ପ୍ରଶଂସା କରାଯାଇଛି। ଯୁବକମାନେ ଅରେଇ, ବରୁଣେଶ୍ୱର କ୍ଷେତ୍ର, କୁଜିବଡ଼ପାଳି, ବଣିଆପାଳ, ଇଞ୍ଜନପୁର ଓ ଘଣ୍ଟିଆଳି ନଦୀ କୂଳ ଅଞ୍ଚଳରେ ଆଗାମୀ ଦିନରେ ମଧ୍ୟ ନଜର ରଖିବେ ବୋଲି କହିଛନ୍ତି।



# ଶିକ୍ଷକଙ୍କ ସେବା ନିବୃତ୍ତ ସମ୍ବର୍ଦ୍ଧନା ସଭା

**ଜେନାପୁର, ୯।୪(ସମିସ):** ଧର୍ମଶାଳା ବ୍ଲକ ଜେନାପୁର ପଞ୍ଚାୟତ ଜେନାପୁର ସରକାରୀ ଉଚ୍ଚ ବିଦ୍ୟାଳୟର ଶାରିରିକ ଶିକ୍ଷା ବା ଖେଳ ଶିକ୍ଷକ ରବୀନ୍ଦ୍ର କୁମାର ମହାନ୍ତିଙ୍କର ବୁଧବାର ସେବା ନିବୃତ୍ତ ସମ୍ବର୍ଦ୍ଧନା ସଭା ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନଶିକ୍ଷକ ନିତ୍ୟାନନ୍ଦ ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଜିଲ୍ଲା ଶାରୀରିକ ଶିକ୍ଷା ନିରୀକ୍ଷକ ସବିତା ନାୟକ ମୁଖ୍ୟଅତିଥି, ପୂର୍ବତନ ପ୍ରଧାନ ଶିକ୍ଷକ ଚନ୍ଦ୍ରଶେଖର ସ୍ୱାଇଁ, ମୁଖ୍ୟବକ୍ତା ତଥା ସମ୍ମାନିତ ଅତିଥି ଭାବେ ପ୍ରମୋଦ କୁମାର ମଲ୍ଲିକ, ଅଜୟ କୁମାର ଦାସ, ଅଶୋକ କୁମାର ସାହୁ, ନିରୋଜ କୁମାର ମହାନ୍ତି, ସୁରେନ୍ଦ୍ର କୁମାର ତ୍ରିପାଠୀ, ଆଶାଲତା ମହାନ୍ତି, ପ୍ରକାଶ ଚନ୍ଦ୍ର ବରାଳ, ମନ୍ମଥ କୁମାର ପଣ୍ଡା, ତ୍ରିଲୋଚନ ଜେନା, ବିଦ୍ୟାଧର କୁଣ୍ଡୁ, ସାରଦା ପ୍ରସନ୍ନ ଶତପଥୀ, ଲୋକନାଥ ପୁରୀ, ରାମଚନ୍ଦ୍ର ମହାନ୍ତି, ରଘୁନାଥ ଶତପଥୀ, କ୍ଷେତ୍ରବାସୀ ରାଉତ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଥିଲେ। ଏହି ଅବସରରେ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ପକ୍ଷରୁ ମାନପତ୍ର ଓ ଫଟୋ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ସଭା ଶେଷରେ ଉପସ୍ଥିତ ଥିବା ସମସ୍ତ ଅତିଥିଙ୍କୁ ଶିକ୍ଷୟିତ୍ରୀ କବିତା ରାଉତ ଧନ୍ୟବାଦ ଅର୍ପଣ କରିଥିଲେ।

# ସମାଜସେବୀଙ୍କ ବିୟୋଗରେ ଶୋକ

**ଯାଜପୁର, ୯।୪(ସମିସ):** ଯାଜପୁର ବ୍ଲକ ବଡ଼ସୁଆର ପଞ୍ଚାୟତର ବରିଷ୍ଠ ରାଜନେତା ତଥା ସମାଜସେବୀ ସ୍ୱର୍ଗତଃ ରାହାସ ବିହାରୀ ଦାସଙ୍କ ଆକସ୍ମିକ ବିୟୋଗରେ ସମଗ୍ର ଯାଜପୁର ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ସେ ଜଣେ ପରୋପକାରୀ, ବନ୍ଧୁବତ୍ସଳ, ଅମାୟିକ ରାଜନେତା ଭାବରେ ଜାତୀୟ କଂଗ୍ରେସ ଦଳରୁ ରାଜନୀତି ଆରମ୍ଭ କରି ତୃଣମୂଳସ୍ତରରୁ କଂଗ୍ରେସ ସଂଗଠନକୁ ମଜବୁତ କରିବାରେ ସକ୍ରିୟ ଭୂମିକା ଗ୍ରହଣ କରିଥିଲେ। ଗତ ସାଧାରଣ ନିର୍ବାଚନରେ ସେ ବିଜୁ ଜନତା ଦଳକୁ ସମର୍ଥନ କରି ଗରିବ, ଖଟିଖିଆ, ମଜଦୁରମାନଙ୍କର ସାହାଭରସା ଥିଲେ। ସେ ଯାଗଯଜ୍ଞ, ସାମୂହିକ ଉତ୍ସବ, ବିବାହ ବ୍ରତ ପ୍ରଭୃତି ଆନୁଷ୍ଠାନିକ କାର୍ଯ୍ୟରେ ଆଖପାଖ ପଞ୍ଚାୟତରେ ହେଉଥିବା ସମସ୍ତ କାର୍ଯ୍ୟକ୍ରମରେ ଆର୍ଥିକ, ଶାରିରୀକ ସହଯୋଗ ପ୍ରଦାନ କରିବାରେ କୁଣ୍ଠାବୋଧ କରୁନଥିଲେ। ତାଙ୍କର ହୃଦ୍‌ଘାତ ଜନିତ ଆକସ୍ମିକ ବିୟୋଗରେ ଜିଲ୍ଲା କଂଗ୍ରେସର ପୂର୍ବତନ ସଭାପତି ମନୋଜ କୁମାର ରାଉତ, ବିଷ୍ଣୁ ଚରଣ ରାଉତ, ପିସିସି ସଭାପତି ସନ୍ତୋଷ କୁମାର ନନ୍ଦ, ବିଭୂତି ମହାପାତ୍ର, ନାରାୟଣ ସାମନ୍ତ, ହୃଷୀକେଶ ପତି, ଗଦାଧର ଦାସ, ବିଳାସ କୁମାର ରାଉତ, ସଂଗ୍ରାମ ସାହାଣୀ, ସଂଗ୍ରାମ ଜେନା, ଅବଦୁଲ ରଉଫ୍, ଦିଲ୍ଲୀପ କୁମାର ଦାଶ, ଭାସ୍କର ଚନ୍ଦ୍ର ମହାନ୍ତି, ପ୍ରତିମା କର, କନକଲତା ରାଉତ, ଆଦିତ୍ୟ ମହାନ୍ତି, ବିଜୟ ମହାପାତ୍ର, ପ୍ରମୁଖ ଗଭୀର ଶୋକ ବ୍ୟକ୍ତ କରିବା ସହ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଛନ୍ତି।



# ତହସିଲ କାର୍ଯ୍ୟାଳୟରୁ ଗଛ କାଟି ୧ଲକ୍ଷ ଟଙ୍କା

**ଦଶରଥପୁର, ୯।୪(ସମିସ):** ଦଶରଥପୁର ତହସିଲ କାର୍ଯ୍ୟାଳୟ ପରିସରରୁ ୩ଟି ବିରାଟକାୟ ଗଛକୁ ବେଆଇନ ଭାବେ କଟା ଯାଇଥିବା ଅଭିଯୋଗ ହୋଇଛି। କଟା ଯାଇଥିବା ଗଛ ୩ଟିର ଆନୁମାନିକ ବଜାର ମୂଲ୍ୟ ୧ଲକ୍ଷରୁ ଅଧିକ ବୋଲି ଅନୁମାନ କରାଯଉଥିବା ବେଳେ ସ୍ଥାନୀୟ ଦଶରଥପୁର ପଞ୍ଚାୟତର ଜଣେ ସୂଚନା ଅଧିକାର କର୍ମୀ ଗଛ କଟା ସମ୍ପର୍କରେ ସବିଶେଷ ତଥ୍ୟ ଜାଣିବାକୁ ତହସିଲ କର୍ତ୍ତୃପକ୍ଷଙ୍କ ନିକଟରେ ଆବେଦନ କରିଛନ୍ତି। ଅଭିଯୋଗ ଅନୁଯାୟୀ ଦଶରଥପୁର ତହସିଲ କାର୍ଯ୍ୟାଳୟ ପ୍ରାଙ୍ଗଣରେ ବହୁ ବର୍ଷର ୩ଟି ବିରାଟକାୟ ଚାକୁଣ୍ଡା ଗଛ ରହିଥିବା ବେଳେ ଗତ ଦୁଇ ଦିନ ପୂର୍ବେ ଗଛ ଗୁଡିକୁ ହଠାତ କାଟିଦିଆଯାଇଥିବା ଦେଖିବାକୁ ମିଳିଥିଲା। ଯାହାକୁ ନେଇ ସ୍ଥାନୀୟ ଲୋକେ ଦଶରଥପୁର ତହସିଲ କାର୍ଯ୍ୟାଳୟର କର୍ମଚାରୀଙ୍କୁ ଗଛ କିଏ କାଟିଛି ଓ ଏଥିପାଇଁ ନିଲାମ ପକ୍ରିୟା ହୋଇଛି କି ନାହିଁ ପଚାରିବାରୁ ସେପରି କିଛି କରାଯାଇନଥିବା ଜଣାପଡ଼ିଥିଲା। ପରେ ଅଧିକ ଖୋଳତାଡ କରିବାରୁ ସ୍ଥାନୀୟ କାଟିଆ ବଜାରର ଜନୈକ କାଠ ବ୍ୟବସାୟୀ ତହସିଲର ଜଣେ ବରିଷ୍ଠ କର୍ମଚାରୀଙ୍କୁ ୧ଲକ୍ଷ ଟଙ୍କା ଦେଇ ଗଛ ଗୁଡିକୁ କାଟିଥିବା ଜଣାପଡ଼ିବା ପରେ ସ୍ଥାନୀୟ ଅଞ୍ଚଳର ସୂଚନା ଅଧିକାର କର୍ମୀ ଆଶୁତୋଷ ପାଣିଗ୍ରାହୀ ଗଛ କଟା ସମ୍ପର୍କରେ ତହସିଲ କର୍ତ୍ତୃପକ୍ଷଙ୍କ ଠାରୁ ସବିଶେଷ ତଥ୍ୟ ଜାଣିବାକୁ ଦାବି କରିଥିଲେ। ମାତ୍ର ତହସିଲ କର୍ତ୍ତୃପକ୍ଷ ଗଛ କଟା ସମ୍ପର୍କରେ ସନ୍ତୋଷଜନକ ତଥ୍ୟ ଦେବାକୁ ଅମଙ୍ଗ ହୋଇଥିଲେ। ଯାହାକୁ ନେଇ ସୂଚନା ଅଧିକାର କର୍ମୀ ଆଶୁତୋଷ ପାଣିଗ୍ରାହୀ ଆଇନରେ ଗଛ କଟାର ସମ୍ପୂର୍ଣ୍ଣ ତଥ୍ୟ ପାଇଁ ବିଧିବଦ୍ଧ ଆବେଦନ କରିଛନ୍ତି।

# ଖଡ଼ିଛୁଆଁ ପ୍ରବେଶ ଉତ୍ସବ

**କୟାଁଗୋଲା, ୯।୪(ସମିସ):** ଦଶରଥପୁର ବ୍ଲକ ଅଧୀନ ବିରିପଟା ସରକାରୀ ଉଚ୍ଚ ବିଦ୍ୟାଳୟରେ ଖଡ଼ିଛୁଆଁ ଓ ପ୍ରବେଶ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନଶିକ୍ଷକ ଦେବାଶିଷ ବେହେରାଙ୍କ ପୌରୋହିତ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ବିଇଓ ଶାନ୍ତନୁ କୁମାର ମଲିକ, ପରିଚାଳନା କମିଟି ସଭାପତି ମନୋଜ ଧଳ, ଶିକ୍ଷାବିତ ପ୍ରମୋଦ ସ୍ୱାଇଁଙ୍କ ସହ ଅନ୍ୟମାନେ ଯୋଗ ଦେଇଥିଲେ। ବିଦ୍ୟାଳୟରେ ଶିକ୍ଷା ରଥ ପହଞ୍ଚିବା ପରେ ବିଦ୍ୟାଳୟ ପକ୍ଷରୁ ସ୍ୱାଗତ କରାଯାଇଥିଲା। ନୂତନ ୩୨ ଜଣ ଛାତ୍ରଛାତ୍ରୀଙ୍କୁ ଶିକ୍ଷକଶିକ୍ଷୟିତ୍ରୀ ଫୁଲ ଚନ୍ଦନ ମିଠା ଖୁଆଇ ଆଦି ଦେଇ ଖଡ଼ି ଛୁଆଁଇ ଥିଲେ। ଅଭିଭାବକମାନେ ଉପସ୍ଥିତ ରହି ଛାତ୍ରଛାତ୍ରୀଙ୍କୁ ଉତ୍ସାହିତ କରିଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ଶିକ୍ଷୟିତ୍ରୀ ରୋଜାଲିନ ରାୟ, ସସ୍ମିତା ଜେନା, ଅନିଶା ଦାସ, ନୀଳିମା ଜେନା, ପ୍ରତିମା ଜେନା, ହରପ୍ରିୟା ଜେନା, ଶ୍ରଦ୍ଧାଞ୍ଜଳି ସାହୁ, ଶିକ୍ଷକ ସତ୍ୟରଞ୍ଜନ ନାୟକ, ଧୀରେନ୍ଦ୍ର ବିନ୍ଧାଣି, ବିକ୍ରମ ଷଡ଼ଙ୍ଗୀ, ସୂର୍ଯ୍ୟରଞ୍ଜନ ନାୟକ, ଲାଲବିହାରୀ ଜେନାଙ୍କ ସହ ଅନ୍ୟମାନେ ସହଯୋଗ କରିଥିଲେ।

# ପୁଣି ଲକ୍ଷ୍ମୀ ବସ୍‌ରେ ଲାଗିଲା ନିଆଁ

**ବରୀ, ୯।୪(ସମିସ):** ଯାଜପୁରରୁ ବରୀକୁ ଆସୁଥିବା ଲକ୍ଷ୍ମୀ ବସ୍‌ରେ ଅଗ୍ନିକାଣ୍ଡ ଘଟିଛି। ବରୀ ବରୁଆଁ ମୁଖ୍ୟ ରାସ୍ତା ସୁଜନପୁର (ଏରବାଙ୍ଗ) ଛକ ନିକଟରେ ଘଟିଛି ଏଭଳି ଘଟଣା। ଆଜି ସନ୍ଧ୍ୟା ୬ଘଟିକା ସମୟରେ ଯାଜପୁରରୁ ବରୀକୁ ଆସୁଥିବା ବସ୍‌ର ପଛପଟୁ ଧୂଆଁ ବାହାରୁଥିବା ଜାଣି ଡ୍ରାଇଭର ଗାଡ଼ି ଅଟକାଇବା ପରେ ବସରେ ଥିବା ଯାତ୍ରୀମାନେ ଜୀବନ ବିକଳରେ ଦୌଡ଼ାଦୌଡ଼ି କରିଥିଲେ। ବସ୍‌ର କର୍ମଚାରୀ ଏବଂ ସ୍ଥାନୀୟ ଲୋକମାନେ ପାଣି ପକାଇ ଲିଭାଇଥିଲେ। ଗାଡ଼ିର ଅଏଲ୍ ସିଲ୍ କଟି ଯାଇଥିବାରୁ ଏଭଳି ଘଟଣା ଘଟିଥିବା ଜଣାପଡ଼ିଛି। ଏଥିରେ କୌଣସି ଯାତ୍ରୀ ଆହତ ହୋଇ ନାହାନ୍ତି କି ଗାଡ଼ିର ବିଶେଷ କିଛି କ୍ଷତି ହୋଇ ନଥିବା ଜଣାପଡ଼ିଛି। କିଛି ଦିନ ତଳେ ଗୋଲକୁଣ୍ଡରୁ ବରୀ ଆସୁଥିବା ଏକ ଲକ୍ଷ୍ମୀ ବସରେ ସମାନ ଧରଣର ଘଟଣା ଦେଖିବାକୁ ମିଳିଥିଲା। ଗାଡ଼ିର ଉପଯୁକ୍ତ ରକ୍ଷଣାବେକ୍ଷଣ କରାଯାଉ ନଥିବାରୁ ବାରମ୍ବାର ଏଭଳି ଘଟୁଛି ବୋଲି କୁହାଯାଉଛି।



# ଯୁଦ୍ଧ ବଦଳରେ ଶାନ୍ତି ପାଇଁ ସିଆଇଟିୟୁର ଆହ୍ୱାନ




**ବ୍ୟାସନଗର, ୯।୪(ସମିସ):** ସିଆଇଟିୟୁ ଯାଜପୁର ଜିଲ୍ଲା କମିଟି ଓ ସାରା ଓଡ଼ିଶା ପରିବହନ ମହାସଂଘ ପକ୍ଷରୁ ମିଳିତ ଭାବେ ଆମେରିକା ଓ ଇସ୍ରାଏଲର ଯୁଦ୍ଧଖୋର ନୀତି ଏବଂ ଦେଶରେ ଜାଳେଣି ଗ୍ୟାସ, ତୈଳ ଦରବୃଦ୍ଧି, ଅତ୍ୟାବଶ୍ୟକୀୟ ସାମଗ୍ରୀର ମୂଲ୍ୟ ବୃଦ୍ଧି, ଶ୍ରମିକ ବିରୋଧୀ ଶ୍ରମ କୋର୍ଡ ବାତିଲ, ଚାଷୀ ଫସଲର ସର୍ବନିମ୍ନ ସହାୟକ ମୂଲ୍ୟକୁ ଆଇନରେ ପରିଣତ କରିବା ଇତ୍ୟାଦି ବିଭିନ୍ନ ଦାବିନେଇ ଏକ ଶୋଭାଯାତ୍ରା ଯାଜପୁର ରୋଡ୍ ରେଳଷ୍ଟେସନ ନିକଟରୁ ବାହାରି ଗୋପବନ୍ଧୁ ଛକଠାରେ ପହଞ୍ଚିବା ପରେ ସିଆଇଟିୟୁ ଜିଲ୍ଲା ସଭାପତି ପ୍ରଫୁଲ୍ଲ ନାୟକଙ୍କ ସଭାପତିତ୍ୱରେ ଏକ ପ୍ରତିବାଦରେ ଅନୁଷ୍ଠିତ ହୋଇଥିଲା। ଉକ୍ତ ସଭାରେ ଜିଲ୍ଲା କମିଟି ସଭ୍ୟ ସୁରେଶ ସାହୁ, ତ୍ରିଲୋଚନ ରାଉତ, ମାଳତୀ ହାଁସଦା, ଜୟରାମ ମୁର୍ମୁ, ଲିଟା ଲାଗୁରୀ, ପନି କିସ୍କୁ, ଗୋବିନ୍ଦ ନାୟକ, ଡିବୁର ପୂର୍ତ୍ତୀ, ରଶ୍ମୀରେଖା ନାୟକ, ସୁରିଆ ହେମ୍ବ୍ରମ, ନନ୍ଦିନୀ ମୁଣ୍ଡା, ପ୍ରମିଳା ନାୟକ, ଗୁରୁବାରୀ ଲାଗୁରୀ, ରସାଇ ବାଦ୍ରା, କିଷାନ୍ କରାଇ, ଗୌରୀ ନାୟକ ପ୍ରମୁଖ ଉଦ୍‌ବୋଧନ ଦେଇ ମୋଦି ସରକାରଙ୍କ ଇସ୍ରାଏଲ - ଆମେରିକାକୁ ତୁଷ୍ଟୀକରଣ କରିବା ନୀତିକୁ ତୀବ୍ର ସମାଲୋଚନା କରିଥିଲେ।

# ବରିଷ୍ଠ ନାଗରିକ ମଞ୍ଚର ଓଡ଼ିଆ ପକ୍ଷ ପାଳିତ

**ପାଣିକୋଇଲି, ୯।୪(ସମିସ):** ପାଣିକୋଇଲିର ଅଗ୍ରଣୀ ସଂଗଠନ ବରିଷ୍ଠ ନାଗରିକ ମଞ୍ଚ ପକ୍ଷରୁ ଓଡ଼ିଆ ପକ୍ଷ ବରିଷ୍ଠ ନାଗରିକ ମଞ୍ଚ ସଭାଗୃହରେ ସଭାପତି ନୃସିଂହ ଚରଣ ଦଲାଇଙ୍କ ସଭାପତିତ୍ୱରେ ପାଳିତ ହୋଇଯାଇଛି। ଏହି ସଭାରେ ମୁଖ୍ୟ ଅତିଥି ଭାବେ ମା' ତାରିଣୀ ମହାବିଦ୍ୟାଳୟର ଅଧ୍ୟକ୍ଷ ଡକ୍ଟର ଚନ୍ଦ୍ରକାନ୍ତ ମହାନ୍ତି, ଦାମୋଦର ମହାପାତ୍ର ମୁଖ୍ୟବକ୍ତା ଭାବେ ଉମାକାନ୍ତ ଖଣ୍ଡାଇ ପ୍ରମୁଖ ଯୋଗ ଦେଇଥିଲେ। ସାଧାରଣ ସମ୍ପାଦକ ସୁରେନ୍ଦ୍ର କୁମାର ରାୟ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଅତିଥିମାନେ ସ୍ୱତନ୍ତ୍ର ଉତ୍କଳ ଗଠନର ପୃଷ୍ଠଭୂମିଠାରୁ ଅଦ୍ୟାବଧି ଘଟିଯାଇଥିବା ବହୁ କାଳଜୟୀ ଘଟଣାର ଅବତାରଣା କରିବା ସହିତ ଏଥିରେ ଅବଦାନ ରହିଥିବା ମହାମାନବଙ୍କ ଉଲ୍ଲେଖନୀୟ ଅବଦାନ ସମ୍ପର୍କରେ ଆଲୋକପାତ କରିଥିଲେ। ଓଡ଼ିଆର ସ୍ୱାଭିମାନ ଓ ଅସ୍ମିତା ରକ୍ଷା କରିବା ପାଇଁ ସମସ୍ତେ ବ୍ରତୀ ହେବା ସହିତ ଆଗାମୀ ଦଶ ବର୍ଷରେ ଯେପରି ଓଡ଼ିଶା ଏକ ସମୃଦ୍ଧଶାଳୀ ରାଜ୍ୟରେ ପରିଣତ ହୁଏ ସେ ଆଶା ରଖିଥିଲେ। ଯେ ପର୍ଯ୍ୟନ୍ତ ବିଚ୍ଛିନ୍ନାଞ୍ଚଳରେ ମିଶି ରହିଥିବା ଓଡ଼ିଆମାନଙ୍କ ସ୍ୱାଭିମାନ, ଅସ୍ମିତା ଓ ଯନ୍ତ୍ରଣାକୁ ନେଇ ଏହି ୧୦ ବର୍ଷ ମଧ୍ୟରେ ସମସ୍ତ ଓଡ଼ିଆଭାଷୀଙ୍କୁ ଏକାଠି ଏକ ଭୌଗୋଳିକ ସୀମାରେଖା ମଧ୍ୟକୁ ଅଣାଯାଇ ପାରିଲେ ଓଡ଼ିଶାର ସ୍ୱାଭିମାନ ପୂର୍ଣ୍ଣତାପ୍ରାପ୍ତ ହୁଅନ୍ତା ବୋଲି ଉପସ୍ଥିତ ସମସ୍ତେ ଆଶାବ୍ୟକ୍ତ କରିଥିଲେ। ଏପ୍ରିଲ ମାସରେ ଜନ୍ମିତ ସମସ୍ତ ସଭ୍ୟସଭ୍ୟାଙ୍କୁ ପୁଷ୍ପଗୁଚ୍ଛ ଦେଇ ଓ କେକ୍ ଖୁଆଇ ସମ୍ବର୍ଦ୍ଧିତ କରାଯାଇଥିଲା। ସାଂସଦଙ୍କ ଉନ୍ନୟନ ପାଣ୍ଠିରୁ ୫ ଲକ୍ଷ ଅନୁଦାନ ମିଳିଥିବାରୁ ତାଙ୍କୁ କୃତଜ୍ଞତା ଜ୍ଞାପନ କରାଯାଇଥିଲା। ଏଥିସହିତ ଆମେରିକା ଇସ୍ରାଏଲ ଯୁଦ୍ଧ ଖୋର ମନୋଭାବକୁ ନିନ୍ଦା କରାଯାଇଥିଲା। ପରେ ଓଡ଼ିଆତ୍ୱର ପ୍ରତୀକ ଦହି ପଖାଳରେ ସମସ୍ତଙ୍କୁ ଅପ୍ୟାୟିତ କରାଯାଇଥିଲା। ସତ୍ୟରଞ୍ଜନ ସ୍ୱାଇଁ ଗୌରାଙ୍ଗ ବାରିକ, ସୁଦର୍ଶନ ପହୀ, ବୈଷ୍ଣବ ଚରଣ ସାହୁ, ନରେନ୍ଦ୍ର ଘଡ଼ାଇ, ମୁରଲୀଧର ଖଣ୍ଡାଇ, ପ୍ରତିମା ମହାପାତ୍ର, ମୀନା ସାହୁ, ସନାତନ ବିଶ୍ୱାଳ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ରବିନାରାୟଣ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

# ସିଂହପୁର ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ବାର୍ଷିକ ଉତ୍ସବ

**ସିଂହପୁର, ୯।୪(ସମିସ):** ବିଞ୍ଝାରପୁର ବ୍ଲକ ସିଂହପୁର ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ଚତୁଃବିଂଶତମ ବାର୍ଷିକ ଉତ୍ସବ ଗୁରୁବାର ଅନୁଷ୍ଠିତ ହୋଇଛି। ମୁଖ୍ୟ ଅତିଥି ଭାବେ ଧର୍ମଶାଳା ମହାବିଦ୍ୟାଳୟର ଅବସରପ୍ରାପ୍ତ ପ୍ରଧ୍ୟାପକ ମନୋରଞ୍ଜନ ମହାନ୍ତି ପ୍ରଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ବିଦ୍ୟାଳୟର ସଭାପତି ଅଧ୍ୟାପକ ପ୍ରସନ୍ନ ବିଶ୍ୱାଳ ସଭାପତିତ୍ୱ କରିଥିଲେ। ପ୍ରଧାନଆଚାର୍ଯ୍ୟ ବୀରକିଶୋର ବେହେରା ଅତିଥି ପରିଚୟ ପ୍ରଦାନ କରିଥିଲେ। ସମ୍ମାନିତ ଅତିଥି ସଙ୍କୁଳ ପ୍ରମୁଖ ଅଧ୍ୟାପକ ଗଗନ ବିହାରୀ ବେହେରା, ସମ୍ପାଦକ ସୁଶାନ୍ତ କୁମାର ସାମଲ, ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। ସମ୍ମାନିତ ଅତିଥି ବିଦ୍ୟାଳୟର ଉପସଭାପତି ଅଧ୍ୟାପିକା ଡ. ଗାୟତ୍ରୀ ଧଳ, ସହ ସମ୍ପାଦକ ରତ୍ନାକର ସାହୁ, କୋଷାଧ୍ୟକ୍ଷ ନିର୍ମଳ ଚନ୍ଦ୍ର ମଲ୍ଲିକ, ସଦସ୍ୟ ଅକ୍ଷୟ କୁମାର ସେଠୀ, ସଦସ୍ୟା ଭାଗ୍ୟଲକ୍ଷ୍ମୀ ସାହୁ, ପାଳକ ବାଇଧର ନାୟକ ପ୍ରମୁଖ ଯୋଗ ଦେଇଥିଲେ। ଅତିଥିମାନେ ବକ୍ତବ୍ୟରେ ଶିଶୁ ଭାଇ, ଭଉଣୀଙ୍କୁ ମାର୍ଗଦର୍ଶନ ପ୍ରଦାନ କରିଥିଲେ। ପ୍ରାକ୍ତନ କାର୍ଯ୍ୟକର୍ତ୍ତା ଯୋଗଦେଇ ଉତ୍ସବର ଗରିମା ବୃଦ୍ଧି କରିଥିଲେ। ବିଦ୍ୟାଳୟର ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ଲାଭ କରିଥିବା ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। ବିଦ୍ୟାଳୟର ସମସ୍ତ ଗୁରୁଜୀ, ଗୁରୁମା, ସେବକ, ସେବିକା ବାହନ ବ୍ୟବସ୍ଥାରେ ଥିବା ସମସ୍ତ ଭାଇ ଅବିଭାବକ ସହଯୋଗ କରିଥିଲେ। ଶିଶୁ ଭାଇ, ଭଉଣୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ବିଦ୍ୟାଳୟର ବରିଷ୍ଠ ଆଚାର୍ଯ୍ୟ, ଆଚାର୍ଯ୍ୟାଙ୍କ ଦ୍ୱାରା ପରିଚାଳିତ ହୋଇଥିଲା।

# ବିରଜା ନର୍ସିଂ କଲେଜର ଛାତ୍ରୀଙ୍କ କୃତିତ୍ୱ



**ଯାଜପୁର, ୯।୪(ସମିସ):** ବିରଜା କଲେଜର ୪ର୍ଥ ବର୍ଷ (୨୦୨୩-୨୦୨୪) ବିଏସି ନର୍ସିଂ ଛାତ୍ରୀ ସ୍ୱପ୍ନା ପ୍ରଣତି ତ୍ରିପାଠୀ ୮୬ ପ୍ରତିଶତ ମାର୍କ ରଖି ସ୍ୱାସ୍ଥ୍ୟ ବିଶ୍ୱବିଦ୍ୟାଳୟ ପରୀକ୍ଷାରେ ୟୁନିଭରସିଟି ଟପ୍ପର ହୋଇଛନ୍ତି। ବିଶ୍ୱବିଦ୍ୟାଳୟର ତୃତୀୟ ପ୍ରତିଷ୍ଠା ଦିବସ ଅବସରରରେ ଅନୁଷ୍ଠିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ସ୍ୱପ୍ନାଙ୍କୁ ପୂର୍ବତନ ସାଂସଦ ଚନ୍ଦ୍ରଶେଖର ସାହୁ ସାର୍ଟିଫିକେଟ ଏବଂ ଗୋଲ୍ଡ ମେଡାଲ ପ୍ରଦାନ କରିଥିଲେ। ସ୍ୱପ୍ନାଙ୍କ ଏହି ସଫଳତା କଲେଜ ପାଇଁ ଏକ ଗୌରବର କଥା। ଯାହାକି ଓଡ଼ିଶାର ୩୦୦+ ନର୍ସିଂ କଲେଜରୁ ବିରଜା କଲେଜର ନାମକୁ ଆଗକୁ ବଢ଼ାଇଛନ୍ତି ବୋଲି ମତପ୍ରକାଶ ପାଇଥିଲା। ବିରଜା ନର୍ସିଂ କଲେଜର ଡାଇରେକ୍ଟର ପରେଶ ମଲ୍ଲିକ ଏବଂ ଚେୟାରମ୍ୟାନ ମୋନାଲିସା ଦାସ ଏବଂ ଅଧ୍ୟକ୍ଷା ରଶ୍ମିରେଖା ବେହେରାଙ୍କ ସମେତ ଅଧ୍ୟାପକ ଓ ଅଧ୍ୟାପିକାଙ୍କ ଅକ୍ଳାନ୍ତ ପରିଶ୍ରମ ଯୋଗୁଁ ଏହା ସମ୍ଭବ ହୋଇପାରିଛି ବୋଲି ମଧ୍ୟ ମତପ୍ରକାଶ ପାଇଥିଲା।

# ୧୯୯୮ ମାଟ୍ରିକ୍ ବ୍ୟାଚ୍‌ର ବନ୍ଧୁମିଳନ



**ଯାଜପୁର ଟାଉନ, ୯।୪(ସମିସ):** ଯାଜପୁର ସହରର ସର୍ବପୁରାତନ ବିରଜା ହାଇସ୍କୁଲର ୧୯୯୮ ମାଟ୍ରିକ୍ ବ୍ୟାଚ୍‌ର ବନ୍ଧୁମିଳନ ସ୍ଥାନୀୟ ସୁଭଦ୍ରା ଶକ୍ତି କାଫେ ବିରଜା ମନ୍ଦିର ନିକଟରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ପ୍ରାୟ ୮୦ ଜଣ ପୁରୁଣା ବନ୍ଧୁ ସେମାନଙ୍କ ପରିବାର ସହ ସାମିଲ ହୋଇଥିଲେ। ବନ୍ଧୁମିଳନ ଉତ୍ସବରେ ବନ୍ଧୁମାନଙ୍କର କୁନି କୁନି ପିଲାମାନେ ବିଭିନ୍ନ ପ୍ରକାର ମନୋରଞ୍ଜନ କାର୍ଯ୍ୟକ୍ରମ କରିବା ସହ ଦୁଇ ଜଣ ସାଙ୍ଗ ଯେଉଁମାନେ ଆଜି ଏହି ଦୁନିଆରେ ନାହାଁନ୍ତି ସେମାନଙ୍କ ପାଇଁ ନିରବ ପ୍ରାର୍ଥନା କରିଥିଲେ।

# ସାମ୍ବାଦିକଙ୍କୁ ଆକ୍ରମଣ ଘଟଣା; ଏସ୍‌ପିଙ୍କୁ ଫେରାଦ

**ପାଣିକୋଇଲି, ୯।୪(ସମିସ):** ଯାଜପୁର ଜିଲ୍ଲା ଜେନାପୁର ଥାନା ଗଡ଼ମଧୁପୁର ଅଞ୍ଚଳର ଜନୈକ କାର୍ଯ୍ୟରତ ସାମ୍ବାଦିକଙ୍କୁ ଦୁର୍ବୃତ୍ତମାନେ ଲୁହା ରଡ଼ରେ ଆକ୍ରମଣ ଘଟଣାରେ ଥାନାରେ ଏତଲା ଦେବାର ୫ ଦିନ ବିତିଯିବା ପରେ ମଧ୍ୟ ପୁଲିସ କେବଳ ଏତଲାକୁ ପଞ୍ଜୀକୃତ କରିଛି। କିନ୍ତୁ ଅଭିଯୁକ୍ତକୁ ଗିରଫ କରୁନି। ଫଳରେ ସାମ୍ବାଦିକ ଜଣକ ଜିଲ୍ଲା ଆରକ୍ଷୀ ଅଧୀକ୍ଷକଙ୍କୁ ଭେଟି ନ୍ୟାୟ ଦାବି କରିଛନ୍ତି। ପ୍ରକାଶ ଯେ ଗଡ଼ମଧୁପୁର ଅଞ୍ଚଳର ପ୍ରଗତିବାଦୀର ପ୍ରତିନିଧି ଶଙ୍କର ପ୍ରତାପ ଦାସଙ୍କୁ ଗତ ୪ ତାରିଖ ଦିନ ଚଢ଼େଇଧରା ବଜାର ଉପରେ କୌଣସି କାରଣକୁ ନେଇ ଶ୍ରୀ ଦାସଙ୍କର ବଉଳମାଳ ପଞ୍ଚାୟତର ଇଚ୍ଛାପୁର ଗ୍ରାମର ପୀତାମ୍ବର ପଣ୍ଡାଙ୍କ ସହିତ ଯୁକ୍ତି ତର୍କ ହୋଇଥିଲା। ଉକ୍ତ ଘଟଣାରେ ଉତ୍କ୍ଷିପ୍ତ ହୋଇ ପୀତାମ୍ବର ତା'ର ସହଯୋଗୀଙ୍କ ସହ ମିଶି ଶ୍ରୀ ଦାସଙ୍କୁ ଲୁହା ରଡ଼ରେ ମାଡ଼ ମାରିଥିଲେ। ଏ ନେଇ ଶ୍ରୀ ଦାସ ଜେନାପୁର ଥାନାରେ ଲିଖିତ ଭାବେ ଅଭିଯୋଗ କରିଥିବା ବେଳେ ପୁଲିସ କେବଳ ଏକ ମାମଲା ୮୮/୨୬ ରୁଜୁ କରି ଚୁପ ହୋଇ ବସିଛି। ମାତ୍ର ପୀତାମ୍ବର ଓ ତାଙ୍କର ସହଯୋଗୀଙ୍କୁ ଗିରଫ କରୁନାହିଁ। ଫଳରେ ଥାନାରୁ ନ୍ୟାୟ ନ ପାଇ ଶ୍ରୀ ଦାସ ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ଯଶ ପ୍ରତାପ ଶ୍ରୀମଲଙ୍କୁ ଭେଟି ନ୍ୟାୟ ଦାବି କରିଛନ୍ତି।



# ନବନିର୍ମାଣ କୃଷକ ସଂଗଠନର ବୈଠକ

**ବଡ଼ଚଣା, ୯।୪(ସମିସ)**

ଗୁରୁବାର ନବନିର୍ମାଣ କୃଷକ ସଂଗଠନ ବଡ଼ଚଣା ବ୍ଲକ ତରଫରୁ ଏକ ଜୋନ୍‌ସ୍ତରୀୟ ଚାଷୀ ବୈଠକ ଧାନମଣ୍ଡଳ ପଞ୍ଚାୟତର ସାଇ ମନ୍ଦିର ପ୍ରାଙ୍ଗଣରେ ଅଭିରାମ ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ସଭାରେ ରାଜ୍ୟ ସହସଂଯୋଜକ ନିମାଇଁ ରାୟ ଯୋଗଦେଇ ଆଗାମୀ ଦିନରେ କିଭଳି ସଂଗଠନ ମଜବୁତ ହୋଇ ପାରିବ ସେ ସମ୍ପର୍କରେ ଆଲୋଚନା କରିଥିଲେ। ଜିଲ୍ଲା ସଂଯୋଜକ ଦୁର୍ଗା ପ୍ରସାଦ ଦାଶ ଚାଷୀଙ୍କ ବିଭିନ୍ନ ସମସ୍ୟା ଯଥା, ଜାତୀୟ ରାଜ ପଥରେ ଗଳି ପୋଲ ନଥିବାରୁ ସୁଙ୍ଗୁଡ଼ା ଓ ଧାନମଣ୍ଡଳ ଚାଷୀ ରାଜରାସ୍ତା ପାର ହେବା ନେଇ ଉତ୍କଟ ସମସ୍ୟା ତଥା ନବନିର୍ମାଣ ରାଜ୍ୟ ନେତୃତ୍ୱଙ୍କୁ ମିଛ କେଶରେ ଫସାଇ ଜେଲ ପଠାଇଥିବାରୁ ଅସନ୍ତୋଷ ପ୍ରକଟ କରିବା ସହ ତୁରନ୍ତ ଖଲାସ ଦାବି ରଖିଥିଲେ। ଉକ୍ତ ସଭାରେ ବରୀ ବ୍ଲକ ସଂଯୋଜକ ମାଧବ ଶାନ୍ତି, ଯାଜପୁର ବ୍ଲକ ସଂଯୋଜକ ଧନଞ୍ଜୟ ବିଶ୍ୱାଳ, ବଡ଼ଚଣା ବ୍ଲକ ସଂଯୋଜକ ନଗେଶ ଜେନା, ଜୋନ୍‌ସ୍ତରୀୟ ନେତୃତ୍ୱ ପ୍ରଫୁଲ୍ଲ ନାୟକ, ଅରୁଣ ପ୍ରଧାନ ପ୍ରଦୀପ୍ତ ମହାପାତ୍ର, ଶୈଳେନ୍ଦ୍ର ଦାସ, କେଶବ ଦାସ, ଧନେଶ୍ୱର ନାୟକ, ଲକ୍ଷ୍ମୀଧର ନାୟକ, ଖଗେଶ୍ୱର ନାୟକ, ଭରତ ଦାସ, ଶ୍ରୀଧର ମହଲ, ରମେଶ ନାୟକ, ଶ୍ରୀନିବାସ କର ପ୍ରମୁଖ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ। ପରିଶେଷରେ ଧାନମଣ୍ଡଳ ଗ୍ରାମର ଚାଷୀ ନେତୃତ୍ୱ ପ୍ରମୋଦ କୁମାର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।



## ଲକ୍ଷ୍ମୀନାରାୟଣ ମନ୍ଦିରର ବାର୍ଷିକ ପ୍ରତିଷ୍ଠା ଉତ୍ସବ



ଧାମନଗର, ୯।୪(ସମିସ): ଧାମନଗର ବ୍ଲକ୍ ଅନ୍ତର୍ଗତ ରାଧାବଲ୍ଲଭପୁର ପଞ୍ଚାୟତ ଅଧୀନସ୍ଥ ମିର୍ଜାପୁର ଓ ତାଳପଦା ଗାଁର ମଧ୍ୟସ୍ଥଳରେ ଅବସ୍ଥିତ ଲକ୍ଷ୍ମୀନାରାୟଣ ମନ୍ଦିରର ୫ମ ବାର୍ଷିକ ପ୍ରତିଷ୍ଠା ଉତ୍ସବ ମହାଆଡ଼ମ୍ବର ଓ ଭକ୍ତିମୟ ପରିବେଶରେ ଅନୁଷ୍ଠିତ ହୋଇଯାଇଛି। ମଙ୍ଗଳବାର ମନ୍ଦିରର ପ୍ରତିଷ୍ଠାତା ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଭାଗିରଥି ଜେନାଙ୍କ ସଞ୍ଚାଳନାରେ ଆୟୋଜିତ ଏହି ଉତ୍ସବରେ ଶୁଭ୍ରାଂଶୁ ଶେଖର ଜେନା ଓ ପ୍ରୀତିମୟୀ ଜେନା କର୍ତ୍ତା ଭାବେ କାର୍ଯ୍ୟ ତୁଲାଉଥିଲେ। ଏହି ଅବସରରେ ୪ ଜଣ ବ୍ରାହ୍ମଣଙ୍କ ଦ୍ୱାରା ବିଭିନ୍ନ ପୂଜାର୍ଚ୍ଚନା, ଯଜ୍ଞ ଓ ଧାର୍ମିକ କାର୍ଯ୍ୟକ୍ରମ ସମ୍ପନ୍ନ ହୋଇଥିଲା। ଏହି ଉତ୍ସବରେ ସ୍ଥାନୀୟ ଭକ୍ତମାନଙ୍କର ବିଶେଷ ଭିଡ଼ ଦେଖିବାକୁ ମିଳିଥିଲା। ଏହି ଧାର୍ମିକ କାର୍ଯ୍ୟକ୍ରମରେ ୟୁକୋ ବ୍ୟାଙ୍କ ଶାଖାର ପରିଚାଳକ ଦେବସ୍ମିତା ମହାପାତ୍ର, ସାମ୍ବାଦିକ ସଞ୍ଜୀବ ମହାନ୍ତି, ପୂର୍ବତନ ସରପଞ୍ଚ ବିଶ୍ୱରଞ୍ଜନ ଘଡ଼ାଇ, ନାରୀ ନେତ୍ରୀ ଓ ସମାଜସେବୀ ରେବତୀ ଷଡ଼ଙ୍ଗୀ, ସୁପ୍ରଭା ଜେନା, ଆଲୋକ ଜେନା, ଶୁଭଶ୍ରୀ ଜେନା, ଅପୂର୍ବ ରଞ୍ଜନ ଜେନା ଓ ସ୍ଥାନୀୟ ଗ୍ରାମବାସୀ, ସମାଜସେବୀ, ବୁଦ୍ଧିଜୀବୀମାନେ ଉପସ୍ଥିତ ଦର୍ଶନ କରି ଆଶୀର୍ବାଦ ଗ୍ରହଣ କରିଥିଲେ।

## 'ଆମେ ଜାଣିବା ଆମ ବଜେଟ' କାର୍ଯ୍ୟକ୍ରମ

ଦୋଳସାହି, ୯।୪(ସମିସ): ରାଜ୍ୟ ସରକାରଙ୍କ ପକ୍ଷରୁ ପ୍ରତି ପଞ୍ଚାୟତରେ ଅନୁଷ୍ଠିତ ହେଉଛି 'ଆମେ ଜାଣିବା ଆମ ବଜେଟ' କାର୍ଯ୍ୟକ୍ରମ। ସୂଚନାଯୋଗ୍ୟ, ତିହିଡ଼ି ବ୍ଲକ୍ ଅଧୀନ ଗୁଆମାଳ ପଞ୍ଚାୟତର ସଦାନନ୍ଦପୁର ଗାଁରେ ବୁଧବାର ସରକାରଙ୍କ ଏହି 'ଆମେ ଜାଣିବା ଆମ ବଜେଟ' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ ନାଏବ ସରପଞ୍ଚ କାର୍ତ୍ତିକ ଚନ୍ଦ୍ର ତ୍ରିପାଠୀ, ପଞ୍ଚାୟତ ଅଧିକାରୀ ଅରୁଣ ପଣ୍ଡା, ଜିଆର୍‌ଏସ୍ ସଂଯୁକ୍ତା ମହାଳିକ, ସିଆର୍‌ପି ସବିତା ନାୟକ, ସୂର୍ଯ୍ୟମଣୀ ସେଠୀ ଓ ସରପଞ୍ଚଙ୍କ ପ୍ରତିନିଧି ରଞ୍ଜିତ୍ ଜେନା ପ୍ରମୁଖ ଉପସ୍ଥିତ ଥିଲେ। କୁବେରା ପଞ୍ଚାୟତରେ ଏହି କାର୍ଯ୍ୟକ୍ରମ ହୋଇଥିଲାବେଳେ ପଞ୍ଚାୟତ ଅଧିକାରୀ ଦୀନବନ୍ଧୁ ମହାନ୍ତି, ଏସିଏମ୍ ଶଶିକାନ୍ତ ରାଉଳ, ଅଙ୍ଗନବାଡ଼ି କର୍ମୀ ବାସନ୍ତୀ ପଣ୍ଡା, ସରପଞ୍ଚ କୀର୍ତ୍ତିଚନ୍ଦ୍ର ସେଠୀ, ଯୁବନେତା ସାଇ ଚରଣ ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମରେ ଚଳିତ ଆର୍ଥିକ ବର୍ଷରେ ପାନୀୟଜଳ, ଗ୍ରାମୀଣ ଭିତ୍ତିଭୂମି, ଗ୍ରାମୀଣ ଆବାସ, ପଞ୍ଚାୟତିରାଜ ବିଭାଗରେ ହେବାକୁ ଥିବା କାର୍ଯ୍ୟକ୍ରମରେ କେଉଁ କାର୍ଯ୍ୟକ୍ରମରେ କେତେ ଟଙ୍କା ବଜେଟ ହେବ ସେ ସମ୍ପର୍କରେ ଆଲୋଚନା ହୋଇଥିଲା।

## ବୀଣାପାଣି ସଂସ୍କୃତ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଅଧ୍ୟାପକ ପଦ ଖାଲି

ଦୋଳସାହି, ୯।୪(ସମିସ): ତିହିଡ଼ି ବ୍ଲକ୍ ଅଧୀନ ଗୁଆମାଳ ପଞ୍ଚାୟତରେ ଅବସ୍ଥିତ ବୀଣାପାଣି ସଂସ୍କୃତ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ବିଭିନ୍ନ ବିଭାଗରେ ଅଧ୍ୟାପକ ପଦ ଖାଲି ପଡ଼ିଥିବା ଯୋଗୁଁ ପାଠପଢ଼ାରେ ବ୍ୟାଘାତ ସୃଷ୍ଟି ହେଉଥିବା ଜଣାପଡ଼ିଛି। ସୂଚନାଯୋଗ୍ୟ, ଗୁଆମାଳ ବୀଣାପାଣି ସଂସ୍କୃତ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଏବେ ୨୦୦ରୁ ଅଧିକ ଛାତ୍ରଛାତ୍ରୀ ଅଧ୍ୟୟନ କରୁଥିବା ଜଣାଯାଇଛି। ଏହି ମହାବିଦ୍ୟାଳୟରେ ସଂସ୍କୃତ, ସାହିତ୍ୟ ବିଭାଗରେ ୨ଜଣ, ଇତିହାସରେ ଜଣେ, ଇଂରାଜୀରେ ଜଣେ ଓ ବ୍ୟାକରଣ ବିଭାଗରେ ଜଣେ ଅଧ୍ୟାପକ ପଦ ଅଭାବ ଥିବା ଜଣାଯାଇଥିଲା ବେଳେ ଜିଲ୍ଲା ପ୍ରଶାସନ ତୁରନ୍ତ ଏହି ସମସ୍ତ ପଦ ପୂରଣ ପାଇଁ ସାଧାରଣରେ ଦାବି ହେଉଛି।




## ବିଦ୍ୟାଳୟର ବାର୍ଷିକ ଉତ୍ସବ




ତିହିଡ଼ି, ୯।୪(ସମିସ): ତିହିଡ଼ି ବ୍ଲକ୍ ଭାଟପଡ଼ା ପଞ୍ଚାୟତ ଅଧୀନ ହରିପୁର ସଂଯୁକ୍ତ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନଶିକ୍ଷୟିତ୍ରୀ ସ୍ନେହଲତା ନାୟକଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ସଭାରେ ସାମ୍ବାଦିକ ରାମନାରାୟଣ ନାୟକ ମୁଖ୍ୟ ଅତିଥି, ରାଜନେତା ତଥା ପୁରାତନ ଛାତ୍ର ସଂସଦର ସଭାପତି ସରୋଜ କୁମାର ଦାସ, ସିଆର୍‌ସିସି ତ୍ରିନାଥ ସେଠ ଓ ସମାଜସେବୀ ଶିବ ପ୍ରସାଦ ବଳ ସମ୍ମାନିତ ଅତିଥି, ଡ. ଅମୂଲ୍ୟ ସେନାପତି ମୁଖ୍ୟବକ୍ତା ଭାବେ ଯୋଗଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ। ଶିକ୍ଷକ ଦୀନବନ୍ଧୁ ବାରିକ ଅତିଥିମାନଙ୍କୁ ମଞ୍ଚ ଆବାହନ କରିବା ସହ ବାର୍ଷିକ ବିବରଣୀ ପ୍ରଦାନ କରିଥିବାବେଳେ ଶିକ୍ଷକ ରାମ ପ୍ରସାଦ ବାରିକ ଧନ୍ୟବାଦ ଅର୍ପଣ କରିଥିଲେ। ପରିଚାଳନା କମିଟି ଅଧ୍ୟକ୍ଷ ସୁଶୀଲ ଦାସ, ଶିକ୍ଷୟିତ୍ରୀ ସାବିତ୍ରୀ ଖଟୁଆ, ଅଶୋକ ପାଣିଗ୍ରାହୀ, ଗୀତାଞ୍ଜଳି ଦାସ, ସୌଦାମିନୀ ସେଠୀ, ସଙ୍ଗୀତା ନାୟକ, ସସ୍ମିତା ବାରିକ, ପ୍ରତିମା ବଳ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଛାତ୍ରଛାତ୍ରୀମାନେ ବିଭିନ୍ନ ପ୍ରକାର ମନୋରଞ୍ଜନ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ।

### ୧୫ ହଜାର ହେକ୍ଟର ଖରିଫ ଧାନ ଚାଷ ପାଇଁ ଲକ୍ଷ୍ୟ

# ପ୍ରତିକୂଳ ପାଗକୁ ନେଇ ଚିନ୍ତାରେ ଚାଷୀ

ଅସୁରାଳି, ୯।୪(ସମିସ)



ଧାମନଗର ବ୍ଲକ୍‌ର ଅଧିକାଂଶ ଅଞ୍ଚଳ ଅଣ ଜଳସେଚିତ ହୋଇଥିବାରୁ ସେମାନେ ବିଶେଷତଃ ନଦୀ, ତୁଆ ଓ ବର୍ଷା ଜଳ ଉପରେ ନିର୍ଭର କରିଥା'ନ୍ତି। ତଳିଆ ଅଞ୍ଚଳରେ ପ୍ରତିବର୍ଷ ବନ୍ୟା ଯୋଗୁଁ ଧାନ ଫସଲ ଧୋଇଯାଏ। ସେଥିପାଇଁ ସେହିସବୁ ଅଞ୍ଚଳରେ ୨/୩ ଥର ତଳି ରୋଇବାକୁ ପଡ଼ିଥାଏ। ବିହନ ମିଳିବାରେ ବିଳମ୍ବ ହେତୁ ଲୋକେ ଆଛରା ତଳି ପଳାଇବାକୁ ବାଧ ହୋଇଥାନ୍ତି। କିନ୍ତୁ ଆଛରା ତଳିରେ ଉଚିତ୍ ପରିମାଣରେ ଫସଲ ଅମଳ ହୋଇ ନ ଥାଏ। ବର୍ତ୍ତମାନ ସୁଦ୍ଧା ଅନିୟମିତ ବର୍ଷା କାରଣରୁ ଚାଷୀ ଘରୁ ବିହନ ମୁଠାଏ ଘରୁ କାଢ଼ିପାରୁନି। କେନାଲ ସୁବିଧା ଥିବା ଅଞ୍ଚଳରେ ମଧ୍ୟ ଉପଯୁକ୍ତ ସମୟରେ ସଠିକ୍ ଜଳ ପରିଚାଳନା ହେଉ ନ ଥିବାରୁ ଏ ଅଞ୍ଚଳରେ ଘୋର୍ କ୍ଷତି ହେଉଥିବା ବାରମ୍ବାର ଅଭିଯୋଗ ହେଉଥିଲେ ମଧ୍ୟ କେନାଲ ଡିଭିଜନ ଦାୟିତ୍ୱରେ ଥିବା ଅଧିକାରୀମାନେ ସମୟ ପୂର୍ବରୁ କୌଣସି ବର୍ଷ ତ୍ରୁଟି ସୁଧାରୁ ନାହାନ୍ତି। ଯାହାକୁ ନେଇ ସବୁ ସମୟରେ ଅସନ୍ତୋଷ ଦେଖାଦେଉଛି।

ସରକାରୀ ରିଆତି ବିହନ ପାଇବାକୁ ପଞ୍ଜୀକରଣ କରିଥିବା ଚାଷୀମାନେ ଅଦ୍ୟାବଧି ଡିଲରମାନଙ୍କଠାରୁ ବିହନ ପାଇବାକୁ ସକ୍ଷମ ହୋଇପାରି ନାହାନ୍ତି। ବ୍ଲକ୍ କିମ୍ବା ଡିଲରମାନଙ୍କଠାରୁ କେବେ ବିହନ ମିଳିବ ତାହାର ମଧ୍ୟ କୌଣସି ସଠିକ୍ ନିର୍ଦ୍ଧାରିତ ସମୟ କାହାକୁ ଜଣାନାହିଁ। ତେଣୁ ଚାଷୀ ଏବେ ଚିନ୍ତାରେ। ସରକାରୀ ବିହନରେ ସବ୍‌ସିଡି ଚାଷୀର ଆକାଉଣ୍ଟ୍‌ରୁ ଆସିବାର ଥିଲେ ବି କ୍ୱିଣ୍ଟାଲ ପ୍ରତି ୩୩୦୦ ଟଙ୍କା ଏବଂ ୩୪୦୦ ଟଙ୍କା ରଖାଯାଇଛି। ଯାହାକି ଚାଷୀମାନଙ୍କ ପାଇଁ ଅଧିକ ହୋଇଯାଇଛି। ତା' ଛଡ଼ା ସାର ଓ କୀଟନାଶକର ଅହେତୁକ ମୂଲ୍ୟ ବୃଦ୍ଧି ସାଙ୍ଗକୁ ସାରର ଘୋର୍ ଅଭାବ ଓ କଳାବଜାରରେ ବିକ୍ରି ଚାଷୀ ପାଇଁ ବେଡ଼ି ଉପରେ କୋରଡ଼ା ମାଡ଼ ସଦୃଶ ହୋଇ ପଡୁଛି। ଫଳରେ ଅନେକ ଚାଷୀ ଚାଷ ଉପରୁ ମୁହଁ ଫେରାଇ ନେବାକୁ ବାଧ ହେଉଛନ୍ତି। ତେବେ ଉପଯୁକ୍ତ ବିହନ ଯୋଗାଇଦେବା ସହିତ ବିଭିନ୍ନ କେନାଲରେ ଥିବା ଅବ୍ୟବସ୍ଥା ତ୍ରୁଟିଗୁଡ଼ିକୁ ସମୟ ପୂର୍ବରୁ ସଜାଡ଼ି ନେବାକୁ ଚାଷୀମାନେ ଦାବି ରଖିଛନ୍ତି। ଧାମନଗର ବ୍ଲକ୍‌ରେ ପ୍ରବାହିତ କୋଚିଲା, ରେବ, କପାଳୀ, ଗେଙ୍ଗୁଟି, ବୈତରଣୀ ନଦୀ ଓ ଶାଖା ନଦୀଗୁଡ଼ିକର ନଦୀବନ୍ଧ ଅନେକ ସ୍ଥାନରେ ଦୁର୍ବଳ ରହିଛି। ବର୍ଷା ଋତୁରେ ନଦୀ ବଢ଼ିଲେ ବିଭିନ୍ନ ସ୍ଥାନରେ ଘାଇ ସୃଷ୍ଟି ହୋଇ ତଳିଆ ଅଞ୍ଚଳରେ ଧାନ ଚାଷରେ ବ୍ୟାପକ କ୍ଷତି ଘଟୁଛି। ତେଣୁ ସମୟ ପୂର୍ବରୁ ସେଗୁଡ଼ିକର ମରାମତି, ସ୍ଲୁଇସ୍‌ଗୁଡ଼ିକର ମରାମତି ପାଇଁ ମଧ୍ୟ ପ୍ରଶାସନ ତୁରନ୍ତ ଦୃଷ୍ଟି ଦେବାକୁ ଧାମନଗର ବ୍ଲକ୍‌ର ଚାଷୀମାନେ ପ୍ରଶାସନକୁ ଅନୁରୋଧ ଜଣାଇଛନ୍ତି। ଏ ସମ୍ପର୍କରେ ବ୍ଲକ୍ କୃଷି ଅଧିକାରିଣୀ ଅନୁରାଧା ପଣ୍ଡାଙ୍କୁ ପଚାରିବାରୁ ସେ କହିଛନ୍ତି, ଏଥର ୧୫ ହଜାର ହେକ୍ଟର ଚାଷ ପାଇଁ ଲକ୍ଷ୍ୟ ଧାର୍ଯ୍ୟ ରଖାଯାଇଛି। ଅକ୍ଷୟ ତୃତୀୟା ପୂର୍ବରୁ ବିହନ ସମସ୍ତ ଡିଲର ପଏଣ୍ଟରେ ଉପଲବ୍ଧ ହେବ। କିନ୍ତୁ ବଡ଼ ସମସ୍ୟା ହେଉଛି ଆମ ପାଖରେ ଗୋଦାମ ଘର ନ ଥିବାରୁ ବଡ଼ ସମସ୍ୟାର ଆମେ ସମ୍ମୁଖୀନ ହେଉଛୁ। କୃଷି ସାମଗ୍ରୀ ରଖିବା ପାଇଁ ଆମକୁ ଅସୁବିଧା ହେଉଛି। କାର୍ଯ୍ୟାଳୟ ଭିତରେ ସାମଗ୍ରୀ ରହୁଥିବାରୁ ଆମକୁ କୌଣସି ସଭା ସମିତି କରିବା ପାଇଁ ଅସୁବିଧା ହେଉଛି।

### ତହସିଲ୍‌ଦାର ଓ ଯୋଗାଣ ଅଧିକାରୀଙ୍କ ମିଳିତ ଚଢ଼ଉ

## ୧୭ରୁ ଊର୍ଦ୍ଧ୍ୱ ଗ୍ୟାସ୍ ସିଲିଣ୍ଡର ଜବତ



ଧାମନଗର, ୯।୪(ସମିସ): ଧାମନଗର ବ୍ଲକ୍ ଓ ଏନ୍‌ଏସି ଅଞ୍ଚଳରେ ଯୁଦ୍ଧକୁ ନେଇ ପ୍ରାୟ ଏକ ମାସ ହେବ ଜାଳେଣି ଗ୍ୟାସ୍ ସଙ୍କଟ ଦେଖାଯାଇଛି। ଏହାର ସୁଯୋଗ ନେଇ ଧାମନଗର ଅଞ୍ଚଳରେ ଗ୍ୟାସ୍ କଳାବଜାରୀ ଏବଂ ବ୍ୟବସାୟୀମାନେ ବେଆଇନ ଭାବେ ଗ୍ୟାସ୍ ସିଲିଣ୍ଡର ଗଚ୍ଛିତ ରଖି କଳାବଜାରୀ ବେପାର କରି ମାଲାମାଲ ହେଉଛନ୍ତି। ବିଶେଷ ସୂତ୍ରରୁ ଖବର ପାଇ ବୁଧବାର ଧାମନଗର ତହସିଲ୍‌ଦାର, ଅତିରିକ୍ତ ତହସିଲ୍‌ଦାର ଓ ବ୍ଲକ୍ ଯୋଗାଣ ବିଭାଗ ପକ୍ଷରୁ ମିଳିତ ଭାବେ ବିଭିନ୍ନ ସ୍ଥାନରେ ଚଢ଼ଉ କରି ୧୭ରୁ ଊର୍ଦ୍ଧ୍ୱ ଗ୍ୟାସ୍ ସିଲିଣ୍ଡର ଜବତ କରାଯାଇଛି। ଏଥିରେ ସମ୍ପୃକ୍ତ ବ୍ୟକ୍ତିଙ୍କୁ କାରଣ ଦର୍ଶାଅ ନୋଟିସ୍ ଜାରି କରିବା ସହ ଜବତ ସିଲିଣ୍ଡରକୁ ନିକଟସ୍ଥ ଦେବୀ ଏଚ୍‌ପି ଗ୍ୟାସ୍ ଏଜେନ୍ସିକୁ ହସ୍ତାନ୍ତର କରାଯାଇଛି ବୋଲି ଧାମନଗର ତହସିଲ୍‌ଦାର ସାଇଶ୍ରୀ ଲୋକନାଥ ପ୍ରସାଦ ସେଠୀ ସୂଚନା ଦେଇଛନ୍ତି। ଏହି ଚଢ଼ଉ ବେଳେ ଅତିରିକ୍ତ ତହସିଲ୍‌ଦାର ସାଇସିଲୋନା, ବ୍ଲକ୍ ଯୋଗାଣ ଅଧିକାରୀ ରସାନନ୍ଦ ସାହୁ ଏବଂ ପୁଲିସ ଅଧିକାରୀ ମିଳିତ ଭାବେ ଉକ୍ତ ବେଆଇନ ଭାବେ ଗଚ୍ଛିତ ରଖିଥିବା ସିଲିଣ୍ଡରକୁ ଜବତ କରିଥିଲେ। ଆଗାମୀ ଦିନରେ ଧାମନଗର ଅଞ୍ଚଳରେ ଗ୍ୟାସ୍ କଳାବଜାରୀ କରୁଥିବା ସମ୍ପୃକ୍ତ ବ୍ୟକ୍ତିଙ୍କ ଉପରେ ଚଢ଼ଉ ହେବ ବୋଲି ତହସିଲ୍‌ଦାର ଓ ଯୋଗାଣ ଅଧିକାରୀ କହିଛନ୍ତି।

## ତିହିଡ଼ି ବ୍ଲକ୍‌ସ୍ତରୀୟ ମନରେଗା ଜନଶୁଣାଣି




ତିହିଡ଼ି, ୯।୪(ସମିସ): ତିହିଡ଼ି ବ୍ଲକ୍‌ସ୍ତରୀୟ ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନା ଜନଶୁଣାଣି ଶିବିର ଗୁରୁବାର ବ୍ଲକ୍ ସଭାଗୃହ ପରିସରରେ ବିଡିଓ ନିରଞ୍ଜନ ବାରିକଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଭଦ୍ରକ ଜିଲ୍ଲା ଏପିଡି (ପ୍ରଶାସନ) ଧନାଇ ଚରଣ ଟୁଡୁ, ଜିଲ୍ଲା ସାମାଜିକ ସମୀକ୍ଷା ଅଧିକାରୀ ସତ୍ୟଜିତ୍ ପୃଷ୍ଟି, ବିଡିଓ ନିରଞ୍ଜନ ବାରିକ, ବ୍ଲକ୍ ଅଧ୍ୟକ୍ଷା ଅବନ୍ତୀ ଦାସ, ସହକାରୀ ଯନ୍ତ୍ରୀ ସୁକାନ୍ତ ସାହୁ ପ୍ରମୁଖ ଯୋଗଦେଇ ଗତବର୍ଷ ଏପ୍ରିଲ ୧ରୁ ସେପ୍ଟେମ୍ବର ୩୦ ତାରିଖ ମଧ୍ୟରେ କରାଯାଇଥିବା ୨୭ଟି ପ୍ରକଳ୍ପର ସମୀକ୍ଷା କରାଯାଇଥିଲା। ଏହି ପ୍ରକଳ୍ପରେ ଥିବା ଭୁଲ୍‌ଗୁଡ଼ିକ ଚିହ୍ନଟ କରାଯିବା ସହ ଆଗାମୀ ୭ ଦିନ ମଧ୍ୟରେ ଏହାର ସଂଶୋଧନ କରିବାକୁ ସୂଚନା ଦିଆଯାଇଥିଲା। ମନରେଗା ଯୋଜନାର ବ୍ଲକ୍ ସହକାରୀ ପ୍ରକଳ୍ପ ସମ୍ପ୍ରସାରଣ ଅଧିକାରୀ କାମିନୀ ନାୟକ, ମନରେଗା ସହାୟକ ସୁଧାଂଶୁ ନାୟକ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଏହି ଶିବିରରେ ସାମାଜିକ ସୁରକ୍ଷା ଅଧିକାରୀ ନିହାର ରଞ୍ଜନ ରାଉତଙ୍କ ସମେତ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ, ଭିଆର୍‌ପି, ଜିଆର୍‌ଏସ୍‌ମାନେ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

## ନୂତନ ଥାନାଧିକାରିଣୀଙ୍କୁ ତିହିଡ଼ି ଯୁବମଞ୍ଚ ପକ୍ଷରୁ ସମ୍ବର୍ଦ୍ଧନା



ତିହିଡ଼ି, ୯।୪(ସମିସ): ତିହିଡ଼ି ଥାନାର ପ୍ରଥମ ମହିଳା ଥାନାଧିକାରିଣୀ ଭାବେ କାର୍ଯ୍ୟଭାର ଗ୍ରହଣ କରିଥିବା ଲୋପାମୁଦ୍ରା ନାୟକଙ୍କୁ ସ୍ଥାନୀୟ ଅଗ୍ରଣୀ ସାମାଜିକ ସଂଗଠନ 'ତିହିଡ଼ି ଯୁବମଞ୍ଚ' ପକ୍ଷରୁ ଭବ୍ୟ ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। ଜଣେ ସୁଦକ୍ଷ ପୁଲିସ ଅଧିକାରିଣୀ ଭାବେ ବେଶ୍ ପରିଚିତ ଶ୍ରୀମତୀ ନାୟକଙ୍କ ସେବା ଓ ସାହିତ୍ୟ କ୍ଷେତ୍ରରେ ମଧ୍ୟ ଗଭୀର ରୁଚି ରହିଛି। ସମ୍ବର୍ଦ୍ଧନା ସମୟରେ ଥାନାଧିକାରିଣୀ ନିଜ ପ୍ରତିକ୍ରିୟାରେ କହିଥିଲେ ଯେ ତିହିଡ଼ି ଅଞ୍ଚଳର ଉନ୍ନତି ଓ ଶାନ୍ତି ବଜାୟ ରଖିବା ତାଙ୍କର ପ୍ରାଥମିକତା ହେବ। ବିଶେଷ କରି ଚୋରା ମଦ, ଡ୍ରଗ୍ସ, କୋଇଲା ଚୋରା ଚାଲାଣ, ଜୁଆ, ଥାନାରୁ ଦଲାଲମୁକ୍ତ ଏବଂ ଗୋ-ମାଫିଆଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେ ପ୍ରତିଶ୍ରୁତି ଦେଇଛନ୍ତି। ଯୁବମଞ୍ଚର ଉପଦେଷ୍ଟା ସଚିକାନ୍ତ ନାୟକ, ସଭାପତି କୈଳାସ ବେହେରା, ସମ୍ପାଦକ ନିରଞ୍ଜନ ବାରିକ, ଉପସଭାପତି ପ୍ରିୟବ୍ରତ ପାଢ଼ୀ, ସନାତନ ସାହୁ, ସୌମ୍ୟଗୋପାଳ ନାୟକ ପ୍ରମୁଖ ଉପସ୍ଥିତ ରହି ତାଙ୍କର ସଫଳ କାର୍ଯ୍ୟକାଳ କାମନା କରିଥିଲେ। ତିହିଡ଼ିକୁ ଏକ ଅପରାଧମୁକ୍ତ ଅଞ୍ଚଳ ଭାବେ ଗଢ଼ିତୋଳିବା ପାଇଁ ଯୁବମଞ୍ଚ ପକ୍ଷରୁ ସମସ୍ତ ସହଯୋଗ ଯୋଗାଇ ଦିଆଯିବ ବୋଲି କର୍ମକର୍ତ୍ତାମାନେ ମତପ୍ରକାଶ କରିଛନ୍ତି।

## 'ଆସ ବହିଟିଏ କିଣିବା' ଅଭିଯାନ



ଭଦ୍ରକ, ୯।୪(ସମିସ): ରାଜ୍ୟ ସରକାରଙ୍କ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଏବଂ ଭଦକ ଜିଲ୍ଲା ପ୍ରଶାସନଙ୍କ ମିଳିତ ଉଦ୍ୟମରେ ଓଡ଼ିଆ ପକ୍ଷ ପାଳନ ଅବସରରେ ଭଦ୍ରକ ଜିଲ୍ଲାରେ 'ଆସ ବହିଟିଏ କିଣିବା' ଅଭିଯାନ ସ୍ଥାନୀୟ ଜିଲ୍ଲା ସଂସ୍କୃତି ଭବନଠାରେ ସଫଳତାର ସହ ଅନୁଷ୍ଠିତ ହୋଇଯାଇଛି। ଏହି ଅଭିଯାନରେ କର୍ମକର୍ତ୍ତା, ଶିକ୍ଷକ-ଶିକ୍ଷୟିତ୍ରୀ, ଛାତ୍ରଛାତ୍ରୀ ଉତ୍ସାହର ସହ ସହଭାଗୀ ହୋଇଥିଲେ। କାର୍ଯ୍ୟକ୍ରମର ମୂଳ ଉଦ୍ଦେଶ୍ୟ ଥିଲା ବହି ପ୍ରତି ଆଗ୍ରହ ବୃଦ୍ଧି କରିବା ସହ ଓଡ଼ିଆ ଭାଷା ଓ ସାହିତ୍ୟର ପ୍ରଚାରପ୍ରସାର କରିବା। ଏହି ଅବସରରେ ବିଭିନ୍ନ ପ୍ରକାରର ଓଡ଼ିଆ ପୁସ୍ତକ ପ୍ରଦର୍ଶନ ଓ ବିକ୍ରୟ କରାଯାଇଥିଲା ଏବଂ ଉପସ୍ଥିତ ଅତିଥିମାନେ ପୁସ୍ତକ କ୍ରୟ କରି ଅଭିଯାନକୁ ସମର୍ଥନ ଜଣାଇଥିଲେ। ଜିଲ୍ଲାପାଳ ଦିଲ୍ଲୀପ ରାଉତରାଏ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପିଲାମାନଙ୍କୁ 'ଜଣା-ଅଜଣା' କାର୍ଯ୍ୟକ୍ରମ ଆଧାରରେ ଓଡ଼ିଆ ସାହିତ୍ୟ ଓ ସଂସ୍କୃତି ଉପରେ ପ୍ରଶ୍ନ ପଚାରିଥିଲେ। ଅତିରିକ୍ତ ଜିଲ୍ଲାପାଳ ସରୋଜ କୁମାର ଦତ ବହିର ଉପକାରିତା ବିଷୟରେ କହି ଅନାବଶ୍ୟକ ଜିନିଷ ନ କିଣି ବହି କିଣିବାକୁ ପରାମର୍ଶ ଦେଇଥିଲେ। ସେହିପରି ସମ୍ମାନିତ ଅତିଥି ଭାବେ ଯୋଗଦେଇଥିବା ଅବସରପ୍ରାପ୍ତ ପ୍ରାଧ୍ୟାପକ ଗୋଲକ ବିହାରୀ ସାହୁ, ସାରସ୍ୱତ ସାଧକ ପଣ୍ଡିତ ଦୈତାରୀ ମହାପାତ୍ର ଏବଂ ହରେକୃଷ୍ଣ ମହତାବ ମହାବିଦ୍ୟାଳୟର ଅଧ୍ୟାପକ ଦତାତ୍ରେୟ ଦାସ ପ୍ରମୁଖ ପିଲାମାନଙ୍କୁ ବହି ପ୍ରତି ଆକୃଷ୍ଟ ହେବା ସହ କୃତ୍ରିମ ବୁଦ୍ଧିମତା (ଏଆଇ)ଠାରୁ ଦୂରେଇ ରହିବାକୁ ପରାମର୍ଶ ଦେଇଥିଲେ। ଉକ୍ତ ଉତ୍ସବରେ ବହିର ଆସର ଜମିଥିବାରୁ ପିଲାରୁ ବଡ଼ ପର୍ଯ୍ୟନ୍ତ ସମସ୍ତେ ବହି କ୍ରୟ କରିଥିଲେ ଏବଂ ଜିଲ୍ଲାପାଳ ପିଲାମାନଙ୍କୁ ବହି ବଣ୍ଟନ କରିଥିଲେ। ଏହା ସହିତ ୭ଟି ବ୍ଲକ୍‌ର ଭାଗବତ ଟୁଙ୍ଗୀରୁ ଆସିଥିବା ସଦସ୍ୟମାନଙ୍କୁ ଜିଲ୍ଲାପାଳଙ୍କ ଦ୍ୱାରା ଶ୍ରୀମଦ୍ ଭାଗବତ ଗୀତା ପ୍ରଦାନ କରାଯାଇଥିଲା। ଜିଲ୍ଲା ସଂସ୍କୃତି ଅଧିକାରୀ ମଞ୍ଚ ପରିଚାଳନା କରିଥିବାବେଳେ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଧନ୍ୟବାଦ ଅର୍ପଣ କରିଥିଲେ।

## ଗାଳ୍ପିକ ସଦାନନ୍ଦ ତ୍ରିପାଠୀଙ୍କୁ ଶ୍ରଦ୍ଧାଞ୍ଜଳି



ଭଦ୍ରକ, ୯।୪(ସମିସ): ଓଡ଼ିଆ ଗଳ୍ପ ସାହିତ୍ୟରେ ସଦାନନ୍ଦ ତ୍ରିପାଠୀ ଥିଲେ ଏକ ସ୍ୱର୍ଦ୍ଧିତ ଉଚ୍ଚାରଣ। ଯୁକ୍ତିନିଷ୍ଠ ଶୈଳୀ ସାଙ୍ଗକୁ ଭିନ୍ନ ସ୍ୱାଦର କାହାଣୀ ରଚିବାରେ ସେ ଥିଲେ ସିଦ୍ଧହସ୍ତ। ତାଙ୍କ ଗଳ୍ପ ପଢ଼ିଲା ବେଳେ ଜୀବନ୍ତ ପରିବେଶଟିଏ ନିର୍ମାଣ ହୋଇଥାଏ ପାଠକର ମାନସପଟ୍ଟରେ। ଗୋଟିଏ ଶଗଡ଼ ଗୁଳାରେ ନ ଚାଲି ବାରମ୍ବାର ନିଜ ଗପର ମୋଡ଼ ବଦଳାଇଥିବା ତାଙ୍କ ଗଳ୍ପର ଭୂଗୋଳ ଓ ଭାଷା ତାଙ୍କ ସମକାଳୀନ ଗାଳ୍ପିକଙ୍କଠାରୁ ଭିନ୍ନ ଥିଲା ବୋଲି ନିକଟରେ ଦେହାବସାନ କରିଥିବା ସଦାନନ୍ଦ ତ୍ରିପାଠୀଙ୍କ ଶ୍ରଦ୍ଧାଞ୍ଜଳି ସଭାରେ ମତ ପ୍ରକାଶ ପାଇଛି। ପ୍ରେମ ପୃଥିବୀ ପରିବାର ପକ୍ଷରୁ ସାବନ ବଜାରସ୍ଥିତ ଶ୍ରୀଅରବିନ୍ଦ ପାଠଚକ୍ର ଭବନରେ କଥାକାର ପବିତ୍ର ପାଣିଗ୍ରାହୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଗାଳ୍ପିକ ଶୈଳେନ୍ଦ୍ର ମହାପାତ୍ର ମୁଖ୍ୟ ଅତିଥି ରୂପେ ଯୋଗଦେଇଥିଲେ। ପ୍ରାରମ୍ଭରେ ପ୍ରେମ ପୃଥିବୀର ସମ୍ପାଦକ କୈଳାଶ ଚନ୍ଦ୍ର ପଣ୍ଡା ପ୍ରାକ୍ ସୂଚନା ପ୍ରଦାନ କରିଥିଲେ। ପ୍ରଫେସର ଗୋଲକ ବିହାରୀ ସାହୁ, ଡା. ଦୁର୍ଯ୍ୟୋଧନ ଦାସ ଓ ବୈଲୋଚନ ଜେନା ସମ୍ମାନିତ ଅତିଥି ରୂପେ ବକ୍ତବ୍ୟ ରଖିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସୁଧାକର ରାଉତ, ସୁଚିତ୍ରା ପାଣିଗ୍ରାହୀ, ବିଜୟ କୁମାର ବହଳି, ସନ୍ତୋଷ ହୋତା, ଗୟାଧର ପଣ୍ଡା ପ୍ରମୁଖ ସ୍ମୃତିଚାରଣ କରିଥିଲେ। ନାଟ୍ୟକାର ଗୌରାଙ୍ଗ ବାରିକ ଧନ୍ୟବାଦ ଅର୍ପଣ କରିଥିଲେ। କୈଳାଶ ମହାପାତ୍ର, ଉପେନ୍ଦ୍ର ବାରିକ, ଆଦିତ୍ୟ ନାୟକ, ଉଦୟନାଥ ମହାନ୍ତି, ମୁକ୍ତିକାନ୍ତ ମହାପାତ୍ର, ଅଜିତ୍ ନାୟକ, ଆଦିତ୍ୟ ଗୋସ୍ୱାମୀ ପ୍ରମୁଖ ବହୁ ସାହିତ୍ୟ ପ୍ରେମୀ ଯୋଗଦେଇଥିଲେ।

### ୨ ବର୍ଷ ହେଲା ଆଖଣ୍ଡଳମଣି ମନ୍ଦିର ଚୂଡ଼ାର ଆର୍ଥିଙ୍ଗ୍ ପ୍ଲେଟ୍ ଅଚଳ

# ବଜ୍ରପାତରେ ଭାଙ୍ଗି ଢଳିଗଲା ତ୍ରିଶୂଳ; ଅସୁରକ୍ଷିତ ଦଧିନଉତି

ଭଦ୍ରକ/ଆରଡ଼ି, ୯।୪(ସମିସ)



**କୁମ୍ଭକର୍ଣ୍ଣ ନିଦ୍ରାରେ ରାଜ୍ୟ ପ୍ରତ୍ନତତ୍ତ୍ୱ ବିଭାଗ**

ଗତ ୩ଦିନ ଧରି କାଳବୈଶାଖୀ ପ୍ରଭାବରେ ଘନଘନ ବଜ୍ରପାତରେ ବାବା ଆଖଣ୍ଡଳମଣିଙ୍କ ମନ୍ଦିର ଚୂଡ଼ା ଦଧିନଉତିରେ ଲାଗିଥିବା ତ୍ରିଶୂଳର କିଛି ଅଂଶ ଭାଙ୍ଗିଯିବା ସହ ଗୋଟିଏ ପାର୍ଶ୍ୱକୁ ଢଳି ପଡ଼ିଛି। ଏପରି ଲାଗିଥିବା ନେତ ଛିଡ଼ିଯାଇ ଓହଳି ରହିଛି।

ସୂଚନା ଅନୁଯାୟୀ, ଦୀର୍ଘ ୨ବର୍ଷରୁ ଊର୍ଦ୍ଧ୍ୱ ହେବ ମନ୍ଦିରର ସୁରକ୍ଷା ପାଇଁ ଲାଗିଥିବା ଆର୍ଥିଙ୍ଗ୍ ପ୍ଲେଟ୍ ଅକାମୀ ହୋଇପଡ଼ିବା ଦ୍ୱାରା ବଜ୍ରପାତ ନିୟନ୍ତ୍ରଣ କରିପାରୁ ନ ଥିବା ଜଣାପଡ଼ିଛି। ଏପରି ସମସ୍ୟା ବାବଦରେ ରାଜ୍ୟ ପ୍ରତ୍ନତତ୍ତ୍ୱ ବିଭାଗ ପାଖରେ ଖବର ଥିଲେ ମଧ୍ୟ ବିଭାଗ ପକ୍ଷରୁ ମରାମତି କରାଯିବା ତ ଦୂରର କଥା କେହି ହେଲେ ଯାଞ୍ଚ କରିବାକୁ ଆସୁନାହାନ୍ତି। ଆଗକୁ ଯଦି ବଡ଼ ଝଡ଼ ତୋଫାନ ସହ ବଜ୍ରପାତ ହୁଏ, ତାହେଲେ ମନ୍ଦିର ପ୍ରତି ବଡ଼ ବିପଦ ସୃଷ୍ଟି ହେବ ବୋଲି ବରିଷ୍ଠ ସେବାୟତ କହିଛନ୍ତି। ଅନ୍ୟପଟେ ମନ୍ଦିର ପ୍ରଶାସନ ଓ ସେବାୟତଙ୍କ ପକ୍ଷରୁ ଲିଖିତ ଅଭିଯୋଗ କରାଯାଇଥିଲେ ମଧ୍ୟ କୁମ୍ଭକର୍ଣ୍ଣ ନିଦ୍ରାରେ ଶୋଇ ରହିଛି ରାଜ୍ୟ ପ୍ରତ୍ନତତ୍ତ୍ୱ ବିଭାଗ। ପୂର୍ବରୁ ମନ୍ଦିର ଓ ବେଢ଼ା ପରିସର ରକ୍ଷଣାବେକ୍ଷଣ ନିମନ୍ତେ ପ୍ରତ୍ନତତ୍ତ୍ୱ ବିଭାଗ ପକ୍ଷରୁ ଜଣେ କର୍ମଚାରୀ ରହିଥିଲେ। ହେଲେ ଦୀର୍ଘ ୬/୭ ବର୍ଷ ହେବ ତାଙ୍କର ବଦଳି ପରେ କୌଣସି କର୍ମଚାରୀଙ୍କୁ ଆଜି ପର୍ଯ୍ୟନ୍ତ ନିୟୋଜିତ କରାଯାଇନାହିଁ। ଯାହାଫଳରେ ମନ୍ଦିରରେ ନାନାଦି ସମସ୍ୟା ଦେଖାଦେବା ସହ ମୁଖ୍ୟ ମନ୍ଦିର ସହ ଅନେକ ସ୍ଥାନରେ ଛୋଟବଡ଼ ବର, ଅଶ୍ୱତ୍ଥ ଗଛ ଉଠି ଫାଟ ସୃଷ୍ଟି ହୋଇଛି। ଏହା ମନ୍ଦିର ପ୍ରତି ଘୋର୍ ବିପଦ ସୃଷ୍ଟି କରିବ ବୋଲି ଆଲୋଚନା ହେଉଛି।

## ଆଦର୍ଶ ଗ୍ରାମର ରାସ୍ତା ଅବସ୍ଥା ଶୋଚନୀୟ



ଦୋଳସାହି, ୯।୪(ସମିସ): ତିହିଡ଼ି ବ୍ଲକ୍ ଅଧୀନ ଏକ ଗ୍ରାମକୁ ଆଦର୍ଶ ଗ୍ରାମ ଭାବେ ସରକାରଙ୍କ ସାର୍ଟିଫିକେଟ ପ୍ରଦାନ କରାଯାଇଥିବା ବେଳେ ଏହି ଗ୍ରାମର ରାସ୍ତା ଅବସ୍ଥା ଅତ୍ୟନ୍ତ ଶୋଚନୀୟ ହୋଇପଡ଼ିଛି।

ସୂଚନାନୁଯାୟୀ, ତିହିଡ଼ି ବ୍ଲକ୍ ଅଧୀନ ଗୁଆମାଳ ପଞ୍ଚାୟତର ଇଶାଣପୁର ଗ୍ରାମକୁ ସରକାରଙ୍କ ପକ୍ଷରୁ ଆଦର୍ଶ ଗ୍ରାମ ଭାବେ ବିବେଚିତ ହୋଇଥିଲାବେଳେ ଏହି ଗ୍ରାମରେ ହୋଇଥିବା କଂକ୍ରିଟ୍ ରାସ୍ତା କାର୍ଯ୍ୟ ନିମ୍ନମାନର କରାଯାଇଥିବା ନେଇ ରାସ୍ତାର ବିଭିନ୍ନ ସ୍ଥାନରେ ରାସ୍ତା ଫାଟି ଆଁ କରିଥିବା ଦେଖିବାକୁ ମିଳୁଛି। ସେହିପରି ଏହି ଗ୍ରାମରେ ମାଟି ରାସ୍ତା ପଡ଼ିରହିଥିବା ବେଳେ କଂକ୍ରିଟ୍ ରାସ୍ତା ଉପରେ ପୁଣି କଂକ୍ରିଟ୍ ରାସ୍ତା ନିର୍ମାଣ ହେଉଥିବା ନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ସେହିପରି ଏହି ଗ୍ରାମରେ ବୁଧବାର ସରକାରଙ୍କ ପକ୍ଷରୁ ଆମ ବଜେଟ ଆମେ ଜାଣିବା କାର୍ଯ୍ୟକ୍ରମକୁ ବିରୋଧ ହୋଇଥିବା ଜଣାପଡ଼ିଥିଲା ବେଳେ କିଛି ଗ୍ରାମବାସୀଙ୍କ ପକ୍ଷରୁ ଗ୍ରାମର ଏକ ମାଟି ରାସ୍ତାକୁ ମାଟି ପକାଇ ମରାମତି କାର୍ଯ୍ୟ ହେବାକୁ ନେଇ ରାଜନୀତି ସରଗରମ ହେଉଥିବା ଦେଖିବାକୁ ମିଳୁଛି। ସରକାରଙ୍କ ଏହି ଆଦର୍ଶ ଗ୍ରାମର ରାସ୍ତାର ଅବସ୍ଥା ଅତ୍ୟନ୍ତ ଶୋଚନୀୟ ହୋଇପଡ଼ିଥିବା ନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଥିଲାବେଳେ ପ୍ରଶାସନ ତୁରନ୍ତ ପଦକ୍ଷେପ ଗ୍ରହଣ କରିବାକୁ ବୁଦ୍ଧିଜୀବୀ ମହଲରେ ଦାବି ହେଉଛି।

## ଶାରିଶୁଆ ପାହାଡ ସଂଲଗ୍ନ ବିଭିନ୍ନ କ୍ରସର

# ଯାଞ୍ଚ ପୂର୍ବରୁ ୩ ମାମଲା; ଯାଞ୍ଚ ପରେ ଅଧିକାରୀ ନିରବ

ଖଇରା, ୯ ।୪ (ସମିସ)

ଖଇରା ତହସିଲ ଅଧୀନସ୍ଥ ଶାରିଶୁଆ ପାହାଡ ସଂଲଗ୍ନ ବିଭିନ୍ନ କ୍ରସର ଯାଞ୍ଚ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି । ୧୭ ଦିନ ପରେ ମଧ୍ୟ ଗୋଟିଏ ହେଲେ କ୍ରସର ଉପରେ ମାମଲା ରୁଜୁ ହୋଇ ପାରିନାହିଁ । ଏଭଳି ଚଢାଉ ପାହାଡ ସୁରକ୍ଷା ପାଇଁ ଥିଲା ନା ବ୍ୟକ୍ତିଗତ ସ୍ୱାର୍ଥସାଧନ ପାଇଁ ଥିଲା ତାକୁ ନେଇ ଏବେ ନାନା କଥା କୁହାଯାଉଛି । ଚଢ଼ଉ ପୂର୍ବରୁ ତରବରିଆ ଭାବେ ୩ଟି କ୍ରସର ଉପରେ ମାମଲା ରୁଜୁ କରାଯାଇଥିବା ବେଳେ ସୂଚନା ଦେଇ ବିଧିବଦ୍ଧ ୪ ଦିନର ଝାଳବୁହା ଯାଞ୍ଚ ପରେ ଅଦ୍ୟାବଧି ଗୋଟେ ହେଲେ ମାମଲାରୁ ହୋଇ ନ ପାରିବା ସମଗ୍ର ଜିଲା ପ୍ରଶାସନର ସ୍ୱଚ୍ଛତା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରୁଛି । ଗତ ୧୮ ତାରିଖ ଦିନ ଅତିରିକ୍ତ ଏସପି ନିରଞ୍ଜନ ବେହେରା, ସଦର ଏସଡିପିଓ ଶୁଭ୍ରାଂଶୁ ଶେଖର ନାୟକ ପ୍ରମୁଖ ଅଚାନକ ଶାରିଶୁଆ ପାହାଡ ସଂଲଗ୍ନ ଅଞ୍ଚଳ ଗସ୍ତ କରି ୩ଟି କ୍ରସର ଉପରେ ମାମଲା ରୁଜୁ କରିଥିଲେ । ୧୯ ତାରିଖ ଦିନ ନିଳଗିରି ଏସଡିପିଓ ପ୍ରମୋଦ ମଲ୍ଲିକଙ୍କ ନେତୃତ୍ୱରେ ଏକ ବୈଠକ ଖଇରା ଥାନା ପରିସରରେ ଅନୁଷ୍ଠିତ ହୋଇଥିଲା ।

ଉକ୍ତ ବୈଠକକୁ ସମସ୍ତ କ୍ରସର ମାଲିକଙ୍କୁ ଡକାଯାଇଥିବା ବେଳେ ବିଭିନ୍ନ ଗଣମାଧ୍ୟମର ପ୍ରତିନିଧିମାନେ ମଧ୍ୟ ଉପସ୍ଥିତ ଥିଲେ । ଉକ୍ତ ବୈଠକରେ ଏସଡିପିଓ ପୁର୍ଣ୍ଣାଙ୍ଗ ଯାଞ୍ଚ ସମ୍ପର୍କରେ ସୂଚନା ଦେଇଥିବା ବେଳେ ଏଥିପାଇଁ ସମସ୍ତ କ୍ରସର ମାଲିକଙ୍କ ସହଯୋଗ ଲୋଡିଥିଲେ । ମାର୍ଚ୍ଚ ୨୦ଓ ୨୧ ଦୁଇଦିନ ଧରି ୨୨ଟି କ୍ରସର ସହ ଆନୁସଙ୍ଗିକ କାଗଜପତ୍ର ଯାଞ୍ଚ କରାଯାଇଥିଲା । ଦିର୍ଘଦିନ ଧରି ଅଣନିଶ୍ୱାସୀ ହୋଇପଡ଼ିଥିବା ପାହାଡ ସଂଲଗ୍ନ ୮ଟି ପଞ୍ଚାୟତର ଅଧିବାସୀ ଟିମର ଏଭଳି ଚଢ଼ଉକୁ ନେଇ ବହୁତ କିଛି ଆଶା କରିଥିଲେ । ହେଲେ ଏସଡିପିଓଙ୍କ ନେତୃତ୍ୱ କରାଯାଇଥିବା ଏହି ଯାଞ୍ଚଟିମର ନିରବତା ପରେ ସାଧାରଣ ଲୋକ ପୁଲିସ ଉପରୁ ଆସ୍ଥା ହରାଉଛନ୍ତି । କିଛି ମାସର ବ୍ୟବଧାନରେ କରାଯାଉଥିବା ଏହି ଚଢ଼ଉ କରାଯାଇ ଖଇରାବାସୀଙ୍କୁ ଭକୁଆ କରି ରଖାଯାଉଥିବା ପାହାଡ ସଂଲଗ୍ନ ବିଭିନ୍ନ ଗ୍ରାମର ଅଧିବାସୀମାନେ କହିଛନ୍ତି । ୨ଦିନିଆ ଚଢାଉରେ ଏସଡିପିଓଙ୍କ ସମେତ ଖଇରା ଥାନା ଆଇଆଇସି ଜନ ପଟ୍ଟନାୟକ, କନିଷ୍ଠ ଖଣି ଅଧିକାରି ଅଭିଷେକ ବେହେରା, ଆୟକର ବିଭାଗ କର୍ମଚାରୀ ରାକେଶ ମୁଦୁଲି ଓ ପ୍ରଦୂଷଣ ନିୟନ୍ତ୍ରଣ ବିଭାଗରୁ ପ୍ରମୋଦ ରାଉତ ପ୍ରମୁଖ ସାମିଲ ଥିଲେ । ତଥାପି ବେଆଇନ କାଗଜପତ୍ରରେ ଚାଲୁଥିବା ୫ଟି କ୍ରସର ଯାଞ୍ଚ ଟିମ ନଜରରେ ଆସିଥିଲା ଏବଂ ସେମାନଙ୍କ ଉପରେ ମାମଲା ରୁଜୁ ହେବ ବୋଲି ଯାଞ୍ଚ ପରେ ଟିମ ସୂଚନା ଦେଇଥିଲା । ହେଲେ ଟିମ କବଜାରେ ରାଜନୈତିକ ଲିଙ୍କରେ ଥିବା ଜଣେ ମାଲିକ ଥିବାରୁ ତାଙ୍କ ବିରୋଧରେ କେଶ କରିବାକୁ ସାହସ ଜୁଟାଇପାରୁନଥିବା ଟିମ ଏବେ ନିରୁପାୟ ହୋଇ ବସିଥିବା ଆଲୋଚନା ହେଉଛି ।। ଯାଞ୍ଚର ୧୭ ଦିନ ପରେ ମଧ୍ୟ ପୁଲିସ ନିରବ ହୋଇ ବସିବା ଏହି ସନ୍ଦେହକୁ ଅଧିକ ଦୃଢ କରିଛି । ଖଣି ବିଭାଗ ସଚିବ ତଥା ଖୋଦ ମୁଖ୍ୟମନ୍ତ୍ରୀ ଏଥିରେ ହସ୍ତକ୍ଷେପ କରିବାକୁ ପାହାଡ ସଂଲଗ୍ନ ଗ୍ରାମର ଅଧିବାସୀ ମାନେ ଦାବି କରିଛନ୍ତି । ଏ ସମ୍ପର୍କରେ ଏସପି ପ୍ରତ୍ୟୁଷ ଦିବାକରଙ୍କୁ ଯୋଗାଯୋଗ କରିବାରେ ଏହି ତଦନ୍ତରେ ଅନେକ ଗୁଡିଏ ବିଭାଗ ସଂଶ୍ଳିଷ୍ଟ ଥିବାରୁ ସବୁବିଭାଗରୁ ରିପୋର୍ଟ ଆସିବା ପରେ କାର୍ଯ୍ୟାନୁଷ୍ଠାନ ନିଆଯାଇପାରିବ ବୋଲି କହିଛନ୍ତି ।

# କ୍ଷେତରେ ମୁଗଚାଷର ସମ୍ଭାର

କାଳିପଦା, ୯।୪ (ସମିସ): ଚଳିତ ବର୍ଷ ଅନୁକୂଳ ପାଗ ଯୋଗୁଁ ବାଲିଆପାଳ ଅଞ୍ଚଳରେ ପ୍ରଚୁର ପରିମାଣରେ ମୁଗ, ବିରି ଚାଷ ହୋଇଛି । ଆଉ କେଇ ଦିନ ପରେ କ୍ଷେତରୁ ମୁଗ ଅମଳ ହେବ । ଏବେ ଚାଷ କ୍ଷେତରେ ସମ୍ଭାର ଭାଙ୍ଗୁଛି । ରବି ଋତୁରେ ବାଲିଆପାଳ ଅଞ୍ଚଳରେ ସାଧାରଣତଃ ମୁଗ ଓ ବିରି ଚାଷ ହୋଇ ଥାଏ । ଖରିଫ ଧାନ ଚାଷ ଅମଳ ପରେ ଚାଷୀ ବିଲରେ ମୁଗ ବିରି ଚାଷ କରିଥାନ୍ତି । ଚାଷ ପାଇଁ କମ ଜଳ ସେଚନ ସାଙ୍ଗକୁ କମ ସାର ଓ କୀଟନାଶକ ଆବଶ୍ୟକ ପଡେ । ବାଲିଆପାଳ ବ୍ଲକର ସୁବର୍ଣ୍ଣ ରେଖା ନଦୀ ଅବବାହିକା କୁମ୍ଭାରୀ, ନିଖିରା, ଶ୍ରୀରାମପୁର, ଦେଭୋଗ, ଅସ୍ତି, ବାଲିଆପାଳ, ବିଷ୍ଣୁପୁର, ଜାମକୁଣ୍ଡା, ମଧୁପୁରା, ଦେଉଳା, କୁଣ୍ଡୁଳି, ବଣିଆଡିହା, ପଞ୍ଚୁପାଲି, ବଳରାମପୁର, ବାଲିକୁଟି ଆଦି ପଞ୍ଚାୟତରେ ୩୦ ରୁ ୪୦ ପ୍ରତିଶତ ଜମିରେ ମୁଗ ଓ ବିରି ଚାଷ ହୋଇଛି । ଏହାର ବିକ୍ରି ବଟା ପାଇଁ ସରକାରୀ ସ୍ତରରେ କୌଣସି ମଣ୍ଡି ନ ଥିବାରୁ ଚାଷୀମାନେ ବିଶେଷ ଭାବେ ଫାଇଦା ପାଇ ପାରନ୍ତି ନାହିଁ । ପଶ୍ଚିମବଙ୍ଗ, ଆନ୍ଧ୍ରର ବେପାରୀ ମାନେ ଅମଳ ସମୟରେ ଆସି ଖୁବ ଫାଇଦା ଉଠାନ୍ତି । ସରକାର ଏଥି ପ୍ରତି ଦୃଷ୍ଟି ଦେବାକୁ ଚାଷୀ ମହଲରୁ ଦାବି ହୋଇଛି ।



# ବିଶ୍ୱ ସ୍ୱାସ୍ଥ୍ୟ ଦିବସ ଉପଲକ୍ଷେ ସଚେତନତା ଅଭିଯାନ

ଜଳେଶ୍ୱର ବ୍ଲକ, ୯।୪(ସମିସ): ବିଶ୍ୱ ସ୍ୱାସ୍ଥ୍ୟ ଦିବସ ଅବସରରେ କୁଅଁରପୁର ସ୍ଥିତ ଜଗଦୀଶ ଚନ୍ଦ୍ର ହାଇସ୍କୁଲରେ ସକାଳ ୭ଘଟିକାରେ ବିଜ୍ଞାନ ଶିକ୍ଷକ ଗୋପାଳ କୃଷ୍ଣ ଘୋଷଙ୍କ ତତ୍ତ୍ୱାବଧାନରେ ଏକ ସଚେତନତା ପଦଯାତ୍ରା ଅନୁଷ୍ଠିତ ହେଇଯାଇଛି । ପଦଯାତ୍ରା ପରେ ବିଦ୍ୟାଳୟର ପ୍ରଧାନଶିକ୍ଷକ କାଳିପଦ ଖୁଣ୍ଟିଆଙ୍କ ସଭାପତିତ୍ୱରେ ଏକ ସଭା କାର୍ଯ୍ୟ ଅନୁଷ୍ଠିତ ହେଇଥିଲା । ଏଥିରେ ଗଣିତ ଶିକ୍ଷକ ସମରେନ୍ଦ୍ର ସାହାଣୀ ଧନ୍ୟବାଦ ଅର୍ପଣ କରିଥିବା ବେଳେ ଶିକ୍ଷକ ବଂଶୀଧର ପାଳ, ଶ୍ୟାମଶଙ୍କର କୁଇଲା, ଗଜେନ୍ଦ୍ର ବେହେରା, ନନି ଗୋପାଳ ମିଶ୍ର, ଅତୁଲ ସାମଲ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ ।

# ନଳକୂପ ଅଚଳ, ଜଳ ଯନ୍ତ୍ରଣା ଭୋଗୁଛନ୍ତି ଲୋକେ



ବାଲେଶ୍ୱର, ୯ ।୪ (ସମିସ): ସଦର ବ୍ଲକ ଅର୍ନ୍ତଗତ ହଳଦୀପଦା ପଞ୍ଚାୟତ ଅର୍ନ୍ତଗତ ନୂଆପଡ଼ା ଗ୍ରାମର ୫ନମ୍ବର ୱାର୍ଡରେ ପାନୀୟ ଜଳ ପାଇଁ ସମସ୍ୟା ଦେଖାଦେଇଛି । ଏହି ୱାର୍ଡରେ ପ୍ରାୟ୨୦ରୁ ଅଧିକ ପରିବାରକୁ ନେଇ ଗାଁ ମଝିରେ ଏକ ନଳକୂପ ରହିଛି । ପାଇପ ଜଳ ଉପରେ ମଧ କିଛି ଅଂଶରେ ଲୋକେ ନିର୍ଭର କରନ୍ତି । ହେଲେ ବେଶି ଲୋକ ଟିୱେଲ ଉପରେ ବିଶେଷ ନିର୍ଭର କରନ୍ତି । ହେଲେ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ଏହି ଟିୱେଲଟି କିଛି ଦିନ ହେବ ଅଚଳ ହୋଇପଡ଼ିଛି । ଟିୱେଲ ଖରାପ ହେବା ପରେ ଅଭିଯୋଗ ହୋଇଥିଲେ ମଧ ବିଭାଗ ପକ୍ଷରୁ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାନଯିବା ସମସ୍ତଙ୍କୁ ଚକିତ କରିଛି । ଏ ନେଇ ସ୍ଥାନୀୟ ସରପଞ୍ଚ ବରେନ୍ଦ୍ର ସେଠୀ କହିଛନ୍ତି ଟିୱେଲ ଖରାପ ହୋଇଥିବା ସମ୍ପର୍କରେ ଜାଣି ନାହାନ୍ତି କିମ୍ବା ତାଙ୍କୁ କେହି ଅଭିଯୋଗ ମଧ କରି ନାହାନ୍ତି । ଦୁଇଦିନ ମଧରେ ଏହା ମରାମତି କରାଯିବ ।

# ସମାଜସେବୀ ଆଦିତ୍ୟ ଦାସଙ୍କ ସ୍ମୃତିସଭା

ଭୋଗରାଇ, ୯।୪(ସମିସ): ଭୋଗରାଇ ବ୍ଲକ ଗୋପୀନାଥପୁର ପଞ୍ଚାୟତ ପାଲୁସିଆ ଗ୍ରାମର ବିଶିଷ୍ଟ ସମାଜସେବୀ ସ୍ୱର୍ଗତ ଆଦିତ୍ୟ କୁମାର ଦାସଙ୍କ ପ୍ରଥମ ଶ୍ରାଦ୍ଧ ବାର୍ଷିକ ଉପଲକ୍ଷେ ଏକ ସ୍ମୃତିସଭା ଅନୁଷ୍ଠିତ ହୋଇଯାଇଛି । ବାସଭବନସ୍ଥିତ ଅନୁଷ୍ଠିତ ଏହି ସଭାରେ ଅବସର ପ୍ରାପ୍ତ ପ୍ରଧାନ ଶିକ୍ଷକ ମୁରଲୀ ମୋହନ ମହାନ୍ତି ସଭାପତିତ୍ୱ କରିଥିଲେ ।

ଅନ୍ୟମାନଙ୍କ ମଧ୍ୟରେ ଅବସରପ୍ରାପ୍ତ ଅଧକ୍ଷ ଓ ସମାଜସେବୀ ଦିଲ୍ଲୀପ କୁମାର ଘୋଷ, ସମାଜ ସେବୀ ରଘୁନାଥ ମହାନ୍ତି, ଅମଳେନ୍ଦୁ ଦାସ, ରବୀନ୍ଦ୍ର ଦାସ, ସୁମତି ଦାସ, ସୁଶାନ୍ତ ପଟ୍ଟନାୟକ, ଶୁଭେନ୍ଦୁ ଜେନା, ସମରେନ୍ଦ୍ର ଦାସ ପ୍ରମୁଖ ଯୋଗ ଦେଇ ସ୍ୱର୍ଗତ ଦାସଙ୍କ ବ୍ୟକ୍ତିତ୍ୱ, ନିଷ୍ଠା, କର୍ମକାଣ୍ଡ ଏବଂ ଅନୁଷ୍ଠାନ ଅନୁରାଗ ସମ୍ପର୍କରେ ସ୍ମୃତି ଚାରଣ କରିଥିଲେ । ବରୁଣ କୁମାର ଦାସ ଧନ୍ୟବାଦ ଅର୍ପଣ କରିଥିଲେ ।

# ମରାମତି ହେଲା ରାଜପଥ



‘ସକାଳ’ ପ୍ରଭାବ

ରାଜଘାଟ, ୯।୪(ସମିସ): ବାଲେଶ୍ୱର ଜିଲ୍ଲା ବସ୍ତା ବ୍ଲକ ୧୬ ନମ୍ବର ଜାତୀୟ ରାଜପଥ ଭେଲୋରା ଛକରେ ଦୀର୍ଘ ୧୫ ବର୍ଷ ଧରି ଅଣ୍ଡରପାସ ନିର୍ମାଣ କାର୍ଯ୍ୟ ନ ସରିବାରୁ ସ୍ଥାନୀୟ ଲୋକଙ୍କ ପାଇଁ ଉଦିଷ୍ଟ ଥିବା ଦୁଇପାଖ ସ୍ଲିପ ରୋଡ ମୁଖ୍ୟ ରାସ୍ତା ରୂପେ ବ୍ୟବହାର ହେଉଥିଲା, ମାତ୍ର ସ୍ଲିପ ରୋଡ଼ ର ଦୁଇପାଖ ମରାମତି ଅଭାବରୁ ଦୀର୍ଘଦିନ ହେବ ବିଭିନ୍ନ ସ୍ଥାନରେ ଖାଲଖମା ସହ ଲୁହା ଛଡ ବାହାରି ଦୁର୍ଘଟଣା ର କାରଣ ସାଜିଥିଲା ଏବଂ ଡ୍ରେନେଜ ବ୍ୟବସ୍ଥା ନ ଥିବାରୁ ରାସ୍ତାରେ ଆଣ୍ଠୁଏ ଉଚ୍ଚରେ ପାଣି ଜମି ରହୁଥିଲା ଫଳରେ ପ୍ରତ୍ୟକ ଦିନ ଦୁର୍ଘଟଣା ଘଟିଚାଲିଥିଲା । ଏ ନେଇ ଗୁରୁବାର ‘ସକାଳ’ରେ ଖବର ପ୍ରକାଶ ପାଇଥିଲା । ପରେ ଜାତୀୟ ରାଜପଥ ପ୍ରକଳ୍ପ ନିର୍ଦ୍ଦେଶକ ହେମନ୍ତ ତିୱାରୀଙ୍କ ନିର୍ଦ୍ଦେଶ କ୍ରେମ ଆଜି ସ୍ଲିପ ରୋଡର ମରାମତି କାର୍ଯ୍ୟ ହୋଇଛି । ଫଳରେ ଅଞ୍ଚଳବାସୀ ‘ସକାଳ’ ଓ ଶ୍ରୀ ତିୱାରୀଙ୍କୁ କୃତଜ୍ଞତା ଜଣାଇଛନ୍ତି । ପ୍ରକାଶ ଥାଉ କି ଆଜକୁ ୧୫ବର୍ଷ ଧରି ଅଣ୍ଡରପାସର ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ ହୋଇପାରୁନି, ଜାତୀୟ ରାଜପଥ କର୍ତ୍ତୃପକ୍ଷ, ରାଜ୍ୟ ସରକାର ଏବଂ ବାଲେଶ୍ୱର ଜିଲା ପ୍ରଶାସନର ଢିଲାପଣ ଏବଂ ଠିକାଦାର ସଂସ୍ଥା ପ୍ରତି ଅହେତୁକ ଅନୁକମ୍ପା ଯୋଗୁଁ ଦୀର୍ଘ ବର୍ଷ ଧରି କାର୍ଯ୍ୟ ସମ୍ପୂର୍ଣ୍ଣ ନ ହେବା ସହ ବାରମ୍ବାର ଠିକାଦାର କମ୍ପାନୀ ବିଭିନ୍ନ ଆଳ ଦେଖାଇ ସମୟ ସୀମା ବଢ଼ିବାରେ ଲାଗିପଡ଼ିଛନ୍ତି । ୨୦୨୩ ମାର୍ଚ୍ଚ ଶେଷ ସୁଦ୍ଧା ଶେଷ ସମୟ ନେଇଥିଲା ମାତ୍ର ସମୟ ସୀମାରେ ୩ବର୍ଷ ବିତି ଯାଇଥିଲେ ହେଁ ଅଦ୍ୟାବଧି ଅସମ୍ପୂର୍ଣ ଅବସ୍ଥାରେ ପଡ଼ିରହିଛି ଏହି ନିର୍ମାଣ କାର୍ଯ୍ୟ । ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ ବନ୍ଦ ରହିଥିବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇବା ସହ ପ୍ରତିଦିନ ଦୁର୍ଘଟଣା ଘଟିଚାଲିଛି । ଏହି ଛକରେ ସରକାରୀ ଭାବରେ ପାଖାପାଖି ୭୦ଜଣଙ୍କର ମୃତ୍ୟୁ ହୋଇଥିବାବେଳେ ବେସରକାରୀ ଭାବରେ ଶହେରୁ ଅଧିକ ଏବଂ ଶହ ଶହ ଲୋକ ଆହତ ହୋଇଛନ୍ତି ।

# ପତଞ୍ଜଳି ଯୋଗ ସମିତି ପକ୍ଷରୁ ତହସିଲସ୍ତରୀୟ ବୈଠକ

ଚନ୍ଦନେଶ୍ୱର, ୯।୪ (ସମିସ): ଭୋଗରାଇ ବ୍ଲକ ହୁଗୁଳି ପଞ୍ଚାୟତ ଅଧୀନ ଚନ୍ଦନେଶ୍ୱର ଭାରତୀୟ ବିଦ୍ୟା ନିକେତନରେ ପତଞ୍ଜଳି ଯୋଗ ସମିତିର ଏକ ତହସିଲ ସ୍ତରୀୟ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଯାଇଛି । ଏଥିରେ ବାଲେଶ୍ୱର ଜିଲା ଭୋଗରାଇ ପତଞ୍ଜଳି ଯୋଗ ସମିତି, ମହିଳା ସମିତି, କିଷାନ ସମିତି, ଯୁବା ଭାରତ ପ୍ରଭାରୀ ଚୟନ କରାଯିବା ସହିତ ତହସିଲ ସ୍ତରୀୟ ଏକ ଯୋଗ ସମିତି ଗଠନ କରାଯାଇଥିଲା । ଭାରତ ସ୍ୱାଭିମାନ ଟ୍ରଷ୍ଟ ବାଲେଶ୍ୱର ଜିଲ୍ଲା ମୁଖ୍ୟ ସଂଯୋଜକ କରୁଣାକର ସିଅଳ, ମହିଳା ପ୍ରଭାରୀ ଯଶୋମତୀ ସିଅଳ, ଜିଲା ପ୍ରଭାରୀ ମନୋଜ କୁମାର ଦେ, ଯୁବା ଭାରତର ସହ ଯୁବା ପ୍ରଭାରୀ ଭକ୍ତ ଭାଇ, ଜଳେଶ୍ୱର ତହସିଲର ବରିଷ୍ଠ ଯୋଗ ପ୍ରଶିକ୍ଷକ ରାମଚନ୍ଦ୍ର ପ୍ରଧାନ ଯୋଗଦେଇ ଯୋଗ କେବଳ ଆମକୁ ନିରୋଗ ରଖେନି, ବରଂ ଜୀବନ ଶୈଳୀକୁ ଶୃଙ୍ଖଳିତ କରେ ବୋଲି କହିଥିଲେ । ବିଦ୍ୟା ନିକେତନ ଛାତ୍ରୀଙ୍କ ସ୍ୱାଗତ ନୃତ୍ୟ, ଭୋଗରାଇ ପତଞ୍ଜଳି ପରିବାରର ମୁଖ୍ୟ ଉତ୍ତମ କୁମାର ପାତ୍ର ପ୍ରାରମ୍ଭିକ ବକ୍ତବ୍ୟ ଦେଇଥିବା ବେଳେ ଅନନ୍ତ କୁମାର ପ୍ରଧାନ ଧନ୍ୟବାଦ ଦେଇଥିଲେ । ଏହି ଅବସରରେ ଭୋଗରାଇ ତହସିଲ ସ୍ତରୀୟ କମିଟିର ପୁନର୍ଗଠନ କରାଯିବା ସହ ଉତ୍ତମ କୁମାର ପାତ୍ରଙ୍କୁ ପୁଣି ଥରେ ସମିତିର ମୁଖ୍ୟ ଭାବେ ଦାୟିତ୍ୱ ଅର୍ପଣ କରାଯାଇଥିଲା । ହରିଦ୍ୱାର ଯୋଗ ସମିତିର ଆଜୀବନ ସଦସ୍ୟ ରାଜେନ୍ଦ୍ର କୁମାର ମହାନ୍ତି, ସୁଶୀଲ କୁମାର ଦାସ, କ୍ରିତାଞ୍ଜଳି ଦାସ, ଗୀତାରାଣୀ ଜେନା, ସୁରେନ୍ଦ୍ର ଜେନା, ସୁବ୍ରତ ସାହୁ, ଶାଶ୍ୱତ ଜେନା, ଅରୁଣ ରାଉତ, ନିତ୍ୟଗୋପାଳ ମହାନ୍ତି, ପରେଶ ଚନ୍ଦ୍ର ସ୍ୱାଇଁ, ତାପସ ପାତ୍ର ପ୍ରମୁଖଙ୍କ ନାମ ଘୋଷଣା କରା ଯାଇଥିଲା ।

# ଜାମଶୂଳୀ କଲେଜରେ ‘ଆସ ବହିଟିଏ କିଣିବା’ କାର୍ଯ୍ୟକ୍ରମ



କାଳିପଦା, ୯।୪ (ସମିସ): ଜାମଶୂଳୀସ୍ଥିତ ଲକ୍ଷ୍ମୀନାରାୟଣ କଲେଜ ସମ୍ମିଳନୀ କକ୍ଷରେ ଓଡ଼ିଆ ପକ୍ଷ ପାଳନ ଅବସରରେ ‘ଆସ ବହିଟିଏ କିଣିବା’ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଯାଇଛି । କଲେଜ ଅଧକ୍ଷ ପ୍ରଧାପକ ଦିବ୍ୟେନ୍ଦୁ କୁମାର ଗିରିଙ୍କ ପରିଚାଳନାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଗଣିତ ବିଭାଗ ମୁଖ୍ୟ ଅଧାପକ ଡ. ସୁକାନ୍ତ କୁମାର ଗିରି, ଓଡ଼ିଆ ବିଭାଗ ମୁଖ୍ୟ ପ୍ରକାଶ ବିଶ୍ୱାଳ, ସଂସ୍କୃତ ବିଭାଗ ଅଧାପିକା ଲିଜା ରାଣୀ ସାହୁ, ସାଇମା ଦାସ, ଅଧାପକ ତାପସ ତନୟ ନନ୍ଦୀ, ଶେଖ ସବିର ହାସନ, ପର୍ଶୁରାମ ଗିରି ମୟୁଖ ମଣ୍ଡଳ, ବାଙ୍କିମ ମୈକାପ, ସମ୍ବିତ ଦଳାଇ, ବଂଶୀଧର ନାୟକ, ସଞ୍ଜୟ କୁମାର ଦେ, ସନ୍ତୋଷ ସାହୁ ପ୍ରମୁଖ ଯୋଗଦେଇ ବହିଟିଏ ମିତଟିଏ ବୋଲି କହି ଥିଲେ । କଲେଜର ଅଧାପକ, ଅଧାପିକା, କର୍ମଚାରୀ, ଛାତ୍ର ଛାତ୍ରୀ ଏହି ଅବସରରେ ଖଣ୍ଡିଏ ଖଣ୍ଡିଏ ବହି କଲେଜ ପାଠାଗାର ଓ ଓଡ଼ିଆ ପଠନ କେନ୍ଦ୍ରକୁ ଦାନ କରିଥିଲେ ।

## ● ଅଯୋଧା ଆଞ୍ଚଳିକ ଉଚ୍ଚମାଧମିକ ବିଦ୍ୟାଳୟ

# ବେଆଇନ କର୍ମଚାରୀ ନିଯୁକ୍ତି ଅଭିଯୋଗ

ନୀଳଗିରି, ୯।୪ (ସମିସ): ବାଲେଶ୍ୱର ଜିଲ୍ଲା ନୀଳଗିରି ବ୍ଲକ ଅଯୋଧା ଆଞ୍ଚଳିକ ଉଚ୍ଚମାଧମିକ ବିଦ୍ୟାଳୟରେ ବେଆଇନ ଭାବେ କିଛି ଅଣଶିକ୍ଷକ ନିଯୁକ୍ତି ହୋଇଥିବା ଏବଂ ଏହି ନିଯୁକ୍ତିରେ ସମ୍ପୃକ୍ତ ବିଦ୍ୟାଳୟର ଅଧକ୍ଷ ଆର୍ଥିକ କାରବାର କରି ନିଯୁକ୍ତି ଦେଇଥିବା ଅଭିଯୋଗ ଉଠିଛି । ଚଳିତବର୍ଷ ମାର୍ଚ୍ଚ ୧୭ ତାରିଖରେ ଉକ୍ତ ବିଦ୍ୟାଳୟରେ ସ୍ଥାନୀୟ ଅଞ୍ଚଳର ୮ ଜଣ ଯୁବକ ଯୁବତୀଙ୍କୁ ଅଣଶିକ୍ଷକ ପଦବୀରେ ଅଧକ୍ଷ ଗୌରାଙ୍ଗଚରଣ ବିଶ୍ୱାଳ କଲେଜ ଲେଟରପ୍ୟାଡରେ ନିଯୁକ୍ତିପ୍ରଦାନ କରିଥିବା ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି । ଏହି ସବୁ ପଦବୀ ପାଇଁ କଲେଜ କର୍ତ୍ତୃପକ୍ଷ ନିୟମ ଅନୁଯାୟୀ କୌଣସି ସୂଚନା, ଇଣ୍ଟରଭିଉ କିମ୍ବା ଚୟନପ୍ରକ୍ରିୟା କରାନଯାଇ ନିଯୁକ୍ତିପ୍ରଦାନ ଦିଆଯାଇଥିବା ଅଭିଯୋଗ ହୋଇଛି । ଏଥିରେ ସମ୍ପୃକ୍ତ ବିଦ୍ୟାଳୟର ଅଧକ୍ଷ ଅର୍ଥ କାରବାର କରି ଏହି ନିଯୁକ୍ତିଦେଇଥିବା ଅଭିଯୋଗ ଉଠିଛି । ଅଧକ୍ଷ ଏହି ନିଯୁକ୍ତିକୁ ବିଦ୍ୟାଳୟ ଚୟନକମିଟି ଦ୍ୱାରା ନିଯୁକ୍ତି ଦିଆଯାଇଥିବା ବେଳେ ଏଥିରେ କୌଣସି ଅନିୟମିତତା ହୋଇନଥିବା କହିଛନ୍ତି । ଏଭଳି ନିଯୁକ୍ତିକୁ ବିରୋଧକରି ସ୍ଥାନୀୟ ଜନସାଧାରଣ ଅଭିଯୋଗକରି ବାଲେଶ୍ୱର ସାଂସଦ, ନୀଳଗିରି ବିଧାୟକ, ଜିଲ୍ଲାପାଳ ବାଲେଶ୍ୱର, ଉପଜିଲ୍ଲାପାଳ ନୀଳଗିରି, ସ୍ଥାନୀୟ ସରପଞ୍ଚଙ୍କ ଦୃଷ୍ଟି ଆକର୍ଷଣ କରିବେ ବୋଲି ସୂଚନା ଦେଇଛନ୍ତି ।

# ଅଙ୍ଗନବାଡ଼ି କର୍ମୀଙ୍କ ଦବଙ୍ଗଗିରି ଅଭିଯୋଗ

କାଳିପଦା, ୯।୪ (ସମିସ): ବାଲିଆପାଳ ବ୍ଲକ ବିଷ୍ଣୁପୁର ପଞ୍ଚାୟତ ରସଲପୁର ଗାଁର ଅଙ୍ଗନବାଡ଼ି କର୍ମୀ ରଶ୍ମୀତା ପାତ୍ର ଛୋଟ ଛୋଟ ପିଲା ମାନଙ୍କୁ ଅଣ୍ଡା ଓ ଛତୁଆ ଦୀର୍ଘ ଦଶଦିନରୁ ଅଧିକ ଦିନ ହେବ ଦେଉ ନାହାଁନ୍ତି । ଅଭିଭାବକମାନେ ଅଭିଯୋଗ କଲେ ଦେଖାଉଛନ୍ତି ଦବଙ୍ଗ ଗିରି । ବୁଧବାର ଅଭିଭାବକ ଓ ୱାର୍ଡ ସଭ୍ୟା ସନ୍ଧ୍ୟା ରାଣୀ ପାତ୍ର ଆଉ ଗୋଟିଏ ଅଭିଯୋଗ ଆଣିଛନ୍ତି ଯେ ଯେଉଁ ଦିନ ସେମାନଙ୍କ ପିଲା ଅଙ୍ଗନବାଡ଼ି କେନ୍ଦ୍ର ଯାଇ ନାହାଁନ୍ତି ସେଦିନ ମଧ ଅଙ୍ଗନବାଡ଼ି କର୍ମୀ ଜଣକ ସେହିମାନଙ୍କ ନାମରେ ଖାଦ୍ୟ ଉଠାଇ ଛନ୍ତି । କର୍ମୀ ନିଜର ସୁରକ୍ଷା ପାଇଁ ଯୋଜନାବଦ୍ଧ ଭାବେ ନିଜ ବାପା, ଜେଜେବାପା ଓ ମା'ଙ୍କୁ ଡକାଇ ଆଣି ଅଭିଯୋଗ କରୁଥିବା ୱାର୍ଡ ମେମ୍ବର ଓ ଛାତ୍ରଛାତ୍ରୀଙ୍କ ଅଭିଭାବକଙ୍କୁ ଅଶୀଳ ଭାଷାରେ ଗାଳି ଗୁଲଜ କରାଇବା ସହିତ ଆକ୍ରମଣ ଉଦ୍ୟମ କରିଥିଲେ । ଏପରିକି ଖବର ପ୍ରସାରଣ କରିବା ପାଇଁ ଯାଇଥିବା ସାମ୍ବାଦିକ ମାନଙ୍କୁ ମଧ ବିଭିନ୍ନ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିଥିଲେ । ଏ ସମ୍ପର୍କରେ ଗ୍ରାମର ଛାତ୍ର ଅଭିଭାବକ ବାଲିଆପାଳ ସିଡ଼ିପିଓଙ୍କଠାରେ ଅଭିଯୋଗ କରିଛନ୍ତି । ସିଡ଼ିପିଓ ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବେ ବୋଲି କହିଛନ୍ତି । କର୍ମୀ ରଶ୍ମିତା ପାତ୍ର କୌଣସି ଅଭିଯୋଗର ସତ୍ୟତା ନାହିଁ । ଏହା ଉଦ୍ଦେଶ୍ୟ ମୂଳକ ବୋଲି କହିଛନ୍ତି ।

# ମନ୍ଦାରସାହି ପାଟଣାରେ ଜଲ୍‌ସା ପର୍ବ

ଭୋଗରାଇ, ୯।୪(ସମିସ): ଭୋଗରାଇ ବ୍ଲକ ମନ୍ଦାରସାହି ପାଟଣା ସ୍ଥିତ ହାଜରତ ଗାଜିୟେ ମିଲ୍ଲତ ରୁହାନିଆ ବାବାଙ୍କ ୪୮ ତମ ବାର୍ଷିକ ଉତ୍ସବ ଧର୍ମୀୟ ଉତ୍ସାହ ଓ ଉଦ୍ଦୀପନା ମଧ୍ୟରେ ବୁଧବାର ରାତିରେ ଅନୁଷ୍ଠିତ ହୋଇଛି । ଜଲସାରେ ଓଡ଼ିଶାର ଯାଜପୁର, ଭଦ୍ରକ, ମୟୁରଭଞ୍ଜ, ବାଲେଶ୍ୱର ଜିଲାର ବିଭିନ୍ନ ସ୍ଥାନ ସହିତ ପଶ୍ଚିମବଙ୍ଗରୁ ପ୍ରାୟ ୧୦ହଜାର ଶ୍ରଦ୍ଧାଳୁ ସମବେତ ହୋଇଥିଲେ । ରୁହାନୀ ବାବାଙ୍କ ମାଜର ପ୍ରାଙ୍ଗଣରେ ହଜରତ ଆଲ୍ଲାମା ମୌଲାନା ମୁଫିତ, ଆଜମ ଖଲିଫା, ମୌଲାନା ସୌଏଦ ମୌଲାନା ହାସିମୁଲ କାଦରୀ ଖତୀବ ପ୍ରମୁଖ ହିନ୍ଦୁ - ମୁସଲିମ ସାମ୍ପ୍ରଦାୟିକ ସଦଭାବନା ରକ୍ଷା ଲାଗି ଅଭିଭାଷଣ ପ୍ରଦାନ କରିଥିଲେ । ଇସଲାମ ଧର୍ମର ଶାନ୍ତି, ସଦଭାବନାର ପ୍ରତୀକ ଓ ପ୍ରବର୍ତ୍ତକ ମହମ୍ମଦଙ୍କ ନୀତି ଆଦର୍ଶ ସମସ୍ତଙ୍କ ପାଇଁ ପ୍ରେରଣା ହେଉ ବୋଲି ବିଧାୟକ ଗୌତମବୁଦ୍ଧ ଦାସ ପ୍ରକାଶ କରିଥିଲେ । ଜଲସା କମିଟିର ସରପଞ୍ଚ ମମତା ସାହୁ, ଜିଲାପରିଷଦ ସଦସ୍ୟ ସନ୍ତୋଷ କୁମାର ଜେନା, ସମିତି ସଦସ୍ୟ ଲକ୍ଷ୍ମୀକାନ୍ତ ସାହୁ, ପୂର୍ବତନ ସରପଞ୍ଚ ଶେଖ ଅବଦୁଲ ମସଜିଦ, ବିଲବଲ ଶାହା, ରସିଦ ମହମ୍ମଦ, ତରଫ ସାହା, ଏସ କେ ସରଜୁ, ରସିଦ ଖାଁ, ହାସନ ମହମ୍ମଦ ତରଫ ସାହା, ଫିରୋଜ ଖାନ, ଜାମସେଦ ଅଲ୍ଲୀ ଖାନ ପ୍ରମୁଖ ବକ୍ତବ୍ୟ ରଖିଥିଲେ ।

## ଜଳେଶ୍ୱର କୃଷି ଜିଲ୍ଲା

# ୧୯୨୧ ପଞ୍ଜିକୃତ ଚାଷୀ ଧାନ ବିକ୍ରିରୁ ବଞ୍ଚିତ

ଜଳେଶ୍ୱର, ୯।୪ (ସମିସ) : ଗତ ଖରିଫ ଋତୁରେ ଜଳେଶ୍ୱର କୃଷି ଜିଲ୍ଲାରେ ୩୨୦୬୮ ଚାଷୀ ୮୦୬୩୨୦ କ୍ୱିଣ୍ଟାଲ ଧାନ ୫୪ଟି ପ୍ୟାକ୍ସରେ ବିକ୍ରି କରିଥିବା ଜଣାଯାଇଛି । କିନ୍ତୁ ଫଂଜିକୃତ ଚଳିତବର୍ଷ ୩୩୯୮୯ ଚାଷୀ ଧାନ ବିକ୍ରିଲାଗି ଫଂଜିକୃତ କରିଥିବା ବେଳେ ଅଦ୍ୟାବଧି ୧୯୨୧ଜଣ ଚାଷୀ ଧାନ ବିକ୍ରି କରିପାରିନଥିବାରୁ ଅସନ୍ତୋଷ ଦେଖା ଦେଇଛି । ଧାନ କ୍ରୟ ଲାଗି ମାର୍ଚ୍ଚ ୩୧ ତାରିଖ ଦିନ ଧାର୍ଯ୍ୟ ହୋଇଥିବା ବେଳେ ପରେ ୭ ଦିନ ଅବଧି ସରକାର ବଢ଼ାଇଥିଲେ । ତେଣୁ ଗତ ୭ ତାରିଖ ମଧ୍ୟରାତ୍ରି ସୁଦ୍ଧା ୩ଟି ବ୍ଲକର ୩୨୦୩୮ ଜଣ ଚାଷୀ ୮୦୬୩୨୦.୬୮ କ୍ୱିଣ୍ଟାଲ ଧାନ ବିକ୍ରି କରିଥିବାର ଜଳେଶ୍ୱର ଆର୍‌ଏମ୍‌ସି ସୂତ୍ରରୁ ପ୍ରକାଶ । ଭୋଗରାଇ ବ୍ଲକର ୧୨୪୯୭ ଚାଷୀ ନାମ ଫଂଜିକରଣ କରିଥିବା ବେଳେ ସେମାନଙ୍କ ମଧ୍ୟରୁ ଗତ ୭ତାରିଖ ସୁଦ୍ଧା ୧୧୫୪୧ ଜଣ ଚାଷୀ ୨୪୪୪୬୧ କ୍ୱିଣ୍ଟାଲ ଧାନ ବିକ୍ରି କରିଛନ୍ତି । ଜଳେଶ୍ୱର ବ୍ଲକର ୧୧୨୨୭ ଚାଷୀଙ୍କ ମଧ୍ୟରୁ ୧୦୯୨୪ଜଣ ଚାଷୀ ୩୪୩୧୧୨ କ୍ୱିଣ୍ଟାଲ ଧାନ ବିକ୍ରି କରିଥିବା ଜଣାଯାଇଛି । ସେହିପରି ବାଲିଆପାଳର ୧୦୨୬୫ଜଣ ଚାଷୀ ନାମ ଫଂଜିକରଣ କରିଥିବା ବେଳେ ୯୬୦୩ଜଣ ଚାଷୀ ୨୧୮୭୪୭.୬୮ କ୍ୱିଣ୍ଟାଲ ଧାନ ବିକ୍ରି କରିଥିବାର ସୂଚନା ମିଳିଛି । କିନ୍ତୁ ଶେଷ ସୁଦ୍ଧା ଟୋକନ୍‌ର ଅସୁବିଧା ଏବଂ ଦୀର୍ଘଦିନ ଧରି ଚାଷୀମାନେ ଅପେକ୍ଷା କରି ଏବଂ ବାରମ୍ବାର ପ୍ୟାକ୍ସ୍‌କୁ ଦୌଡି ମଧ ୧୯୨୧ଜଣ ଚାଷୀ ଧାନ ବିକ୍ରିରୁ ବଞ୍ଚିତ ହୋଇଛନ୍ତି । ଦୁଃଖର ବିଷୟ ଚଳିତବର୍ଷ ଧାନକ୍ରୟରେ କଟନି ଛଟିନି ନ ହେବାର ପ୍ରତିଶ୍ରୁତି ଦିଆଯାଇଥିଲେ ମଧ ୫୪ଟି ପ୍ୟାକ୍ସରେ କ୍ୱିଣ୍ଟାଲ ପ୍ରତି ୮ରୁ ୧୦ କେଜି ଧାନ କମ୍ ନେଇଥିବା ଅଭିଯୋଗ ହୋଇଛି । ଡିଆର୍‌ସିଏସ୍ ପକ୍ଷରୁ କେଉଁ ଚାଷୀ ଠାରୁ କେତେ ଧାନ ନିଆଯିବାର ସୂଚନା ଚାଷୀଙ୍କୁ ମିଳିଥିଲେ ମଧ ସମ୍ପାଦକ ମାନେ ଇଚ୍ଛା ଅନୁସାରେ ବହୁତ୍ କମ୍ ଧାନ କ୍ରୟ କରିଛନ୍ତି । ଚଳିତବର୍ଷ କେନ୍ଦ୍ର ସରକାର କ୍ୱିଣ୍ଟାଲ ପିଛା ୬୯ ଟଙ୍କା ବୃଦ୍ଧି କରିଥିବା ବେଳେ ରାଜ୍ୟ ସରକାର କୌଣସି ଚାଷୀକୁ ତାହା ଦେଇନଥିବା ଅଭିଯୋଗ ହେଉଛି । ଅନ୍ୟପକ୍ଷରେ ପୂର୍ବରୁ କେବଳ ସମବାୟ ବ୍ୟାଙ୍କ ଜରିଆରେ ଚାଷୀଙ୍କୁ ଅର୍ଥ ମିଳୁଥିବା ବେଳେ ତାହା ପାଇବାକୁ ଦୀର୍ଘଦିନ ଅପେକ୍ଷା କରିବାକୁ ପଡୁଥିଲା । ଚଳିତବର୍ଷ ଜାତୀୟକରଣ ବ୍ୟାଙ୍କ ଦ୍ୱାରା ଏହି ଅର୍ଥ ଦିଆଯାଇଥିବାରୁ ଚାଷୀମାନେ ସୁବିଧାରେ ପାଇପାରିଥିଲେ । ସେହିପରି ଚଳିତ ରବିଋତୁ ପାଇଁ ଧାନ ବିକ୍ରିର ଫଂଜିକରଣ ସମୟ ଅନ୍ୟୁନ ୭ ଦିନ ବୃଦ୍ଧିକରାଗଲେ ଚାଷୀମାନେ ଉପକୃତ ହେବେ ବୋଲି ବହୁ ଚାଷୀ ପ୍ରତିନିଧି, କୃଷକ କ୍ଲବ, କୃଷକ ସଂଘ ଓ ଉଠିଆ ଚାଷୀମାନେ କହିଛନ୍ତି ।

# ଲୁବ୍ରିକାଣ୍ଟ କାରଖାନାରୁ ନିର୍ଗତ ହେଉଛି ବିଷାକ୍ତ ଗ୍ୟାସ

## ଦୁର୍ଗନ୍ଧରେ ଯାତ୍ରୀଙ୍କ ସହିତ ଅଞ୍ଚଳବାସୀ ଅତିଷ୍ଠ

ବାଲେଶ୍ୱର ସଦର, ୯।୪ (ସମିସ)



ଲୁବ୍ରିକାଣ୍ଟ କାରଖାନାରୁ ବାହାରୁଛି ବିଷାକ୍ତ ଓ ଦୁର୍ଗନ୍ଧ ଗ୍ୟାସ । ଯାହାଫଳରେ ସ୍ଥାନୀୟ ଲୋକଙ୍କ ଉପରେ ଏହାର କୁପ୍ରଭାବ ଦେଖିବାକୁ ମିଳୁଛି । ଏଥିସହିତ ଦୁର୍ଗନ୍ଧରେ ସ୍ଥାନୀୟ ଲୋକଙ୍କ ସହିତ ରାଜପଥ ଯାତ୍ରୀମାନେ ମଧ ଅତିଷ୍ଠ ହୋଇ ପଡ଼ିଲେଣି । ୧୬ନମ୍ବର ଜାତୀୟ ରାଜପଥ ପାର୍ଶ୍ୱସ୍ଥ ହଳଦିପଦା ନିକଟରେ ଥିବା ସ୍ୱରାଜ ଲୁବ୍ରିକାଣ୍ଟ ଫ୍ୟାକ୍ଟ୍ରି ଏବେ ଲୋକଙ୍କ ପାଇଁ ମୁଣ୍ଡବ୍ୟଥାର କାରଣ ପାଲଟିଛି । ଯେଉଁଠିକି ଦୈନିକ ହଜାର ହଜାର ଲିଟର ମୋବିଲ, ଇଞ୍ଜିନ ଅଏଲ, ଗ୍ରିସ୍ ପ୍ରସ୍ତୁତ ହେଉଛି । ତେବେ ଏଥିରେ ବ୍ୟବହୃତ ହେଉଥିବା ବିଷାକ୍ତ କେମିକାଲରୁ ବିଷାକ୍ତ ଧୂଆଁ ନିର୍ଗତ ହେଉଥିବା ବେଳେ, ଦୁର୍ଗନ୍ଧରେ ଲୋକେ ଅଣନିଶ୍ୱାସୀ ହେଉଛନ୍ତି । ରାତ୍ରି ହେଲେ ଏହାର ମାତ୍ରା ଅଧିକ ବଢ଼ିଥାଏ । ଲୋକେ ନିଜନିଜ ଘରର କବାଟ ଝରକା ବନ୍ଦ କରିବା ପାରେବି ଆଖି ନାକ ଜଳାପୋଡ଼ା ହୋଇ ଆଖିରୁ ପାଣି ବାହାରିବା ସହିତ ଲୋକଙ୍କୁ ବାନ୍ତି ହେଉଛି । ତେବେ ସାମାନ୍ୟ ବର୍ଷା ପବନ ହେଲେ ଅସହ୍ୟ ଦୁର୍ଗନ୍ଧ । ସ୍ଥାନୀୟ ବାସିନ୍ଦାଙ୍କ ସହିତ ଜାତୀୟ ରାଜପଥର ଯାତ୍ରୀମାନେ ମଧ ଅତିଷ୍ଠ ହୋଇପଡୁଛନ୍ତି । ସ୍ଥାନୀୟ ଲୋକେ ଝରକା କବାଟ ବନ୍ଦକରି ଘରେ ରହିବାକୁ ବାଧ ହେଉଛନ୍ତି । ୧୬ନମ୍ବର ଜାତୀୟ ରାଜପଥ ଦେଇ ବାଲେଶ୍ୱର ଜିଲ୍ଲାପାଳଙ୍କ ସହିତ ବିଭିନ୍ନ ପ୍ରଶାସନିକ ଅଧିକାରୀ ଓ ସ୍ଥାନୀୟ ନେତା ମନ୍ତ୍ରୀ ଯାଆସ କରୁଥିଲେ ବି ସେମାନଙ୍କର ଏଥିପ୍ରତି ଦୃଷ୍ଟି ନ ପଡ଼ିବା ପରିତାପର ବିଷୟ ପାଲଟିଛି । ତାହାକୁ ନେଇ ଏବେ ସାଧାରଣରେ ପ୍ରଶ୍ନ ସୃଷ୍ଟି ହୋଇଛି । ତେବେ ସରକାରୀ ନିୟମକୁ ଉଲ୍ଲଂଘନ କରି ରାଜପଥ ପାର୍ଶ୍ୱରେ ଏହି ପ୍ଲାଣ୍ଟ କିପରି ଚାଲିଛି ତାହା ପ୍ରଶାସନ ପକ୍ଷରୁ ତଦନ୍ତ କରି କାର୍ଯ୍ୟାନଷ୍ଠାନ ଗ୍ରହଣ କରିବାକୁ ଲୋକେ ଦାବି କରିଛନ୍ତି । ଘଟଣା ସମ୍ପର୍କରେ ପ୍ରଦୂଷଣ ବିଭାଗର ଜିଲ୍ଲା ଅଧିକାରୀ ମନ ମୋହନ ମୁର୍ମୁଙ୍କୁ ପଚାରିବାରୁ ସେ ଘଟଣାର ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଛନ୍ତି ।



## ଆଜିର ରାଶିଫଳ

**ମେଷ:** କୌଣସି କଥାକୁ ନେଇ ମନ ବିଚଳିତ ହୋଇପାରେ। ନୂତନ ବ୍ୟବସାୟ ଆରମ୍ଭ କରିପାରନ୍ତି। ମହିଳାମାନଙ୍କ ମନୋସ୍କାମନା ପୂର୍ଣ୍ଣ ହୋଇପାରେ। ପିଲାମାନେ ଖେଳକୁଦରେ ସମୟ ଅତିବାହିତ କରିବେ।

**ବୃଷ:** ସାମାଜିକ କାର୍ଯ୍ୟକ୍ରମରେ ସାମିଲ ରହିପାରନ୍ତି। ଅଚାନକ ଧନ ବୃଦ୍ଧି ପାଇବ। ମହିଳାମାନେ ଘର କାର୍ଯ୍ୟରେ ବ୍ୟସ୍ତ ରହିବେ। ଦୂରସ୍ଥାନକୁ ଯାତ୍ରା ଯୋଗ ରହିଛି। ଅପ୍ରିୟ ସତ କହି ସମସ୍ୟାରେ ପଡ଼ିପାରନ୍ତି।

**ମିଥୁନ:** ଅଚାନକ ଖୁସି ଖବର ପାଇବେ। ଗୁରୁଜନଙ୍କ ଆଶୀର୍ବାଦ ନେଇ ନୂଆ କାମ ଆରମ୍ଭ କରିପାରନ୍ତି। ଅନ୍ୟମାନଙ୍କୁ ସାହାଯ୍ୟ କରି ପ୍ରଶଂସିତ ହୋଇପାରନ୍ତି। ନୂତନ ଯାନବାହନ କ୍ରୟ ଯୋଗ ରହିଛି।

**କର୍କଟ:** ଅଫିସ କାର୍ଯ୍ୟ ପାଇଁ ଦୂରସ୍ଥାନକୁ ଯାତ୍ରା କରିପାରନ୍ତି। ଯୋଜନା ମୁତାବକ କାମ କରନ୍ତୁ। ଆତ୍ମବିଶ୍ୱାସ ବୃଦ୍ଧି ପାଇବ। ପୈତୃକ ସମ୍ପତ୍ତିକୁ ନେଇ ବିବାଦ ଦେଖାଦେଇ ପାରେ। ଯାନବାହନ କିଣି ପାରନ୍ତି।

**ସିଂହ:** ପିଲାମାନେ ଖେଳକୁଦରେ ସମୟ ଅତିବାହିତ କରିବେ। ଅବିବାହିତଙ୍କ ପାଇଁ ବିବାହ ପ୍ରସ୍ତାବ ଆସିପାରେ। କଳା ଓ ସାହିତ୍ୟ ପ୍ରତି ରୁଚି ବଢ଼ିବ। ମାନସମ୍ମାନ ବୃଦ୍ଧି ପାଇବ। ଖର୍ଚ୍ଚ ବଢ଼ିପାରେ।

**କନ୍ୟା:** ଯୋଜନା ମୁତାବକ କାମ କରନ୍ତୁ। ସକାରାତ୍ମକ ଚିନ୍ତା ଠିକ୍ ନିଷ୍ପତ୍ତି ନେବାରେ ସାହାଯ୍ୟ କରିବ। ଉଦ୍ଧାର ଦେଇଥିବା ଟଙ୍କା ଫେରି ପାଇବେ। ପରଚର୍ଚ୍ଚାଠାରୁ ଦୂରେଇ ରୁହନ୍ତୁ। ଅଫିସ୍‌ରେ ନୂଆ କାମ ମିଳିପାରେ।

**ତୁଳା:** ଅଚାନକ ଖୁସି ଖବର ପାଇବେ। ଦୀର୍ଘ ଦିନର ଆଶା ପୂରଣ ହେବ। ପରିବାର ସଦସ୍ୟଙ୍କ ସହିତ ସମୟ ଅତିବାହିତ ହେବ। ଅତ୍ୟଧିକ କାମକୁ ନେଇ ଚିନ୍ତା ବଢ଼ିପାରେ। ପେଟଜନିତ ସମସ୍ୟା ହୋଇପାରେ।

**ବିଛା:** ସାମାଜିକ କାର୍ଯ୍ୟକ୍ରମରେ ସାମିଲ ରହିବେ। ଲକ୍ଷ୍ୟ ପୂରା ହେବ। କଣ୍ଠଶିଳ୍ପୀଙ୍କ ପାଇଁ ଆଜି ଦିନଟି ବହୁତ ଭଲ। ପୁରୁଣା ନିବେଶରୁ ଲାଭ ମିଳିପାରେ। ପତିପତ୍ନୀଙ୍କ ମଧ୍ୟରେ ଭୁଲ ବୁଝାମଣା ହୋଇପାରେ।

**ଧନୁ:** ଆଜିର ଦିନରେ ବ୍ୟସ୍ତ ରହିପାରନ୍ତି। ଅଟକି ଥିବା ଧନ ଫେରି ପାଇବେ। ବିଦ୍ୟାର୍ଥୀ ଉଚ୍ଚଶିକ୍ଷା ପାଇଁ ବିଦେଶ ଯାତ୍ରା କରିପାରନ୍ତି। ଦାମ୍ପତ୍ୟ ଜୀବନ ସୁଖମୟ ହେବ। ଚକ୍ଷୁ ସମସ୍ୟା ଭୋଗି ପାରନ୍ତି।

**ମକର:** ଦିନଟି ସୁଖପ୍ରଦାନ କରିବ। ଭାବିଚିନ୍ତି ନିଷ୍ପତ୍ତି ନିଅନ୍ତୁ। ଆୟ ଅନୁସାରେ ଅଧିକ ଖର୍ଚ୍ଚ ହେବ। ଲୋକସମ୍ପର୍କ ବୃଦ୍ଧି ପାଇବ। ଅପ୍ରିୟ ସତ କହି ସମସ୍ୟାରେ ପଡ଼ିପାରନ୍ତି। ପ୍ରେମିକ-ପ୍ରେମିକାଙ୍କ ପାଇଁ ଦିନଟି ଭଲ।

**କୁମ୍ଭ:** ନୂତନ ବ୍ୟବସାୟ ଆରମ୍ଭ କରିବାକୁ ବର୍ତ୍ତମାନ ସମୟ ଅନୁକୂଳ। ଅଟକି ଥିବା କାମ ପୂରା ହେବ। ଅଚାନକ ଖୁସି ଖବର ମିଳିପାରେ। ଗୁରୁଜନଙ୍କ ଆଶୀର୍ବାଦ ନେଇ ନୂଆ କାମ ଆରମ୍ଭ କରିବେ।

**ମୀନ:** ସଫଳତା ପାଇବା ପାଇଁ କଠିନ ପରିଶ୍ରମ କରିବାକୁ ପଡ଼ିପାରେ। ଘର ପାଇଁ ମୂଲ୍ୟବାନ ସାମଗ୍ରୀ କିଣିବେ। ଅଯଥା ଖର୍ଚ୍ଚ କରିପାରନ୍ତି। କ୍ରୋଧ ଉପରେ ନିୟନ୍ତ୍ରଣ ରଖନ୍ତୁ। ମହିଳାମାନେ ଘରକାମରେ ବ୍ୟସ୍ତ ରହିବେ।

## ଆଜିର ଇତିହାସ

- ୧୮୭୫-ସ୍ୱାମୀ ଦୟାନନ୍ଦ ସରସ୍ୱତୀ ଆର୍ଯ୍ୟସମାଜର ସ୍ଥାପନା କଲେ।
- ୧୯୩୦- ପ୍ରଥମ ଥର ସିନ୍ଥେଟିକ୍ ରବର ଉତ୍ପାଦନ ଆରମ୍ଭ ହେଲା।
- ୧୯୭୨- ଇରାନ୍‌ରେ ଭୂମିକମ୍ପ ଯୋଗୁଁ ୫୦୦୦ ଲୋକଙ୍କ ପ୍ରାଣହାନି।
- ୨୦୧୬- କେରଳର ପୁତ୍ତିଙ୍ଗଲ ମନ୍ଦିରରେ ବାଣ ବିସ୍ଫୋରଣ ଯୋଗୁଁ ଅଗ୍ନିକାଣ୍ଡ ଘଟି ପାଖାପାଖି ୧୧୦ ଲୋକ ମୃତ, ୩୦୦ରୁ ଅଧିକ ଆହତ।



# ମେ’ରେ ରିଲିଜ୍ ହେବନି ‘ମାତୃଭୂମି’

ବଲିଉଡ୍‌ର ଦବଙ୍ଗ ଖାନ୍ ସଲମାନ୍‌ଙ୍କ ଫିଲ୍ମ ‘ମାତୃଭୂମି’କୁ ତାଙ୍କ ପ୍ରଶଂସକମାନେ ଅନେକ ଦିନରୁ ଅପେକ୍ଷା କରିଛନ୍ତି। ଅପୂର୍ବ ଲାଖିଆଙ୍କ ନିର୍ଦ୍ଦେଶିତ ଏହି ଫିଲ୍ମର ନାମ ପ୍ରଥମେ ‘ବ୍ୟାଟଲ୍ ଅଫ୍ ଗଲୱାନ୍’ ରଖାଯାଇଥିଲା। ଏହାର କାହାଣୀ ୨୦୨୦ରେ ଭାରତ-ଚୀନ୍ ସୈନିକଙ୍କ ମଧ୍ୟରେ ଗଲୱାନ୍ ଘାଟିରେ ହୋଇଥିବା ସଂଘର୍ଷ ଉପରେ ଆଧାରିତ । ଏହି ଘଟଣାରେ ଭାରତୀୟ ସେନାର ଯବାନମାନେ ଅତି କଠିନ ପରିସ୍ଥିତିରେ ଅପୂର୍ବ ସାହସିକତା ପ୍ରଦର୍ଶନ କରିଥିଲେ । ଏହା ଏପ୍ରିଲ ୧୭ରେ ରିଲିଜ୍ ହେବାର ଥିଲା। ହେଲେ ଫିଲ୍ମର ସୁଟିଂ ଡେରି ହେବାରୁ ଏହାର ରିଲିଜ୍‌କୁ ଏବେ ଘୁଞ୍ଚାଇ ଦିଆଯାଇଛି। ଅପରପକ୍ଷରେ ସଲମାନ୍ ଏହି ଫିଲ୍ମକୁ ୧୫ ମେ ରିଲିଜ୍ କରିବାକୁ ଚାହୁଁଥିଲେ। ସେନ୍ସର ବୋର୍ଡରୁ ‘ମାତୃଭୂମି’କୁ ସାର୍ଟିଫିକେଟ୍ ନ ମିଳିବାରୁ ଏବେ ଏହା ମେ’ରେ ରିଲିଜ୍ ହୋଇପାରିବ ନାହିଁ। ତେବେ ‘ମାତୃଭୂମି’ ରିଲିଜ୍ ନ ହେଲେ ବି ସଲମାନ୍ ତାଙ୍କର ଆଗାମୀ ପ୍ରୋଜେକ୍ଟର କାମ ଏପ୍ରିଲ୍ ୧୭ରୁ ଆରମ୍ଭ କରିଦେବେ। ଏହାର ଟାଇଟଲ୍ ‘SVC63’ ରଖାଯାଇଛି। ବାମଶୀ ପୈଡିପଲ୍ଲୀ ଏହାର ନିର୍ଦ୍ଦେଶନା ଦେଇଛନ୍ତି। ଏଥିରେ ସଲମାନ୍‌ଙ୍କ ବିପକ୍ଷରେ ନୟନତାରା ନଜର ଆସିବେ।

# ବିଶ୍ୱ ହୋମିଓପାଥି ଦିବସ



ପ୍ରତିବର୍ଷ ଏପ୍ରିଲ୍ ୧୦ ତାରିଖକୁ ‘ବିଶ୍ୱ ହୋମିଓପାଥି ଦିବସ’ ଭାବେ ପାଳନ କରାଯାଏ। ହୋମିଓପାଥିର ଜନକ ଜର୍ମାନ ଡାକ୍ତର ଖ୍ରୀଷ୍ଟିଆନ୍ ଫ୍ରେଡରିକ୍ ସାମୁଏଲ୍ ହାନିମ୍ୟାନଙ୍କ ଜନ୍ମଦିନ ଅବସରରେ ଏହି ଦିବସ ପାଳିତ ହୁଏ। ୧୭୫୫ ମସିହା ଏପ୍ରିଲ୍ ୧୦ ତାରିଖରେ ସାମୁଏଲ୍ ଜନ୍ମଗ୍ରହଣ କରିଥିଲେ। ତେଣୁ ତାଙ୍କ ଜନ୍ମ ତାରିଖକୁ ବିଶ୍ୱବ୍ୟାପି ହୋମିଓପାଥି ଦିବସ ଭାବେ ପାଳନ କରାଯାଉଛି। ହୋମିଓପାଥି ପ୍ରତି ତାଙ୍କର ଅବଦାନକୁ ମନେପକାଇବା ମଧ୍ୟ ଏହି ଦିବସ ପାଳନ ପଛର ଆଉ ଏକ ମୁଖ୍ୟ ଉଦ୍ଦେଶ୍ୟ । ପ୍ରଥମ ବିଶ୍ୱ ହୋମିଓପାଥି ଦିବସ ୨୦୦୫ରେ ପାଳନ କରାଯାଇଥିଲା। ନୂଆଦିଲ୍ଲୀରେ ଆୟୋଜିତ ବାର୍ଷିକ ସମ୍ମିଳନୀରେ ବିଶ୍ୱ ହୋମିଓପାଥି ସଚେତନତା ସଂଗଠନ ଦ୍ୱାରା ଆନୁଷ୍ଠାନିକ ଭାବରେ ଏହାର ଘୋଷଣା କରାଯାଇଥିଲା। ସେହିଦିନଠାରୁ, ବିଭିନ୍ନ ସଂଗଠନ ଏବଂ ସରକାରୀ, ବେସରକାରୀସ୍ତରରେ ଏହି ଦିନରେ ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜନ କରାଯାଏ । ହୋମିଓପାଥି ଏବଂ ଏହାର ଉପକାରିତା ବିଷୟରେ ସଚେତନତା ପାଇଁ ସେମିନାର, କର୍ମଶାଳା, ମାଗଣା କ୍ଲିନିକ୍, ସର୍ବସାଧାରଣ ଆଲୋଚନା ଆଦି କରାଯାଏ । ଏଲୋପାଥି ଚିକିତ୍ସା ପରେ ବିଶ୍ୱରେ ଦ୍ୱିତୀୟ ଲୋକପ୍ରିୟ ଚିକିତ୍ସା ପଦ୍ଧତିର ମାନ୍ୟତା ପାଇଛି ହୋମିଓପାଥି। ବହୁ ଜଟିଳ ଓ ପୁରାତନ ରୋଗକୁ ହୋମିଓପାଥି ଚିକିତ୍ସା ମାଧ୍ୟମରେ ଭଲ କରିବାର ନଜିର ରହିଛି। ପୂର୍ବରୁ ପାରମ୍ପରିକ ଢଙ୍ଗରେ ହୋମିଓପାଥି ଚିକିତ୍ସା ଚାଲିଥିଲାବେଳେ ଏବେ ଅତ୍ୟାଧୁନିକ ପ୍ରଣାଳୀରେ ଗବେଷଣା କରାଯାଇ ଔଷଧ ପ୍ରସ୍ତୁତ କରାଯାଉଛି। ହୋମିଓପାଥି ହେଉଛି ଏକ ଦୀର୍ଘକାଳୀନ, ସୁରକ୍ଷିତ ଓ ପ୍ରାକୃତିକ ଚିକିତ୍ସା ପଦ୍ଧତି। ଏହା ଶରୀରର ସ୍ୱୟଂ-ସୁସ୍ଥ ହେବାର କ୍ଷମତାକୁ ବୃଦ୍ଧି କରିବା ସହ ରୋଗକୁ ଜଡ଼ରୁ ନାଶ କରିବା ପାଇଁ ଲାଭକାରୀ। ଯଦି ସଠିକ୍ ପରାମର୍ଶ ଓ ଧୈର୍ଯ୍ୟର ସହିତ ଏହି ଚିକିତ୍ସାକୁ ଆପଣାଯାଏ, ତେବେ ଏହା ଦୀର୍ଘକାଳୀନ ସ୍ୱାସ୍ଥ୍ୟ ପାଇଁ ଉପକାରୀ ହୋଇପାରେ। ଏହି ଚିକିତ୍ସା ପଦ୍ଧତି ସରଳ, ପାର୍ଶ୍ୱ ପ୍ରତିକ୍ରିୟାବିହୀନ ଏବଂ ସ୍ୱଳ୍ପ ବ୍ୟୟଯୁକ୍ତ ହୋଇଥିବାରୁ ଏହା ସାରା ବିଶ୍ୱରେ ୮୦ରୁ ଅଧିକ ଦେଶରେ ବହୁଳ ଭାବରେ ପ୍ରସାରିତ ହୋଇପାରିଛି।

# ଜେନ୍ ଜେଡ୍‌ଙ୍କ ପସନ୍ଦ ଅପରିଚିତଙ୍କ ସହ ଯାତ୍ରା କରିବା

ଆଜିର ସମୟରେ ଜେନ୍ ଜେଡ୍‌ଙ୍କୁ ନେଇ ବିଭିନ୍ନ ନୂଆ ନୂଆ ଟ୍ରେଣ୍ଡ ସାମ୍ନାକୁ ଆସୁଛି। ଏହି କ୍ରମରେ ଏବେ ଏକ ନୂଆ ଟ୍ରେଣ୍ଡ ଖୁବ୍ ଭାଇରାଲ ହେଉଛି। ଏଥିରେ ପରିବାର କିମ୍ବା ସାଙ୍ଗସାଥୀ ନୁହନ୍ତି, ବରଂ ଅଜଣା ଲୋକଙ୍କ ସହିତ ଜେନ୍ ଜେଡ୍ ବୁଲିବାକୁ ପସନ୍ଦ କରୁଛନ୍ତି। ତେବେ ସେମାନଙ୍କ ପାଇଁ ଏକାକୀ ଯାତ୍ରା କରିବା ବର୍ତ୍ତମାନ ସମୟରେ କୌଣସି ନୂଆ କଥା ନୁହେଁ। କହିବାକୁ ଗଲେ ଆଜିର ପିଢ଼ିଙ୍କୁ କଟକଣା ଆଦୌ ପସନ୍ଦ ନୁହେଁ। ସେମାନେ ନିଜ ମନ ହିସାବରେ କାମ କରିବାକୁ ପସନ୍ଦ କରନ୍ତି। ତେବେ ଏ ଟ୍ରେଣ୍ଡ ପଛରେ କାରଣ ଥିବା କୁହାଯାଉଛି। ବର୍ତ୍ତମାନ ଲୋକେ ନିଜ ଜୀବନଶୈଳୀରେ ଏତେ ବେଶି ବ୍ୟସ୍ତ ରହି ଯାଉଛନ୍ତି ଯେ, ବାହାରେ ଲୋକଙ୍କ ସହ ମିଳାମିଶା କରିବା ବନ୍ଦ କରିଦେଲେଣି। ପରିବାରର କଟକଣା ସତ୍ତ୍ୱେ ଜେନ୍ ଜେଡ୍ ନିଜ ଜୀବନକୁ ନିଜ ହିସାବରେ ଜିଇଁବାକୁ ପସନ୍ଦ କରୁଛନ୍ତି। ସେମାନେ ଅଜଣା ଲୋକଙ୍କ ସହ ଯାତ୍ରା କରିବା ଦ୍ୱାରା ନୂଆ ଚିନ୍ତାଧାରା, ନୂଆ ସଂସ୍କୃତି ଏବଂ ଅଲଗା ଅଲଗା ଜୀବନଶୈଳୀକୁ ଭଲ ଭାବେ ବୁଝିପାରୁଛନ୍ତି। ସେହିପରି ନୂଆ ଲୋକଙ୍କ ସହ ଯାତ୍ରା କରିବା ଦ୍ୱାରା ଉତ୍ସାହ ଓ ଉତ୍କଣ୍ଠା ଅଧିକ ରହିଥାଏ। କେବଳ ସେତିକି ନୁହେଁ, ସାମାଜିକ ସଂଯୋଗ ଏବଂ ଅଧିକରୁ ଅଧିକ ଲୋକଙ୍କ ସହ ମିଳାମିଶା କରିବା ଏବଂ କଥା ହେବାକୁ ଜେନ୍ ଜେଡ୍ ବେଶି ପସନ୍ଦ କରୁଛନ୍ତି। ଏହା ବନ୍ଧୁତ୍ୱ ସହିତ ସେମାନଙ୍କର ଏକପ୍ରକାର ବ୍ୟକ୍ତିତ୍ୱ ବିକାଶରେ ସାହାଯ୍ୟ କରୁଛି। ଅଲଗା ଅଲଗା ଲୋକଙ୍କ ସହିତ କଥାବାର୍ତ୍ତା କରିବା ଦ୍ୱାରା ସେମାନଙ୍କ ଚିନ୍ତାଧାରାକୁ ବୁଝିବା ଏବଂ ଜାଣିବାର ସୁଯୋଗ ମିଳିପାରୁଛି। ଅନ୍ୟପଟେ ଯେତେବେଳେ ଅଜଣା ଲୋକଙ୍କ ସହିତ ଯାତ୍ରା କରାଯାଏ, କେବଳ ଦୁଃସାହସିକ କାମ ନୁହେଁ ବରଂ ନିଜକୁ ବୁଝିବାର ଏକ ଭଲ ସୁଯୋଗ ମଧ୍ୟ ମିଳିଥାଏ।



# ପ୍ଲାଷ୍ଟିକ୍ ବର୍ଜ୍ୟ ବଦଳରେ ପୁରସ୍କାର



ଚେନ୍ନାଇର ମରିନା ବିଚ୍‌ରେ ସ୍ୱଚ୍ଛତାକୁ ନେଇ ଏକ ନିଆରା ଅଭିଯାନ ଆରମ୍ଭ କରାଯାଇଛି। ଯାହାକି ଚର୍ଚ୍ଚାର ପ୍ରସଙ୍ଗ ହେବା ସହ ସଭିଙ୍କ ଦୃଷ୍ଟିଆକର୍ଷଣ କରିଛି। ଏବେ ଏହା କେବଳ ବୁଲିବାର ସ୍ଥାନ ହୋଇ ନାହିଁ, ବରଂ ସ୍ୱଚ୍ଛତା ଏବଂ ପରିବେଶ ସଂରକ୍ଷଣର ଏକ ପ୍ରେରଣାପ୍ରଦ ଉଦାହରଣ ସୃଷ୍ଟି କରିଛି। ଏଠାରେ ଏକ ସ୍ୱତନ୍ତ୍ର ଅଭିଯାନ ମାଧ୍ୟମରେ ଲୋକଙ୍କୁ ପ୍ଲାଷ୍ଟିକ୍ ବର୍ଜ୍ୟ ଜମା କରିବା ଦ୍ୱାରା ପୁରସ୍କାର ମିଳୁଛି। ଏହାଦ୍ୱାରା ସାଧାରଣ ଲୋକେ ସଫେଇ ଅଭିଯାନର ଅଂଶ ପାଲଟୁଛନ୍ତି। ଏହି ସମୁଦ୍ରକୂଳରେ ଲଗାଯାଇଥିବା ଏକ ବିଶେଷ ମେସିନ୍ ଏବଂ କଲେକ୍ସନ ପଏଣ୍ଟରେ ଲୋକେ ପ୍ଲାଷ୍ଟିକ୍ ବୋତଲ ଏବଂ ଅନ୍ୟ ବର୍ଜ୍ୟ ଜମା କରିପାରିବେ। ଏହା ବଦଳରେ ସେମାନଙ୍କୁ ପୁରସ୍କାର, କୁପନ୍ ଏବଂ ଅନ୍ୟ ସୁବିଧା ପ୍ରଦାନ କରାଯାଉଛି। ଏହି ଅଭିଯାନର ମୁଖ୍ୟ ଉଦ୍ଦେଶ୍ୟ ହେଉଛି, ଲୋକଙ୍କୁ ପ୍ଲାଷ୍ଟିକ୍ ବର୍ଜ୍ୟ ଫିଙ୍ଗିବା ପରିବର୍ତ୍ତେ ଏସବୁକୁ ଏକତ୍ର କରିବା ଦିଗରେ ପ୍ରେରିତ କରିବା। ବେଳାଭୂମିକୁ ସ୍ୱଚ୍ଛ ରଖିବା ଏହାର ମୁଖ୍ୟ ଉଦ୍ଦେଶ୍ୟ। ଏହି ଯୋଜନାର ବଡ଼ ବିଶେଷତ୍ୱ ହେଉଛି, ଏଥିରେ ସାଧାରଣ ଲୋକେ ସାମିଲ ହେଉଛନ୍ତି। ପର୍ଯ୍ୟଟକ ଏବଂ ସ୍ଥାନୀୟ ଲୋକ ନିଜେ ଆବର୍ଜନା ଉଠାଇ ଜମା କରୁଛନ୍ତି। କୁନି କୁନି ପିଲା ଓ ଯୁବପିଢ଼ିଙ୍କର ଏଥିପ୍ରତି ଖାସ୍ ଉତ୍ସାହ ଦେଖିବାକୁ ମିଳୁଛି। ମୋଟାମୋଟି କହିବାକୁ ଗଲେ ଏହି ବେଳାଭୂମିରେ ସଫେଇ କାର୍ଯ୍ୟ ଏବେ କେବଳ ଦାୟିତ୍ୱ ହୋଇ ରହି ନାହିଁ, ବରଂ ପୁରସ୍କୃତ କାର୍ଯ୍ୟକଳାପ ପାଲଟିଛି। ତେବେ ଏହି ପ୍ଲାଷ୍ଟିକ୍ ଆବର୍ଜନା ସମୁଦ୍ର ଏବଂ ସାମୁଦ୍ରିକ ଜୀବଙ୍କ ଲାଗି ଖୁବ୍ କ୍ଷତିକାରକ। ଏହି ଅଭିଯାନ ଦ୍ୱାରା ସମୁଦ୍ରରେ ପ୍ଲାଷ୍ଟିକ୍ ହ୍ରାସ ପାଇବ, ସାମୁଦ୍ରିକ ଜୀବନକୁ ସୁରକ୍ଷା ପ୍ରଦାନ କରାଯାଇପାରିବ ଏବଂ ବେଳାଭୂମି ସୌନ୍ଦର୍ଯ୍ୟକୁ ଅକ୍ଷୁର୍ଣ୍ଣ ରଖାଯାଇପାରିବ। ସମୁଦ୍ରକୂଳର ଏହି ଅଭିଯାନ ଅନ୍ୟ ସହର ଲାଗି ଉଦାହରଣ ସୃଷ୍ଟି କରିଛି। ଏହିପ୍ରକାର ଯୋଜନା ଯଦି ଅନ୍ୟ ପର୍ଯ୍ୟଟନସ୍ଥଳରେ ଆରମ୍ଭ କରାଯିବ, ଭାରତରେ ସ୍ୱଚ୍ଛତା ଅଭିଯାନ ଅଧିକ ସୁଦୃଢ଼ ହୋଇପାରିବ ବୋଲି ଆଶା କରାଯାଉଛି।




# ହିମୋଗ୍ଲୋବିନ୍ ଇଲେକ୍ଟ୍ରୋଫୋରେସିସ୍



ହିମୋଗ୍ଲୋବିନ୍ ଲୋହିତ ରକ୍ତ କଣିକାରେ ମିଳୁଥିବା ଏକ ପ୍ରୋଟିନ୍। ଯାହାକି ଶରୀରର କୋଷିକାକୁ ଅମ୍ଳଜାନ ପହଞ୍ଚାଇବାର କାମ କରିଥାଏ। ଶରୀରରେ ହିମୋଗ୍ଲୋବିନ୍ କମ୍ ହେବା ରକ୍ତହୀନତାର ସଙ୍କେତ ଦେଇଥାଏ। ତେବେ ବଂଶାନୁଗତ ରକ୍ତଜନିତ ରୋଗ (ଥାଲାସେମିଆ) ଏବଂ ସିକିଲ୍‌ସେଲ୍ ରୋଗ ଆଦି ଚିହ୍ନଟ ପାଇଁ ହିମୋଗ୍ଲୋବିନ୍ ଇଲେକ୍ଟ୍ରୋଫୋରେସିସ୍ ରକ୍ତ ପରୀକ୍ଷା କରାଯାଏ। ଏହି ପରୀକ୍ଷାରେ ବ୍ୟବହୃତ ବୈଦ୍ୟୁତିକ ପ୍ରଣାଳୀ ବିଭିନ୍ନ ପ୍ରକାର ହିମୋଗ୍ଲୋବିନ୍ ଚିହ୍ନଟ କରେ। ଆନିମିଆରେ ପୀଡ଼ିତ ଶିଶୁଙ୍କ ପାଇଁ ଏହି ପରୀକ୍ଷା ଗୁରୁତ୍ୱପୂର୍ଣ୍ଣ। ଏହା ଏକ ସୁରକ୍ଷିତ ରକ୍ତ ପରୀକ୍ଷା। ବିବାହ ପୂର୍ବରୁ ଏବଂ ଗର୍ଭଧାରଣ ପୂର୍ବରୁ ଏହି ପରୀକ୍ଷା କରାଯିବା ନିହାତି ଆବଶ୍ୟକ। ଏହି ପରୀକ୍ଷା ଭବିଷ୍ୟତରେ ବଂଶାନୁଗତ ରକ୍ତଜନିତ ରୋଗକୁ ଚିହ୍ନଟ କରିପାରେ। ସଅଳ ରୋଗ ଚିହ୍ନଟ ଦ୍ୱାରା ସଠିକ୍ ସମୟରେ ଚିକିତ୍ସା କରାଯିବା ସମ୍ଭବ ହୁଏ।

# କୋଲେଷ୍ଟ୍ରଲ ପାଇଁ ନିର୍ଦ୍ଦେଶାବଳୀ




**ଆମେରିକାନ୍ ହାର୍ଟ ଆସୋସିଏସନ୍ (ଏଏଚ୍ଏ) ଏବଂ ଆମେରିକାନ୍ କଲେଜ ଅଫ୍ କାର୍ଡିଓଲୋଜି (ଏସିସି) କୋଲେଷ୍ଟ୍ରଲକୁ ନେଇ ନୂତନ ନିର୍ଦ୍ଦେଶାବଳୀ ଜାରି କରିଛନ୍ତି। ଏଲ୍‌ଡିଏଲ୍ (ଖରାପ କୋଲେଷ୍ଟ୍ରଲ)କୁ କମ୍ କରିବା ଏହି ନିର୍ଦ୍ଦେଶାବଳୀର ମୁଖ୍ୟ ଉଦ୍ଦେଶ୍ୟ। ଏଥିରେ କୋଲେଷ୍ଟ୍ରଲସ୍ତର ନିର୍ଦ୍ଦିଷ୍ଟ ମାତ୍ରାରେ ରଖିବା ସହ ଯାଞ୍ଚ ଆବଶ୍ୟକ ବୋଲି ଉଲ୍ଲେଖ ରହିଛି।**

ଶରୀରରେ ଖରାପ କୋଲେଷ୍ଟ୍ରଲ ବଢ଼ିଗଲେ ଧମନୀରେ ପ୍ଲାକ୍ ଜମା ହୁଏ। ଏହାଦ୍ୱାରା ହୃଦ୍‌ଘାତ ଏବଂ ମସ୍ତିଷ୍କାଘାତ ଆଶଙ୍କା ବଢ଼ିଯାଏ। ଖରାପ ଜୀବନଶୈଳୀ ଏବଂ ଲଗାତାର ବସି କାମ କରୁଥିବା ଲୋକେ ଏନେଇ ଧ୍ୟାନ ଦେବା ଜରୁରି। ନୂତନ ନିର୍ଦ୍ଦେଶାବଳୀରେ ଖରାପ କୋଲେଷ୍ଟ୍ରଲ ଗାଇଡଲାଇନ୍‌କୁ ସାଧାରଣ, ମଧ୍ୟମ ଏବଂ ଉଚ୍ଚ ତିନିଟି ଶ୍ରେଣୀରେ ଭାଗ କରାଯିବା ସହ ଅନେକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ରହିଛି।

ଯେପରିକି ଯଦି ଜଣେ ବ୍ୟକ୍ତି କୌଣସି ରୋଗରେ ପୀଡ଼ିତ ନ ଥାନ୍ତି ତାଙ୍କର ଏଲ୍‌ଡିଏଲ୍ ୧୦୦ ଏମ୍‌ଜି/ଡିଏଲରୁ କମ୍ ରହିବା, ରୋଗାକ୍ରାନ୍ତଙ୍କ ଖରାପ କୋଲେଷ୍ଟ୍ରଲ ୭୦ରୁ ତଳକୁ ରହିବା, ପୂର୍ବରୁ ହୃଦ୍‌ଘାତର ଶିକାର ହୋଇଥିବା ବ୍ୟକ୍ତିଙ୍କ ଖରାପ କୋଲେଷ୍ଟ୍ରଲ ୫୫ ଏମ୍‌ଜି/ଡିଏଲ୍ ରୁ କମ୍ ହେବା ଆବଶ୍ୟକ। ଏବେ ସୁଦ୍ଧା ଲୋକେ ୩୦ ବର୍ଷ ପରେ କୋଲେଷ୍ଟ୍ରଲ ପରୀକ୍ଷା କରୁଥିଲେ। ବର୍ତ୍ତମାନ ୨୦ବର୍ଷରୁ ଲିପିଡ ପ୍ରୋଫାଇଲ ଚେକ୍‌କୁ ଗୁରୁତ୍ୱ ଦିଆଯାଇଛି। ପରିବାରରେ ପୂର୍ବରୁ କାହାର ହୃଦଜନିତ ସମସ୍ୟା ଥିଲେ ସେହି ପରିବାରର ପିଲାଙ୍କୁ ୯ରୁ ୧୦ ବର୍ଷ ବୟସରେ ସ୍କ୍ରିନିଂ କରିବା ଜରୁରି। ଏହା ହୃଦ୍‌ରୋଗ ଆଶଙ୍କାକୁ କମ୍ କରିବ। ପ୍ରତି ୪ରୁ ୬ ବର୍ଷରେ ଥରେ ଲିପିଡ୍ ପ୍ରୋଫାଇଲ ଟେଷ୍ଟ ସହ ଏଚ୍‌ଏସ୍‌ସିଆର୍‌ପି ଏବଂ କୋରୋନାରୀ କ୍ୟାଲ୍‌ସିୟମ୍ ସ୍କାନ କରିବା ଆବଶ୍ୟକ। ଟୋଟାଲ ରିସ୍କ ପ୍ରୋଫାଇଲ ଚେକ୍ କରିପାରିବେ। ଉଚ୍ଚ କୋଲେଷ୍ଟ୍ରଲ, ମଧୁମେହ, ହୃଦ୍‌ରୋଗ ଆଶଙ୍କା ଥିଲେ ବର୍ଷକୁ ଥରେ କୋଲେଷ୍ଟ୍ରଲ ପରୀକ୍ଷା ଜରୁରି। ଏହା ଦ୍ୱାରା ହୃଦ୍‌ରୋଗର ତୀବ୍ରତା ଓ ସ୍ଥିତି ଜାଣିବା ସହଜ ହେବ। ଲିପିଡ୍ ପ୍ରୋଫାଇଲ୍ ପ୍ୟାନେଲ ଟେଷ୍ଟରୁ ରକ୍ତରେ ଖରାପ ଏବଂ ଭଲ କୋଲେଷ୍ଟ୍ରଲସ୍ତର ଜାଣିହୁଏ। ଏହାବାଦ୍ ଜୀବନଶୈଳୀରେ ପରିବର୍ତ୍ତନ ଆଣିବା ଜରୁରି। ସନ୍ତୁଳିତ ଖାଦ୍ୟ ଖାଇବା, ସପ୍ତାହକୁ ଅତି କମ୍‌ରେ ୧୫୦ ମିନିଟ୍ ବ୍ୟାୟାମ (କାର୍ଡିଓ ବ୍ୟାୟାମ) କରିବା, ଧୂମପାନ ତ୍ୟାଗ ସହ ଓଜନ, ରକ୍ତଚାପ ଏବଂ ରକ୍ତ ଶର୍କରାକୁ ନିୟନ୍ତ୍ରଣରେ ରଖିବା ଆବଶ୍ୟକ। ଗର୍ଭବତୀ, ବୟସ୍କ, ମଧୁମେହ ପୀଡ଼ିତଙ୍କୁ ଅଧିକ ଧ୍ୟାନ ଦେବାକୁ ଏହି ନିର୍ଦ୍ଦେଶାବଳୀରେ କୁହାଯାଇଛି।

# ମହିଳାଙ୍କ ପାଇଁ ଜରୁରି ଓମେଗା-୩

ଓମେଗା ୩ ଫ୍ୟାଟି ଏସିଡ୍ ହେଉଛି ଏକ ପୁଷ୍ଟିକର ଉପାଦାନ। ଏହା ଚକ୍ଷୁ, ମାନସିକ ସ୍ୱାସ୍ଥ୍ୟ, ହୃଦୟ, ଫୁସ୍‌ଫୁସ୍ ଆଦି ପାଇଁ ଭଲ। ଓମେଗା-୩ର ତିନୋଟି ମୁଖ୍ୟ ପ୍ରକାର ରହିଛି। EPA, DHA, ALA । EPA ଏବଂ DHA ମାଛ ଏବଂ ମାଛ ତେଲରେ ମିଳେ। ALA ଏକ ଉଦ୍ଭିଦ ଆଧାରିତ। ଏହା ଅଳସୀ, ବାଦାମ ଆଦିରେ ମିଳିଥାଏ। ତେବେ ସ୍ୱାସ୍ଥ୍ୟ ବିଶେଷଜ୍ଞଙ୍କ ମତରେ ପୁରୁଷଙ୍କ ତୁଳନାରେ ମହିଳାଙ୍କୁ ଓମେଗା ୩ର ଆବଶ୍ୟକତା ଅଧିକ ଥାଏ। କାରଣ ଋତୁସ୍ରାବ ସମୟରେ ମହିଳାଙ୍କ ପେଟ, ଗୋଡ ଯନ୍ତ୍ରଣା ହୋଇଥାଏ। ଏହି ଯନ୍ତ୍ରଣାରୁ ଉପଶମ ପାଇଁ ଓମେଗା-୩ ଫ୍ୟାଟି ଏସିଡ ଫଳପ୍ରଦ। ୪୦ ବର୍ଷ ପରେ ମହିଳାଙ୍କୁ ଆର୍ଥରାଇଟିସ୍ ହେବା ଆଶଙ୍କା ଥାଏ। ଏହା ସେମାନଙ୍କ ରୋଗପ୍ରତିରୋଧକ ଶକ୍ତିକୁ ପ୍ରଭାବିତ କରିପାରେ। ତେଣୁ ଗଣ୍ଠି ଯନ୍ତ୍ରଣା ଦୂର ସହ ହରମୋନ୍ ସନ୍ତୁଳନ ପାଇଁ ଓମେଗା-୩ ଫ୍ୟାଟି ଏସିଡ ଫଳପ୍ରଦ। ଏହା କୋଲେଷ୍ଟ୍ରଲସ୍ତରକୁ ନିୟନ୍ତ୍ରଣ କରି ହୃଦ୍‌ଘାତର ଆଶଙ୍କା କମାଇଥାଏ। ଚିନ୍ତା ଓ ଅବସାଦ ସମସ୍ୟାରୁ ମୁକ୍ତି ଦେବାରେ ସାହାଯ୍ୟ କରେ। ତେଣୁ ଖାଦ୍ୟରେ ଚର୍ବି ମାଛ(ସାଲମନ, ଟୁନା) ଦହି, ଅଳସୀ ମଞ୍ଜି, ସବୁଜ ପନି ପରିବା ଆଦି ଖାଇ ପାରିବେ।



# ଘର ବଇଦ: ନାକରୁ ରକ୍ତ ପଡ଼ିଲେ ...



- ଦୁବରସ ଅଥବା ଦୁବରସରେ ଗୁଆଘିଅ ମିଶାଇ ନସ୍ୟ ନେଲେ ନାକରୁ ରକ୍ତ ପଡ଼ିବା କମିଥାଏ।
- ଆଖୁ ଦୋରୁଅ ନାକରେ ପକାଇଲେ ରକ୍ତସ୍ରାବ ବନ୍ଦ ହୁଏ।
- ଆମ୍ବ କୋଇଲି ଓ ପିଆଜ ଏକତ୍ର ଛେଚି ତାର ରସ ନସ୍ୟ ନେବା ହିତକର।
- ଫିଟିକରି ଫୁଲା ଚୂର୍ଣ୍ଣ, ଗୋବର ପାଉଁଶ ଓ କାଗଜ ଭସ୍ମ ଏକତ୍ର ଶୁଙ୍ଘିବା ଦ୍ୱାରା ନାକରୁ ରକ୍ତସ୍ରାବ ବନ୍ଦ ହୁଏ।

(ଲକ୍ଷ୍ମଣ ମିଶ୍ରଙ୍କ ଦ୍ୱାରା ଲିଖିତ ପୁସ୍ତକରୁ ଉଦ୍ଧୃତ)

# ଜୀବନୀ ଶକ୍ତିକୁ ସ୍ୱାଭାବିକ କରେ ହୋମିଓପାଥି





ଡାକ୍ତର ଅଜୟ କୁମାର ପଣ୍ଡା

ହୋମିଓପ୍ୟାଥିକ୍ ଚିକିତ୍ସା ବିଜ୍ଞାନର ଜନକ ଡାକ୍ତର ସାମୁଏଲ୍ ହାନିମ୍ୟାନ୍‌ଙ୍କ ଦର୍ଶନ ଏବଂ ଚିକିତ୍ସା ପଦ୍ଧତି ସମଗ୍ର ବିଶ୍ୱରେ ପ୍ରସାର ଲାଭ କରିଛି। ତାଙ୍କ ଦ୍ୱାରା ପ୍ରତିପାଦିତ ‘ସିମିଲିଆ ସିମିଲିବସ୍ କ୍ୟୁରେଣ୍ଟର’ ନୀତି ହୋମିଓପ୍ୟାଥିକ୍ ଚିକିତ୍ସାର ମୂଳ ସୂତ୍ର ହୋଇ ରହିଛି। ତେଣୁ ହୋମିଓପ୍ୟାଥିକ୍ ଚିକିତ୍ସା ପଦ୍ଧତି ବିଷୟରେ ଅଧିକ ଜାଣିବା ପାଇଁ ଲୋକମାନଙ୍କ ମଧ୍ୟରେ ସଚେତନତା ଅଣାଯିବା ଆବଶ୍ୟକ। ଫିଜିକ୍ସ ବିଶେଷତଃ ନାନୋ ବୈଷୟିକ ବିଭାଗ, କେମିଷ୍ଟ୍ରି, ବଟାନି, ଜୁଲୋଜି, ପଶୁସଂପଦ, କୃଷି ଇତ୍ୟାଦି ବିଭିନ୍ନ ବିଭାଗ ସହ ମିଶି ଏକତ୍ର ଗବେଷଣା କରାଯାଇ ରାଜ୍ୟର ପ୍ରତି ପଞ୍ଚାୟତ, ବ୍ଲକ୍, ସବ୍‌ଡିଭିଜନ ଏବଂ ଜିଲ୍ଲାସ୍ତରରେ ହୋମିଓପ୍ୟାଥିକ୍ ଚିକିତ୍ସା କେନ୍ଦ୍ର ସ୍ଥାପନ କରାଗଲେ ଲୋକମାନେ ସହଜ, ସରଳ ଓ ସ୍ୱଳ୍ପ ମୂଲ୍ୟରେ ସ୍ୱାସ୍ଥ୍ୟ ସେବା ପାଇପାରିବେ।

ହୋମିଓପ୍ୟାଥିକ୍ ଏକ ପ୍ରାକୃତିକ, ବିଜ୍ଞାନସମ୍ମତ, ପାର୍ଶ୍ୱ ପ୍ରତିକ୍ରିୟାବିହୀନ ଚିକିତ୍ସା ପଦ୍ଧତି, ଯାହା ଶରୀରରେ ରୋଗ ପ୍ରଭାବରୁ ଅସନ୍ତୁଳିତ ଜୀବନୀ ଶକ୍ତିକୁ ସ୍ୱାଭାବିକ ଅବସ୍ଥାକୁ ଫେରାଇ ଆଣେ ଏବଂ ଶରୀର ଓ ମନକୁ ସୁସ୍ଥ ରଖେ। ଏହା ଶରୀରରେ ସ୍ୱାଭାବିକ ରୋଗ ପ୍ରତିରୋଧ ଶକ୍ତି ବୃଦ୍ଧି କରିବାରେ ସହାୟତା କରେ। ଏହି ଚିକିତ୍ସାର ପ୍ରଭାବ ଶିଘ୍ର ଦେଖାଯାଏ। ପରସ୍ପର ମଧ୍ୟରେ ସୂଚନା ବିନିମୟ ଏବଂ ଉଭୟର ଚିକିତ୍ସା ପଦ୍ଧତି ବିଷୟରେ ସ୍ୱଚ୍ଛ ହୋଇପାରିଲେ ହୋମିଓପ୍ୟାଥିକ୍ ଆଧୁନିକ ଚିକିତ୍ସା ବିଜ୍ଞାନକୁ ସହାୟକ ହୋଇପାରିବ।

ହୋମିପ୍ୟାଥିକ୍ ଚିକିତ୍ସା ବିଜ୍ଞାନ ମଧ୍ୟ ପଶୁପକ୍ଷୀ ଓ ବୃକ୍ଷଲତାଙ୍କ ରୋଗ ଉପରେ କାର୍ଯ୍ୟ କରିଥାଏ, ଯାହା ପ୍ରମାଣସିଦ୍ଧ ହୋଇସାରିଛି। ତେବେ ଏହା ଉପରେ ଅଧିକ ଗବେଷଣାର ଆବଶ୍ୟକତା ରହିଛି।

ଅବସରପ୍ରାପ୍ତ ମୁଖ୍ୟ ଚିକିତ୍ସାଧିକାରୀ, ହୋମିଓପ୍ୟାଥି, ଆୟୁଷ ନିର୍ଦ୍ଦେଶାଳୟ, ଓଡ଼ିଶା

### ଆଇପିଏଲ୍-୧୯ : ଶେଷ ବଲ୍‌ରେ ହାରିଲା କେକେଆର୍

# ସୁପର ଜାଏଣ୍ଟ୍‌ସକୁ ଜିତାଇଲେ ମୁକୁଲ



କୋଲକାତା, ୯ ।୪ (ଏଜେନ୍ସି): ଆଇକନିକ ଇଡେନ ଗାର୍ଡେନ୍ସ ଷ୍ଟାଡିୟମରେ ଗୁରୁବାର ରାତିରେ ଅନୁଷ୍ଠିତ ଏକ ରୋମାଞ୍ଚକ ମ୍ୟାଚରେ ଲକ୍ଷ୍ନୌ ସୁପର ଜାଏଣ୍ଟ୍‌ସ ୩ ୱିକେଟ୍‌ରେ ଘରୋଇ କୋଲକାତା ନାଇଟ୍ ରାଇଡର୍ସ (କେଆୋର)କୁ ପରାସ୍ତ କରିଛି । ବ୍ୟାଟିଂକ୍ରମର ୭ମ ସ୍ଥାନରେ ଆସି ଯୁବ ଅଲ୍‌ରାଉଣ୍ଡର ମୁକୁଲ ଚୌଧୁରୀ ଅପରାଜିତ ବିସ୍ଫୋରକ ଅର୍ଦ୍ଧଶତକୀୟ ପାଳି ଖେଳିବା ସହ କେକେଆର୍ ହାତରୁ ମ୍ୟାଚ୍ ଛଡ଼ାଇ ଆଣିଥିଲେ । ଋଷଭ ପନ୍ତଙ୍କ ନେତୃତ୍ୱାଧୀନ ଲକ୍ଷ୍ନୌ ଏଥିସହ ୩ୟ ମ୍ୟାଚରୁ ୨ୟ ବିଜୟ ହାସଲ କରି ୪ ପଏଣ୍ଟ ସହ ୫ମ ସ୍ଥାନକୁ ଉଠିଛି । ଅପରପକ୍ଷରେ ଆଜିଙ୍କ୍ୟ ରାହାଣେଙ୍କ କେକେଆର ଦଳ ୪ଟି ମ୍ୟାଚ୍ ଖେଳିଥିଲେ ମଧ୍ୟ ବିଜୟ ସ୍ୱାଦ ଚାଖିପାରିନାହିଁ । କୋଲକାତା ୩ଟି ମ୍ୟାଚ୍ ହାରିଥିବାବେଳେ ପଞ୍ଜାବ କିଙ୍ଗ୍‌ସ ବିପକ୍ଷରେ ମ୍ୟାଚ୍ ଡ୍ର ରଖି ପଏଣ୍ଟ ଭାଗ କରିଥିଲା ।

କୋଲକାତା ପକ୍ଷରୁ ୧୮୨ ରନର ଧାର୍ଯ୍ୟ ୧୮୨ ରନର ଚ୍ୟାଲେଞ୍ଜିଂପୂର୍ଣ୍ଣ ଲକ୍ଷ୍ୟକୁ ପିଛା କରିଥିବା ଲକ୍ଷ୍ନୌ ଭଲ ଆରମ୍ଭ କରିଥିଲା । ଦୁଇ ଅଭିଜ୍ଞ ଓପନର୍ ମିଚେଲ ମାର୍ଶ (୧୫ ରନ) ଓ ଆଇଡେନ ମାର୍କରମ (୨୨ ରନ) ପ୍ରଥମ ୱିକେଟରେ ୪ ଓଭରରେ ୪୧ ରନ ଉଠାଇଥିଲେ । ତେବେ ଏହାପରେ ଦଳ ନିୟମିତ ବ୍ୟବଧାନରେ ୱିକେଟମାନ ହରାଇଥିଲା । ଅଧିନାୟକ ପନ୍ତ ୧୦, ନିକୋଲସ ପୁରନ ୧୩, ଅବଦୁଲ ସମାଦ ୨ ରନରେ ଆଉଟ୍ ହୋଇଥିଲେ । ଆୟୁଷ ବଦୋନୀ ୩୪ ବଲରେ ୫୪ ରନର ଲଢୁଆ ଅର୍ଦ୍ଧଶତକୀୟ ପାଳି ଖେଳିବାରୁ ଲକ୍ଷ୍ନୌ ସ୍କୋର ୧୦୦ ରନ ଅତିକ୍ରମ କରିଥିଲା । ଲକ୍ଷ୍ନୌ ୧୫ ଓଭରବେଳକୁ ୧୨୫ ରନରେ ୬ଜଣ ବ୍ୟାଟରଙ୍କୁ ହରାଇ ପରାଜୟ ଦ୍ୱାରରେ ରହିଥିଲା । ତେବେ ବ୍ୟାଟିଂକ୍ରମର ୭ମ ସ୍ଥାନରେ ଆସିଥିବା ଯୁବ ଅଲ୍‌ରାଉଣ୍ଡର ମୁକୁଲ ଚୌଧୁରୀ କିନ୍ତୁ ଖେଳିଥିଲେ ବିସ୍ଫୋରକ ଇନିଂସ । ଶେଷ ୨୫ ବଲରୁ ୫୭ ରନ ଆବଶ୍ୟକ ହେଉଥିବାବେଳେ ମୁକୁଳ କୋଲକାତା ବୋଲରଙ୍କୁ ନିର୍ଘୁମ ପ୍ରହାର କରିଥିଲେ । ସେ ୨୭ ବଲରୁ ୫୪ ରନ କରି ଶେଷ ପର୍ଯ୍ୟନ୍ତ ଅପରାଜିତ ରହିବା ସହ କୋଲକାତା ହାତରୁ ବିଜୟ ଛଡ଼ାଇ ଆଣିଥିଲେ । ଶେଷ ଓଭରରେ ୧୪ ରନ ଆବଶ୍ୟକ ହେଉଥିବାବେଳେ କୋଲକାତା ବୋଲର ବୈଭବ ଆରୋନା ଏହାକୁ ଡିଫେଣ୍ଡ କରିପାରି ନ ଥିଲେ । ଶେଷ ବଲରେ ବାଏ ଆକାରରେ ୧ ରନ ସଂଗ୍ରହ କରି ଲକ୍ଷ୍ନୌ ରୋମାଞ୍ଚକ ବିଜୟ ଲାଭ କରିଥିଲା । ମୁକୁଲ ଏହି ପାଳିରେ ୨ଟି ଚୌକା ଓ ୭ଟି ଛକା ମାରିଥିଲେ ।

ପୂର୍ବରୁ ଟସ୍ ହାରି ବ୍ୟାଟିଂ ଆମନ୍ତ୍ରଣ ପାଇଥିବା କୋଲକାତା ୨୦ ଓଭରରେ ୪ ୱିକେଟ୍ ହରାଇ ୧୮୧ ରନ ସଂଗ୍ରହ କରିଥିଲା । ଅଙ୍ଗକ୍ରିଷ୍ଣ ରଘୁବଂଶୀ ୪୫, ଅଧିନାୟକ ରାହାଣେ ୪୧, କାମେରନ ଗ୍ରିନ ଅପରାଜିତ ୩୨ ଓ ରୋଭମାନ ପାୱେଲ ଅପରାଜିତ ୩୯ ରନ କରିଥିଲେ ।

### ଗିଲ୍‌ଙ୍କୁ ୧୨ ଲକ୍ଷ ଜରିମାନା

ଚଳିତ ଆଇପିଏଲ୍‌ରେ ଗୁଜରାଟ ଟାଇଟାନ୍ସ ଏହାର ପ୍ରଥମ ବିଜୟ ହାସଲ କରିଛି । ଗତକାଲି ଏଠାରେ ଅନୁଷ୍ଠିତ ଏକ ମ୍ୟାଚରେ ଗୁଜରାଟ ରୋମାଞ୍ଚକ ଭାବରେ ମାତ୍ର ୧ ରନରେ ଘରୋଇ ଦିଲ୍ଲୀ କ୍ୟାପିଟାଲ୍ସକୁ ପରାସ୍ତ କରିଥିଲା । ଏହି ମ୍ୟାଚରେ ଅଧିନାୟକ ଶୁବମାନ ଗିଲ୍ (୭୦ ରନ) ଅର୍ଦ୍ଧଶତକୀୟ ପାଳି ଖେଳି ଟାଇଟାନ୍ସକୁ ପ୍ରଥମ ବିଜୟ ପଏଣ୍ଟ ଦେଇଥିଲେ । ତେବେ ଅଧିନାୟକ ଗିଲ୍‌ଙ୍କ ଉପରେ ୧୨ ଲକ୍ଷ ଟଙ୍କା ଜରିମାନା ଲାଗିଛି । ଧାର୍ଯ୍ୟ ସମୟ ମଧ୍ୟରେ ଗୁଜରାଟ ବୋଲିଂ ଶେଷ କରିପାରି ନ ଥିବାରୁ ଅଧିନାୟକଙ୍କୁ ଏହି ଅର୍ଥଦଣ୍ଡ କରାଯାଇଛି । ଚଳିତ ଆଇପିଏଲ୍‌ରେ ଗୁଜରାଟର ଏହା ପ୍ରଥମ ସ୍ଲୋ ଓଭର ରେଟ୍ ବୋଲିଂ ଥିଲା । ଗୁଜରାଟ ଦଳ ପୁନର୍ବାର ଏହି ତ୍ରୁଟି କରେ ତେବେ ଅଧିନାୟକଙ୍କ ଉପରେ ଦୁଇଗୁଣା ଜରିମାନା ଲାଗିବ ।




**ଆଜିର ଆଇପିଏଲ୍ ମ୍ୟାଚ୍**
ରାଜସ୍ଥାନ ବନାମ ବେଙ୍ଗାଲୁରୁ
ଭେନ୍ୟୁ-ଗୌହାଟି
ଖେଳ ଆରମ୍ଭ : ରାତି ୭.୩୦
ପ୍ରସାରଣ : ଷ୍ଟାର ସ୍ପୋର୍ଟ୍ସ, ଜିଓହଟ୍‌ଷ୍ଟାର

### ସଂକ୍ଷିପ୍ତ ସ୍କୋର

**କୋଲକାତା:** ୧୮୧/୪, ୨୦ ଓଭର (ରଘୁବଂଶୀ- ୪୫, ରାହାଣେ- ୪୧, ପାୱେଲ- ଅପରାଜିତ ୩୯, ଗ୍ରିନ- ଅପରାଜିତ ୩୨, ଆଲେନ-୯, ରିଙ୍କୁ- ୪, ଦିଗବେଶ ରାଠୀ- ୧/୨୫) ।

**ଲକ୍ଷ୍ନୌ:** ୧୮୨/୭, ୨୦ ଓଭର (ଆୟୁଷ ବଦୋନୀ- ୫୪, ମୁକୁଲ- ଅପରାଜିତ ୫୪, ମାର୍କରମ- ୨୨, ପୁରନ- ୧୩, ପନ୍ତ- ୧୦, ଅନୁକୂଳ ରୟ- ୨/୩୨, ଆରୋରା- ୨/୩୮) ।

## ବଟଲର୍‌ଙ୍କ ୬୦୦ ଛକା ଓ ୯୯ତମ ଅର୍ଦ୍ଧଶତକ

ନୂଆଦିଲ୍ଲୀ, ୯ ।୪ (ଏଜେନ୍ସି): ଗୁଜରାଟ ଟାଇଟାନ୍ସର ଅଭିଜ୍ଞ ବ୍ୟାଟର୍ ଜୋଶ୍ ବଟଲର୍ ଟି-୨୦ କ୍ରିକେଟ୍‌ରେ ୬୦୦ତମ ଛକା ମାରିଛନ୍ତି । ଗତକାଲି ଏଠାରେ ଅନୁଷ୍ଠିତ ଦିଲ୍ଲୀ କ୍ୟାପିଟାଲ୍ସ ବିପକ୍ଷ ମ୍ୟାଚରେ ବଟଲର୍ ୨୭ ବଲରେ ୫୨ ରନର ପାଳି ଖେଳିଥିଲେ । ଏହି ପାଳିରେ ୩ଟି ଚୌକା ଓ ୫ଟି ଛକା ମାରିଥିଲେ । ଫଳରେ ଓଭରଅଲ୍ ଟି-୨୦ ଫର୍ମାଟରେ ତାଙ୍କ ଛକା ସଂଖ୍ୟା ୬୦୦ ଛୁଇଁଛି । ୪୯୬ତମ ଟି-୨୦ ମ୍ୟାଚରୁ ବଟଲର୍ ଏହି ମାଇଲଖୁଣ୍ଟ ଛୁଇଁଛନ୍ତି । ଟି-୨୦ ଫର୍ମାଟ୍‌ରେ ୬୦୦ ଛକା ମାରିବାରେ ବଟଲର୍ ବିଶ୍ୱର ପଞ୍ଚମ ଓ ପ୍ରଥମ ଅଣୱେଷ୍ଟଇଣ୍ଡିଜ କ୍ରିକେଟର୍ ହୋଇଛନ୍ତି । ତାଙ୍କ ପୂର୍ବରୁ ଚାରି ୱେଷ୍ଟଇଣ୍ଡିଜ କ୍ରିକେଟର୍ କ୍ରିସ ଗେଲ୍ (୧୦୫୬), କାଇରନ ପୋଲାର୍ଡ (୯୮୨), ଆନ୍ଦ୍ରେ ରସେଲ (୭୮୪) ଓ ନିକୋଲସ ପୁରନ (୭୧୨ ଛକା) ୬୦୦ କିମ୍ବା ଏହାଠାରୁ ଅଧିକ ଛକା ମାରିଥିଲେ । ସେହିଭଳି ଟି-୨୦ ଫର୍ମାଟ୍‌ରେ ବଟଲରଙ୍କ ଏହା ୯୯ତମ ଓ ଆଇପିଏଲ୍‌ରେ ୨୫ତମ ଅର୍ଦ୍ଧଶତକୀୟ ପାଳି ଥିଲା ।

## ଭୋଟ୍ ଦେଲେ ପରାଗ

ଗୌହାଟୀ, ୯ ।୪ (ଏଜେନ୍ସି): ଆଇପିଏଲ୍ ମଝିରେ ରାଜସ୍ଥାନ ରୟାଲ୍ସ ଦଳର ଅଧିନାୟକ ରିୟାନ ପରାଗ ଭୋଟ୍ ଦେଇଛନ୍ତି । ଗୁରୁବାର ଆସାମ ବିଧାନସଭା ନିର୍ବାଚନ ଲାଗି ଭୋଟ ଗ୍ରହଣ ହୋଇଥିଲା । ଆଇପିଏଲ୍ ବ୍ୟସ୍ତତା ସତ୍ତ୍ୱେ ଜଣେ ଦାୟିତ୍ୱବାନ ନାଗରିକ ଭାବେ ଟିମ୍‌ରୁ ସାମୟିକ ବିରତି ନେଇ ପରାଗ ଗୌହାଟୀରେ ଭୋଟ୍ ଦେଇଥିଲେ । ପରାଗଙ୍କ ସହ ତାଙ୍କ ବାପା ତଥା ପୂର୍ବତନ ଆସାମ ରଣଜୀ କ୍ରିକେଟର୍ ପରାଗ ଦାସ ଓ ମା ତଥା ପୂର୍ବତନ ସନ୍ତରଣକାରୀ ମିଥୋ ବାରୋହା ମଧ୍ୟ ନ୍ୟୁ ଗୌହାଟୀସ୍ଥିତ ଲାଲ୍‌ସିଂ ଏକାଡେମୀ ପୋଲିଂ ଷ୍ଟେସନରେ ଭୋଟ୍ ଦେଇଥିଲେ । ଭୋଟଦାନ ପରେ ପରିବାର ସହ ପରାଗ ଫଟୋ ଉଠାଇ ଏହାକୁ ସାମାଜିକ ଗଣମାଧ୍ୟମରେ ସେୟାର କରିଛନ୍ତି । ରାଜସ୍ଥାନ ରୟାଲ୍ସ ଦଳ ଏହାର ପରବର୍ତ୍ତୀ ମ୍ୟାଚରେ ଶୁକ୍ରବାର ରୟାଲ୍ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁକୁ ଗୌହାଟୀରେ ଭେଟିବ । ପରାଗଙ୍କ ନେତୃତ୍ୱରେ ରାଜସ୍ଥାନ ଚଳିତ ଆଇପିଏଲ୍‌ରେ ଦମ୍‌ଦାର ପ୍ରଦର୍ଶନ କରି ହ୍ୟାଟ୍ରିକ ବିଜୟ ଲାଭ କରିଛି ।

## ଭାରତର ବୟୋଜ୍ୟେଷ୍ଠ କ୍ରିକେଟର୍ ସିଡି ଗୋପୀନାଥଙ୍କ ପରଲୋକ

ଚେନ୍ନଇ, ୯ ।୪ (ଏଜେନ୍ସି): ପୂର୍ବତନ ଭାରତୀୟ କ୍ରିକେଟର ସିଡି ଗୋପୀନାଥଙ୍କ ବିୟୋଗ ଘଟିଛି । ମୃତ୍ୟୁବେଳକୁ ତାଙ୍କୁ ୯୬ ବର୍ଷ ହୋଇଥିଲା । ଭାରତର ସର୍ବପ୍ରଥମ ଟେଷ୍ଟ ବିଜୟୀ ଦଳର ସେ ଏକମାତ୍ର ଜୀବିତ ସଦସ୍ୟ ଥିଲେ । ସେହିଭଳି ସେ ମଧ୍ୟ



ଭାରତର ବୟୋଜ୍ୟେଷ୍ଠ ଟେଷ୍ଟ କ୍ରିକେଟର୍ ରହିଥିଲେ । ଏହାବାଦ୍ ଅଷ୍ଟ୍ରେଲିଆର ନେଲ୍ ହାର୍ବେ (୯୭ ବର୍ଷ)ଙ୍କ ପରେ ସେ ବିଶ୍ୱରେ ଜୀବିତ ଥିବା ଦ୍ୱିତୀୟ ବୟୋଜ୍ୟେଷ୍ଠ କ୍ରିକେଟର୍ ମାନ୍ୟତା ପାଇଥିଲେ ।

ଗୋପୀନାଥ ୧ ମାର୍ଚ୍ଚ ୧୯୩୦ରେ ମାଡ୍ରାସ (ବର୍ତ୍ତମାନ ଚେନ୍ନଇ)ରେ ଜନ୍ମଗ୍ରହଣ କରିଥିଲେ । ଡାହାଣହାତୀ ବ୍ୟାଟର ଗୋପୀନାଥ ଭାରତ ପାଇଁ ୮ଟି ଟେଷ୍ଟ ଓ ମାଡ୍ରାସ ପାଇଁ ୮୩ଟି ପ୍ରଥମଶ୍ରେଣୀ ମ୍ୟାଚ୍ ଖେଳିବାର ସୌଭାଗ୍ୟ ପାଇଥିଲେ । ଟେଷ୍ଟରେ ସେ ୨୨ ହାରରେ ମୋଟ୍ ୨୪୨ ରନ ସଂଗ୍ରହ କରିଥିଲେ । ୧୯୫୧ରେ ଇଂଲଣ୍ଡ ଟିମ୍ ଭାରତ ଗସ୍ତରେ ଆସିଥିବାବେଳେ ଗୋପୀନାଥ ବାବୋର୍ଣ୍ଣରେ ଅନୁଷ୍ଠିତ ଟେଷ୍ଟରେ ପଦାର୍ପଣ କରିଥିଲେ । ପଦାର୍ପଣର ଉଭୟ ପାଳିରେ ସେ ଯଥାକ୍ରମେ ୫୦ ଓ ୪୨ ରନର ପାଳି ଖେଳିଥିଲେ । ଏହି ସିରିଜର ଶେଷ ତଥା ୫ମ ଟେଷ୍ଟ ଏମଏ ଚିଦାମ୍ବରମ ଷ୍ଟାଡିୟମରେ ଅନୁଷ୍ଠିତ ହୋଇଥିଲା । ଏହି ମ୍ୟାଚକୁ ଭାରତ ପାଳି ଓ ୮ ରନରେ ଜିତିଥିଲା । ଯାହାକି ଭାରତର ଟେଷ୍ଟ ଇତିହାସରେ ସର୍ବପ୍ରଥମ ବିଜୟ ଥିଲା । ଏହି ମ୍ୟାଚରେ ଗୋପୀ ୩୫ ରନର ଉପଯୋଗୀ ପାଳି ଖେଳିଥିଲେ । ଗୋପୀନାଥ ତାଙ୍କର ଶେଷ ଟେଷ୍ଟ ୧୯୬୦ରେ ଅଷ୍ଟ୍ରେଲିଆ ବିପକ୍ଷରେ ଇଡେନ ଗାର୍ଡେନ୍ସରେ ଖେଳିଥିଲେ । ଅବସର ପରେ ସେ କିଛି ସମୟ ଲାଗି ଭାରତୀୟ ଦଳର ଚୟନକର୍ତ୍ତା ରହିଥିଲେ ।

## ଏସିଆ ବକ୍ସିଂ ଚାମ୍ପିଅନସିପ୍: ୪ ସ୍ୱର୍ଣ୍ଣ ସହ ଭାରତ ମହିଳା ଚାମ୍ପିଅନ



ନୂଆଦିଲ୍ଲୀ, ୯ ।୪ (ଏଜେନ୍ସି): ଭାରତର ମହିଳା ପ୍ରତିଯୋଗୀମାନେ ଏସିଆନ ବକ୍ସିଂ ଚାମ୍ପିଅନସିପ୍‌ରେ ଇତିହାସ ସୃଷ୍ଟି କରିଛନ୍ତି । ଏଥିରେ ଭାଗ ନେଇଥିବା ସମସ୍ତ ମହିଳା ପ୍ରତିଯୋଗୀମାନେ ପଦକ ଜିତି ଏହି ରେକର୍ଡ କରିଛନ୍ତି । ଏଥିରେ ରହିଛି ୪ ସ୍ୱର୍ଣ୍ଣ, ୨ ରୌପ୍ୟ ଓ ୪ କାଂସ୍ୟ ପଦକ । ହେଡ୍ କୋଚ୍ ସାଣ୍ଟିଆଗୋ ନିଏଭାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଭାରତର ପ୍ରତିଯୋଗୀମାନେ ଏହି ସଫଳତା ହାସଲ କରିଛନ୍ତି । ମହିଳା ମାନଙ୍କ ମଧ୍ୟରେ ୪୮ କେଜିରେ ମିନାକ୍ଷୀ ହୁଡା, ୫୪ କେଜିରେ ପ୍ରୀତି ପାୱାର, ୬୦ କେଜିରେ ପ୍ରିୟା ଓ ୭୦ କେଜିରେ ଅରୁନ୍ଧତୀ ରେଡ୍ଡୀ ସ୍ୱର୍ଣ୍ଣପଦକ ବିଜୟୀ ହୋଇଛନ୍ତି । ଯସ୍ମିନ ଲାମ୍ବୋରିଆ ୫୭କେଜିରେ ଓ ୮୦ କେଜିରୁ ଉର୍ଦ୍ଧ୍ୱ ବିଭାଗରେ ଅଲଫିଆ ପଠାନ ରୌପ୍ୟ ପଦକ ହାସଲ କରିଥିଲେ । ସ୍ୱର୍ଣ୍ଣ ଆଶାୟୀ ନିଖତ ଜରିନ ଓ ଲଭଲିନା ବୋରୋଗୋହାଁଇଙ୍କ ସମେତ ୪ଜଣ ସେମିଫାଇନାଲରେ ପରାଜିତ ହୋଇ କାଂସ୍ୟ ପଦକରେ ସନ୍ତୁଷ୍ଟ ହୋଇଛନ୍ତି ।

## ■ ୩ ଓଭରରେ ୯ ୱିକେଟ
## ବ୍ରାଜିଲ ମହିଳା କ୍ରିକେଟର୍ ଲୌରାଙ୍କ ବିଶ୍ୱରେକର୍ଡ

ବୋତ୍ସ୍ୱାନା, ୯ ।୪ (ଏଜେନ୍ସି): ବ୍ରାଜିଲ ମହିଳା କ୍ରିକେଟ୍ ଦଳର ଅଲ୍‌ରାଉଣ୍ଡର ଲୌରା କାର୍ଡୋସୋ ଇତିହାସ ରଚିଛନ୍ତି । ଅର୍ନ୍ତଜାତୀୟ ଟି-୨୦ ଇତିହାସ (ଉଭୟ ପୁରୁଷ ଓ ମହିଳା)ରେ ପ୍ରଥମ ଖେଳାଳି ଭାବେ ଲୌରା ଗୋଟିଏ ମ୍ୟାଚରେ ୯ଟି ୱିକେଟ୍ ନେବାର ବିରଳ ସଫଳତା ପାଇଛନ୍ତି । ଆଫ୍ରିକୀୟ ରାଷ୍ଟ୍ର ଲେସୋଥୋ ମହିଳା କ୍ରିକେଟ୍ ଦଳ ବିପକ୍ଷରେ ଲୌରା ଏହି ମାରାତ୍ମକ ବୋଲିଂ କରିଥିଲେ । ଡାହାଣହାତୀ ଦ୍ରୁତ ବୋଲର ଲୌରା ଏହି ମ୍ୟାଚରେ ୩ ଓଭର ବୋଲିଂ କରି ୨ଟି ମେଡେନ ସହ ୪ ରନ ବ୍ୟୟରେ ଲେସୋଥୋ ଦଳର ୯ଜଣ ବ୍ୟାଟରଙ୍କୁ ଆଉଟ୍ କରିଥିଲେ । ଲୌରାଙ୍କ ଏହି ସଫଳତା ଲାଗି ବ୍ରାଜିଲ ୧୮୯ ରନର ବୃହତ୍ ବ୍ୟବଧାନରେ ବିଜୟୀ ହୋଇଥିଲା । ଟି-୨୦ କ୍ରିକେଟ୍ ଇତିହାସରେ ପୂର୍ବରୁ ସର୍ବଶ୍ରେଷ୍ଠ ବୋଲିଂ ଫିଗର ଭୁଟାନ ମହିଳା କ୍ରିକେଟ୍ ଦଳର ବାମହାତୀ ସ୍ପିନର ସୋନମ ୟେଶୀଙ୍କ ନାମରେ ରହିଥିଲା । ୨୦୨୫ରେ ମ୍ୟାନମାର ବିପକ୍ଷ ମ୍ୟାଚରେ ସୋନମ ୪ ଓଭରରେ ୭ ରନ ବ୍ୟୟରେ ୮ଟି ୱିକେଟ୍ ନେଇଥିଲେ । ଟି-୨୦ କ୍ରିକେଟ୍ ଇତିହାସର ପ୍ରଥମ ବୋଲର ଭାବେ ସେ ୮ ୱିକେଟ୍ ସଫଳତା ପାଇ ରେକର୍ଡ କରିଥିଲେ ।



## କ୍ୟାଣ୍ଡିଡେଟ୍ସ ଚେସ୍ ଟୁର୍ଣ୍ଣାମେଣ୍ଟ: ଦିବ୍ୟାଙ୍କୁ ହରାଇଲେ ବୈଶାଳୀ




ନୂଆଦିଲ୍ଲୀ, ୯।୪(ଏଜେନ୍ସି): ଭାରତର ଆର୍ ବୈଶାଳୀ ଅନ୍ୟତମ ଟିମ୍‌ମେଟ୍ ଦିବ୍ୟା ଦେଶମୁଖଙ୍କୁ ହରାଇ ସାଇପ୍ରସ୍‌ରେ ଚାଲିଥିବା କ୍ୟାଣ୍ଡିଡେଟ୍ସ ଚେସ୍ ଚାମ୍ପିଅନସିପ୍‌ର ମହିଳା ବିଭାଗରେ ଯୁଗ୍ମ ଶୀର୍ଷସ୍ଥାନ ହାସଲ କରିଛନ୍ତି । ଏହି ଟୁର୍ଣ୍ଣାମେଣ୍ଟର ୯ମ ରାଉଣ୍ଡ ଖେଳ ଶେଷରେ ବୈଶାଳୀ ଓ ଝୁ ଜିନର ୫.୫ ପଏଣ୍ଟ ଲେଖାଏଁ ସଂଗ୍ରହ କରି ମିଳିତଭାବେ ପ୍ରଥମ ସ୍ଥାନରେ ରହିଛନ୍ତି । ଦିବ୍ୟା ୪.୫ ପଏଣ୍ଟ ପାଇ ୫ମ ସ୍ଥାନରେ ରହିଛନ୍ତି । ଏଥିରେ ବିଶ୍ୱର ଶ୍ରେଷ୍ଠ ୮ଜଣ ମହିଳା ଖେଳୁଛନ୍ତି । ପୁରୁଷ ବିଭାଗରେ ଉଜ୍‌ବେକିସ୍ତାନର ଜାଖୋବୀର ସିନ୍ଦାରୋଭ୍ ୯ମ ରାଉଣ୍ଡରେ ମାଥିଆସ୍ ବ୍ଲୁବାମଙ୍କ ସହ ମ୍ୟାଚ୍ ଡ୍ର ରଖି ୭ ପଏଣ୍ଟ ସହ ପ୍ରଥମ ସ୍ଥାନରେ ରହିଛନ୍ତି । ୱେଇ ୟିଙ୍କ ସହ ମ୍ୟାଚ୍ ଡ୍ର ରଖି ଆର. ପ୍ରଜ୍ଞାନନ୍ଦ ୪ ପଏଣ୍ଟ ପାଇ ୬ଷ୍ଠ ସ୍ଥାନରେ ରହିଛନ୍ତି । ୧୦ମ ରାଉଣ୍ଡରେ ପ୍ରଜ୍ଞାନନ୍ଦ ଓ ସିନ୍ଦାରୋଭଙ୍କ ମଧ୍ୟରେ ଲଢ଼େଇ ଚାଲିଛି ।

## ଆଜିଠୁ କଟକରେ ପ୍ରଥମ ଇନଡୋର ରୋଇଂ

ଭୁବନେଶ୍ୱର, ୯ ।୪ (ସମିସ): ସର୍ବଭାରତୀୟ ଇନଡୋର ରୋଇଂ ଚାମ୍ପିଅନସିପ୍‌ର ପ୍ରଥମ ସଂସ୍କରଣ ଶୁକ୍ରବାରଠାରୁ କଟକର ଜବାହରଲାଲ ନେହରୁ ଇନଡୋର ଷ୍ଟାଡିୟମରେ ଆରମ୍ଭ ହେବାକୁଯାଉଛି । ଭାରତୀୟ ରୋଇଂ ମହାସଂଘ ଓ ଓଡ଼ିଶା ଆସୋସିଏସନ ଫର୍ ରୋଇଂ ଆଣ୍ଡ କ୍ୟାକିଂର ମିଳିତ ସହଯୋଗରେ ଏହି ଚାମ୍ପିଅନସିପ୍ ୪ ଦିନ ଧରି ଚାଲିବ । ଯେଉଁଥିରେ ସାରା ଦେଶରୁ ୩୫୦ ପୁରୁଷ ଓ ୨୫୦ ମହିଳା ରୋୟର ଅଂଶଗ୍ରହଣ କରିବେ । ଗୁରୁବାର ସୁଦ୍ଧା ଖେଳାଳିମାନେ ଅଭ୍ୟାସ ଶେଷ କରିଥିବାବେଳେ ମ୍ୟାଚର ଡ୍ର ନିର୍ଦ୍ଧାରଣ କରାଯାଇଛି ବୋଲି ରାଜ୍ୟ ସଂଘର ସଭାପତି ବିନୋଦ ଦାଶ କହିଛନ୍ତି । ଉଲ୍ଲେଖଯୋଗ୍ୟ ରୋଇଂ କ୍ରୀଡ଼ା ସାଧାରଣତଃ ପାଣିରେ ଅନୁଷ୍ଠିତ ହୋଇଥାଏ । କିନ୍ତୁ ଅଭିନବ ଢଙ୍ଗରେ ଆୟୋଜିତ ଏହି ଇନଡୋର ରୋଇଂରେ ପାଣି କିମ୍ବା ଡଙ୍ଗାର ବ୍ୟବହାର କରାଯିବନାହିଁ । ଡଙ୍ଗା ଆକୃତିର ଏକ ମେସିନ ଜରିଆରେ ପ୍ରତିଯୋଗୀମାନେ ମୁକାବିଲା କରିବେ ।

## ବ୍ୟାଡମିଣ୍ଟନ ଏସିଆ ଚାମ୍ପିଅନସିପ୍: କ୍ୱାର୍ଟରରେ ଆୟୁଷ, ସିନ୍ଧୁ-ପ୍ରଣୟ ବିଦା




ନୂଆଦିଲ୍ଲୀ, ୯।୪(ଏଜେନ୍ସି): ଭାରତର ଯୁବ ଖେଳାଳି ଆୟୁଷ ସେଟ୍ଟୀ ଚୀନ୍‌ରେ ଚାଲିଥିବା ବ୍ୟାଡ୍‌ମିଣ୍ଟନ ଏସିଆ ଚାମ୍ପିଅନସିପ୍‌ର ପୁରୁଷ ଏକକ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛନ୍ତି । ଆଜି ଖେଳାଯାଇଥିବା ପ୍ରି-କ୍ୱାର୍ଟର ଫାଇନାଲ ମ୍ୟାଚ୍‌ରେ ଆୟୁଷ ମାତ୍ର ୪୧ ମିନିଟ ଲଢ଼େଇରେ ଚାଇନିଜ୍ ତାଇପେଇର ଚି ୟୁ ଜେନ୍‌ଙ୍କୁ ପରାସ୍ତ କରିଥିଲେ । ଏହି ମୁକାବିଲାକୁ ସେ ୨୧-୧୬, ୨୧-୧୨ ସିଧାସଳଖ ସେଟ୍‌ରେ ଜିତିନେଇଥିଲେ । ଗତକାଲି ବିଶ୍ୱର ନଂ-୭ ଖେଳାଳି ଚୀନ୍‌ର ଲି ଶି ଫେଙ୍ଗଙ୍କୁ ହରାଇ ବିପର୍ଯ୍ୟୟ ସୃଷ୍ଟି କରିଥିବା ଆୟୁଷ କ୍ୱାର୍ଟର ଫାଇନାଲରେ ଇଣ୍ଡୋନେସିଆର ବରିଷ୍ଠ ଖେଳାଳି ଜୋନାଟନ କ୍ରିଷ୍ଟିଙ୍କୁ ଭେଟିବେ । ଆୟୁଷଙ୍କୁ ଛାଡିଦେଲେ ଅନ୍ୟ ସମସ୍ତ ଭାରତୀୟ ପ୍ରତିଯୋଗୀ ଆଜିର ଖେଳରେ ପରାଜିତ ହୋଇଛନ୍ତି । ଦୁଇଥରର ଅଲିମ୍ପିକ୍ ପଦକ ବିଜେତା ପିଭି ସିନ୍ଧୁ ବିଶ୍ୱର ନଂ-୨ ଖେଳାଳି ଚୀନ୍‌ର ୱାଙ୍ଗ ଝି ୟିଙ୍ଗଠାରୁ ହାରି ବିଦାୟ ନେଇଛନ୍ତି । ଉନ୍ନତି ହୁଦାଙ୍କ ପରାଜୟ ସହ ମହିଳା ବିଭାଗରେ ସମସ୍ତ ଭାରତୀୟ ବିଦାୟ ନେଇଛନ୍ତି । ପୁରୁଷ ବିଭାଗ ଏକକରେ ଏଚ୍‌ଏସ୍ ପ୍ରଣୟ ଓ ମିଶ୍ରିତ ଯୁଗଳରେ ଧ୍ରୁବ କପିଳା- ତନିସା କ୍ରାଷ୍ଟୋଙ୍କ ଯୋଡି ପରାଜିତ ହୋଇଛନ୍ତି ।

### ● ଜାତୀୟ ସବ୍‌ଜୁନିଅର ହକି

## ବାଳିକା ସେମିଫାଇନାଲରେ ଓଡ଼ିଶା-ଏମ୍‌ପି ମୁକାବିଲା ଆଜି

ଭୁବନେଶ୍ୱର, ୯।୪(ସମିସ): ମହାରାଷ୍ଟ୍ରକୁ ୮-୧ ଗୋଲରେ ପରାସ୍ତ କରି ଓଡ଼ିଶା ଝାଡଖଣ୍ଡର ରାଞ୍ଚିରେ ଚାଲିଥିବା ୧୬ଶ ଜାତୀୟ ସବ୍‌ଜୁନିଅର ବାଳିକା ଡିଭିଜନ-‘ଏ’ ହକି ପ୍ରତିଯୋଗିତାର ସେମିଫାଇନାଲରେ ପ୍ରବେଶ କରିଛି । ସେହିପରି ମିଜୋରାମ୍‌କୁ ୫-୧ ଗୋଲରେ ହରାଇ ମଧ୍ୟପ୍ରଦେଶ, ହରିୟାଣାକୁ ୨-୧ରେ ହରାଇ ଉତ୍ତରପ୍ରଦେଶ ଓ ପଞ୍ଜାବକୁ ୨-୦ ଗୋଲରେ ହରାଇ ଆୟୋଜକ ଝାଡଖଣ୍ଡ ମଧ୍ୟ ସେମିଫାଇନାଲରେ ପ୍ରବେଶ କରିଛନ୍ତି । ଆସନ୍ତାକାଲି ଶୁକ୍ରବାର ଖେଳାଯିବାକୁ ଥିବା ପ୍ରଥମ ସେମିଫାଇନାଲରେ ଓଡ଼ିଶା ସହ ମଧ୍ୟପ୍ରଦେଶ ଓ ଦ୍ୱିତୀୟ ସେମିଫାଇନାଲରେ ଝାଡଖଣ୍ଡ ସହ ଉତ୍ତରପ୍ରଦେଶର ମୁକାବିଲା ହେବ । ଆଜି ଖେଳାଯାଇଥିବା ମହାରାଷ୍ଟ୍ର ବିପକ୍ଷ ପ୍ରଥମ କ୍ୱାର୍ଟର ଫାଇନାଲରେ ଓଡ଼ିଶା ଦଳ ଚମତ୍କାର ଖେଳ ପ୍ରଦର୍ଶନ କରି ଗୋଲ ବର୍ଷା କରିଥିଲା । ଦଳ ପକ୍ଷରୁ ପ୍ରିୟଙ୍କା ମିଞ୍ଜ ହ୍ୟାଟ୍ରିକ୍ ସହ ୪ଟି, ପ୍ରିନ୍‌ସେସ୍ ପ୍ରିୟା ଏକ୍କା ୨ଟି, ସ୍ୱିଟି କୁଜୁର ଓ କିରଣ ଏକ୍କା ଗୋଟିଏ ଲେଖାଏଁ ଗୋଲ ସ୍କୋର କରିଥିଲେ । ମହାରାଷ୍ଟ୍ର ପକ୍ଷରୁ ଅନ୍‌ଭି ରାୱତ ଗୋଟିଏ ଗୋଲ ଶୁଝାଇଥିଲେ ।

### ଦୀପକ ଟପ୍ପୋଙ୍କ ହ୍ୟାଟ୍ରିକ୍ ବ୍ୟର୍ଥ: ବାଳକ କ୍ୱାର୍ଟରରେ ପରାସ୍ତ

ବାଳିକା ବିଭାଗ କ୍ୱାର୍ଟର ଫାଇନାଲରେ ଓଡ଼ିଶା ଦଳ ପରାଜିତ ହୋଇଛି । ରାଜଗିରିଠାରେ ଆଜି ଖେଳାଯାଇଥିବା ତୃତୀୟ କ୍ୱାର୍ଟର ଫାଇନାଲରେ ଉତ୍ତରପ୍ରଦେଶ ୬-୩ ଗୋଲରେ ଓଡ଼ିଶାକୁ ପରାସ୍ତ କରିଥିଲା । ଲଢୁଆ ଖେଳ ସତ୍ତ୍ୱେ ଏହି ମୁକାବିଲାକୁ ଜିତିପାରି ନ ଥିଲା । ଓଡ଼ିଶା ପକ୍ଷରୁ ସମସ୍ତ ୩ଟିଯାକ ଗୋଲ ଦୀପକ ପ୍ରକାଶ ଟପ୍ପୋ ସ୍କୋର କରି ହ୍ୟାଟ୍ରିକ୍ ଅର୍ଜନ କରିଥିଲେ ।

## ■ ମହିଳା ହକି ଦଳର ଆର୍ଜେଣ୍ଟିନା ଯାତ୍ରା
## ଅଧିନାୟିକା ସଲିମା ଟେଟେ ବାଦ୍

ବେଙ୍ଗାଲୁରୁ, ୯।୪(ଏଜେନ୍ସି): ଆର୍ଜେଣ୍ଟିନା ସହ ୪ ମ୍ୟାଚ୍ ବିଶିଷ୍ଟ ଟେଷ୍ଟ ସିରିଜ୍ ଖେଳିବାକୁ ଭାରତୀୟ ମହିଳା ହକି ଦଳ ଆଜି ବୁଏନସ ଆଇରିସ୍ ଅଭିମୁଖେ ଯାତ୍ରା କରିଛି । ଏହି ଗସ୍ତରୁ ବାଦ୍ ପଡ଼ିଛନ୍ତି ଦଳର ଅଧିନାୟିକା ସଲିମା ଟେଟେ । ଅସୁସ୍ଥତା ଯୋଗୁଁ ସେ ଯାଇ ପାରି ନାହାନ୍ତି । ତାଙ୍କ ସ୍ଥାନରେ ନବନୀତ କୌରଙ୍କୁ ଦଳର ନେତୃତ୍ୱ ପ୍ରଦାନ କରାଯାଇଛି । ବୁଏନସ୍ ଆଇରିସ୍‌ରେ ସମସ୍ତ ୪ଟିଯାକ ମ୍ୟାଚ୍ ଖେଳାଯିବ । ଏହି ମ୍ୟାଚ୍‌ଗୁଡିକ ଏପ୍ରିଲ ୧୩, ୧୪, ୧୬ ଓ ୧୭ରେ ଖେଳାଯିବ । ବିଶ୍ୱକପ୍ ପୂର୍ବରୁ ଏହି ସିରିଜ୍‌କୁ ବେଶ ଉପଯୋଗ କରିବାକୁ ଭାରତୀୟ ମହିଳା ଦଳ ଆଶା ରଖିଛନ୍ତି । ଏହି ଦଳରେ ଏକମାତ୍ର ଓଡ଼ିଆ ଭାବେ ସୁନେଲିତା ଟପ୍ପୋ ସ୍ଥାନ ପାଇଛନ୍ତି ।

### ରାମକୃଷ୍ଣ ମହାପାତ୍ର ସ୍ମାରକୀ କ୍ରିକେଟ

## ପାରାମାଉଣ୍ଟ- ରେଡ୍‌ଷ୍ଟାର ଫାଇନାଲ ରବିବାର




ଭୁବନେଶ୍ୱର, ୯।୪(ସମିସ): ପାରାମାଉଣ୍ଟ ସ୍ପୋର୍ଟିଂ ଓ କ୍ଲବ୍ ଦି ରେଡ୍‌ଷ୍ଟାର ମଧ୍ୟରେ ରାମକୃଷ୍ଣ ମହାପାତ୍ର ସ୍ମାରକୀ ୧୭ ବର୍ଷରୁ କମ୍ କ୍ରିକେଟ ଫାଇନାଲ ମୁକାବିଲା ହେବ । ଆଜି ସ୍ଥଗିତ ରହିଥିବା ପ୍ରଥମ ସେମିଫାଇନାଲ ଖେଳାଯାଇଥିଲା । ଏଥିରେ କ୍ଲବ୍ ଦି ରେଡ୍ ଷ୍ଟାର ୧୦୩ ରନ୍‌ରେ ଗ୍ରୀନ୍ସ କ୍ରିକେଟ ଏକାଡେମୀକୁ ପରାସ୍ତ କରି ଦ୍ୱିତୀୟ ଦଳ ଭାବେ ଫାଇନାଲରେ ପ୍ରବେଶ କରିଥିଲା । ପୂର୍ବରୁ ଅନ୍ଧାରୁଆର ଆଇଆଇସି (ଇଣ୍ଡିଆନ ଇନଷ୍ଟିଚ୍ୟୁଟ୍ ଅଫ୍ କ୍ରିକେଟ)କୁ ୧୩୦ ରନ୍‌ର ବ୍ୟବଧାନରେ ହରାଇ ପାରାମାଉଣ୍ଟ ସ୍ପୋର୍ଟିଂ ପ୍ରଥମ ଦଳ ଭାବେ ଫାଇନାଲ ଖେଳିବାକୁ ଯୋଗ୍ୟତା ଅର୍ଜନ କରିଥିଲା । ଟୁର୍ଣ୍ଣାମେଣ୍ଟର ଫାଇନାଲ ମୁକାବିଲା ଆସନ୍ତାକାଲି ଖେଳାଯିବାର ଥିଲା । କିନ୍ତୁ କାଳବୈଶାଖୀ ଯୋଗୁଁ ପାଗ ଖରାପ ହେବାରୁ ଫାଇନାଲ ମ୍ୟାଚ ଏବେ ରବିବାର ଖେଳାଯିବ ବୋଲି ଆୟୋଜକ ଶ୍ରୀ ଜୟଦେବ ସ୍ପୋର୍ଟ୍ସ ଆସୋସିଏସନର ସମ୍ପାଦକ ଶରତ ସାହୁ ଓ ଟୁର୍ଣ୍ଣାମେଣ୍ଟ ସଂଯୋଜକ ଗୀରିଶ ପ୍ରସାଦ ମହାପାତ୍ର ଜଣାଇଛନ୍ତି ।

ସ୍ଥାନୀୟ ହାଇଟେକ୍ ଗ୍ରାଉଣ୍ଡ ପରିସରରେ ଖେଳାଯାଇଥିବା ପ୍ରଥମ ସେମିଫାଇନାଲ ମ୍ୟାଚରେ ପ୍ରଥମେ ବ୍ୟାଟିଂ କରି ୮ ୱିକେଟରେ ୨୧୪ ରନ୍ କରିଥିଲା । ଦଳ ପକ୍ଷରୁ ପ୍ରନ୍ତିକ ନାୟକ ୫୧ବଲ୍‌ରେ ସର୍ବାଧିକ ୫୭, ମିଧାଂଶୁ ଦାସ ୩୬ ଓ ସମରଜିତ ସାହୁ ୩୨ ରନ୍ କରିଥିଲେ । ପ୍ରତିପକ୍ଷ ଦଳର ଅଭିଷେକ ସେନାପତି ୩ଟି ଓ ଜଗନ୍ନାଥ ବେହେରା ୨ଟି ୱିକେଟ ପାଇଥିଲେ । ଜବାବରେ ଗ୍ରୀନ୍ସ ଏକାଡେମୀ ୨୭.୩ ଓଭରରେ ୧୧୧ ରନ୍ କରି ଅଲଆଉଟ ହୋଇଯାଇଥିଲା । ଦଳପକ୍ଷରୁ ଶୁଭଙ୍କର ମଲ୍ଲିକ ୨୪ ଓ ଆର୍ଯ୍ୟ ମହାନ୍ତି ୨୩ ରନ୍ କରିଥିଲେ । ବିଜୟୀ ରେଡ୍‌ଷ୍ଟାର ପକ୍ଷରୁ ମିଧାଂଶୁ ୩ଟି ଓ ମୃତ୍ୟୁଞ୍ଜୟ ଦାସ ୩ଟି ଲେଖାଏଁ ୱିକେଟ ନେଇଥିଲେ ।

ଆଡଭୋକେଟ ସତ୍ୟବ୍ରତ ମହାପାତ୍ର ଓ ତପନ କୁମାର ବେହେରା ଖେଳ ପରିଚାଳନା କରିଥିଲେ । ଅଭିଷେକ ମହାନ୍ତି ସ୍କୋରର ଦାୟିତ୍ୱ ସମ୍ଭାଳିଥିଲେ । ଓଡ଼ିଶା ରଣଜୀ ଦଳର ସୁପରଷ୍ଟାର ଶୁଭ୍ରାଂଶୁ ସେନାପତି ଓ ଦେବବ୍ରତ ପ୍ରଧାନ ଆଜିର ମ୍ୟାଚ୍‌ରେ ଅତିଥିଭାବେ ଯୋଗଦେଇ ଅଲରାଉଣ୍ଡ ସଫଳତା ପାଇଥିବା କ୍ଲବ୍ ଦି ରେଡ୍‌ଷ୍ଟାରର ମିଧାଂଶୁ ଦାସ (୩୬ରନ୍, ୩ ୱିକେଟ)ଙ୍କୁ ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ପୁରସ୍କାର ପ୍ରଦାନ କରିଥିଲେ ।

PRINTED & PUBLISHED BY AMIT KUMAR MALLICK FOR ‘THE SAKALA’ A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, SWOTI VILLAGE, PANIKOILI-755043, DIST: JAJPUR, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦୁ ଦାସ
EXECUTIVE EDITOR: SAMARENDU DAS